ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ମେ ୩୦/୨୦୨୪ (୧୬ ପୃଷ୍ଠା) Bhubaneswar, Thursday, May 30/2024 Page 16 ₹ 7.00 | RAYAGADA
୫୦ଶ ଭାଗ ୧୮୫ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 50 ISSUE 185 ମୂଲ୍ୟ₹୭/-

ବିଜୁ ଜନତା ଦଳ

# ଓଡ଼ିଶାର ଅଧିକାର ଉପେକ୍ଷା କଲେ କେନ୍ଦ୍ର ସରକାର



## ଭାଷା ଓ ସଙ୍ଗୀତ

ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଓଡ଼ିଆ ଭାଷାର ବିକାଶ ପାଇଁ କୌଣସି ଅନୁଦାନ ଦେଲେ ନାହିଁ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ, ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତାର ଦାବିକୁ ବାରମ୍ବାର ପ୍ରତ୍ୟାଖ୍ୟାନ କଲେ ।



## ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା

ବିଜେପି ନିଜ ମେନିଫେଷ୍ଟୋରେ ପ୍ରତିଶ୍ରୁତି ଦେବା ପରେ ମଧ୍ୟ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେଲା ନାହିଁ ।



## ଭାରତ ରତ୍ନ

ଓଡ଼ିଶାରୁ କୌଣସି ବ୍ୟକ୍ତିଙ୍କୁ ଭାରତ ରତ୍ନ ଦେଲେ ନାହିଁ । ତିନୋଟି ଦେଶର ସର୍ବୋଚ୍ଚ ପୁରସ୍କାରରେ ସମ୍ମାନିତ ବିଜୁ ପଟ୍ଟନାୟକଙ୍କୁ ବି ଭାରତ ରତ୍ନ ପାଇଁ ଯୋଗ୍ୟ ଭାବିଲେ ନାହିଁ ।



## ମହାନଦୀ ପ୍ରସଙ୍ଗ

ମହାନଦୀ ପ୍ରସଙ୍ଗରେ ଓଡ଼ିଶାକୁ ଅଣଦେଖା କରି ଛତିଶଗଡ଼କୁ ସମର୍ଥନ କଲେ କେନ୍ଦ୍ର ସରକାର । ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ଚାଷୀଙ୍କୁ ପାଣି ମିଳିଲା ନାହିଁ କିନ୍ତୁ ବର୍ଷା ବେଳେ ଭୋଗୁଛନ୍ତି ବନ୍ୟାର ଦୁଃଖ ।



## କୋଇଲା ରୟାଲଟି

ଓଡ଼ିଶାର କୋଇଲାରୁ କେନ୍ଦ୍ର ବର୍ଷକୁ ₹୨୭,୦୦୦ କୋଟି ଆଦାୟ କରୁଛି କିନ୍ତୁ ଗତ ୧୦ ବର୍ଷରେ ଟଙ୍କାଟିଏ ରୟାଲଟି ବଢ଼ାଇଲେ ନାହିଁ ।



## ରେଳବାଇ

ରେଳ ସେବାରୁ ଓଡ଼ିଶାରୁ ପ୍ରତି ବର୍ଷ ₹୨୦ ହଜାର କୋଟି ଆଦାୟ ସତ୍ତ୍ୱେ ବିହାର ଓ ପଶ୍ଚିମବଙ୍ଗ ତୁଳନାରେ ଓଡ଼ିଶାରେ କମ୍ ରେଳ ସଂଯୋଗ ଅଛି । ଗତ ୬ ବର୍ଷରେ ନୂଆ ରେଳ ଲାଇନଟିଏ କଲେ ନାହିଁ ବରଂ ଓଡ଼ିଶାରେ ୩୦୦ରୁ ଅଧିକ ଷ୍ଟେସନରେ ଟ୍ରେନ ରହଣି ବନ୍ଦ କଲେ ।



## ମୋବାଇଲ ନେଟୱର୍କ

ମୋବାଇଲ ନେଟୱର୍କର ପ୍ରତିଷ୍ଠା କେନ୍ଦ୍ର ସରକାରଙ୍କ ଦାୟିତ୍ୱ କିନ୍ତୁ ଓଡ଼ିଶାର ଦୁଃଖ ଯେ, ରାଜ୍ୟର ୫୦୦୦ ଗାଁରେ ଆଜି ବି ମୋବାଇଲ ନେଟୱର୍କ ନାହିଁ ।



## ବ୍ୟାଙ୍କ ସେବା

ଓଡ଼ିଶାର ୬୫ ପ୍ରତିଶତରୁ ଅଧିକ ସ୍ଥାନରେ କେନ୍ଦ୍ର ସରକାର ବ୍ୟାଙ୍କ ସେବା ଦେଲେ ନାହିଁ ସେଥିପାଇଁ ରାଜ୍ୟ ସରକାର ନିଜ ପାଣ୍ଠିରୁ ଖର୍ଚ୍ଚ କରି 'ଆମ ବ୍ୟାଙ୍କ' ସେବା ଜରିଆରେ ପ୍ରତିଟି ପଞ୍ଚାୟତରେ ବ୍ୟାଙ୍କ ସେବା ଆରମ୍ଭ କରିଛନ୍ତି ।



## ଜାତୀୟ ରାଜପଥ (NH)

ଓଡ଼ିଶାରେ କୌଣସି ନୂଆ NH ନିର୍ମାଣ କଲେ ନାହିଁ । ୧୦ ବର୍ଷରେ NH-55ର ନିର୍ମାଣ କାମ ସରିଲା ନାହିଁ । ଉପକୂଳ ରାଜପଥର (COASTAL HIGHWAY) ପ୍ରତିଶୃତି କେବଳ ପ୍ରତିଶୃତି ହୋଇ ରହିଲା । ଭୁବନେଶ୍ୱର-ପୁରୀ NH ଆଜି ବି ଅବହେଳିତ ।

ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ୍ ଦିଅନ୍ତୁ ଲୋକସଭା ବିଧାନସଭା

PUBLISHED BY BIJU JANATA DAL, SANKHA BHAWAN, UNIT 6, BHUBANESWAR

## ସଂକ୍ଷେପରେ

### ପରିବାରର ୮ ଜଣଙ୍କୁ ହତ୍ୟା ପରେ ଆତ୍ମହତ୍ୟା

ଭୋପାଳ,୨୯।୫

ମଧ୍ୟପ୍ରଦେଶର ଛିନ୍ଦୱାଡା ଜିଲା ବୋଡାଲ କଛର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତି ତାଙ୍କ ପରିବାରର ୮ ଜଣଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ଆତ୍ମହତ୍ୟା କରିଛନ୍ତି। ମୃତକଙ୍କ ମଧ୍ୟରେ ତାଙ୍କ ମାଆ, ସ୍ତ୍ରୀ ଓ ନାବାଳିକା ଭଉଣୀ ଅଛନ୍ତି। ରାତି ୨ଟା ୩୦ରେ ସମସ୍ତେ ଶୋଇଥିବାବେଳେ ଦୀନେଶ ଗୋଣ୍ଡ ଓରଫ ଭୁରା ସେମାନଙ୍କୁ ଟାଙ୍ଗିଆରେ ହାଣିଥିଲେ। ହତ୍ୟାକାଣ୍ଡ ପରେ ଦୀନେଶ ଘରଠାରୁ ୧୦୦ ମିଟର ଦୂରରେ ଥିବା ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଦିନେଶ ମାନସିକ ରୋଗୀ ଥିଲେ ବୋଲି ପୋଲିସ କହିଛି। ହତ୍ୟାର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ତଦନ୍ତ ଚଳାଇଛି।

### ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଓଏସ୍‌ଡିଙ୍କୁ ନିଲମ୍ବନ କଲେ ଏଲ୍‌ଜି

ନୂଆଦିଲ୍ଲୀ,୨୯।୫(ପି.ଟି.)

ଡାକ୍ତରୀ ଉପକରଣ କିଣାରେ ଅନିୟମିତତା ଅଭିଯୋଗରେ ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସୌରଭ ଭରଦ୍ୱାଜଙ୍କ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ଆର୍.ଏନ୍. ଦାସଙ୍କୁ ବୁଧବାର ଉପରାଜ୍ୟପାଳ (ଏଲ୍‌ଜି) ଭି.କେ. ସାକ୍ସେନା ନିଲମ୍ବନ କରିଛନ୍ତି। ୨୦୨୧ରେ କୋଭିଡ୍ ମହାମାରୀ ବେଳେ ୬୦ କୋଟି ଟଙ୍କାର ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୟୁପମେଣ୍ଟ (ପିପିଇ) କିଟ୍, ଗ୍ଲୋଭ୍ସ, ମାସ୍କ ଏବଂ ରାପିଡ୍ ଆଣ୍ଟିଜେନ୍ ପରୀକ୍ଷା କିଟ୍ କିଣାରେ ବ୍ୟାପକ ଅନିୟମିତତା ହୋଇଥିଲା। ଗତ ଏପ୍ରିଲରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ଦାସଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ବିବେକ ବିହାରସ୍ଥିତ ଶିଶୁ ହସ୍ପିଟାଲରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ୬ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ହସ୍ପିଟାଲର ପଞ୍ଜୀକରଣ ପ୍ରକ୍ରିୟାରେ ଦାସଙ୍କ ଭୂମିକା ଥିବା ଭାଜପା ଅଭିଯୋଗ କରିଥିଲା।

### ବ୍ରିଜ୍‌ଭୂଷଣଙ୍କ ପୁଅଙ୍କ ସହ ଥିବା ଗାଡ଼ି ଧକ୍କାରେ ୨ ମୃତ


ଲକ୍ଷ୍ନୌ,୨୯।୫

ଉତ୍ତରପ୍ରଦେଶର ବାହୁବଳୀ ନେତା ତଥା ରେସ୍‌ଲିଂ ଫେଡେରେଶନ୍‌ର ପୂର୍ବତନ ଅଧ୍ୟକ୍ଷ ବ୍ରିଜଭୂଷଣ ଶରଣ ସିଂଙ୍କ ପୁଅ କରନ ଭୂଷଣ ସିଂଙ୍କ ସହ ଥିବା ଏକ କାର୍ ଧକ୍କାରେ ଜଣେ ନାବାଳକଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ଘଟିଛି। ଗୋଣ୍ଡାଠାରେ ବୁଧବାର ଏହି ଦୁର୍ଘଟଣା ଘଟିଛି। କୈଶରଗଞ୍ଜ ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ କରନଙ୍କ ସହ ଥିବା ଗାଡ଼ିପୁଞ୍ଜ ମଧ୍ୟରୁ ଗୋଟିଏ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଥିଲା। ନିକଟରେ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ନିର୍ଯାତନା ମାମଲାରେ ଚାର୍ଜଫ୍ରେମ୍ ହୋଇଛି।

### ଦେଶଦ୍ରୋହ ମାମଲାରେ ଶର୍ଜିଲ ଇମାମଙ୍କୁ ଜାମିନ


ନୂଆଦିଲ୍ଲୀ,୨୯।୫

ଦେଶଦ୍ରୋହ ଏବଂ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ମାମଲାରେ ସାମାଜିକ କର୍ମୀ ତଥା ଜେଏନ୍‌ୟୁର ପୂର୍ବତନ ଛାତ୍ର ଶର୍ଜିଲ ଇମାମଙ୍କୁ ଦିଲ୍ଲୀ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ



ନାଗରିକତା ପଞ୍ଜିକା (ଏନ୍‌ଆର୍‌ସି) ବିରୋଧରେ ବିକ୍ଷୋଭ ଚାଲିଥିବାବେଳେ ଦିଲ୍ଲୀର ଜାମିଆ ଅଞ୍ଚଳ ଏବଂ ଆଲିଗଡ଼ ମୁସ୍‌ଲିମ୍ ୟୁନିଭର୍ସିଟି (ଏଏମ୍‌ୟୁ)ରେ ଶର୍ଜିଲଙ୍କ ଉତ୍ତେଜନାପୂର୍ଣ୍ଣ ଭାଷଣ ପରେ ଦଙ୍ଗା ହୋଇଥିଲା। ୨୦୨୦ ଜାନୁଆରୀରେ ତାଙ୍କୁ ଗିରଫ କରାଯାଇଥିଲା। ତଳକୋର୍ଟ ଦେଶଦ୍ରୋହ ମାମଲାରେ ଜାମିନ ନ ଦେବାରୁ ଶର୍ଜିଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ୨୦୨୦ ଦିଲ୍ଲୀ ଦଙ୍ଗା ମାମଲା ସହ ଜଡ଼ିତ ଆପରାଧିକ ଷଡ଼ଯନ୍ତ୍ର ମାମଲାରେ ସେ ଅଭିଯୁକ୍ତ ଥିବାରୁ ହାଇକୋର୍ଟରୁ ଜାମିନ ସତ୍ତ୍ୱେ ସେ ଜେଲରୁ ବାହାରି ନ ପାରନ୍ତି ବୋଲି ଜଣାପଡ଼ିଛି।

# ‘ଗାନ୍ଧୀ’ ଫିଲ୍ମ ପୂର୍ବରୁ ସେ ଅଜଣା ଥିଲେ: ମୋଦି




**୧୯୮୨ ମସିହାରେ ମାହାତ୍ମା ଗାନ୍ଧୀଙ୍କ ଜୀବନୀ ଆଧାରିତ ଫିଲ୍ମ ‘ଗାନ୍ଧୀ’ ମୁକ୍ତିଲାଭ କରିଥିଲା। ସେତେଦିନ ପର୍ଯ୍ୟନ୍ତ ଗାନ୍ଧିଜୀଙ୍କୁ କେହି ଜାଣି ନ ଥିଲେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଟିଭି ଚ୍ୟାନେଲକୁ ସାକ୍ଷାତ୍କାର ଦେଇ କହିଛନ୍ତି। ମୋଦିଙ୍କ ମତରେ ବ୍ରିଟିଶ୍ ନିର୍ଦ୍ଦେଶକ ରିଚାର୍ଡ ଏଟେନ୍‌ବର୍ଗଙ୍କ ଏକାଡେମୀ ପୁରସ୍କାରପ୍ରାପ୍ତ ସିନେମା ରିଲିଜ୍ ହୋଇ ନ ଥିଲେ ବାପୁଜୀ ବିଶ୍ୱବ୍ୟାପୀ ପ୍ରସିଦ୍ଧି ଲାଭ କରିପାରି ନ ଥାନ୍ତେ। ଗାନ୍ଧିଜୀଙ୍କୁ ଯେପରି ପ୍ରମୋଶନ୍ ମିଳିବା କଥା ପୂର୍ବର କଂଗ୍ରେସ ସରକାର ସେଥିଲାଗି ଉଦ୍ୟମ କରି ନ ଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ମନ୍ତବ୍ୟ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି କରିଛି। ବିରୋଧୀ ଦଳଗୁଡ଼ିକ ଏହାକୁ କଡ଼ା ସମାଲୋଚନା କରିଛନ୍ତି।**


ନୂଆଦିଲ୍ଲୀ,୨୯।୫

ଲୋକ ସଭା ନିର୍ବାଚନ ଶେଷ ହେବାକୁ ବସିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାକ୍ଷାତ୍କାରରେ ପୂର୍ବର କଂଗ୍ରେସ ସରକାରଗୁଡ଼ିକୁ ସମାଲୋଚନା କରିବାକୁ ଯାଇ କହିଛନ୍ତି, ଗାନ୍ଧିଜୀ ଜଣେ ମହାନ୍ ଆତ୍ମା ଥିଲେ। ଗତ ୭୫ ବର୍ଷ ମଧ୍ୟରେ ତାଙ୍କୁ ସେଭଳି ବୈଶ୍ୱିକ ସ୍ୱୀକୃତି ପ୍ରଦାନ କରାଇବା କ’ଣ ଆମ ଉତ୍ତରଦାୟିତ୍ୱ ନ ଥିଲା ? ତାଙ୍କୁ କେହି ଜାଣି ନ ଥିଲେ, ଦୟାକରି କ୍ଷମା କରନ୍ତୁ। ୧୯୮୨ରେ ତାଙ୍କ ଉପରେ ପ୍ରଥମ ଫିଲ୍ମ ନିର୍ମାଣ କରାଯାଇଥିଲା। ତା’ ପରେ ଗାନ୍ଧିଜୀ କିଏ ବୋଲି ବିଶ୍ୱବାସୀଙ୍କ ମନରେ ଜିଜ୍ଞାସା ସୃଷ୍ଟି ହୋଇଥିଲା। ଯାହା ଆବଶ୍ୟକ ଥିଲା, ତାହା ଆମେ କରି ନ ଥିଲେ। ଯଦି ବିଶ୍ୱ ମାର୍ଟିନ୍ ଲୁଥର କିଙ୍ଗ୍ ଓ ନେଲସନ୍ ମଣ୍ଡେଲାଙ୍କୁ ଜାଣିଥିଲା ; ଗାନ୍ଧୀ ସେମାନଙ୍କଠାରୁ କିଛି କମ୍ ନ ଥିଲେ। ଏକଥା ସ୍ୱୀକାର କରିବାକୁ ପଡ଼ିବ। ସାରା ବିଶ୍ୱ ଭ୍ରମଣ କରିବା ପରେ ମୁଁ ଏ କଥା କହୁଛି, ଭାରତ ତାଙ୍କୁ ସ୍ୱୀକୃତି ଦେବା ଉଚିତ ଥିଲା ବୋଲି ମୋଦି କହିଛନ୍ତି। ଏନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ନାଥୁରାମ ଗଡ୍‌ସେଙ୍କ ବୈଚାରିକ ଉତ୍ତରାଧିକାରୀମାନେ ଗାନ୍ଧିଜୀଙ୍କୁ ହତ୍ୟା କରିଥିଲେ। ସେମାନେ ବାପୁଙ୍କ ପଥକୁ ଅନୁସରଣ କରନ୍ତି ନାହିଁ। ଏବେ ସେମାନଙ୍କୁ ଗଣ୍ଡିଲିରେ ନିଜ ମିଛକୁ ବାନ୍ଧି ଫେରିଯିବାକୁ ପଡ଼ିବ।

କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟକୁ ସମାଲୋଚନା କରି ତାଙ୍କ ଶିକ୍ଷାଗତ ଯୋଗ୍ୟତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏକ୍ସ’ରେ ରାହୁଲ ଲେଖିଛନ୍ତି, କେବଳ ‘ସମଗ୍ର ରାଜନୀତି ବିଜ୍ଞାନ’ର ଜଣେ ଛାତ୍ର ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ ଜାଣିବା ପାଇଁ ଏହି ଫିଲ୍ମକୁ ଦେଖିବା ଉଚିତ। ଭାଜପା ଟୁଇଟର ଆକାଉଣ୍ଟରେ ପୋଷ୍ଟ କରାଯାଇଥିବା ପ୍ରଧାନମନ୍ତ୍ରୀଙ୍କ କଳାରେ ସ୍ନାତକୋତ୍ତର ଡିଗ୍ରୀ ପ୍ରମାଣପତ୍ରର ଅବତାରଣା କରି ରାହୁଲ ଏପରି ତାଚ୍ଛଲ୍ୟ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତାର ଡିଗ୍ରୀଗୁଡ଼ିକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସାର୍ବଜନୀନ କରିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ କଳାରେ ସ୍ନାତକ (ବିଏ) ଏବଂ ଗୁଜରାଟ ବିଶ୍ୱବିଦ୍ୟାଳୟରୁ କଳାରେ ସ୍ନାତକୋତ୍ତର (ଏମ୍‌ଏ)। ପ୍ରକାଶ ଯେ, ମୋଦିଙ୍କ ଶିକ୍ଷାଗତ ଯୋଗ୍ୟତା ଏକ ବିତର୍କିତ ବିଷୟ ରହିଆସିଛି। ଅତୀତରେ ରାହୁଲ ଏହି ପ୍ରସଙ୍ଗରେ ମୋଦିଙ୍କୁ ସମାଲୋଚନା କରିଆସିଥିବାବେଳେ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ଅରବିନ୍ଦ କେଜ୍‌ରିୱାଲ ଓ ସଞ୍ଜୟ ସିଂ ଶିକ୍ଷାଗତ ଯୋଗ୍ୟତା କଥା ଉଠାଇ ମାନହାନି ମାମଲାରେ ଛନ୍ଦି ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ମୋଦିଙ୍କ ଡିଗ୍ରୀ ସାର୍ଟିଫିକେଟଗୁଡ଼ିକୁ ଦେବା ଆବଶ୍ୟକ ନୁହେଁ ବୋଲି ୨୦୨୩ ମାର୍ଚ୍ଚରେଗୁଜରାଟହାଇକୋର୍ଟକହିଥିଲେ।

## ମୃତ୍ୟୁଦଣ୍ଡ ୩୧% ବଢ଼ିଛି

ନୂଆଦିଲ୍ଲୀ,୨୯।୫



୨୦୧୫ ପରଠୁ ସାରା ବିଶ୍ୱରେ ମୃତ୍ୟୁଦଣ୍ଡ ସଂଖ୍ୟା ବଢ଼ିବାରେ ଲାଗିଛି। ୨୦୨୨ରେ ୮୮୩ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିବାବେଳେ ୨୦୨୩ରେ ୧,୧୫୩ ଜଣ ଦଣ୍ଡିତ ହୋଇଥିଲେ। ବର୍ଷକ ମଧ୍ୟରେ ମୃତ୍ୟୁଦଣ୍ଡରେ ୩୧% ବୃଦ୍ଧି ଘଟିଥିବା ବୁଧବାର ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ପକ୍ଷରୁ କୁହାଯାଇଛି। ମୃତ୍ୟୁଦଣ୍ଡ ଦେବାରେ ଇରାନ ଶୀର୍ଷରେ ରହିଛି। ସାରା ବିଶ୍ୱରେ ଯେତିକି ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉଛି, ତା’ର ପାଖାପାଖି ତିନି-ଚତୁର୍ଥାଂଶ କେବଳ ଏହି ଦେଶରେ ଘଟୁଛି। ୨୦୨୩ରେ ଇରାନ ୮୫୩ ଜଣଙ୍କୁ ସର୍ବୋଚ୍ଚ ଦଣ୍ଡ ଦେଇଛି, ଯାହା ପୂର୍ବବର୍ଷ ତୁଳନାରେ ୪୮ ପ୍ରତିଶତ ଅଧିକ। ସାଉଦି ଆରବରେ ୧୭୨ ଜଣଙ୍କୁ ମୃତ୍ୟୁଦଣ୍ଡ ମିଳିଛି, ଯାହା ବିଶ୍ୱର ୧୫%। ସୋମାଲିଆ ଏବଂ ଆମେରିକାରେ ମଧ୍ୟ ମୃତ୍ୟୁଦଣ୍ଡ ଯଥାକ୍ରମେ ୩୮ ଏବଂ ୨୪କୁ ବୃଦ୍ଧି ପାଇଛି।

ଅନ୍ୟପକ୍ଷରେ ମୃତ୍ୟୁଦଣ୍ଡ ପ୍ରଦାନ କରୁଥିବା ଦେଶ ସଂଖ୍ୟା ୨୦୨୩ରେ ଯଥେଷ୍ଟ ହ୍ରାସ ପାଇଛି। ବେଲାରୁଷ, ଜାପାନ, ମ୍ୟାନ୍‌ମାର ଏବଂ ଦକ୍ଷିଣ ସୁଦାନରେ ମୃତ୍ୟୁଦଣ୍ଡକୁ ଉଠାଇଦିଆଯାଇଛି। ଏହା ସତ୍ତ୍ୱେ ନୂଆ ମୃତ୍ୟୁଦଣ୍ଡାଦେଶ ବିଶ୍ୱବ୍ୟାପୀ ୨୦ ପ୍ରତିଶତ ବଢ଼ି ୨,୪୨୮ରେ ପହଞ୍ଚିଛି। ମୃତ୍ୟୁଦଣ୍ଡ ଦେଉଥିବା ଦେଶ ସଂଖ୍ୟା କମିଥିବାରୁ ଆମନେଷ୍ଟି ଇଣ୍ଟରନ୍ୟାଶନାଲ ଜର୍ମାନୀର ମହାସଚିବ ଜୁଲିଆ ଡୁଚ୍‌ରୋ ଏହାର ପ୍ରଶଂସା କରିଛନ୍ତି। ତେବେ ମୃତ୍ୟୁଦଣ୍ଡ ସଂଖ୍ୟା ବଢୁଥିବା ନେଇ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମାନବ ଜୀବନକୁ ଉପେକ୍ଷା କରି ଇରାନ ଓ ସାଉଦି ଆରବ ମୃତ୍ୟୁଦଣ୍ଡକୁ ସୋସିଆଲ ମିଡିଆ ପୋଷ୍ଟରେ ବ୍ୟବହାର କରୁଥିବାରୁ ଜୁଲିଆ ଏହାକୁ ନିନ୍ଦା କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୪୪ ଦେଶ ମୃତ୍ୟୁଦଣ୍ଡ ବ୍ୟବସ୍ଥାକୁ ଉଠାଇସାରିଲେଣି।


## ଅନ୍ତରୀଣ ଜାମିନ ପାଇଁ ପ୍ରଜ୍ୱଳଙ୍କ ଆବେଦନ

ନୂଆଦିଲ୍ଲୀ,୨୯।୫

ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ନାତି ତଥା ଜେଡିଏସ୍‌ରୁ ନିଲମ୍ବିତ ଏମ୍‌ପି ପ୍ରଜ୍ୱଳ ରେଭନ୍ନା ଯୌନ କେଲେଙ୍କାରୀ ମାମଲାରେ ଅନ୍ତରୀଣ ଜାମିନ ପାଇଁ ବୁଧବାର ବେଙ୍ଗାଲୁରୁ ସେସନ୍ସ କୋର୍ଟରେ ଆବେଦନ କରିଛନ୍ତି। ଅନେକ ମହିଳାଙ୍କୁ ଯୌନ ନିର୍ଯାତନା ଅଭିଯୋଗ ଆସିବା ପୂର୍ବରୁ ସେ ଜର୍ମାନୀ ପଳାଇଥିଲେ। ଦୁଇଦିନ ତଳେ ପ୍ରଜ୍ୱଳ ଏକ ଭିଡିଓ ଜାରି କରି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି)କୁ ତଦନ୍ତରେ ସହଯୋଗ କରିବେ ବୋଲି କହିଥିଲେ। ସେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ବ୍ୟକ୍ତିଗତ ଭାବେ ଏସ୍‌ଆଇଟିରେ ହାଜର ହେବେ ବୋଲି କହିଛନ୍ତି।


## ୩୧ରେ କେରଳ ଛୁଇଁବ ମୌସୁମୀ

ଥିରୁଭାନନ୍ତପୁରମ୍,୨୯।୫



ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶୁକ୍ରବାର କେରଳ ଛୁଇଁବାକୁ ଯାଉଛି। ଏଥିପାଇଁ ସ୍ଥିତି ଅନୁକୂଳ ରହିଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ବୁଧବାର ଘୋଷଣା କରିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ କେରଳରେ ସ୍ୱାଭାବିକଠାରୁ ୬ ପ୍ରତିଶତ ବୃଷ୍ଟିପାତ ହେବ। ମୌସୁମୀ ପ୍ରଭାବରେ ଶୁକ୍ରବାର ସାରା ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାବେଳେ ଜୁନ୍ ୨ ପର୍ଯ୍ୟନ୍ତ ଅଧିକାଂଶ ଭାଗରେ ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ପାଣିପାଗ ବିଭାଗ କହିଛି। ଶୁକ୍ରବାର ପାଇଁ କେରଳର ୧୧ଟି ଜିଲା ନିମନ୍ତେ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଉକ୍ତ ଜିଲାଗୁଡ଼ିକରେ ୬୪.୫ରୁ ୧୧୫.୫ ମିଲିମିଟର ପର୍ଯ୍ୟନ୍ତ ବର୍ଷା ହେବ ବୋଲି ଆଶା କରାଯାଉଛି। ମୌସୁମୀ ବାୟୁ ଲାକ୍ଷାଦ୍ୱୀପର କେତେକ ଅଞ୍ଚଳ ସମେତ ଦକ୍ଷିଣ ଆରବ ସାଗରର ଅନ୍ୟ ଅଞ୍ଚଳକୁ ଅଗ୍ରସର ହେବା ଲାଗି ଅନୁକୂଳ ସ୍ଥିତି ସୃଷ୍ଟି ହୋଇଛି। ଏହା କ୍ରମେ ଦକ୍ଷିଣ-ପଶ୍ଚିମ ଏବଂ କେନ୍ଦ୍ରୀୟ ବଙ୍ଗୋପସାଗର, ଉତ୍ତରପୂର୍ବ ବଙ୍ଗୋପସାଗର ଏବଂ ଉତ୍ତରପୂର୍ବ ରାଜ୍ୟଗୁଡ଼ିକର କେତେକ ଅଞ୍ଚଳକୁ ଅଗ୍ରସର ହେବ ବୋଲି ପାଣିପାଗ ବିଭାଗ କହିଛି।

## ରାଫାହ ଉପରେ ସଭିଙ୍କ ନଜର




ମୁମ୍ବାଇ/ନୂଆଦିଲ୍ଲୀ,୨୯।୫

ଗାଜା ଷ୍ଟ୍ରିପ୍‌ର ଦକ୍ଷିଣ ସୀମାନ୍ତ ସହର ରାଫାହ ଏବେ ଚର୍ଚ୍ଚାରେ। ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ (ଆଇସିଜେ)ଙ୍କ କଡ଼ା ନିର୍ଦ୍ଦେଶକୁ ବେଖାତିରକରି ଇସ୍ରାଏଲୀ ସୈନ୍ୟ ଏହି ଜନବସତି ଉପରେ ତୁହାକୁ ତୁହା ରକେଟ ମାଡ଼ ଜାରି ରଖିଛନ୍ତି। ୩ ଦିନ ତଳେ ଇସ୍ରାଏଲୀମାନେ ରାଫାହର ‘ସୁରକ୍ଷିତ ଅଞ୍ଚଳ’ କୁହାଯାଉଥିବା ତାଲ୍ ଅସ୍-ସୁଲତାନ ଏରିଆରେ ୭ ମିଶାଇଲ ମାଡ଼ କରିଥିଲେ। ଏହି ଏୟାରଷ୍ଟ୍ରାଇକ୍ ପରେ ଏକ ତୈଳ ଟ୍ୟାଙ୍କରେ ବିସ୍ଫୋରଣ ହୋଇଥିଲା। ଶରଣାର୍ଥୀଙ୍କ ତମ୍ବୁ ଶିବିରରେ ନିଆଁ ଲାଗି ୪୫ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ଅନେକ ମହିଳା ଓ ଶିଶୁ ଥିଲେ। ଇସ୍ରାଏଲ୍‌ର ଏହି ବର୍ବରତାକୁ ଅନେକ ରାଷ୍ଟ୍ର ଓ ମାନବାଧିକାର ସଙ୍ଗଠନ ନିନ୍ଦା କରିଛନ୍ତି। ବିସ୍ଥାପିତ ପାଲେଷ୍ଟିନୀୟଙ୍କ ବାସସ୍ଥାନ ପାଲଟିଥିବା ରାଫାହ ଜଳିଯାଇଥିବାବେଳେ ଏଠିସେଠି ଗଡୁଥିଲା ଅନେକ ମୃତଦେହ। ଏହାକୁ ନେଇ ବ୍ୟଥିତ ଆକ୍ଟିଭିଷ୍ଟ ଓ ମାନବାଧିକାର ଗୋଷ୍ଠୀଗୁଡ଼ିକ ରାଫାହ ଆଡ଼କୁ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଆରମ୍ଭ କରିଛନ୍ତି ଏକ କ୍ୟାମ୍ପେନ୍। ଏହାର ନାମ ରଖାଯାଇଛି, ‘ଅଲ୍ ଆଇଜ୍ ଅନ୍ ରାଫାହ’। ଗତବର୍ଷ ଅକ୍ଟୋବର ୭ରେ ହମାସ୍ ସହ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଇସ୍ରାଏଲ୍‌ର ଆକ୍ରମଣ ଯୋଗୁ ଗାଜା ଷ୍ଟ୍ରିପ୍‌ରୁ ପ୍ରାୟ ୧୫ ଲକ୍ଷ ଲୋକ ଏହି ସହରରେ ଆଶ୍ରୟ ନେଇଛନ୍ତି। ବୋମା ବର୍ଷଣ ଜାରି ରହିଥିବାରୁ ସେଠାକୁ ଅନ୍ତର୍ଜାତୀୟ ସହାୟତା ପହଞ୍ଚିପାରୁ ନାହିଁ। ଅନଟନରେ ଜୀବନ ବିତାଉଥିବା ସେହି ହତଭାଗାମାନଙ୍କ ଦୁର୍ଦ୍ଦଶାକୁ କେହି ଅଣଦେଖା ନ କରନ୍ତୁ ବୋଲି ଏଥିରେ ଅନୁରୋଧ କରାଯାଇଛି। ଅତି ବାସ୍ତବ ମନେହେଉଥିବା ଏହି ଫଟୋଟି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଟେକ୍ନୋଲୋଜି ପ୍ରୟୋଗରେ ପ୍ରସ୍ତୁତ। ଇନ୍‌ଷ୍ଟାଗ୍ରାମ୍‌ରେ ୨୪ ଘଣ୍ଟାରୁ କମ୍ ସମୟ ଭିତରେ ୨୯ ନିୟୁତରୁ ଅଧିକ ଥର ଏହାକୁ ଶେୟାର କରାଯାଇଛି।

### ଶେୟାର କରି ଟ୍ରୋଲ୍ ହେଲେ ରିତିକା



ଯୁଦ୍ଧ ପ୍ରଭାବିତ ପାଲେଷ୍ଟିନୀୟଙ୍କ ଦୁର୍ଦ୍ଦଶାକୁ ବୟାନ କରୁଥିବା ‘ଅଲ୍ ଆଇଜ୍ ଅନ୍ ରାଫାହ’ କ୍ୟାମ୍ପେନ୍‌କୁ ବଲିଉଡ୍‌ର ଅନେକ ସେଲିବ୍ରିଟି ସମର୍ଥନ କରିଛନ୍ତି। ବରୁଣ ଧାୱନ, ମାଧୁରୀ ଦୀକ୍ଷିତ, ସାମନ୍ଥା ରୁଥ୍ ପ୍ରଭୁ, ତୃପ୍ତି ଡିମ୍‌ରି, ଆଲିଆ ଭଟ୍ଟ, କରୀନା କପୁର, ପ୍ରିୟଙ୍କା ଚୋପ୍ରାଙ୍କ ଭଳି କଳାକାରମାନେ ଇଷ୍ଟାଗ୍ରାମ୍‌ରେ ଏହି ଫଟୋକୁ ଶେୟାର କରି ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣରେ ସହାୟକ ହୋଇଛନ୍ତି। ଶେୟାର କରିଥିବା ସେଲିବ୍ରିଟିଙ୍କ ମଧ୍ୟରେ ରହିଛନ୍ତି, ଭାରତୀୟ କ୍ରିକେଟ କ୍ୟାପ୍‌ଟେନ ରୋହିତ ଶର୍ମାଙ୍କ ସ୍ତ୍ରୀ ରିତିକା ସଜ୍‌ଦେହ। ତେବେ ଏଥିପାଇଁ ସୋସିଆଲ ମିଡିଆରେ ରିତିକାଙ୍କୁ ହଚହଚା ହେବାକୁ ପଡ଼ିଛି। ନିର୍ଯାତନା ବିରୋଧରେ ମୁହଁ ଖୋଲିବା ପରେ ତାଙ୍କ ଚୟନାତ୍ମକ ଆଭିମୁଖ୍ୟକୁ ୟୁଜର୍ସ ନିନ୍ଦା କରିଛନ୍ତି। ଜଣେ ବ୍ୟକ୍ତି ନିଜ ପ୍ରତିକ୍ରିୟାରେ ଲେଖିଛନ୍ତି, କ’ଣ ମାଡାମ, ପାଲେଷ୍ଟିନୀୟଙ୍କ ପ୍ରତି ଏତେ ଦୟା କାହିଁକି ? ଆଉ ଜଣେ କହିଛନ୍ତି, ହିଟ୍‌ମ୍ୟାନ ରୋହିତଙ୍କ ପ୍ରତି ଆମ ସମ୍ମାନ ରହିଛି। ତା’ ମାନେ କ’ଣ ଆପଣ ପାଲେଷ୍ଟାଇନ୍‌କୁ ସମର୍ଥନ କରିବେ ?

## ‘ଏଆଇ’ର ଦୁରୁପଯୋଗ ବିପଜ୍ଜନକ

ଲସ୍‌ଏଞ୍ଜେଲସ


ଜେନିଫର ଲୋପେଜ

ହଲିଉଡ୍‌ର ପ୍ରସିଦ୍ଧ ଅଭିନେତ୍ରୀ ତଥା ଗାୟିକା ଜେନିଫର ଲୋପେଜ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)କୁ ବିପଜ୍ଜନକ ଆଖ୍ୟା ଦେଇଛନ୍ତି। ସ୍କିନ୍ କେୟାର ବିଜ୍ଞାପନଗୁଡ଼ିକରେ ଏଆଇର ଦୁରୁପଯୋଗ କରି ତାଙ୍କ ଚେହେରା ଏପଟସେପଟ କରାଯାଉଥିବା ସେ ଅଭିଯୋଗ ଆଣିଛନ୍ତି। ନିକଟରେ ନେଟଫ୍ଲିକ୍ସରେ ରିଲିଜ୍ ହୋଇଥିବା ଫିଲ୍ମ ‘ଆଟ୍‌ଲାସ’ରେ ଜଣେ ଡାଟା ଆନାଲିଷ୍ଟଙ୍କ ଭୂମିକା ନିଭାଇଥିବା ଜେନିଫର କହିଛନ୍ତି, ବୈଷୟିକ ପ୍ରଗତିର ସର୍ବଦା ୨ଟି ପାର୍ଶ୍ୱ ରହିଥାଏ। ଆଟ୍‌ଲାସରେ ଏହା ଭଲ ଭାବେ ଦେଖାଯାଇଛି। ସ୍କିନ କେୟାର ଉତ୍ପାଦ ବିକ୍ରି ପାଇଁ ବିନା ଅନୁମତିରେ ଏଆଇ ସହଯୋଗରେ ତାଙ୍କ ଚେହେରାକୁ ବ୍ୟବହାର କରାଯାଇଥିଲା। ଏହି ସବୁ ଉତ୍ପାଦ ବିଷୟରେ ସେ ଆଦୌ ଜାଣି ନ ଥିଲେ। ଚେହେରା ଚୋରି କରିବା ଭୟାବହ ଓ ନିନ୍ଦନୀୟ ବୋଲି ଅଭିନେତ୍ରୀ ଜଣଙ୍କ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

DRiEMS UNIVERSITY
Approved by UGC, AICTE, NMC, INC & PCI
ADMISSION - 2024
• MBBS
• B.Tech | M.Tech | Ph.D
• MBA | Executive MBA | BBA | Ph.D
• MCA | BCA | B.Sc. ITM
• Nursing (B.Sc. | M.Sc. | PB.B.Sc.) GNM | ANM
• BPT | MPT | BOT | MOT
• B.Pharm | D.Pharm | Ph.D
• BMLT | DMLT | BMRT | DMRT
• Agriculture
• Hotel Management
• Fashion Design
• M.Sc. (Computer Science & Data Science)
• M.Sc. (Physics, Chemistry & Mathematics)
DRUET-2024
DRIEMS UNIVERSITY ENTRANCE TEST
To apply for Admission through DRUET,
Please Visit : www.driems.ac.in | https://druet.driems.ac.in/
150 Acres Lush Green Campus
400 Bedded Hospital
50+ Programme Offered

ALSO OFFERS +2 SCIENCE DIPLOMA ENGG. ITI
TANGI, CUTTACK, ODISHA - 754022
07941050666 | 09078888903 | 08110945232

# ନବୀନଙ୍କ ସ୍ୱାସ୍ଥ୍ୟହାନିରେ ଷଡ଼ଯନ୍ତ୍ର, ଯାଞ୍ଚ ହେବ: ମୋଦି

**ବାରିପଦା/ ବାଲେଶ୍ୱର/ କେନ୍ଦ୍ରାପଡ଼ା, ୨୯।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ ମାନସ ବିଶ୍ୱାଳ/ ଜଗନ୍ନାଥ ଧଳ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଛି। ଏହା ପଛରେ ଷଡ଼ଯନ୍ତ୍ର ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ବାରିପଦା ଏବଂ କେନ୍ଦ୍ରାପଡ଼ାରେ ଆୟୋଜିତ ନିର୍ବାଚନୀ ସଭାରେ କହିଛନ୍ତି। ଗତ ବର୍ଷକ ମଧ୍ୟରେ ନବୀନବାବୁଙ୍କ ସ୍ୱାସ୍ଥ୍ୟ ଏତେ ଖରାପ କେମିତି ହେଲା ସେନେଇ ତାଙ୍କ ଶୁଭଚିନ୍ତକମାନେ ବହୁତ ଚିନ୍ତାରେ ଅଛନ୍ତି। ପରଦା ପଛରେ ରହି ନବୀନବାବୁଙ୍କ ନାଁରେ କ୍ଷମତା ଉପଭୋଗ କରୁଥିବା ଲୋକଙ୍କ ଏଥିରେ ହାତ ଅଛି କି ବୋଲି ମୋଦି


କେନ୍ଦ୍ରାପଡ଼ା ବାରୋ ପଞ୍ଚାୟତର ସିଦ୍ଧମଠ ପଡ଼ିଆରେ ଆୟୋଜିତ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ପ୍ରଶ୍ନ କରିବା ସହ ଏହାର ରହସ୍ୟ ଉନ୍ମୋଚନ ହେବା ଜରୁରୀ। ଓଡ଼ିଶାରେ ଭାଜପା ସରକାର ଗଠନ ହେଲେ ଏକ କମିଟି ଦ୍ୱାରା ଏହାର ତଦନ୍ତ କରାଯିବ ବୋଲି ମୋଦି କହିଛନ୍ତି। ଆଗାମୀ ୬ ମାସରେ ବିଜେଡି ରାଜନୀତିରେ ବଡ଼ ବିସ୍ଫୋରଣ ହେବ ବୋଲି ମୋଦି କହିଛନ୍ତି।

ଭାଜପା ପକ୍ଷରୁ ମୟୂରଭଞ୍ଜ ଜିଲା ବାରିପଦା ଛଉ ପଡ଼ିଆ, ବାଲେଶ୍ୱର ଜିଲା ରେମୁଣାସ୍ଥିତ ନରହରି ପଡ଼ିଆ ଏବଂ କେନ୍ଦ୍ରାପଡ଼ା ବ୍ଲକ ବାରୋ ପଞ୍ଚାୟତର ସିଦ୍ଧମଠ ପଡ଼ିଆରେ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାର ଏବଂ ବିଜେଡିକୁ କଡ଼ା ସମାଲୋଚନା କରିଛନ୍ତି। ପକ୍କା ଘର ଦେବା ନାଁରେ ବିଜେଡି ବଡ଼ ଦୁର୍ନୀତି କରିଛି। ସେହିପରି ଓଡ଼ିଶାରେ ପାଣି ଅଛି, ଚାଷୀଙ୍କ ଜମି କିନ୍ତୁ ଶୁଖିଲା ପଡ଼ିଛି ବୋଲି ମୋଦି କହିଛନ୍ତି। ଓଡ଼ିଶାର ଜନସାଧାରଣ ପକ୍କା ଘର ପାଇବା, ଚାଉଳ ଲୁଟ୍‌କୁ ସମାପ୍ତ କରିବା, ଦାଦନ ସରକାରକୁ ହଟାଇବା ଏବଂ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଲୁଟେରାଙ୍କୁ ହଟାଇବାକୁ ଭାଜପାକୁ ବମ୍ପର ଭୋଟିଂ କରିଛନ୍ତି। ☞ପୃଷ୍ଠା-୧୧

## ମୁଁ ସୁସ୍ଥ, ମିଛ ପ୍ରଚାରର ଯାଞ୍ଚ ପାଇଁ କମିଟି ହେଉ: ନବୀନ

**ଭୁବନେଶ୍ୱର, ୨୯।୫ (ଅନିଲ ଦାସ)**

ବାରିପଦାର ଏକ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଏକ ଯାଞ୍ଚ କମିଟି ଗଠନ କରିବାକୁ କହିଛନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟର କଡ଼ା ଜବାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ନବୀନ କହିଛନ୍ତି ଯେ, ଯେଉଁମାନେ ମୋର ସ୍ୱାସ୍ଥ୍ୟାବସ୍ଥା ନେଇ ଅପପ୍ରଚାର କରୁଛନ୍ତି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ଲାଗି ପ୍ରଧାନମନ୍ତ୍ରୀ କମିଟି ଗଠନ କରନ୍ତୁ। ମୋର ସ୍ୱାସ୍ଥ୍ୟ ଲାଗି ପ୍ରଧାନମନ୍ତ୍ରୀଙ୍କ ଯଦି ଏତେ ଚିନ୍ତା, ତେବେ ଜଣେ ଭଲ ବନ୍ଧୁ ଭାବେ ସେ ମୋତେ ଫୋନ କରିପାରିଥାନ୍ତେ। ମାତ୍ର ତାହା



ନ କରି ସେ ନିର୍ବାଚନୀ ସଭାରେ ଅରୁଚିକର ବିବୃତି ଦେଉଛନ୍ତି। ଏପରି ଅପପ୍ରଚାର ପଛରେ ନ ପଡ଼ି ରାଜ୍ୟର ଦାବି ପୂରଣ କରିବାକୁ ନବୀନ ପ୍ରଧାନମନ୍ତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି।

ନବୀନ କହିଛନ୍ତି ଯେ ମୋ ସ୍ୱାସ୍ଥ୍ୟାବସ୍ଥା ନେଇ ପ୍ରଧାନମନ୍ତ୍ରୀ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ରାଜନୈତିକ ପ୍ରଣୋଦିତ। ଭାଜପାର ଦିଲ୍ଲୀ ଏବଂ ଓଡ଼ିଶା ନେତାମାନେ ମୋ ସ୍ୱାସ୍ଥ୍ୟକୁ ନେଇ ଗତ ୧୦ବର୍ଷ ଧରି ଅପପ୍ରଚାର କରୁଛନ୍ତି। ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଛି। ଯଦି ମୋର ସ୍ୱାସ୍ଥ୍ୟାବସ୍ଥା ଭଲନାହିଁ ତାହାହେଲେ ଗତ ମାସେ ହେବ କେମିତି ଏତେ ଖରା ଏବଂ ଗରମ ସତ୍ତ୍ୱେ ସାରା ରାଜ୍ୟରେ ନିର୍ବାଚନ ପ୍ରଚାର କରୁଛି। ଏବେ ନିମାପଡ଼ା ପ୍ରଚାର ପାଇଁ ଯାଉଛି। ବିରୋଧୀ ଭାଜପା ଏପରି ଅପପ୍ରଚାର ନ କରି ରାଜ୍ୟର ଦାବି ପୂରଣ କରନ୍ତୁ। ବର୍ଷ ବର୍ଷ ଧରି ରାଜ୍ୟବାସୀ ଦାବିକରି ଆସୁଥିବା କୋଇଲା ରୟାଲ୍ଟି ସଂଶୋଧନ ଏବଂ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବା ଉପରେ ମୋଦି ଗୁରୁତ୍ୱ ଦିଅନ୍ତୁ। ଏହାଦ୍ୱାରା ରାଜ୍ୟବାସୀ ଉପକୃତ ହେବେ ବୋଲି ନବୀନ କହିଛନ୍ତି। ନିର୍ବାଚନ ସମୟ ହୋଇଥିବାରୁ ଏଭଳି ଅପପ୍ରଚାର କରାଯାଉଛି ବୋଲି ନବୀନ କହିଛନ୍ତି।

### ଆଜି ପ୍ରଚାର କରିବେ ରାହୁଲ ଗାନ୍ଧୀ, ସ୍ମୃତି ଇରାନୀ

**ଖଇରା/ସିମୁଳିଆ, ୨୯।୫ (ଉତ୍କଳବନ୍ଧୁ ପଣ୍ଡା/ସନ୍ତୋଷ ନାୟକ)**

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀରେ ଗୁରୁବାର ପ୍ରଚାର ଶେଷ ଦିନ ଥିବା ବେଳେ କଂଗ୍ରେସ, ଭଜପା ଓ ବିଜେଡିର ହେଭିୱେଟମାନେ ପ୍ରଚାରକୁ ଓହ୍ଲାଉଥିବା ସୂଚନା ମିଳିଛି। କଂଗ୍ରେସ ପାଇଁ ରାହୁଲ ଗାନ୍ଧୀ ସିମୁଳିଆ ବ୍ଲକର ମଇତାପୁରଠାରେ ସାଧାରଣ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ଅଡା ଫାୟାର ଷ୍ଟେଶନ ପଡିଆରେ ଆୟୋଜିତ ସମାବେଶରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଓ ଧର୍ମେନ୍ଦ୍ର ପ୍ରଧାନ ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ। ସେହିଭଳି ଖଇରା ବ୍ଲକର ପତିରାଜପୁର ପଡିଆରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ପ୍ରଚାର ପାଇଁ ଆସୁଥିବା ଜଣାଯାଇଛି।

**ଆଜିର ସମ୍ପାଦକୀୟ**
**ସୋମରୁ ଅମୃତ**

## ନିର୍ବାଚନ ପରେ ଭାଜପା-ବିଜେଡି ପୁଣି ଏକାଠି ହୋଇଯିବେ: ଖାର୍ଗେ

**ବାଲେଶ୍ୱର, ୨୯।୫ (ମାନସ ବିଶ୍ୱାଳ)**

ଭାଜପା ଯାହା ଚାହୁଁଛି ବିଜେଡି ତାକୁ ସମର୍ଥନ କରୁଛି। ଏବେ ପରସ୍ପର ଅଲଗା ଅଲଗା ଅଛନ୍ତି। ମାତ୍ର ନିର୍ବାଚନ ପରେ ପୁଣି ଭାଜପା-ବିଜେଡି ଏକାଠି ହୋଇଯିବେ ବୋଲି ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ କହିଛନ୍ତି। ବାଲେଶ୍ୱର ସହର ନିକଟସ୍ଥ କୁରୁଡ଼ା ହାଟ ପଡିଆରେ ବୁଧବାର ଅନୁଷ୍ଠିତ କଂଗ୍ରେସର ନିର୍ବାଚନୀ ସଭାରେ ଖାର୍ଗେ ଏହା କହିଛନ୍ତି। ସଭାରେ ଭାଜପାକୁ ଟାର୍ଗେଟ କରି ଖାର୍ଗେ କହିଛନ୍ତି, ଭାଜପା ଦେଶ ପାଇଁ ବିପଦ। ଭାଜପାକୁ ଯଦି ନ ହଟାଇବେ ତେବେ ସମ୍ବିଧାନ ବିପଦରେ, ଲୋକତନ୍ତ୍ର ବି


ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଉଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ।

ବିପଦରେ ରହିବ। ଲୋକତନ୍ତ୍ର ଓ ସମ୍ବିଧାନ ବିପଦରେ ରହିବ ମାନେ ଆମ ଭବିଷ୍ୟତ ବି ବିପଦରେ ରହିବ। ସେମାନଙ୍କୁ ହଟାଇବା ଜରୁରୀ। ଦେଶରେ ଗରିବୀ ଏତେମାତ୍ରାରେ ବଢୁଛି ଯେ, ଲୋକେ ଚିନ୍ତାରେ ଅଛନ୍ତି। ଯୁବକଙ୍କୁ ଚାକିରି ମିଳୁନି, କିନ୍ତୁ ମୋଦିଙ୍କୁ ଏଥିଲାଗି କୌଣସି ଚିନ୍ତା ନାହିଁ। ଦେଶକୁ ବଞ୍ଚାଇବା ଆମର ଏକମାତ୍ର ଚିନ୍ତା। ☞ପୃଷ୍ଠା-୧୧

## ଦିଲ୍ଲୀ ତାପମାତ୍ରା ୫୨ ଡିଗ୍ରୀ ଟପିଲା

**ନୂଆଦିଲ୍ଲୀ, ୨୯।୫ (ପିଟିଆଇ)**

ସବୁ ରେକର୍ଡ ଭାଙ୍ଗି ଉତ୍ତରପଶ୍ଚିମ ଦିଲ୍ଲୀର ମୁଙ୍ଗେଶପୁର ଅଞ୍ଚଳର ସର୍ବାଧିକ ତାପମାତ୍ରା ବୁଧବାର ୫୨.୯ ଡିଗ୍ରୀ ସେଲ୍‌ସିୟସ୍ ହୋଇଛି। ରାଜଧାନୀରେ ଏହା ସର୍ବୋଚ୍ଚ ତାପମାତ୍ରା ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି। ମଙ୍ଗଳବାର ଉତ୍ତର-ପଶ୍ଚିମ ଦିଲ୍ଲୀର ସର୍ବାଧିକ ତାପମାତ୍ରା ୪୯.୯ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା। ଗୋଟିଏ ଦିନରେ ସେଠାରେ ତାପମାତ୍ରା ୪.୧୪ ଡିଗ୍ରୀ ବୃଦ୍ଧି ପାଇଛି। ରାଜସ୍ଥାନରୁ ଆସୁଥିବା ଉତ୍ତପ୍ତ ବାୟୁ ଯୋଗୁ ରାଜଧାନୀ ଉପକଣ୍ଠ ଅଞ୍ଚଳଗୁଡ଼ିକର ତାତି ବଢୁଥିବା ଆଇଏମ୍‌ଡିର ଆଞ୍ଚଳିକ ମୁଖ୍ୟ କୁଲଦୀପ ଶ୍ରୀବାସ୍ତବ କହିଛନ୍ତି। ବିଶେଷ କରି ମୁଙ୍ଗେଶପୁର, ନରେଲା ଏବଂ ନାଜଫଗଡ଼ ସର୍ବପ୍ରଥମେ ଉତ୍ତପ୍ତ ବାୟୁପ୍ରବାହର ସମ୍ମୁଖୀନ ହୋଇଛି। ଖୋଲାସ୍ଥାନରେ ଅଧିକ ବିକିରଣ, ପ୍ରତ୍ୟକ୍ଷ ସୂର୍ଯ୍ୟକିରଣ ଏବଂ ଛାଇ ଅଭାବରୁ ତାପମାତ୍ରା ଅତ୍ୟଧିକ ବୃଦ୍ଧି ପାଇଥିବା ସ୍କାଏମେଟ୍ ୱେଦରର ପାଣିପାଗ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଉପାଧ୍ୟକ୍ଷ ମହେଶ ପଲାୱତ୍ କହିଛନ୍ତି। ତେବେ ଦିଲ୍ଲୀ ସର୍ବୋଚ୍ଚ ତାପମାତ୍ରା ୫୨.୩ ଡିଗ୍ରୀ ସେଲ୍‌ସିୟସରେ ୨ ଘଣ୍ଟା ସିଝିବା ପରେ ଅପରାହ୍ନରେ ବର୍ଷା ସାମାନ୍ୟ ଆଶ୍ୱସ୍ତି ଆଣିଛି।

ତାପମାତ୍ରା ବୃଦ୍ଧି ସହ ଦିଲ୍ଲୀର ବିଦ୍ୟୁତ୍ ଚାହିଦା ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବୁଧବାର ଅପରାହ୍ନରେ ବିଦ୍ୟୁତ୍ ଚାହିଦା ୮,୩୦୨ ମେଗାୱାଟ୍‌ରେ ପହଞ୍ଚିଥିବା ପାୱାର ଡିସ୍‌କମ୍ ପକ୍ଷରୁ କୁହାଯାଇଛି। ରାଜଧାନୀ ଇତିହାସରେ ପ୍ରଥମ ଥର ପାଇଁ ବିଦ୍ୟୁତ ଚାହିଦା ୮,୩୦୦ ମେଗାୱାଟ୍ ସୀମା ଅତିକ୍ରମ କରିଛି। ଚଳିତ ଗ୍ରୀଷ୍ମରେ ସର୍ବାଧିକ ଚାହିଦା ୮,୨୦୦ ମେଗାୱାଟ ମଧ୍ୟରେ ରହିବ ବୋଲି ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକ ପୂର୍ବରୁ ଆକଳନ କରିଥିଲେ। ଏଥିସହ ଜଳ ସଙ୍କଟ ମଧ୍ୟ ସମସ୍ୟା ସୃଷ୍ଟି ହୋଇଛି। ଜଳ ନଷ୍ଟ କରୁଥିବା ଲୋକଙ୍କ ଉପରେ ୨,୦୦୦ ଟଙ୍କା ଜରିମାନା ଲଗାଇବା ପାଇଁ ଦିଲ୍ଲୀ ସରକାର ନିଷ୍ପତ୍ତି ନେଇଛନ୍ତି। ଜଳ ନଷ୍ଟ ଉପରେ ନଜର ରଖିବାକୁ ମନ୍ତ୍ରୀ ଆତିଶୀ ବୁଧବାର ଦିଲ୍ଲୀ ଜଳବୋର୍ଡ(ଡିଜେବି)କୁ ପତ୍ର ଲେଖିଛନ୍ତି।

### ପାଣି ନଷ୍ଟକଲେ ୨,୦୦୦ ଟଙ୍କା ଜରିମାନା



**ଆଜିର ମନ୍ତବ୍ୟ**

"କଂଗ୍ରେସ ସହ ଆମ୍ ଆଦ୍‌ମୀ ପାର୍ଟିର ମେଣ୍ଟ ସ୍ଥାୟୀ ନୁହେଁ। ଲୋକ ସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବା ପାଇଁ ୨ ଦଳ ଏକାଠି ହୋଇଛନ୍ତି।
–ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ମିଡିଆ ସେଣ୍ଟର, ମୁଖ୍ୟ ନିର୍ବାଚନ ଅଧିକାରୀ, କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜାତୀୟ ଅଭିଲେଖାଗାରର ୨ୟ ମାସିକ ଆଲୋଚନାଚକ୍ର, ସ୍ଥାନ: ନାଶନାଲ ଆର୍କାଇଭ୍‌ସ ଅଫ ଇଣ୍ଡିଆ ରେକର୍ଡସ ସେଣ୍ଟର, ଏମ୍/୭୯, ମଧୁସୂଦନ ନଗର, ସମୟ: ଅପରାହ୍ନ ୫ଟା ୩୦।
- ନୃତ୍ୟାୟନ ପକ୍ଷରୁ ଗୁରୁଦେବର ୩୨ତମ ବାର୍ଷିକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- କଳାବିକାଶ କେନ୍ଦ୍ର ପକ୍ଷରୁ ଗ୍ରୀଷ୍ମକାଳୀନ ଶିବିରର ଉଦ୍‌ଯାପନୀ ଦିବସ, ସ୍ଥାନ: କଳାବିକାଶ କେନ୍ଦ୍ର ପରିସର, ସମୟ: ଅପରାହ୍ନ ୪ଟା ୩୦।

## ପୁରୀ

- ବାବା ବାସୁଦେବଙ୍କ ଚନ୍ଦନ ଉତ୍ସବ ଉଦ୍‌ଯାପନ, ସ୍ଥାନ: ବାବା ବାସୁଦେବଙ୍କ ପୀଠ, ହାଟସାହି, ନିମାପଡ଼ା, ସମୟ: ସକାଳ ୭ଟା।
- ପ୍ରଭୁ ଶ୍ରୀକପିଳେଶ୍ୱର ଦେବଙ୍କ ଚନ୍ଦନ ଉତ୍ସବ, ସ୍ଥାନ: ଚନ୍ଦନ ପୁଷ୍କରଣୀ ପାଟପୁର, ନିମାପଡ଼ା, ସମୟ: ଦିନ ଚାପ ଅପରାହ୍ନ ୪ଟା, ରାତି ଚାପ ସନ୍ଧ୍ୟା ୭ଟା।
- ସାକ୍ଷୀଗୋପାଳ ଠାକୁରଙ୍କ ଚନ୍ଦନ ଯାତ୍ରା ଶେଷ ଓ କୀଚକବଧ ନୀତି, ସ୍ଥାନ: ଚନ୍ଦନ ପୁଷ୍କରିଣୀ, ସମୟ: ରାତି ୮ଟା।

## ଖୋର୍ଦ୍ଧା

- ଉତ୍କଳେ ଭଉଁରୀ ଯାତ୍ରା, ସ୍ଥାନ: ଶ୍ରୀହଙ୍ଗକେଶ୍ୱରଙ୍କ ମନ୍ଦିର ଚନ୍ଦନ ପୋଖରୀ, ସ୍ଥାନ: ଅଟ୍ରି, ବାଘମାରୀ, ଖୋର୍ଦ୍ଧା,ସମୟ: ଅପରାହ୍ନ ୫ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ, ସ୍ଥାନ: ଅସରଳା, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ରାହୁଲ ଗାନ୍ଧୀଙ୍କ ସାଧାରଣ ସଭା, ସ୍ଥାନ: ମଇତାପୁର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ସାଧାରଣ ସଭା, ସ୍ଥାନ: ପଡିରାଜପୁର ଦୋଳମେଳନ ପଡିଆ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ସିମୁଳିଆ ନିର୍ବାଚନମଣ୍ଡଳୀ ଅଧୀନ ଅଡାଠାରେ ଭାଜପାର ସାଧାରଣ ସଭା, ସ୍ଥାନ: ଅଡା, ଖଇରା, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- .ରାହୁଲ ଗାନ୍ଧୀ ନିର୍ବାଚନୀ ସଭା, ସ୍ଥାନ: ରାଣୀତାଲ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ରୋଡ଼ ଶୋ, ସ୍ଥାନ: ବନ୍ତ, ଭଦ୍ରକ, ସମୟ: ଅପରାହ୍ନ ୧ଟା।
- ଭାଜପାର ନିର୍ବାଚନୀ ପ୍ରଚାର, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଶିକ୍ଷକଙ୍କୁ ବିଦାୟକାଳୀନ ସଭା, ସ୍ଥାନ: ଦୁଡୁଗାଁ, ଗୁଜୁଣା ଏବଂ ଆଗିରିଆ, ହାଟଡିହୀ, ସମୟ: ସକାଳ ୯ଟା।
- ସାଇ ସାଧନା କେନ୍ଦ୍ରରେ ମାସିକ ପାଠ ଚକ୍ର, ସ୍ଥାନ: ଇଂଚୋଳ, ହାଟଡିହୀ, ସମୟ: ଅପରାହ୍ନ ୫ ଟା।

## ମୟୂରଭଞ୍ଜ

- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ–୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ମାସିକ ନୃତ୍ୟ ଆସର, ସ୍ଥାନ: ଗଞ୍ଜାମ କଳା ପରିଷଦ, ବ୍ରହ୍ମପୁର, ସମୟ: ସନ୍ଧ୍ୟା ୬ଟା ୩୦।

## ଗଞ୍ଜାମ

- ଦିବ୍ୟ ଜୀବନ ସଂଘ ପକ୍ଷରୁ ସନ୍ୟାସ ଦୀକ୍ଷା ସମାରୋହ, ସ୍ଥାନ: ଛତ୍ରପୁର କେ. ଆର୍ଯ୍ୟପଲ୍ଲୀ ଶାଖା, ସମୟ: ପ୍ରାତଃ ୫ଟା।
- ମା' ସେନାପତି ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ,ସ୍ଥାନ:ବୁଗୁଡା ବ୍ଲକ ,ଭୋଗଡା ,ସମୟ:ସକାଳ ୮ଟା।
- ବ୍ରାହ୍ମଣୀଦେବୀଙ୍କ ନଗର ଭ୍ରମଣ, ସ୍ଥାନ: ଭଞ୍ଜନଗର ସହର ଭେଜିପୁଟ, ସମୟ: ସନ୍ଧ୍ୟା ୭ ଟା।
- ଭଜନ ସନ୍ଧ୍ୟା ସ୍ଥାନ:ଭଞ୍ଜନଗର ସହର ଭେଜିପୁଟ ଶିବ ମନ୍ଦିର ପଡ଼ିଆ, ସମୟ: ସନ୍ଧ୍ୟା ୮ ଟା।

## କନ୍ଧମାଳ

- ମା' ନାରାୟଣୀଙ୍କ ସାହି ପରିକ୍ରମା, ସ୍ଥାନ: ତହସିଲଦାରଙ୍କ ବାସ ଭବନରୁ ଆରମ୍ଭ, ଫୁଲବାଣୀ, ସମୟ: ସନ୍ଧ୍ୟା ୭ଟା।

## ନବରଙ୍ଗପୁର

- ସାଧାରଣ ନିର୍ବାଚନ ଭୋଟ ଗଣତି ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ମିଶନଶକ୍ତି ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ମାଣ୍ଡିଆ ପ୍ରକ୍ରିୟାକରଣର ବାର୍ଷିକ ପୂର୍ତ୍ତି ଉତ୍ସବ, ସ୍ଥାନ: ବାରିଣିପୁଟ, ଜୟପୁର, ସମୟ: ଅପରାହ୍ନ ୧ଟା।

## ସମ୍ବଲପୁର

- ସାଓଲିନ କୁଙ୍ଗୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୭ଟା ।
- ଅନ୍ୟା ପରିବାର ପକ୍ଷରୁ କବି ଉମାଶଙ୍କରଙ୍କ ସ୍ମୃତିରେ କାର୍ଯ୍ୟକ୍ରମ, ସ୍ଥାନ: ପବ୍ଲିକ ଲାଇବ୍ରେରୀ ସଭାକକ୍ଷ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଗ୍ରୀଷ୍ମକାଳୀନ ହକି ତାଲିମ ଶିବିର, ସ୍ଥାନ: ଟାଉନ୍ ବାଳକ ଉଚ୍ଚ ବିଦ୍ୟାଳୟ ପଡିଆ, ବଲାଙ୍ଗୀର,ସମୟ: ସକାଳ ୬ଟା।

## ସୁବର୍ଣ୍ଣପୁର

- କେପିଏଲ ଧମାକାର ପଞ୍ଚମ ଦିବସ, ସ୍ଥାନ: କୋଟସମଲାଇ, ଉଲ୍ଲୁଣ୍ଡା ସମୟ: ସକାଳ ୭ଟା।
- ନବାହ୍ନ ପାରାୟଣର ପଞ୍ଚମ ଦିବସ, ସ୍ଥାନ:ବଡବର୍ଡାକଟା ହରିହର ମନ୍ଦିର ପ୍ରାଙ୍ଗଣ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ଶୀତଳ ଷଷ୍ଠୀ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ତରଭା ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ମାଟ୍ରିକ ରାଜ୍ୟ ଟପ୍ପରଙ୍କୁ ସମ୍ବର୍ଦ୍ଧନା ଅବସରରେ ପଦଯାତ୍ରା, ସ୍ଥାନ: ଅତାବିରା ଦୁର୍ଗା ମନ୍ଦିର, ସମୟ: ସକାଳ ୭ଟା।
- ବୁଢ଼ାରଜା ଓ ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଜାମମାଲ, ଗାଇସିଲେଟ, ସମୟ: ସକାଳ ୮ଟା।

## କଳାହାଣ୍ଡି

- ଭୋଟ ଗଣତି ନିମନ୍ତେ ଏଆର୍‌ଓ ଓ ଏଇଆର୍‌ଓଙ୍କ ତାଲିମ ଶିବିର, ସ୍ଥାନ: ଟାଉନହଲ, ଭବାନୀପାଟଣା, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଷୋହଳ ପ୍ରହର ନାମଯଜ୍ଞ କଳସ ଯାତ୍ରା, ସ୍ଥାନ: କୋମନା ବ୍ଲକ କୁରେଶ୍ୱର ଗାଁ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ବରଗାଁ ଶ୍ରୀ ଶ୍ରୀ ରଘୁନାଥ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଓ ଚବିଶ ପ୍ରହର ନାମଯଜ୍ଞ ଅବସରରେ ଯଜ୍ଞ, ସ୍ଥାନ: ବରଗାଁ, କଣ୍ଟାମାଳ, ସମୟ: ସକାଳ ୯ଟା।
- ସିଦ୍ଧଗୁରୁ ମଠ ଡମ୍ବରୁଗାଡଠାରେ ବିଶ୍ୱଶାନ୍ତି ଧର୍ମ ମହାଯଜ୍ଞ ଶୁଭାରମ୍ଭ ଲାଗି ପ୍ରସ୍ତୁତି ବୈଠକ, ସ୍ଥାନ: ସିଦ୍ଧଗୁରୁ ମଠ, ଡମ୍ବରୁଗାଡ, ବୌଦ୍ଧ, ସମୟ: ଅପରାହ୍ନ ୪ଟା।

## ଝାରସୁଗୁଡ଼ା

- ନାମ ସଙ୍କୀର୍ତ୍ତନ ବୈଠକ, ସ୍ଥାନ: ଝାରସୁଗୁଡ଼ା ସହରସ୍ଥିତ ବଞ୍ଜାରୀ ଗ୍ରାମ, ସମୟ: ସକାଳ ୯ଟା।
- କୃଷ୍ଣ ଭଜନ ସନ୍ଧ୍ୟା, ସ୍ଥାନ: ବୁରୋମାଲ ଗ୍ରାମ ମଣ୍ଡପ, ଝାରସୁଗୁଡ଼ା ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ

- ଭୋଟ ଗଣନା ପାଇଁ ସମୀକ୍ଷା, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଭୋଟ ଗଣନା ପାଇଁ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟ ଗଣନା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ଅଳା ପଞ୍ଚାୟତ, ସମୟ: ଅପରାହ୍ନ ୪ଟା।
- ଭାଜପାର ରୋଡ ଶୋ' ସ୍ଥାନ: ଜଗତ୍‌ସିଂହପୁର ସହର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- କଂଗ୍ରେସର ରୋଡ଼ ଶୋ, ସ୍ଥାନ:ଓସ୍ତପୁର, କେନ୍ଦ୍ରାପଡ଼ା, ସମୟ:ପୂର୍ବାହ୍ନ ୧୦ଟା।
- ଭାଜପାର ରୋଡ଼ ଶୋ, ସ୍ଥାନ:କଂସାର, କେନ୍ଦ୍ରାପଡ଼ା, ସମୟ:ପୂର୍ବାହ୍ନ ୧୦ଟା।
- ଏଏପିର ରୋଡ଼ ଶୋ,ସ୍ଥାନ:ଜମ୍ବୁ, ମହାକାଳପଡ଼ା, ସମୟ: ଅପରାହ୍ନ ୨ଟା।
- ବିଜେଡିର ରୋଡ଼ ଶୋ, ସ୍ଥାନ:ଭରତପୁର, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୩ଟା।

## ଯାଜପୁର

- କୋରେଇ ଭାଜପାର ବାଇକ୍ ରାଲି,ସ୍ଥାନ : ବ୍ୟାସନଗର ଗୋଶାଳା ଅଞ୍ଚଳ,ସମୟ : ସକାଳ ୯ଟା।
- ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀଙ୍କ ବିଜୟ ସଙ୍କଳ୍ପ ସମାବେଶ,ସ୍ଥାନ : କାଏମା ଖେଳ ପଡ଼ିଆ,ସମୟ : ଅପରାହ୍ନ ୩ଟା।
- ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାର ବିଜୟ ସଙ୍କଳ୍ପ ସମାବେଶ,ସ୍ଥାନ : କାଳିଆପାଣି ପଡ଼ିଆ, ସୁକିନ୍ଦା, ସମୟ : ଅପରାହ୍ନ ୩ଟା।

## ନୟାଗଡ଼

- କଣ୍ଟିଲୋ ନୀଳମାଧବ ଜୀଉଙ୍କର ଚନ୍ଦନ ଯାତ୍ରାର ୨୧ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ନୟାଗଡ଼ର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ୨୧ତମ ଦିବସ, ସ୍ଥାନ:ନୟାଗଡ଼ ସାଗର ପୋଖରୀ, ସମୟ:ଅପରାହ୍ନ ୫ଟା।
- ରାମଚରିତ ମାନସ ପାରାୟଣର ୪ର୍ଥ ଦିବସରେ ଭକ୍ତ ରସସତ୍ତ୍ୱର ପ୍ରତୀକ ଭରତ ଉପରେ ପ୍ରବଚନ, ସ୍ଥାନ: ନୟାଗଡ଼ ମାଛିପଡା ତିନି ଦୋଳ ଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀରଘୁନାଥ ଜୀଉଙ୍କ ଭଉଁରୀ ଯାତ୍ରାର ୨୧ତମ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀରାମ ସାଗର,ସମୟ:ସନ୍ଧ୍ୟା ୭ଟା।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ୨୧ତମ ଦିବସ, ସ୍ଥାନ:ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ,ସମୟ:ସନ୍ଧ୍ୟା ୭ଟା।

# ଓଡ଼ିଆ ଚ୍ୟାନେଲ ବିରୋଧରେ ଇସିଙ୍କ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୯।୫(ପି.ଟି.): ନିର୍ବାଚନ କମିଶନ(ଇସି)ଙ୍କ କଟକଣା ସତ୍ତ୍ୱେ ଓଡ଼ିଶାର ଏକ ଟିଭି ଚ୍ୟାନେଲ ଏକ୍‌ଜିଟ ପୋଲ୍ ସମ୍ପର୍କିତ ଖବର ପ୍ରସାରଣ କରୁଥିବା ନେଇ ଅଭିଯୋଗ ହୋଇଥିଲା। କମିଶନ ବୁଧବାର ରାତିରେ ଉକ୍ତ ଓଡ଼ିଆ ନ୍ୟୁଜ୍ ଚ୍ୟାନେଲ ବିରୋଧରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜନ ପ୍ରତିନିଧି ଆଇନ, ୧୯୫୧ର ଧାରା ୧୨୬ଏ ଅଧୀନରେ ଏକ୍‌ଜିଟ୍ ପୋଲ୍ ଉପରେ ଇସି ରୋକ୍ ଲଗାଇଛନ୍ତି। ତଦନୁସାରେ ଜୁନ୍ ୧ ସନ୍ଧ୍ୟାରେ ସମସ୍ତ ୭ଟି ଯାକ ପର୍ଯ୍ୟାୟରେ ଭୋଟ ଗ୍ରହଣ ଶେଷ ହେବା ପରେ ଚ୍ୟାନେଲଗୁଡ଼ିକ ଏକ୍‌ଜିଟ ପୋଲ୍ ପ୍ରସାରଣ କରିପାରିବେ। ମାର୍ଚ୍ଚ ୨୮ରେ ଇସି ଏ ସମ୍ପର୍କିତ ନିର୍ଦ୍ଦେଶନାମା ଜାରି କରିଥିଲେ।

# ରଥର ଚକ ଅଖ ଡେରା ନୀତି ସମ୍ପନ୍ନ



ପୂଜାପଣ୍ଡା ସାମନ୍ତ ନନ୍ଦିଘୋଷ ରଥ ଚକରେ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରୁଛନ୍ତି।

ପୁରୀ,୨୯।୫(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଭଉଁରି ଯାତ୍ରା ଅବସରରେ ବୁଧବାର ଶ୍ରୀକ୍ଷେତ୍ରରେ ତିନି ରଥର ଚକ ଅଖ ଡେରା ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରୁ ତିନିଜଣ ପୂଜାପଣ୍ଡା ସାମନ୍ତ ସେବକ ମହାପ୍ରଭୁଙ୍କ ଆଜ୍ଞାମାଳ ରଥଖଳାକୁ ବିଜେ କରାଇବା ପରେ ରଥର ଦୁଇଟି ଲେଖାଏ ଚକ ସହ ଗୋଟିଏ ଲେଖାଏ ଅଖ ଡେରାଯାଇଥିଲା। ଏହି ନୀତି ସମ୍ପନ୍ନ ହେବା ସହ ରଥଯାତ୍ରାର ଆଉ ଏକ ପର୍ଯ୍ୟାୟ ଆରମ୍ଭ ହୋଇଛି।

ଶ୍ରୀମନ୍ଦିର ସ୍ୱତ୍ୱଲିପି ଏବଂ ରଥ ସଂହିତା ଅନୁଯାୟୀ, ଭଉଁରି ଯାତ୍ରା ଦିନ ତିନି ରଥର ଚକ–ଅଖ ଡେରା କାର୍ଯ୍ୟ ସମ୍ପନ୍ନ କରାଯାଇଥାଏ। ଏହି କ୍ରମରେ ବୁଧବାର ଭୋରରୁ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି ହୋଇ ଭିତରଶୋଧ ଓ ମଙ୍ଗଳ ଆଳତି ପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢି ସକାଳ ଧୂପ ଶେଷ ହୋଇ ପାଣି ପଡ଼ିଥିଲା। ପୂର୍ବରୁ ରଥଖଳା ନିକଟରୁ ୬ଟି ଚକକୁ ଭୋଇ ସେବକମାନେ ଆଣି ତିନିରଥର ଗୋଟିଏ ଲେଖାଏ ଅଖ ନିକଟରେ ରଖିଥିଲେ। ରଥଖଳାରେ ଆଜ୍ଞାମାଳ ପହଞ୍ଚିବା ପରେ ଭୋଇ ସେବକମାନେ ଚକରେ ଅଖ ସଂଯୋଗ କରିଥିଲେ। ପରମ୍ପରା ଅନୁଯାୟୀ, ପ୍ରଥମେ ପ୍ରଭୁ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥର ଚକ–ଅଖ ସଂଯୋଗ କରାଯାଇଥିଲା। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ଏବଂ ଶେଷରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥର ଚକ ଅଖ ସଂଯୋଗ କରାଯାଇଥିଲା। ରାଜନଅରଠାରେ ଆଜ୍ଞାମାଳ ଧରିଥିବା ପୂଜାପଣ୍ଡା ସାମନ୍ତ ଘଣ୍ଟ, ଛତା, କାହାଳୀ ସହ ଚକଡେରା ସ୍ଥାନକୁ ଆସିଥିଲେ। ପ୍ରଥମେ ସେ ତାଳଧ୍ୱଜ, ପରେ ନନ୍ଦିଘୋଷ ଏବଂ ଶେଷରେ ଦେବଦଳନ ରଥରେ ସଂଯୋଗ ହୋଇଥିବା ଚକ ଓ ଅଖରେ ଆଜ୍ଞାମାଳ ପ୍ରଦାନ କରିଥିଲେ। ପରେ ସେ ତିନି ରଥର ମୁଖ୍ୟ ବିଶ୍ୱକର୍ମାଙ୍କୁ ଆଜ୍ଞାମାଳ ପ୍ରଦାନ କରିଥିଲେ।

# ଉଚ୍ଚଶିକ୍ଷା ଆବେଦନକୁ ସରଳ କରୁଛି ମାଟ୍ରିକ ଡିଜିଟାଇଜ୍‌ଡ ସାର୍ଟିଫିକେଟ୍

ଭୁବନେଶ୍ୱର,୨୯।୫
(ଅନୁରାଧା ମହାରଣା)

ଚଳିତ ବର୍ଷ ଛାତ୍ରୀଛାତ୍ରଙ୍କୁ ମାଟ୍ରିକ ସାର୍ଟିଫିକେଟ୍ ପାଇଁ ଅଧିକ ଦିନ ଅପେକ୍ଷା କରିବାକୁ ପଡୁନାହିଁ। ବର୍ତ୍ତମାନ ଅନ୍‌ଲାଇନ୍‌ରେ ମିଳୁଛି ଡିଜିଟାଇଜ୍‌ଡ ସାର୍ଟିଫିକେଟ୍। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ନିଷ୍ପତ୍ତି ଅନୁଯାୟୀ, ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରୀ ଫଳ ପ୍ରକାଶନର ୭ଦିନ ମଧ୍ୟରେ ନିଜର ଡିଜିଟାଇଜ୍‌ଡ ସାର୍ଟିଫିକେଟ୍ ବିନା କୌଣସି ମୂଲ୍ୟରେ ବୋର୍ଡ ୱେବ୍‌ସାଇଟ ଏବଂ ହ୍ୱାଟ୍ସଆପ ମାଧ୍ୟମରେ ଡାଉନ୍‌ଲୋଡ୍ କରିପାରୁଛନ୍ତି। ଉଚ୍ଚଶିକ୍ଷା ପାଇଁ ଆବେଦନ ଲାଗି ଏହି ଡିଜିଟାଇଜ୍‌ଡ ସାର୍ଟିଫିକେଟ ବ୍ୟବହାର ହୋଇପାରୁଥିବାରୁ ପିଲାଙ୍କ ପାଇଁ ଆଉ ଅଧିକ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଅନ୍‌ଲାଇନରେ ଘରେ ବସି ନିଜ ଫୋନ୍ ମାଧ୍ୟମରେ ସାର୍ଟିଫିକେଟ ଡାଉନ୍‌ଲୋଡ୍ କରିବା ସହ ଉଚ୍ଚ ଶିକ୍ଷା ପାଇଁ ଆବେଦନ କରିପାରିବେ। ଏହାର ଡାଉନ୍‌ଲୋଡ୍ ପ୍ରକ୍ରିୟା ମଧ୍ୟ ସହଜ। ଆଡ୍‌ମିଟ କାର୍ଡରେ ଥିବା ରୋଲ୍ ନମ୍ବର ସହାୟତାରେ ବୋର୍ଡ ୱେବସାଇଟ୍ ଏବଂ ହ୍ୱାଟ୍ସଆପ୍ ମାଧ୍ୟମରେ ମାଟ୍ରିକ ସାର୍ଟିଫିକେଟ ଓ ମାର୍କଶିଟ୍ ମିଳିପାରୁଛି। ଏ ସମ୍ବନ୍ଧୀୟ ଯେକୌଣସି ସମସ୍ୟାର ସମାଧାନ ପାଇଁ ବୋର୍ଡ ପକ୍ଷରୁ ଏକ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି। (୦୬୭୧)୨୪୧୨୦୫୯ /୨୪୧୨୦୬୦ ନମ୍ବରରେ ସମ୍ପର୍କକରି ପରୀକ୍ଷାର୍ଥୀ ତଥା ଅଭିଭାବକମାନେ ଡିଜିଟାଲ ସାର୍ଟିଫିକେଟ ସହ ଜଡ଼ିତ ସମସ୍ତ ତଥ୍ୟ ପାଇପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

### ହେଲ୍ପଲାଇନ ନମ୍ବର ଜାରି କଲା ବୋର୍ଡ

# ଆଦିବାସୀଙ୍କ ଜମି ବିକ୍ରି ପ୍ରସଙ୍ଗ କ୍ୟାବିନେଟ୍‌ରେ ଆସିବା କଥା ମନ୍ତ୍ରୀ ବି ଜାଣି ନ ଥିଲେ: ଭାଜପା

ଭୁବନେଶ୍ୱର, ୨୯।୫(ସୁନିତ୍ ମିଶ୍ର)

ଆଦିବାସୀମାନେ ଅଣଆଦିବାସୀମାନଙ୍କୁ ଜମି ବିକ୍ରି କରିପାରିବେ ବୋଲି ଓଡ଼ିଶା କ୍ୟାବିନେଟ୍‌ରେ ଏକ ନିଷ୍ପତ୍ତି ହୋଇଥିଲା। ତେବେ କେଉଁ ପରିପ୍ରେକ୍ଷୀରେ ବିଜେଡି ସରକାର ଏହି ନିଷ୍ପତ୍ତି ନେଇଥିଲା ଏବଂ ଏହା ପଛରେ କେଉଁ ମନ୍ଦ ଉଦ୍ଦେଶ୍ୟ ଥିଲା ତାହା ରାଜ୍ୟବାସୀ ଜାଣିବା ଆବଶ୍ୟକ। ବିଜେଡି ସରକାର ଆଦିବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ କି ପ୍ରକାର କାନ୍ଦୁଥିଲେ ସେ ବିଷୟରେ ଓଡ଼ିଶାର ଆଦିବାସୀଙ୍କୁ ଅଛପା ନାହିଁ। ଏନେଇ କେତେଜଣ କ୍ୟାବିନେଟ୍ ମନ୍ତ୍ରୀଙ୍କ ସହ କଥା ହୋଇଥିଲି। କ୍ୟାବିନେଟ୍ ସାମ୍ନାରେ ଚିଠା ଆଗତ ବେଳେ ଆଦିବାସୀଙ୍କ ଜମି ବିକ୍ରି ପ୍ରସଙ୍ଗ ଉଠି ନ ଥିଲା। ହଠାତ୍ ସ୍ପେଶାଲ ମେମୋରାଣ୍ଡମ୍ ଭାବେ ଏହା ସାମ୍ନାକୁ ଆସିଲା। କ୍ୟାବିନେଟ୍ ସରିଲା ବେଳକୁ ଏହା ଅନୁମୋଦନ ହୋଇଛି ବୋଲି ଘୋଷଣା କରାଗଲା, ମାତ୍ର ଏହାକୁ ବିରୋଧ କରିବାରୁ ତାହା ଏ ପର୍ଯ୍ୟନ୍ତ ସ୍ଥଗିତ ରହିଛି। କ୍ୟାବିନେଟ୍ ଓ ସରକାରୀ କାର୍ଯ୍ୟ କିଭଳି ଚାଲିଛି ଏହି ଘଟଣାରୁ ସ୍ପଷ୍ଟ ଜଣାପଡୁଛି ବୋଲି ଭାଜପାର କଟକ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭର୍ତ୍ତୃହରି କହିଛନ୍ତି, ବିଜେଡି ସରକାରରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଓଡ଼ିଶାରେ କେତେ ଶିକ୍ଷକ ପଦବୀ ଖାଲି ପଡ଼ିଛି ଏହା ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ଦ୍ୱାରା ଆମେ ଅବଗତ ଅଛୁ। କିନ୍ତୁ ନବୀନବାବୁ ପ୍ରଚାର କରୁଛନ୍ତି, ସେ କୁଆଡ଼େ ଶିକ୍ଷାର ଉନ୍ନତି କରିଛନ୍ତି। ଓଡ଼ିଶାର ଯୁବକଙ୍କୁ ପ୍ରଗତି ଦିଗରେ ନେବାକୁ ହେଲେ ଶିକ୍ଷୟିତ୍ରୀଶିକ୍ଷକଙ୍କ ନିଯୁକ୍ତିର ଆବଶ୍ୟକତା ରହିଛି । ନବୀନ ସରକାର ଗତ ୧୦ ବର୍ଷ ଭିତରେ ଏଥିପ୍ରତି ଧ୍ୟାନ ଦେଇନାହାନ୍ତି। ସେହିପରି ଓଡ଼ିଶାରେ କେତେ ସରକାରୀ ପଦବୀ ଖାଲି ପଡ଼ିଛି ତାହା ମଧ୍ୟ ନବୀନବାବୁଙ୍କୁ ଜଣାନାହିଁ। ଭାଜପା ପକ୍ଷରୁ 'ନିଯୁକ୍ତି ମେଳା' କରି ଯୁବକଙ୍କୁ ନିଯୁକ୍ତି ଦିଆଯାଉଛି। କିନ୍ତୁ ସତ କଥା ହେଉଛି ଓଡ଼ିଶାରେ ଖାଲି ପଡ଼ିଥିବା ପଦବୀଗୁଡ଼ିକ ପୂରଣ କରିବା ପାଇଁ କୌଣସି ପ୍ରକ୍ରିୟା ହେଉନାହିଁ। ଭାଜପା କ୍ଷମତାକୁ ଆସିଲେ ମୁମୂର୍ଷୁ ଅବସ୍ଥାରେ ଥିବା ଓପିଏସ୍‌ସିକୁ ସଂଶୋଧନ କରାଯିବ। ଓଡ଼ିଶାରେ ୩ଟି ପର୍ଯ୍ୟାୟ ନିର୍ବାଚନ ସରିଛି। ଏଥିରୁ ମିଳିଥିବା ଜନମତରୁ ସ୍ପଷ୍ଟ ଜଣାପଡୁଛି ଭାଜପା ଓଡ଼ିଶାରେ ସରକାର ଗଠନ କରିବ। ଆସନ୍ତା ୧ରେ ୪ର୍ଥ ପର୍ଯ୍ୟାୟ ନିର୍ବାଚନ ହେବାକୁ ଯାଉଛି। ୬ଟି ଲୋକ ସଭା ଓ ୪୨ଟି ବିଧାନସଭା କ୍ଷେତ୍ରରେ ଭୋଟ ହେବ। ଏଥିରେ ମଧ୍ୟ ଭାଜପା ଭଲ ପ୍ରଦର୍ଶନ କରିବା ସୁନିଶ୍ଚିତ ବୋଲି ଭର୍ତ୍ତୃହରି କହିଛନ୍ତି।

# ଓଡ଼ିଶା ପ୍ରଗତିର ବାଧକ ସାଜିଛନ୍ତି କେନ୍ଦ୍ର ସରକାର: ବିଜେଡି

ଭୁବନେଶ୍ୱର,୨୯।୫(ଅନିଲ ଦାସ)

ରେଲୱେ କ୍ଷେତ୍ରରେ କ୍ରମାଗତ ଭାବେ ଓଡ଼ିଶା ଅବହେଳାର ଶିକାର ହୋଇଆସୁଛି । କେନ୍ଦ୍ରରେ ଥିବା ସରକାରଙ୍କ ଦ୍ୱାରା ସ୍ୱାଧୀନତାର ୭୬ବର୍ଷ ପରେ ବି ଓଡ଼ିଶାକୁ ଏହାର ହକ୍ ମିଳିପାରିନାହିଁ। ଓଡ଼ିଶାର ରେଳପଥ ସାନ୍ଦ୍ରତା ଯେ କେବଳ ଜାତୀୟ ହାରାହାରି ସାନ୍ଦ୍ରତାଠାରୁ କମ୍ ରହିଛି ତାହା ନୁହେଁ, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଭଳି ପଡ଼ୋଶୀ ରାଜ୍ୟଠାରୁ ମଧ୍ୟ ଯଥେଷ୍ଟ ପଛରେ ରହିଛି। ପୂର୍ବ ଭାରତର ବିକାଶ କଥା ବାରମ୍ବାର ଡିଣ୍ଡିମ ପିଟା ଯାଉଥିବା ବେଳେ ଓଡ଼ିଶା ପୂର୍ବ ଭାରତର ରାଜ୍ୟମାନଙ୍କ ତୁଳନାରେ ରେଳ ସାନ୍ଦ୍ରତା କ୍ଷେତ୍ରରେ ସବୁଠାରୁ ତଳେ ରହିଛି ବୋଲି ବିଜେଡି ରାଜ୍ୟ ସଭା ସଦସ୍ୟ ମମତା ମହାନ୍ତ କହିଛନ୍ତି। ବୁଧବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶାର ବିଭିନ୍ନ ନ୍ୟାଯ୍ୟ ଦାବିକୁ କେନ୍ଦ୍ର ସରକାରଙ୍କ ଅଣଦେଖା କରୁଥିବା କହି ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଆସାମର ରେଳ ସାନ୍ଦ୍ରତା ୩୧.୫୧୯ ମିଟର ପ୍ରତି ବର୍ଗ କିଲୋମିଟର ରହିଥିଲା ବେଳେ ବିହାରର ୩୯.୬୧୭ ମିଟର ପ୍ରତି ବର୍ଗ କିଲୋମିଟର, ଝାଡଖଣ୍ଡର ୩୦.୦୩୮ ମିଟର ପ୍ରତି ବର୍ଗ କିଲୋମିଟର, ପଶ୍ଚିମବଙ୍ଗର ୩୧.୧୪୦ ମିଟର ପ୍ରତି ବର୍ଗ କିଲୋମିଟର ରହିଛି। ଏହି ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାର ରେଳ ସାନ୍ଦ୍ରତା ୧୬.୫୧୯ ମିଟର ପ୍ରତି ବର୍ଗ କିଲୋମିଟର, ଅର୍ଥାତ୍ ସର୍ବନିମ୍ନ ରହିଛି। ଅନ୍ୟପକ୍ଷରେ ଗତ ୧୦ ବର୍ଷ ମଧ୍ୟରେ ରେଲୱେ ଓଡ଼ିଶାରୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରିଛି। ରାଜ୍ୟର ୭ ଜିଲା ରେଳସେବାରୁ ବଞ୍ଚିତ ହୋଇ ରହିଛି। ଓଡ଼ିଶାରେ ରେଲୱେର କୌଣସି ନୂଆ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ମାଗଣାରେ ଜମି ଏବଂ ୫୦ ପ୍ରତିଶତ ଅର୍ଥ ପ୍ରଦାନ କରୁଥିଲେ ହେଁ ଏଯାଏ ଅନେକ ପ୍ରକଳ୍ପର ନିର୍ମାଣ କାମ ଶେଷ ହୋଇପାରୁ ନାହିଁ। ମୟୂରଭଞ୍ଜସ୍ଥିତ ବମ୍ବେ ଛକରେ ଦୀର୍ଘଦିନ ଧରି ଫ୍ଲାଏଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ଫଳରେ ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଅନ୍ୟପକ୍ଷରେ ଦେଶରେ ପ୍ରଥମ ଥର ପାଇଁ ଓଡ଼ିଶା ରାଜ୍ୟ ସରକାର ଆଦିବାସୀ ଅଧ୍ୟୁଷିତ ୨୩ଟି ଜିଲାରେ ସ୍ପେଶାଲ ଡେଭଲପମେଣ୍ଟ କାଉନସିଲ(ଏସ୍‌ଡିସି) ଗଠନ କରି ଆଦିବାସୀ ଭାଷା ସଂସ୍କୃତିର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ ଜାରି ରଖିଛନ୍ତି। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ ସକାଶେ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ କେନ୍ଦ୍ର ସରକାର ଏ ବାବଦରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ୨୦୧୫ରେ କେନ୍ଦ୍ର ସରକାର ଓଡ଼ିଶାର ୬ଟି ଉପକୂଳ ଜିଲାକୁ ସଂଯୋଗ କରି ଏକ କୋଷ୍ଟାଲ ରାଜପଥ ତିଆରି କରିବା ପାଇଁ ଘୋଷଣା କରିଥିଲେ। ବାରମ୍ବାର ରାଜ୍ୟ ସରକାର ଓ ବିଜୁ ଜନତା ଦଳର ଏମ୍‌ପିମାନେ ପାର୍ଲାମେଣ୍ଟରେ ଏ ବିଷୟ ଉତ୍‌ଥାପନ କଲେ ମଧ୍ୟ କେନ୍ଦ୍ର ସରକାର ଏଯାବତ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । ନିର୍ବାଚନ ସମୟରେ ଓଡ଼ିଶା ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ଭାଜପା ନେତାମାନେ ଯଦି ଟିକେ ଆଗ୍ରହ ପ୍ରକାଶ କରିଥାନ୍ତେ ତାହାହେଲେ ଆଜି ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ ଜିଲା ସହିତ ରାଜ୍ୟର ଅର୍ଥନୀତି ସୁଦୃଢ଼ ହୋଇପାରିଥାନ୍ତା ବୋଲି ମମତା କହିଛନ୍ତି।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ଆଜି ଯାହା ଚାହୁଁଛନ୍ତି ପାଇବେ ଏବଂ ବନ୍ଧୁଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଗୁରୁ ଓ ଶୁକ୍ର ପ୍ରଭାବରୁ ନୂଆ ଯୋଜନା ଲାଗି ମନ ବଳାଇବେ। ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଦେଖାକରିବାକୁ ପ୍ରସ୍ତୁତ ହୋଇପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ କେତେକ ଆକସ୍ମିକ ସମସ୍ୟା ହଠାତ୍ ଦେଖାଦେବା କାରଣରୁ ସ୍ଥଗିତ ରହିପାରେ।

**ବୃଷ** ଆତ୍ମୀୟା କିମ୍ବା ବନ୍ଧୁଙ୍କ ଦ୍ୱାରା ସ୍ଥଗିତ କାମଟି ସହଜରେ ହାସଲ କରିପାରିବେ। ଦିନସାରା କୌଣସି ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇ ପ୍ରଶଂସିତ ଓ ସମ୍ମାନିତ ହୋଇପାରନ୍ତି। ପାଖପଡ଼ୋଶୀଙ୍କ ସହାୟତା ଆଶାକରି ସଫଳତା ହାସଲ କରିବେ। ରୋହିଣୀ ନକ୍ଷତ୍ର ସଙ୍ଗୀତ, କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବେ।

**ମିଥୁନ** ଦୂର ସମ୍ପର୍କୀୟଙ୍କ ସହ ଟଙ୍କା ପଇସାକୁ କେନ୍ଦ୍ରକରି କଳହର ଅବସାନ ଘଟିବ। ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସଫଳତା ନିଶ୍ଚୟ ପାଇବେ। ପରିବାର ଭିତରେ ପୁରୁଣା କଥାକୁ ଦୋହରାଇବା କଳହର କାରଣ ହୋଇପାରେ। ମୃଗଶିରା ନକ୍ଷତ୍ର ସକାଶେ ପୁରାତନ ରୋଗର ପୀଡ଼ା କାମ କରିବାକୁ ନିରୁତ୍ସାହିତ କରିବ।

**କର୍କଟ** ପରିବାର ସହମତିରେ କାମକରି ସବୁଠି ପ୍ରଶଂସିତ ହେବେ। ନିଜେ ଅସୁବିଧାରେ ଥିଲେ ମଧ୍ୟ ବନ୍ଧୁଙ୍କୁ ଯଥାସାଧ୍ୟ ସାହାଯ୍ୟ କରିବେ। ଅଶ୍ଳେଷା ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ମାତ୍ର କୌଣସି ପ୍ରିୟଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ସିଂହ** ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ରର ପ୍ରତ୍ୟେକ କାମ ଯଥା ସମୟରେ ସାଧିତ ହେବାରୁ ମନ ପ୍ରଫୁଲ୍ଲ ରହିବ। ପରିବାର, ବ୍ୟବସାୟ, ଯାତ୍ରା, କଳା, ସାହିତ୍ୟାଦି କ୍ଷେତ୍ର ରୁଚିପ୍ରଦ ହୋଇପାରେ। ମାତ୍ରାଧିକ ଭ୍ରମଣ ଓ କାମର ଚାପ ଯୋଗୁ କ୍ଲାନ୍ତି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତିସୂଚକ କଥା ଶୁଣି ମନ ହାଲୁକା ହୋଇଯିବ।

**କନ୍ୟା** କର୍ମକ୍ଷେତ୍ରରେ କୃତକାର୍ଯ୍ୟ ହେବେ ତଥାପି ଘରର କେତେକ ଅସଜଡ଼ା କାମକୁ ନେଇ ମନ ଉଦ୍‌ବିଗ୍ନ ରହିବ। ଗୃହୋପକରଣ କିଣିବା ଯୋଜନା କରି କାର୍ଯ୍ୟରେ ପରିଣତ କରିପାରନ୍ତି। ଚିତ୍ରା ନକ୍ଷତ୍ର ଆଜି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବାଣିଜ୍ୟ, ପରିବହନ କ୍ଷେତ୍ରରେ ଉନ୍ନତିର ସମ୍ଭାବନା ରହିଛି।

**ତୁଳା** ଆଜି ଯୁଦ୍ଧକାଳୀନ ଭିତ୍ତିରେ ବାକିଆ କାମ ସାରିବେ ଏବଂ ବନ୍ଧୁଙ୍କ ପ୍ରିୟଭାଜନ ହେବେ। ବିଶାଖା ନକ୍ଷତ୍ରର ଦୀର୍ଘମିଆଦୀ ଯୋଜନା ଫସର ଫାଟିଯିବାରୁ ମନ ଭଲ ରହି ନ ପାରେ। ବନ୍ଧୁ ଅନ୍ୟର କାନକୁହା କଥା ଶୁଣି ଆପଣଙ୍କୁ ଭୁଲ୍ ବୁଝିପାରନ୍ତି। ଅବଶ୍ୟ ଅଟକି ରହିଥିବା ବ୍ୟବସାୟ ଓ ପରିବହନଜନିତ ସମସ୍ୟା ସମାଧାନ ହୋଇପାରିବ।

**ବିଛା** ଅନୁରାଧା ନକ୍ଷତ୍ର ପାଇଁ ପୁରାତନ ରୋଗପୀଡ଼ା ଆଜିର ଜୀବନଯାତ୍ରାକୁ ପ୍ରତିରୋଧ କରିବ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ଉପରିସ୍ଥଙ୍କ ବିଶ୍ୱାସକୁ ନେଇ କାମକଲେ ସହଯୋଗର ଅଭାବ ରହିବ ନାହିଁ। ଗୃହ, ରାସ୍ତାଘାଟ, ନିର୍ମାଣ କ୍ଷେତ୍ରରେ ଅଟକି ରହିଥିବା କାମ କରିବାର ନିଷ୍ପତ୍ତି ନେବେ।

**ଧନୁ** ସମସ୍ୟା ସମାଧାନ ହୋଇଯିବ ଓ ପ୍ରାପ୍ୟ ପାଇବାରେ ଅସୁବିଧା ରହିବ ନାହିଁ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧହେବେ। ଉତ୍ତରାଷାଢ଼ା ନକ୍ଷତ୍ର ସାଙ୍ଗଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଭାଇ ଭାଇ ଭିତରେ ଟଣାଓଟରା ଦେଖାଦେଇପାରେ।

**ମକର** ସ୍ୱାସ୍ଥ୍ୟହାନି ସାଙ୍ଗକୁ ବାଧତାମୂଳକ ଯାତ୍ରା ମନକୁ ଭାରାକ୍ରାନ୍ତ କରିବ। କଳା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ସାହିତ୍ୟ କ୍ଷେତ୍ରରେ ସୃଷ୍ଟ ସମସ୍ୟା ସମାଧାନ ହୋଇଯିବ। ଭଲକଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଶ୍ରବଣା ନକ୍ଷତ୍ର ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ।

**କୁମ୍ଭ** ପୂର୍ବଭାଦ୍ରବ ନକ୍ଷତ୍ର ସୌଜନ୍ୟମୂଳକ କଥାବାର୍ତ୍ତା ଓ ଅର୍ଥର ସଦ୍‌ବ୍ୟବହାର ପ୍ରତି ଧ୍ୟାନଦେଲେ ଭଲ। ପାରିବାରିକ ଶୃଙ୍ଖଳା ରକ୍ଷାଲାଗି କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ ହୋଇପାରନ୍ତି। କୌଣସି ନୀଚଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

**ମୀନ** ପାରିବାରିକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବା ସକାଶେ ବାଧ ହୋଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କାମର ଜଞ୍ଜାଳ ହେତୁ ଗୁଡ଼ାଏ ଚିନ୍ତାକରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଉତ୍ତରଭାଦ୍ରବ ନକ୍ଷତ୍ର ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ।

ଆଜି ମେ' ୩୦ ତାରିଖ, ଶ୍ରୀକ୍ଷେତ୍ରେ ହଳଦିପାଣି, ଗଣକବି ଗୋପାଳ ଦାସ ଜୟନ୍ତୀ, ଜ୍ୟେଷ୍ଠ କୃଷ୍ଣ ସପ୍ତମୀଯୁକ୍ତ ଅଷ୍ଟମୀ, ଗୁରୁବାର, ଶରଣ, ରାଶି ନକ୍ଷତ୍ର–ଶତଭିଷା/କୁମ୍ଭ, ସପ୍ତମୀ ଓ ଅଷ୍ଟମୀର ଏକୋଦ୍ଦିଷ୍ଟ ଏବଂ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୧୧ମି. ଗତେ ଘ.୦୬।୦୩ମି. ମଧ୍ୟେ, ଘ.୦୯।୩୩ମି. ଗତେ ଘ.୧୧।୧୮ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୨୨ମି. ଗତେ ଘ.୦୩।୦୦ମି. ମଧ୍ୟେ ରାହୁକାଳ ॥




# ନିର୍ବାଚନ ଲଢ଼ୁଥିବା ୩୨୪ ଏମ୍‌ପିଙ୍କ ସମ୍ପତ୍ତି ୪୩% ବଢ଼ିଛି

**ନୂଆଦିଲ୍ଲୀ,୨୯।୫(ପି.ଟି.)**

ଏଥର ପୁନର୍ବାର ଲୋକ ସଭା ନିର୍ବାଚନ ଲଢୁଥିବା ୩୨୪ ଏମ୍‌ପିଙ୍କ ସମ୍ପତ୍ତି ଗତ ୫ ବର୍ଷରେ ହାରାହାରି ୪୩ ପ୍ରତିଶତ ବୃଦ୍ଧି ପାଇଛି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ କରାଯାଇଥିବା ଗତ ୫ ବର୍ଷର ଅନୁଶୀଳନରୁ ଏହା ଜଣାପଡ଼ିଛି। ୨୦୧୯ରେ ଏହି ଏମ୍‌ପିମାନଙ୍କ ହାରାହାରି ସମ୍ପତ୍ତି ୨୧.୫୫ କୋଟି ଟଙ୍କା ଥିବାବେଳେ ଏବେ ତାହା ୩୦.୮୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅର୍ଥାତ ୫ ବର୍ଷରେ ଏମ୍‌ପିମାନଙ୍କ ସମ୍ପତ୍ତି ହାରାହାରି ୯.୩୩ କୋଟି ଟଙ୍କା ବଢ଼ିଥିବା ଏଡିଆର୍ ରିପୋର୍ଟରେ କୁହାଯାଇଛି, ଯାହା କି ପୂର୍ବ ସମ୍ପତ୍ତିର ୪୩ ପ୍ରତିଶତ। ଭାଜପାର ୧୮୩ ଏମ୍‌ପି ଏଥର ନିର୍ବାଚନ ଲଢୁଥିବାବେଳେ ସେମାନଙ୍କ ସମ୍ପତ୍ତି

## ବିଜେଡି ଏମ୍‌ପିଙ୍କ ସମ୍ପତ୍ତି ୧୮୪.୦୨% ବୃଦ୍ଧି

ହାରାହାରି ୩୯.୧୮ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୯ରେ ସେମାନଙ୍କ ହାରାହାରି ସମ୍ପତ୍ତି ୧୮.୪୦ କୋଟି ଥିବାବେଳେ ୨୦୨୪ରେ ୨୫.୬୧ କୋଟି ହୋଇଛି। ଅନ୍ୟପକ୍ଷରେ କଂଗ୍ରେସର ୩୬ ଏମ୍‌ପିଙ୍କ ସମ୍ପତ୍ତି ୪୮.୭୬ ପ୍ରତିଶତ ବଢ଼ିଛି। ପୂର୍ବରୁ ସେମାନଙ୍କ ହାରାହାରି ସମ୍ପତ୍ତି ପରିମାଣ ୪୪.୧୩ କୋଟି ଥିବାବେଳେ ଏବେ ୬୫.୬୪ କୋଟି ଟଙ୍କା ହୋଇଛି। ସେହିପରି ୫ ବର୍ଷ ମଧ୍ୟରେ ବିଜେଡି ଏମ୍‌ପିଙ୍କ ସମ୍ପତ୍ତି ୧୮୪.୦୨% ବଢ଼ିଥିବାବେଳେ ଡିଏମ୍‌କେ ଏମ୍‌ପିଙ୍କ ସମ୍ପତ୍ତି ୧୯.୯୬%, ଶିବସେନା ଏମ୍‌ପିଙ୍କ ସମ୍ପତ୍ତି ୪୮.୧୩%, ସମାଜବାଦୀ ପାର୍ଟି ଏମ୍‌ପିଙ୍କ ସମ୍ପତ୍ତି ୨୦.୫୩%, ୱାଇଏସ୍‌ଆର୍‌ସିପି ଏମ୍‌ପିଙ୍କ ସମ୍ପତ୍ତି ୮୪.୧୩% ବଢ଼ିଛି। ସେହିପରି ପୁନର୍ବାର ନିର୍ବାଚନ ଲଢୁଥିବା ଟିଏମ୍‌ସିର ୧୬ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୫୩.୮୪% ବଢ଼ିଥିବାବେଳେ ୧୧ ଜେଡିୟୁ ଏମ୍‌ପିଙ୍କ ସମ୍ପତ୍ତି ୩୫.୫୪%, ଏନ୍‌ସିପି ଏମ୍‌ପିଙ୍କ ସମ୍ପତ୍ତି ୧୪.୩୪% ଏବଂ ୩ ବିଆର୍‌ଏସ୍ ଏମ୍‌ପିଙ୍କ ସମ୍ପତ୍ତି ୫୨.୯୪% ବଢ଼ିଛି। ଶରଦ ପାୱାରଙ୍କ ଏନ୍‌ସିପି ଏମ୍‌ପିଙ୍କ ସମ୍ପତ୍ତି ୨୧.୦୫% ବଢ଼ିଥିବାବେଳେ ଜେଡିଏସ୍‌ର ଜଣେ ଏମ୍‌ପିଙ୍କ ସମ୍ପତ୍ତି ୫ ବର୍ଷରେ ୩୧୭ ପ୍ରତିଶତ ବୃଦ୍ଧି ପାଇଛି। ବିଏସ୍‌ପି ଏମ୍‌ପିଙ୍କ ସମ୍ପତ୍ତି ୨୫.୩୭% ବଢ଼ିଥିବାବେଳେ ଉଦ୍ଧବଙ୍କ ଶିବସେନା ଏମ୍‌ପିଙ୍କ ସମ୍ପତ୍ତି ୬୮.୪% ଏବଂ ତେଲୁଗୁ ଦେଶମ୍ ଏମ୍‌ପିଙ୍କ ସମ୍ପତ୍ତି ୧୪୩.୨% ବୃଦ୍ଧି ପାଇଛି।

# ସୁଜାତା କାର୍ତ୍ତିକେୟନ୍‌ଙ୍କୁ ରାଜ୍ୟରୁ ଅପସାରଣ କରିବାକୁ ଭାଜପାର ଦାବି

**ଭୁବନେଶ୍ୱର, ୨୯।୫(ସୁନିତ୍ ମିଶ୍ର)**

ଆଇଏଏସ୍ ଅଫିସର ସୁଜାତା କାର୍ତ୍ତିକେୟନ୍‌ଙ୍କ ବିରୋଧରେ ମୁଖ୍ୟ ନିର୍ବାଚନ କମିଶନର(ସିଇସି)ଙ୍କ ନିକଟରେ ଭାଜପାର ଏକ ପ୍ରତିନିଧି ଦଳ ଫେରାଦ ହୋଇଛି। ମୁକ୍ତ ଅବାଧ ନିର୍ବାଚନ ପ୍ରକ୍ରିୟାରେ ସୁଜାତା ହସ୍ତକ୍ଷେପ କରିବା ଓ ରାଜ୍ୟରେ ନିର୍ବାଚନୀ ହିଂସାକୁ ଉସୁକାଇବା ନେଇ ସିଇସିଙ୍କୁ କେନ୍ଦ୍ରୀୟ ଭାଜପା ଟିମ୍ ପକ୍ଷରୁ ଅଭିଯୋଗ କରାଯାଇଛି। ରାଜ୍ୟରେ ମୁକ୍ତ ଓ ଅବାଧ ନିର୍ବାଚନ କରାଯିବା ଲାଗି ସୁଜାତାଙ୍କୁ ରାଜ୍ୟରୁ ଅପସାରଣ କରି

### ସିଇସିଙ୍କୁ ଭେଟିଲା କେନ୍ଦ୍ରୀୟ ପ୍ରତିନିଧି ଦଳ

ବାହାରକୁ ପଠାଯାଉ। ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ଦ୍ଦେଶରେ ୩ ଜଣ ସିଭିଲ ସର୍ଭାଣ୍ଟ ଡି.ଏସ୍. କୁଟେ, ଆଶିଷ କୁମାର ସିଂ ଓ ସୁଜାତା କାର୍ତ୍ତିକେୟନ୍ କାର୍ଯ୍ୟ କରୁଛନ୍ତି। ସୁଜାତା ହେଉଛନ୍ତି ପାଣ୍ଡିଆନଙ୍କ ସ୍ତ୍ରୀ। ଉପରୋକ୍ତ ୩ ଅଧିକାରୀ କେବଳ ସର୍ବଭାରତୀୟ ଚାକିରି ସର୍ତ୍ତାବଳୀର ଉଲ୍ଲଂଘନ କରୁନାହାନ୍ତି, ବରଂ ନିର୍ବାଚନ କମିଶନଙ୍କ ନିର୍ବାଚନ ସମ୍ବନ୍ଧୀୟ ନିୟମର ମଧ୍ୟ ଖିଲାପି କରୁଛନ୍ତି। ଏହି ୩ ଅଧିକାରୀଙ୍କ କାର୍ଯ୍ୟକଳାପ ଯେପରି ରାଜ୍ୟରେ ମୁକ୍ତ, ଅବାଧ ନିର୍ବାଚନ ବିରୋଧୀ। ସେମାନେ ହେଉଛନ୍ତି ତ୍ରିମୂର୍ତ୍ତି ବୋଲି ଦଳ ଚିଠିରେ ଦର୍ଶାଇଛି। ସୂଚନାଯୋଗ୍ୟ, ପୂର୍ବରୁ ସୁଜାତାଙ୍କୁ ମିଶନ ଶକ୍ତି ସଚିବ ପଦରୁ ହଟାଯାଇ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଥିଲା। ନିର୍ବାଚନ ପ୍ରକ୍ରିୟାରେ ଅନୈତିକ ହସ୍ତକ୍ଷେପ ପାଇଁ କୁଟେଙ୍କୁ ମଙ୍ଗଳବାର ସସ୍‌ପେଣ୍ଡ କରାଯାଇଛି।

# ଭାଜପା ରୋଡ୍ ଶୋ'ରେ ବ୍ୟବହୃତ ବାଣରୁ ଅଗ୍ନିକାଣ୍ଡ



ଅଗ୍ନିକାଣ୍ଡରେ ଜଳିଯାଇଥିବା କାଠ ତିଆରି ସାମଗ୍ରୀ ଦୋକାନ ।

**ବିଞ୍ଝାରପୁର,୨୯।୫(ରାମକୃଷ୍ଣ ଦାସ):**

ଭାଜପା ରୋଡ୍ ଶୋ'ରେ ବ୍ୟବହୃତ ବାଣରୁ ବିଞ୍ଝାରପୁର ଥାନା ଛକରେ ବୁଧବାର ମଧ୍ୟାହ୍ନରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଥାନାଛକର ଏକ କାଠ ତିଆରି ସାମଗ୍ରୀ ଦୋକାନ ସମ୍ପୂର୍ଣ୍ଣ ଜଳିପୋଡି ଭସ୍ମ ହୋଇଯାଇଛି।

ସୂଚନା ମୁତାବକ, ମାଇଁନ୍ଦା ଛକରୁ ସିଂହପୁର ପର୍ଯ୍ୟନ୍ତ ଭାଜପାର ରୋଡ୍ ଶୋ' କାର୍ଯ୍ୟକ୍ରମ ଥିଲା। ଏହି ଶୋଭାଯାତ୍ରା ବିଞ୍ଝାରପୁର ଥାନା ଛକ ସଲଗ୍ନ ଭାଜପା କାର୍ଯ୍ୟାଳୟ ନିକଟରେ ମଧ୍ୟାହ୍ନରେ ପହଞ୍ଚିଥିଲା। ସେଠାରେ ଭାଜପାର ଯାଜପୁର ଲୋକ ସଭା ପ୍ରାର୍ଥୀ ଓ ବିଞ୍ଝାରପୁର ବିଧାନସଭା ପ୍ରାର୍ଥିନୀଙ୍କୁ ସ୍ୱାଗତ କରିବାକୁ ଯାଇ କର୍ମୀମାନେ ବାଣରେ ଆତସବାଜି କରିଥିଲେ। ବାଣ ଫୁଟିବାରୁ ନିଆଁ ଛିଟିକି ଯାଇ ମୁନସପ ଅଲ୍ଲିଖାଁଙ୍କ ଘରେ ଦୋକାନ କରିଥିବା ମାନସ ବିନ୍ଧାଣୀଙ୍କ କାଠ ସାମଗ୍ରୀ ଦୋକାନ ଉପରେ ପଡ଼ିଥିଲା। ଫଳରେ ଚାହୁଁ ଚାହୁଁ ଦୋକାନ ଜଳି ଉଠିଥିଲା। ଏହି ଦୋକାନରେ କାଠ କାମ ଜିନିଷ ବିକ୍ରି ହେଉଥିବାରୁ ନିଆଁକୁ ଆୟତ କରାଯାଇ ପାରି ନ ଥିଲା। ପରେ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଦୋକାନରେ ଥିବା ବିପୁଳ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ବିଞ୍ଝାରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଘଟଣାକୁ ନେଇ କାଠ ଦୋକାନୀ ମାନସ ବିନ୍ଧାଣୀ ଭାଜପା ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ପରିବା ବ୍ୟବସାୟୀଙ୍କ ଝିଅ ବିଶ୍ୱବିଦ୍ୟାଳୟ ଟପ୍ପର



**ପାଟଣା,୨୯।୫ (ବୀର କିଶୋର ଦାଶ)**


କେନ୍ଦୁଝର ଜିଲା ପାଟଣା ବ୍ଲକ୍ କ୍ଷୀରେଇ ଟାଙ୍ଗିରିସ୍ଥିତ ବିଶ୍ୱବିନାୟକ ଡିଗ୍ରୀ କଲେଜର ଛାତ୍ରୀ ନମ୍ରତା ବେହେରା କମ୍ପ୍ୟୁଟର ସାଇନ୍ସରେ ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ସେ ମୋଟ ୧୪୦୦ ରୁ ୧୨୧୯ ନମ୍ବର ଯଥା ୮୭ ପ୍ରତିଶତ ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ବିଶ୍ୱବିଦ୍ୟାଳୟରେ ଟପ୍ପର ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ନମ୍ରତା ଘର କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଖିରେଇଟାଙ୍ଗିରୀ ପଞ୍ଚାୟତ ଡଳଙ୍ଗ ଗ୍ରାମରେ। ତାଙ୍କ ବାପା ବିଜୟାନନ୍ଦ ବେହେରା ଜଣେ ପରିବା ବ୍ୟବସାୟୀ ହୋଇଥିବା ବେଳେ ମା' ଗୀତାଞ୍ଜଳି ଗୃହିଣୀ। ନମ୍ରତା ତାଙ୍କ ସଫଳତା ପାଇଁ ନିଜର ମାତା, ପିତା ଓ ପରିବାର ବର୍ଗଙ୍କ ସହ ବିଶ୍ୱ ବିନାୟକ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ରବି ନାରାୟଣ ମହାନ୍ତ, ଅନ୍ୟ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ସେ କମ୍ପ୍ୟୁଟର ଶିକ୍ଷା ବିଷୟରେ ଉଚ୍ଚତର ଶିକ୍ଷା ହାସଲ କରିବା ସହ ଜଣେ ଭଲ ସଫ୍ଟୱେୟାର ଇଞ୍ଜିନିୟର ହେବେ ବୋଲି ଆଶା ରଖିଛନ୍ତି। ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ବୁଧବାର ବିଶ୍ୱ ବିନାୟକ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଲାହୋର ଚୁକ୍ତିନାମାକୁ ପାକ୍ ଉଲ୍ଲଂଘନ କରିଥିଲା: ଶରିଫ

**ଲାହୋର,୨୯।୫**

୧୯୯୯ରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏବଂ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କ ମଧ୍ୟରେ ଲାହୋର ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ପରେ ଇସ୍‌ଲାମାବାଦ ଏହି ଚୁକ୍ତିନାମାର ଉଲ୍ଲଂଘନ କରିଥିଲା ବୋଲି ଶରିଫ ମଙ୍ଗଳବାର ସ୍ୱୀକାର କରିଛନ୍ତି। ତତ୍କାଳୀନ ଜେନେରାଲ ପରଭେଜ ମୁଶାରଫଙ୍କ କାର୍ଗିଲ ଆକ୍ରମଣକୁ ଇଙ୍ଗିତ କରି ସେ ଏହା କହିଛନ୍ତି। ୧୯୯୮ ମେ' ୨୮ରେ ପାକିସ୍ତାନ ୫ ଅଣୁଅସ୍ତ୍ର ପରୀକ୍ଷା କରିଥିଲା। ଏହା ପରେ ବାଜପେୟୀ ଲାହୋର ଯାଇ ପାକିସ୍ତାନ ସହ ଚୁକ୍ତି ସ୍ୱାକ୍ଷର କରିଥିଲେ। ଆମେ ଏହାକୁ

### ପିଏମ୍‌ଏଲ୍-ଏନ୍ ଅଧ୍ୟକ୍ଷ ନିର୍ବାଚିତ



ଉଲ୍ଲଂଘନ କରିଥିଲୁ। ଏହା ଆମର ଭୁଲ୍ ଥିଲା ବୋଲି ପିଏମ୍‌ଏଲ୍-ଏନ୍ ସାଧାରଣ ପରିଷଦ ବୈଠକରେ ଶରିଫ କହିଛନ୍ତି। ସରିଫ ମଙ୍ଗଳବାର ପାକିସ୍ତାନ ମୁସଲିମ ଲିଗ୍-ନୱାଜ (ପିଏମ୍‌ଏଲ୍-ଏନ୍)ର ଅଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୬ ବର୍ଷ ପରେ ପୁଣି ଥରେ ସେ ଏହି ପଦ ସମ୍ଭାଳିଛନ୍ତି। ପିଏମ୍‌ଏଲ୍-ଏନ୍'ର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ୨୦୧୮ରେ ପାନାମା ପେପର ମାମଲାରେ ପାକିସ୍ତାନ ସୁପ୍ରିମକୋର୍ଟଙ୍କ ରାୟ ପରେ ନୱାଜଙ୍କୁ ଦଳୀୟ ଅଧ୍ୟକ୍ଷ ପଦ ହରାଇବାକୁ ପଡ଼ିଥିଲା। ପରେ ତାଙ୍କ ଭାଇ ତଥା ବର୍ତ୍ତମାନର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ଦଳର ଅଧ୍ୟକ୍ଷ ହୋଇଥିଲେ। ଗତ ମାସରେ ଶେହବାଜ ଏହି ପଦରୁ ଇସ୍ତଫା ଦେଇଥିଲେ।

# ଜୁନ୍ ୩ରୁ ଯୁକ୍ତ ୩ ନାମଲେଖା ଆବେଦନ

**ଭୁବନେଶ୍ୱର,୨୯।୫(ଅନୁରାଧା ମହାରଣା)**

ରାଜ୍ୟରେ ଥିବା ୧ ହଜାର ୩୯ଟି ମହାବିଦ୍ୟାଳୟରେ ଯୁକ୍ତ ୩ ଶ୍ରେଣୀରେ ନାମଲେଖା ପାଇଁ ଜୁନ ୩ରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଏ ନେଇ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ଏହି ପ୍ରକ୍ରିୟାରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବିଏସ୍‌ସି ଆଇଟିଏମ୍, ରକାରୀ ଓ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ୩ ବର୍ଷିଆ ବିବିଏ ଓ ବିସିଏ, ଉତ୍କଳ ବିଶ୍ୱବିଦ୍ୟାଳୟର ୫ ବର୍ଷିଆ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ ଓ ଏମ୍‌ସିଏ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୫ ବର୍ଷିଆ ବିଏ ଏଲ୍‌ଏଲ୍‌ବି ଓ ୩ ବର୍ଷିଆ ଏଲ୍‌ଏଲ୍‌ବି ପାଠ୍ୟକ୍ରମକୁ ସାମିଲ କରାଯାଇଛି। ଏହିସବୁ ପାଠ୍ୟକ୍ରମ ପାଇଁ ୪ଟି ପର୍ଯ୍ୟାୟରେ ନାମଲେଖା ହେବ। ଛାତ୍ରୀଛାତ୍ର ସାମ୍ସ ପୋର୍ଟାଲରେ ଅନ୍‌ଲାଇନ ଜରିଆରେ ଜୁନ ୧୭ ମଧ୍ୟରେ ଆବେଦନ କରିପାରିବେ। ଜୁନ୍ ୧୭ ଓ ୧୮ରେ ସିଏଏଫ୍ ଆବେଦନରେ କୌଣସି ସଂଶୋଧନ କରିବାକୁ ଚାହୁଁଥିଲେ ଛାତ୍ରୀଛାତ୍ରମାନେ କରିପାରିବେ। ପ୍ରଥମ ପର୍ଯ୍ୟାୟ ନାମଲେଖା ତାଲିକା ଜୁନ ୨୫ରେ ପ୍ରକାଶ ପାଇବ। ୨୫ରୁ ୨୮ ତାରିଖ ମଧ୍ୟରେ ଆବେଦନକାରୀ ପସନ୍ଦର ଶିକ୍ଷାନୁଷ୍ଠାନକୁ ସ୍ଲାଇଡ୍/ଫ୍ରିଜ୍/ ଫ୍ଲୋଟ୍ କରି ଅନଲାଇନ୍‌ରେ ନାମଲେଖା ଦେୟ ପୈଠ କରିବାକୁ ପଡ଼ିବ। ୨୬ରୁ ୨୯ ତାରିଖରେ ପ୍ରଥମ ପର୍ଯ୍ୟାୟ ନାମଲେଖା ହେବ। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ତାଲିକା ଜୁଲାଇ ୫, ତୃତୀୟ ପର୍ଯ୍ୟାୟ ଜୁଲାଇ ୧୫ ଓ ଶେଷ ପର୍ଯ୍ୟାୟ ଜୁଲାଇ ୩୦ରେ ପ୍ରକାଶ ପାଇବ।

ସୂଚନା ଥାଉ କି, ଚଳିତ ଶିକ୍ଷାବର୍ଷ ପାଇଁ ଅଗଷ୍ଟ ୧ରୁ ପାଠପଢ଼ା ଆରମ୍ଭ ହେବ। ରାଜ୍ୟରେ +୩ କଳାରେ ୧ ଲକ୍ଷ ୫୩ ହଜାର ୧୨୦ ଆସନ ରହିଥିବାବେଳେ ବିଜ୍ଞାନରେ ୭୩ ହଜାର ୪୧୧ଟି ଆସନ, ବାଣିଜ୍ୟରେ ୩୧ ହଜାର ୯୬୪ ଆସନ, ସେଲ୍ଫ ଫାଇନାନ୍‌ସିଂରେ ୫ ହଜାର ୧୨୮ ଆସନ ଏବଂ ସଂସ୍କୃତରେ ୯ ହଜାର ୨୧୨ ଆସନ ରହିଛି।


## ଆଶିଷଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ଗଠନ ହେଲା ସ୍ୱତନ୍ତ୍ର ମେଡିକାଲ ବୋର୍ଡ

**ଭୁବନେଶ୍ୱର, ୨୯।୫ (ବନ୍ଦନା ସେଠୀ)**

ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ୨୦୧୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ଆଶିଷ କୁମାର ସିଂଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ଗଠନ ହେଲା ସ୍ୱତନ୍ତ୍ର ମେଡିକାଲ ବୋର୍ଡ। ଭାରତର ନିର୍ବାଚନ କମିଶନର (ଇସିଆଇ)ଙ୍କ ନିର୍ଦ୍ଦେଶ ପରେ ବୁଧବାର ଏମ୍ସ ଭୁବନେଶ୍ୱର ପକ୍ଷରୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସଙ୍କ ଅଧ୍ୟକ୍ଷତାରେ ୬ଜଣିଆ ସଦସ୍ୟଙ୍କୁ ନେଇ ଏହି ବୋର୍ଡ ଗଠନ କରାଯାଇଛି। ଏଥିରେ ମେଡିସିନ୍, ସର୍ଜରୀ, ଅର୍ଥୋପେଡିକ୍ ଏବଂ ନ୍ୟୁରୋ ଆଦି ବିଭିନ୍ନ ବିଭାଗର ବିଶେଷଜ୍ଞ ସାମିଲ ହୋଇଛନ୍ତି। ମେଡିକାଲ ଯାଞ୍ଚ ପାଇଁ ଆଶିଷ ସିଂ ଏମ୍ସ ଆସିଲେ ବୋର୍ଡ ପକ୍ଷରୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରାଯିବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଆଶିଷ କୁମାର ସିଂ ଗତ ମେ' ୪ରୁ ସ୍ୱାସ୍ଥ୍ୟ ଖରାପ ଥିବା ଦର୍ଶାଇ ଛୁଟିରେ ଅଛନ୍ତି। ମାତ୍ର ସେ ନିର୍ବାଚନ କାର୍ଯ୍ୟରେ ସମ୍ପୃକ୍ତ ଥିବା ନେଇ କ୍ଷେତ୍ରସ୍ତରରୁ ବାରମ୍ବାର ଖବର ଆସୁଥିବାରୁ ତାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏକ ସ୍ୱତନ୍ତ୍ର ମେଡିକାଲ ବୋର୍ଡ ଗଠନ କରି ମେ' ୩୦ ସୁଦ୍ଧା ତାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବାକୁ କମିଶନ ଭୁବନେଶ୍ୱର ଏମ୍ସ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଆବଶ୍ୟକ ପ୍ରକ୍ରିୟା କରିବା ସହ ଆଶିଷ କେଉଁସବୁ ରୋଗ ପାଇଁ ଚିକିତ୍ସିତ ହେଉଛନ୍ତି, ତା'ର ବିସ୍ତୃତ ରିପୋର୍ଟ ମେ' ୩୧ ସୁଦ୍ଧା ପ୍ରଦାନ କରିବାକୁ କମିଶନ କହିଛନ୍ତି।

# ଏସ୍‌ସିବିରେ ପ୍ରଶାନ୍ତ ଜଗଦେବ

**କଟକ/ଖୋର୍ଦ୍ଧା,୨୯।୫(ଶିଲ୍ପା ପ୍ରିୟଦର୍ଶିନୀ/ପ୍ରଭାତ ପାଣିଗ୍ରାହୀ)**



ଖୋର୍ଦ୍ଧା ବିଧାନସଭା ଆସନର ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦେବ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପ୍ରଶାନ୍ତଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ବୁଧବାର ଭୋର ସମୟରେ ଖୋର୍ଦ୍ଧା ଜେଲରୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏସ୍‌ସିବି ନିୟୁ ମେଡିସିନ ବିଭାଗର ଆଇସିୟୁରେ ତାଙ୍କର ଚିକିତ୍ସା ଜାରି ରହିଛି। ଆବଶ୍ୟକ ଅନୁଯାୟୀ ସମସ୍ତ ପରୀକ୍ଷା ନିରୀକ୍ଷା କରାଯାଇଛି। ଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠିତ ହୋଇଛି। ଉକ୍ତ ଟିମ୍‌ରେ ମେଡିସିନ, ହୃଦରୋଗ ଓ ଏଣ୍ଡୋକ୍ରାଇନ ବିଭାଗର ମୁଖ୍ୟଙ୍କ ସମେତ ଅନ୍ୟ ଡାକ୍ତର ରହିଛନ୍ତି। ପୂର୍ବରୁ ମଧୁମେହ ରୋଗରେ ପ୍ରଶାନ୍ତ ଆକ୍ରାନ୍ତ ଥିବାବେଳେ ଏହାର ପରିମାଣ ଅଧିକ ରହିଥିବା ନେଇ ପରୀକ୍ଷାରୁ ଜଣାପଡ଼ିଛି। ଏନେଇ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଏସ୍‌ସିବିରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇ ପ୍ରଶାନ୍ତଙ୍କ ଚିକିତ୍ସା କରାଯାଉଛି। ସମସ୍ତ ପରୀକ୍ଷା କରାଯାଇଛି ଏବଂ ମଧୁମେହର ପରିମାଣ ଅଧିକା ରହିଥିବା ଚିହ୍ନଟ ହୋଇଛି। ଏବେ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି ଏବଂ ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ଏସ୍‌ସିବିରେ ତାଙ୍କ ଚିକିତ୍ସା ଚାଲିବ ବୋଲି ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୫ ତାରିଖରେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କାଉଁରୀପାଟଣା ୧୧୪ ନଂ. ବୁଥ୍‌ରେ ଇଭିଏମ୍ ଭାଙ୍ଗିବା ଅଭିଯୋଗରେ ପ୍ରଶାନ୍ତଙ୍କୁ ପୋଲିସ ଗିରଫ କରି ଖୋର୍ଦ୍ଧା ଜେଲକୁ ପଠାଇଥିଲା। ମଙ୍ଗଳବାର ରାତିରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତେଣୁ ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯିବାକୁ ସେ କୋର୍ଟଙ୍କୁ ଆବେଦନ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଜେଲ ପରିସରରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ତାଙ୍କର ଅଧିକ ଚିକିତ୍ସା ପାଇଁ ବୁଧବାର ଭୋର ୪ଟାରେ ତାଙ୍କୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ କଡ଼ା ସୁରକ୍ଷା ବଳୟ ଭିତରେ କଟକ ଏସ୍‌ସିବି ମେଡିକାଲକୁ ପଠାଯାଇଥିଲା।

# ନିର୍ଣ୍ଣାୟକ ହେବ ସଂଖ୍ୟାଲଘୁ ଭୋଟ

**ଭଦ୍ରକ ବିଧାନସଭା କ୍ଷେତ୍ର**

## ୩ ପ୍ରମୁଖ ଦଳ ମଧ୍ୟରେ ବିଗ୍ ଫାଇଟ୍



ଅସିତ୍ ପଟ୍ଟନାୟକ



ପ୍ରଫୁଲ୍ଲ ସାମଲ



ସୀତାଂଶୁ ଶେଖର ମହାପାତ୍ର

**ଭଦ୍ରକ,୨୯।୫(ସନାତନ ରାଉତ)**

ଭଦ୍ରକ ବିଧାନସଭା କ୍ଷେତ୍ରରେ ୨୦୧୯ ନିର୍ବାଚନରେ ଭାଜପା ଓ ବିଜେଡି ମଧ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୩୩ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ବିଜେଡି ବିଜୟୀ ହୋଇଥିଲା। କଂଗ୍ରେସ ତୃତୀୟ ସ୍ଥାନରେ ରହିଥିବା ବେଳେ ଏଥର ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ ପୁଅ ତଥା ଭଦ୍ରକର ଯୁବନେତା ଅସିତ୍ ପଟ୍ଟନାୟକ କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି। ତେଣୁ ଚଳିତ ବର୍ଷ ବିଗ୍ ଫାଇଟ୍ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଏଠାରେ ସଂଖ୍ୟାଲଘୁଙ୍କ ସଂଖ୍ୟା ଅଧିକ ଥିବାରୁ ସେମାନଙ୍କ ଭୋଟ ଯାହା ପାଖକୁ ଯିବ ସେ ବିଜୟୀ ହେବା ସମ୍ଭାବନା ଅଧିକ ବୋଲି କୁହାଯାଉଛି।

ଅସିତ୍‌ଙ୍କୁ ବିଜେଡିରୁ ଟିକେଟ ନ ମିଳିବାରୁ ତାଙ୍କ ସମର୍ଥକଙ୍କ ସହିତ ସେ କଂଗ୍ରେସରେ ଯୋଗ ଦେଇଥିଲେ। ଅପରପକ୍ଷେ ବିଜେଡି ପ୍ରାର୍ଥୀ ବଦଳାଇ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ଭଣ୍ଡାରିପୋଖରୀ ପଠାଇଥିବା ବେଳେ ଭଣ୍ଡାରିପୋଖରୀର ବିଧାୟକ ପ୍ରଫୁଲ୍ଲ ସାମଲଙ୍କୁ ଏଠାରେ ପ୍ରାର୍ଥୀ କରିଛି। ପ୍ରଫୁଲ୍ଲ ପ୍ରାର୍ଥୀ ହେବା ପରେ ତାଙ୍କ ଗୋଟି ଚାଳନା କରି ସ୍ୱାଧୀନ ଭାବେ ଜିତିଥିବା ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ ଓ ତାଙ୍କ ସ୍ୱାମୀ ଯୁବନେତା ଜାହିଦ ହବିବଙ୍କୁ ଦଳକୁ ଆଣିବାରେ ସଫଳ ହୋଇଛନ୍ତି। ନିକଟରେ ଗତଥରର ଭାଜପା ପ୍ରାର୍ଥୀ ଡ. ପ୍ରଦୀପ ନାୟକ, ଭାଜପା ମହିଳାମୋର୍ଚ୍ଚା ଜିଲା ସଭାନେତ୍ରୀ ହରପ୍ରିୟା ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ବିଜେଡିରେ ସାମିଲ ହୋଇଥିବାରୁ ଦଳ ମଜଭୁତ ହୋଇଥିବା କୁହାଯାଉଛି। ଅପରପକ୍ଷେ ଭାଜପା ଶହୀଦ ଭଗତସେନାର ଆବାହକ ଯୁବ ସାମାଜିକକର୍ମୀ ସୀତାଂଶୁ ଶେଖର ମହାପାତ୍ରଙ୍କୁ ପ୍ରାର୍ଥୀ କରିଛି। ଶହୀଦ ଭଗତ ସେନା ସଂଗଠନ ଜରିଆରେ ଭଦ୍ରକ ଜିଲାରେ ସୀତାଂଶୁଙ୍କ ସହ ବହୁ ଯୁବକ ରହିଛନ୍ତି। ସୀତାଂଶୁଙ୍କ ପାଇଁ ତାଙ୍କ ପୁରା ପରିବାର ପ୍ରଚାରରେ ଲାଗିଥିବା ବେଳେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ତଥା ବିଜେଡିର ଟାଣୁଆ ନେତା ମଳୟ ଜେନାଙ୍କ ସମେତ କେତେଜଣ ସରପଞ୍ଚଙ୍କୁ ତାଙ୍କ ସପକ୍ଷକୁ ଆଣିବାରେ ସଫଳ ହୋଇଛନ୍ତି। ତାଙ୍କ ପରିବାର ଭଦ୍ରକରେ ସଫଳ ବ୍ୟବସାୟୀ ଭାବେ ପ୍ରତିଷ୍ଠା ଲାଭ କରିଥିବା ବେଳେ ମୋଦିଙ୍କ ଗ୍ୟାରେଣ୍ଟିକୁ ନେଇ ସଂଗଠନକୁ ମଜଭୁତ କରିଛନ୍ତି। ସେ ପ୍ରଫୁଲ୍ଲଙ୍କୁ କଡ଼ା ଟକ୍କର ଦେବାରେ ସମର୍ଥ ହୋଇପାରିବେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ୩ ପ୍ରମୁଖ ଦଳ ମଜବୁତ ପ୍ରାର୍ଥୀ ଦେଇଥିବାରୁ ଏଥର ବିଗ୍ ଫାଇଟ୍ ହେବା ସହ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ନିଶ୍ଚିତ ହେବ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ବିଜେଡିର ଭୋଟ ବ୍ୟାଙ୍କ ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟର ହୋଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଅସିତ୍ ଓ ତାଙ୍କ ବାପା ଯୁଗଳ ପଟ୍ଟନାୟକଙ୍କର ଭୋଟବ୍ୟାଙ୍କ ମଧ୍ୟ ରହିଛି। ତେବେ ଭଦ୍ରକର ସଂଖ୍ୟାଲଘୁ ଭୋଟ ନିର୍ଣ୍ଣାୟକ ହେଉଥିବା ବେଳେ କାହା ସପକ୍ଷରେ ଏହି ଭୋଟ ଯାଉଛି ତାହା ନିର୍ବାଚନ ଫଳାଫଳ ପରେ ସ୍ପଷ୍ଟ ହେବ।


# ସୋମରୁ ଅମୃତ



ଦେବଦତ୍ତ ପଟ୍ଟନାୟକ

ଋଗ୍‌ବେଦରେ ସୋମ ସମ୍ପର୍କରେ ବର୍ଣ୍ଣନା ରହିଛି। ମନୁ ଏକ ଦୂର ପର୍ବତରୁ ସୋମ ପାଇଥିବା ଏବଂ ଏକ ଯଜ୍ଞ ଆୟୋଜନ କରି ତାହାକୁ ଇନ୍ଦ୍ରଙ୍କୁ ଦେଇଥିଲେ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ଇନ୍ଦ୍ର ଏହା ବଦଳରେ ମନୁଙ୍କୁ ଆର୍ଯ୍ୟଭୂମି ପ୍ରଦାନ କରିଥିଲେ। ବାମଦେବ (୪. ୨୬-୨୭)ଙ୍କ ରଚିତ ଏକ ବୈଦିକ ସ୍ତୋତ୍ରରେ ଏହି ବିଷୟ ଉଲ୍ଲେଖ କରାଯାଇଛି। କୌତୂହଳର ବିଷୟ ବୈଦିକ ସଂସ୍କୃତରେ, ହିନ୍ଦୁକୁଶ ପାର୍ବତ୍ୟାଞ୍ଚଳ ଉପରିସେୟାନା ଏବଂ ପ୍ରାଚୀନ ଇରାନୀୟ ଭାଷା ଆଭେଷ୍ଟାନରେ ଉପୈରିସାଏନା ଭାବରେ ଜଣାଶୁଣା। ଉଭୟର ଅର୍ଥ ହେଉଛି ଇଗଲର ପହୁଁଚ ପରେ କିମ୍ବା ସମ୍ଭବତଃ ଫାଲକନ (ଶିକାରୀ ପକ୍ଷୀ ବାଜ) ଯାହାକୁ ଶିକାରୀମାନେ ନିୟନ୍ତ୍ରଣରେ ରଖି ଶିକାର ପାଇଁ ସେମାନଙ୍କୁ ବ୍ୟବହାର କରିପାରନ୍ତି। ଏହି ହିନ୍ଦୁକୁଶ ପାର୍ବତ୍ୟାଞ୍ଚଳ ହେଉଛି ଆର୍ଯ୍ୟମାନଙ୍କ ପଥ, ଯେଉଁବାଟକୁ ସେମାନେ ପରିବ୍ରାଜକ ପଥ ଭାବେ ବ୍ୟବହାର କରିଥିଲେ। ସେମାନେ ଦକ୍ଷିଣ ଦିଗକୁ କାଜାଖସ୍ତାନରୁ ଆଫଗାନିସ୍ତାନ ଆଡ଼କୁ ଘୋଡ଼ା ଚଢ଼ି ଏହି ପାହାଡ଼ିଆ ବାଟ ଦେଇ ଯାଇଥିଲେ। ଏହି ପଥରେ ଗଲା ବେଳେ ଆର୍ଯ୍ୟମାନେ ସେଠାରେ ଉତ୍ତେଜକ ଗୁଣସମ୍ପନ୍ନ ଏକ ଚମତ୍କାର ଗଛ ଦେଖିବାକୁ ପାଇଥିଲେ। ସେହି ସମୟ ଥିଲା ଶୀତଦିନ। ଫଳରେ ସୂର୍ଯ୍ୟାଲୋକ ନ ଥିବାରୁ ପ୍ରବଳ ଥଣ୍ଡା ଅନୁଭୂତ ହେଉଥିଲା। ଏଣୁ ଏହି ଗଛର ରସ ସେବନ କରି ସେମାନେ ଶାରୀରିକ ଉଷ୍ମତା ଅନୁଭବ କରିଥିଲେ। ଏହି ରସ ହିଁ ସୋମ!

ପ୍ରଥମେ ବିଶେଷଜ୍ଞମାନେ ଏହି ସୋମ କ'ଣ ବୋଲି ଜାଣି ନ ଥିଲେ। ସେମାନେ ଏହାକୁ ନେଇ ଆଶ୍ଚର୍ଯ୍ୟପ୍ରକଟ କରୁଥିଲେ ଓ ଏହା ଉପରେ ଅଧିକ ଗବେଷଣା କରାଯାଇଥିଲା। ଏହା ଏକ ଯାଦୁକରୀ ପାନୀୟ ଥିଲା କି? କେତେଜଣ ବିଶ୍ୱାସ କରୁଥିଲେ ଯେ ଏହା ଏକ ଛତୁଜାତୀୟ ଗୁଳ୍ମ ଏବଂ ମାନସିକ ଉତ୍ତେଜକ ଦ୍ରବ୍ୟ ଥିଲା। ଏହା ବିଶେଷ କରି ୧୯୬୦ ଦଶକର ହିପି କାଉଣ୍ଟର କଲ୍‌ଚର (ଆମେରିକାରେ ପୁରୁଣା ଓ ପାରମ୍ପରିକ ରୀତିନୀତିରୁ ଦୂରେଇ ଯାଇ ନୂଆ ପିଢ଼ିର ଆରମ୍ଭ) ସମୟରେ ଲୋକମାନଙ୍କୁ ଅଧିକ ଉତ୍ତେଜିତ କରିଥିଲା। ସୋମ ଏକ ପ୍ରକାର ମାଦକ ଦ୍ରବ୍ୟ ଥିଲା ବୋଲି ବିଶ୍ୱାସ କରାଯାଉଥିଲା। କିନ୍ତୁ ସାମ୍ପ୍ରତିକ ସମୟରେ ଅଧିକାଂଶ ସ୍ପଷ୍ଟ ଅନୁସନ୍ଧାନରୁ ଜଣାପଡିଛି ଯେ ଏହା ହେଉଛି ଏଫେଡ୍ରା ଉଦ୍ଭିଦ



(ଏକ ପ୍ରକାର ପତ୍ରହୀନ ଗୁଳ୍ମ) ଯାହା ହିମାଳୟର ଉତ୍ତର ଭାଗରେ ଥିବା ପାର୍ବତ୍ୟାଞ୍ଚଳରେ ବଢ଼ିଥାଏ। ନିର୍ଦ୍ଦିଷ୍ଟ ଭାବରେ, ପାମିର୍ ପର୍ବତ ଏବଂ ତାରିକ୍ ଉପତ୍ୟକାରେ ଏହା ବେଶି ଦେଖାଯାଏ। ଉତ୍ତରଭାରତ ଏବଂ ଆଫଗାନିସ୍ତାନରେ ଏହା ମିଳେ। 'ସୋମ' ଚାଇନା ଶବ୍ଦ ହାଓ-ମାରୁ ଆସିଛି। ଶିକାରୀ ଭାବରେ ଆର୍ଯ୍ୟମାନେ ଏହାର ରସକୁ ଥକା ମେଣ୍ଟାଇବା ଲାଗି ଗ୍ରହଣ କରିଥିଲେ । ଋଗ୍‌ବେଦ ଏହି ଜଟିଳ ଗଛ ବିଷୟରେ ବର୍ଣ୍ଣନା କରିଥିଲା, ଯାହାକୁ ଖୋଜିବାକୁ ପଡୁଥିଲା। ଏହା ସହଜରେ ଉପଲବ୍ଧ ହୋଇପାରୁ ନ ଥିଲା ଏବଂ ବିଶ୍ୱାସ କରାଯାଉଥିଲା ଯେ, କେବଳ ଇଗଲ ହିଁ ଏହି ଗଛକୁ ଖୋଜି ପାଇପାରୁଥିଲା। ପରବର୍ତ୍ତୀ ଯଜୁଃ ବେଦ ପରମ୍ପରାରେ କାହାଣୀ ବଦଳିଯାଇଛି। ଏଥିରେ କୁହାଯାଇଛି ଯେ, ଇଗଲ ପ୍ରକୃତରେ ହେଉଛି ଗାୟତ୍ରୀ ମନ୍ତ୍ର। ଆମକୁ ଏହା ମଧ୍ୟ କୁହାଯାଇଛି ଯେ, କଦ୍ରୁ(ପୃଥିବୀ) ଏବଂ ଧ୍ୱନିର ଦେବୀ ସୁପର୍ଣ୍ଣାଙ୍କ ମଧ୍ୟରେ ଝଗଡ଼ା ହୋଇଛି ଏବଂ ସେ ସୋମ ଆଣିବା ପାଇଁ କଦ୍ରୁଙ୍କୁ ଚ୍ୟାଲେଞ୍ଜ କରିଛନ୍ତି। ଧ୍ୱନି ଦେବୀଙ୍କର ତିନୋଟି ସନ୍ତାନ ଅଛନ୍ତି, ସେମାନେ ହେଉଛନ୍ତି ଗାୟତ୍ରୀ, ଜଗତି ଏବଂ ତ୍ରିଶୁଭ୍ୱା। ଗାୟତ୍ରୀ, ଯିଏ ସବୁଠୁ ସାନ, ସେ ପାହାଡ଼ର ବିଭିନ୍ନ ସ୍ଥାନ ବୁଲି ସୋମ ଉଦ୍ଭିଦ ସଂଗ୍ରହ କରିବାରେ ଧୁରନ୍ଧର। ସୋମ ସଂଗ୍ରହ କରୁଥିବା ବେଳେ ଗାୟତ୍ରୀଙ୍କୁ ଆକ୍ରମଣ କରାଯାଇଛି ଏବଂ ତାଙ୍କର କିମ୍ବା ଉଦ୍ଭିଦର କିଛି ଅଂଶ ଭୂମିରେ ପଡ଼ି ଗଛ ପାଲଟି ଯାଇଛି।

ବର୍ତ୍ତମାନ ଏଠାରେ ପ୍ରକୃତ ସୋମ ଉଦ୍ଭିଦ ଖୋଜିବା ବିଷୟର କାହାଣୀ ଏତେ ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ। କାରଣ ଆର୍ଯ୍ୟମାନେ ଏବେ ଗଙ୍ଗା ଅବବାହିକାକୁ ଚାଲିଯାଇଛନ୍ତି। ଏଠାରେ ସୋମ ସଂଗ୍ରହ କରିବାର ଦକ୍ଷତା ଥିବା ଗାୟତ୍ରୀ ମନ୍ତ୍ର ଆବୃତ୍ତି ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଏଠାରେ ସୋମ ଆଉ ଉଦ୍ଭିଦ ହୋଇ ରହିନାହିଁ, ବରଂ ଏହା ଏକ ରହସ୍ୟମୟ ଉତ୍ପାଦ ଭାବେ ଦର୍ଶାଯାଇଛି। ଯେହେତୁ ସୋମ ସହଜରେ ମିଳୁନାହିଁ, ଆମକୁ ବିକଳ୍ପ ବିଷୟରେ କୁହାଯାଉଛି । ଉଦାହରଣ ସ୍ୱରୂପ, କଟାଯାଇଥିବା ସୋମ ଉଦ୍ଭିଦର ଗଣ୍ଡିରୁ ନିର୍ମିତ ଚାମଚ ସୋମ ସୃଷ୍ଟି ପାଇଁ ଯଥେଷ୍ଟ ବୋଲି ଆମକୁ ଏହି ଗ୍ରନ୍ଥଗୁଡ଼ିକରେ କୁହାଯାଇଛି। ଏହିପରି ଭୌଗୋଳିକ ପରିବର୍ତ୍ତନ ଏବଂ ସମୟ ସହିତ ସୋମ କାହାଣୀର ପରିବର୍ତ୍ତନ ଆମେ ଦେଖିବାକୁ ପାଉ।

ସୋମ କାହାଣୀ ପୁନର୍ବାର ମହାଭାରତ କାବ୍ୟରେ ପରିବର୍ତ୍ତନ ହୋଇଛି। ସୁପର୍ଣ୍ଣା-ଆଖ୍ୟାନ (ଇଗଲ ମହାକାବ୍ୟ)ରେ ଆମକୁ କୁହାଯାଇଛି ଯେ, ସର୍ପଙ୍କ ମାତା ଏବଂ ପକ୍ଷୀମାନଙ୍କ ମାତା ମଧ୍ୟରେ ପ୍ରତିଯୋଗିତା ହୋଇଛି। ସେମାନଙ୍କର ଶତ୍ରୁତା ପକ୍ଷୀଙ୍କ ମାତାଙ୍କୁ ଦାସ କରିଦେଇଛି। ସେମାନଙ୍କ ସନ୍ତାନ ଇଗଲ, ଗରୁଡ଼ ଦେବତାଙ୍କ ସ୍ଥାନ ବା ସ୍ୱର୍ଗରୁ ଯଦି ଅମୃତ ଆଣିପାରିବେ, ତେବେ ସେମାନଙ୍କୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହୋଇପାରିବ ବୋଲି ଏଥିରେ ବର୍ଣ୍ଣନା ରହିଛି। କ୍ଷୀର ସମୁଦ୍ର ମନ୍ଥନରୁ ମିଳିଛି ଏବଂ ସମାନ ଉପାୟରେ ସୋମ ଉଦ୍ଭିଦକୁ ଛେଚି ଚିପୁଡ଼ି ସୋମରସ ବାହାର କରାଯାଏ। କିନ୍ତୁ ଏବେ ସୋମ ଉଦ୍ଭିଦର କୌଣସି କାହାଣୀ ବା ସ୍ମୃତି ନାହିଁ । କେବଳ ଏହାକୁ ଏକ ଅମରତ୍ୱର ଉତ୍ପାଦ ଭାବେ ବିଶ୍ୱାସ କରାଯାଏ, ଯାହା ଦେବତାମାନଙ୍କ ପାଖରେ ହିଁ ରହିଛି। ଗରୁଡ଼ଙ୍କୁ ଏହି ଅମରତ୍ୱର ରସ ଅମୃତକୁ ଚୋରି କରିବାକୁ ପଡ଼ିଛି ଏବଂ ତାଙ୍କ ମାତାଙ୍କୁ ମୁକ୍ତ କରିବା ପାଇଁ ତାହାକୁ ସେ ସାପମାନଙ୍କୁ ଦେଇଛନ୍ତି।

କାହାଣୀଟି ବିଭିନ୍ନ ପ୍ରକାରର ଶକ୍ତି ସଂରଚନା ଦେଖାଇବାକୁ ଆଗକୁ ବଢ଼ିଛି। ଇଗଲ ତା'ର ମା'ଙ୍କୁ ମୁକ୍ତ କରିବା ପାଇଁ ସାପମାନଙ୍କ ସହ ଛଳନା କରିଛି, କିନ୍ତୁ ସାପମାନେ ଏହାକୁ ପିଅନ୍ତି ନାହିଁ ବୋଲି ସୁନିଶ୍ଚିତ କରିଛନ୍ତି। ଏଥିପାଇଁ ଦେବତାମାନେ ଗରୁଡ଼ ଉପରେ ଖୁସି ହୁଅନ୍ତି। ଗରୁଡ ତା'ପରେ ବିଷ୍ଣୁଙ୍କ ସହିତ ବନ୍ଧୁତା ବାନ୍ଧିଛନ୍ତି ଏବଂ ତାଙ୍କର ବାହନ ହୋଇଛନ୍ତି। ସେ ବିଷ୍ଣୁଙ୍କୁ ନିଜର ବୁଦ୍ଧି, ଶକ୍ତି ଏବଂ ନମ୍ରତା ଦ୍ୱାରା ପ୍ରଭାବିତ କରନ୍ତି। ଏହାପରେ ଅମୃତ ଭକ୍ତି ଏବଂ ସମର୍ପଣର ପ୍ରତୀକ ହୋଇଯାଇଛି। ଏହିପରି ଭାବେ ସୋମ କାହାଣୀ ଅମୃତ କାହାଣୀରେ ପରିଣତ ହୋଇଥିବାର ଆମେ ଦେଖିବାକୁ ପାଉ। ମୂଳ କାହାଣୀରେ ଇନ୍ଦ୍ରଙ୍କ ପାଇଁ ସୋମକୁ ଚୋରି କରାଯାଇଥିବା କୁହାଯାଇଛି। କିନ୍ତୁ ଶେଷ କାହାଣୀରେ ଅମୃତ ଇନ୍ଦ୍ରଙ୍କଠାରୁ ଚୋରି ହୋଇଥିବା କୁହାଯାଇଛି। ଏହିପରି ଭାବେ ସ୍ଥାନ ଓ ସମୟ ଅନୁସାରେ ପୁରାଣ ପରିବର୍ତ୍ତନ ହୋଇଛି ଏବଂ ସେହି ସମାନ ପୁରୁଣା କାହାଣୀରେ ନୂଆ ଧାରଣା ସନ୍ନିବେଶିତ କରାଯାଇଛି।

-devduttofficial@gmail.com

# ଇ-ସିଗାରେଟ୍



ଡ. ଦୁର୍ଗାପ୍ରସାଦ ମିଶ୍ର

ମେ ୬ ତାରିଖ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ଇ-ସିଗାରେଟ୍ ବିଷୟକ ଏକ ପତ୍ରରୁ ଏହା ସ୍ପଷ୍ଟ ଅନୁମେୟ ହୁଏ ଯେ 'ଇଲେକ୍ଟ୍ରୋନିକ୍ ସିଗାରେଟ୍ (ଇ-ସିଗାରେଟ୍) ଉପରେ ପ୍ରତିବନ୍ଧକ ଅଧିନିୟମ, ୨୦୧୯' ଥାଇ ମଧ୍ୟ ଏହି ଉପକରଣଗୁଡ଼ିକ ଅନ୍‌ଲାଇନ ଷ୍ଟୋର, ଶିକ୍ଷାନୁଷ୍ଠାନ ନିକଟବର୍ତ୍ତୀ ଅଞ୍ଚଳ ଏବଂ ସ୍ଥାନୀୟ ବିକ୍ରେତାଙ୍କ ମାଧ୍ୟମରେ ସହଜରେ ଉପଲବ୍ଧ ଏବଂ ଯୁବବର୍ଗ ତଥା ଛୋଟ ପିଲାମାନେ ଏଥିପ୍ରତି ଆକୃଷ୍ଟ ହେଉଛନ୍ତି, ଯାହା ଚିନ୍ତାର ବିଷୟ। ମାତ୍ର ଏହା ଦେଖାଯାଇଛି ଯେ ଇ-ସିଗାରେଟ୍ ବିଶେଷକରି ଯୁବକମାନଙ୍କଠାରେ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟିକରେ। ତେଣୁ ଏହାର ଉପଲବ୍ଧତା ତଥା ବ୍ୟବହାର କିପରି ନିଷେଧ ହେଇପାରିବ, ସେଥିପ୍ରତି ସଚେତନତା ଏବଂ କାର୍ଯ୍ୟର ଆବଶ୍ୟକତା ଲୋଡ଼ା। ତେବେ କ'ଣ ଏହି ଇ-ସିଗାରେଟ୍, ସ୍ୱାସ୍ଥ୍ୟ ଉପରେ ପ୍ରଭାବ କିପରି, ଏହାର ବ୍ୟବହାରରେ କି ପ୍ରକାର ବିପଦ ଅଛି ଆଦି ଅନେକ ପ୍ରଶ୍ନ ମନକୁ ଆସେ। ଏହି ଦ୍ୱନ୍ଦ୍ୱକୁ କିଛି ମାତ୍ରାରେ ସ୍ପଷ୍ଟକରିବା ଏହି ଉପସ୍ଥାପନାର ଲକ୍ଷ୍ୟ।

ଇ-ସିଗାରେଟ ହେଉଛି ଏକ ବ୍ୟାଟେରିଚାଳିତ ଉପକରଣ ଯାହା ଏକ ବାଷ୍ପଯୁକ୍ତ ପଦାର୍ଥ (ଏରୋସୋଲାଇଜ୍‌ଡ ଲିକୁଇଡ୍) ନିର୍ଗତକରେ ଏବଂ ଯେଉଁଥିରେ ସାଧାରଣତଃ ନିକୋଟିନ୍ ଏବଂ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ଥାଏ। ନିଃଶ୍ୱାସପ୍ରଶ୍ୱାସ ନେବା ସମୟରେ ଉପଭୋକ୍ତା ଏହା ନେଇଥାନ୍ତି। ଇ-ସିଗାରେଟ୍ ସୁରକ୍ଷିତ କି ନାହିଁ କିମ୍ବା ଧୂମପାନକାରୀଙ୍କୁ ଧୂମପାନ ଛାଡ଼ିବାରେ ସାହାଯ୍ୟ କରାଯାଇପାରିବ କି ନାହିଁ ତାହା ଏ ପର୍ଯ୍ୟନ୍ତ ଜଣା ପଡ଼ିନାହିଁ। ଉତ୍ପାଦକମାନେ ନିୟମିତ ସିଗାରେଟ୍ ଟାଣିବାଠାରୁ ଇ-ସିଗାରେଟ୍ ଏକ ନିରାପଦ ବିକଳ୍ପ ବୋଲି ଦାବିକଲେ ମଧ୍ୟ ଇ-ସିଗାରେଟ୍ ଯେ ସ୍ୱାସ୍ଥ୍ୟ ତଥା ସମାଜ ପାଇଁ କ୍ଷତିକାରକ ଏହା ନିଃସନ୍ଦେହ। ଇ-ସିଗାରେଟ୍ ଅନେକ ଆକୃତି ଏବଂ ଆକାରରେ ଆସିଥାଏ। ଅଧିକାଂଶରେ ଏକ ବ୍ୟାଟେରି, ଏକ ଗରମ ଉପାଦାନ ଏବଂ ଏକ ତରଳ ରଖିବା ପାଇଁ ସ୍ଥାନ ରହିଥାଏ। ଇ-ସିଗାରେଟ୍ ଏକ ତରଳ ପଦାର୍ଥ ଗରମକରି ଏକ ଏରୋସୋଲ ଉତ୍ପାଦନକରେ ଯେଉଁଥିରେ ସାଧାରଣତଃ ନିକୋଟିନ ଥାଏ - ଯାହାକି ନିୟମିତ ସିଗାରେଟ୍, ସିଗାରେଟ୍ ଏବଂ ଅନ୍ୟାନ୍ୟ ତମାଖୁଦ୍ରବ୍ୟରେ ଥିବା ଏକ ପ୍ରକାର ନିଶା। ଉପଭୋକ୍ତାମାନେ ଏହି ଏରୋସୋଲକୁ ଫୁସ୍‌ଫୁସ୍‌ରେ ନିଃଶ୍ୱାସପ୍ରଶ୍ୱାସ ଭାବେ ନିଅନ୍ତି। ଉପଭୋକ୍ତା ବାୟୁରେ ନିଃଶ୍ୱାସ ଛାଡ଼ିବା ବେଳେ ପାଖରେ ଥିବା ଅନ୍ୟମାନେ ମଧ୍ୟ ଏହି ଏରୋସୋଲ ସଂସ୍ପର୍ଶରେ ଆସିପାରନ୍ତି।

ଏହି ଉପକରଣଗୁଡ଼ିକ ବିଭିନ୍ନ ନାମରେ ଜଣାଶୁଣା, ଯଥା ଇ-ସିଗାରେଟ, ଇ-ହୁକା, ବାଷ୍ପୀକରଣ ସିଗାରେଟ୍, ବାଷ୍ପ ଏବଂ ଭେପ ପେନ୍। ଏକ ଇ-ସିଗାରେଟ୍ ବ୍ୟବହାର କରିବାକୁ ବେଳେବେଳେ ଭାପିଙ୍ଗ କୁହାଯାଏ। ଗଞ୍ଜେଇ ଏବଂ ଅନ୍ୟାନ୍ୟ ଡ୍ରଗ୍‌ସ ବିତରଣ ପାଇଁ ମଧ୍ୟ ଇ-ସିଗାରେଟ୍ ବ୍ୟବହାର କରାଯାଇଥାଏ। ବର୍ତ୍ତମାନର ଯୁବ ଇ-ସିଗାରେଟ୍ ବ୍ୟବହାରକାରୀଙ୍କ ଏକ ଚତୁର୍ଥାଂଶରୁ ଅଧିକ (୨୭.୬ %) କହିଛନ୍ତି , ସେମାନେ ପ୍ରତିଦିନ ଏକ ଇ-ସିଗାରେଟ୍ ଉତ୍ପାଦ ବ୍ୟବହାର କରନ୍ତି। ଅଧିକାଂଶ ଇ-ସିଗାରେଟ୍‌ରେ ନିକୋଟିନ୍ ଥାଏ, ଯାହା ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ। ଭ୍ରୂଣର ବିକାଶ ପାଇଁ ନିକୋଟିନ୍ ବିଷାକ୍ତ। ନିକୋଟିନ୍ କିଶୋର ଏବଂ ଯୁବ ବୟସ୍କଙ୍କ ମସ୍ତିଷ୍କର ବିକାଶକୁ କ୍ଷତି ପହଞ୍ଚାଇପାରେ। ଗର୍ଭବତୀ ଏବଂ ସେମାନଙ୍କର ବିକାଶଶୀଳ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ନିକୋଟିନ୍ ବିପଦ। ଇ-ସିଗାରେଟ୍ ଏରୋସୋଲ୍‌ରେ କର୍କଟ ସୃଷ୍ଟି କରୁଥିବା ରାସାୟନିକ ପଦାର୍ଥ ଏବଂ କ୍ଷୁଦ୍ର କଣିକା ଅନ୍ତର୍ଭୁକ୍ତ ଯାହା ଫୁସ୍‌ଫୁସ୍‌ରେ ପ୍ରବେଶକରି କ୍ଷତି କରିଥାଏ। ସଂକ୍ଷେପରେ ସାମ୍ପ୍ରତିକ ପ୍ରମାଣ ସୂଚାଇଦିଏ ଯେ ବିଶେଷକରି ଯୁବକ ଏବଂ ଯେଉଁମାନେ କେବେ ଧୂମପାନ କରିନାହାନ୍ତି, ସେମାନଙ୍କ ପାଇଁ ଇ-ସିଗାରେଟ୍ ବ୍ୟବହାର କରିବା ବିପଜ୍ଜନକ। ଯଦିଓ ଇ-ସିଗାରେଟ୍ କେତେଜଣ ଲୋକଙ୍କୁ ଧୂମପାନ ବନ୍ଦ କରିବାରେ ସାହାଯ୍ୟ କରିପାରେ, ଭାପିଙ୍ଗ୍ ଉତ୍ପାଦଗୁଡ଼ିକ ଧୂମପାନ ଛାଡ଼ିବା ପାଇଁ ଯେ ଏକ ବିକଳ୍ପ ଉପକରଣ ଭାବରେ ବ୍ୟବହାର କରିହେବ, ତାହା ମଧ୍ୟ ଏଫ୍‌ଡିଏ ଦ୍ୱାରା ଅନୁମୋଦନ ପାଇନାହିଁ। ଇ-ସିଗାରେଟ୍ ବିକ୍ରି ଉପରେ ଅନେକ ଦେଶ ପ୍ରତିବନ୍ଧକ ଲଗାଇଛନ୍ତି। ଇଲେକ୍ଟ୍ରୋନିକ୍ ସିଗାରେଟ୍ ଉପରେ ପ୍ରତିବନ୍ଧକ(ଉତ୍ପାଦନ, ରପ୍ତାନି, ପରିବହନ,ବିକ୍ରୟ, ବଣ୍ଟନ, ସଂରକ୍ଷଣ ଏବଂ ବିଜ୍ଞାପନ) ଅଧିନିୟମ,୨୦୧୯ ଅନୁସାରେ ୨୧ ବର୍ଷରୁ କମ୍ ଲୋକଙ୍କୁ ଭାପିଙ୍ଗ୍ ଉତ୍ପାଦ ବିକ୍ରୟ କରିବା ବେଆଇନ। ଇ-ସିଗାରେଟ୍ ହେଉଛି ନିକୋଟିନ୍ ଆଧାରିତ ଉତ୍ପାଦ ଏବଂ ଯେହେତୁ କୌଣସି ନିକୋଟିନ୍ ବ୍ୟବହାର ସୁରକ୍ଷିତ ନୁହେଁ, ତେଣୁ ଯେତେ ସମ୍ଭବ ଏହି ଉତ୍ପାଦଗୁଡ଼ିକରୁ ଦୂରେଇରହିବା ଭଲ।

**ଅଧକ୍ଷ, ସ୍କୁଲ ଅଫ୍ ଅକ୍ୟୁପେଶନାଲ ଆଣ୍ଡ ଫିଜିଓଥେରାପି, ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ, କଟକ**
**ମୋ: ୯୦୪୦୬୩୬୩୭୬**

## ଏଇ ଭାରତରେ

ସ୍କୁଲ, କଲେଜ ଓ ଅନ୍ୟ ସଂସ୍ଥାରେ ବିଭିନ୍ନ କାର୍ଯ୍ୟରେ ପାଣି ବ୍ୟବହାର ପରେ ନଷ୍ଟ ହେଉଥିବା ପାଣି(ଗ୍ରେ ୱାଟର)ର ରିସାଇକେଲ କରୁଛନ୍ତି ପ୍ରଶାନ୍ତ ଶର୍ମା। ଆଗାମୀ ଜଳ ସଙ୍କଟ ଦୂର କରିବାକୁ ସେ ଏଭଳି ଚେଷ୍ଟା ଜାରି ରଖିଛନ୍ତି । ଲଣ୍ଡନରୁ ଚାକିରି ଛାଡ଼ି ସେ ଏହି କାର୍ଯ୍ୟ କରୁଛନ୍ତି। ପ୍ରଶାନ୍ତ ୨୦୨୨ରେ 'ପଜିଟିଭ ଆକ୍ସନ ଫର୍ ଚାଇଲ୍ଡ ଆଣ୍ଡ୍ ଆର୍ଥ ଫାଉଣ୍ଡେଶନ' ନାମକ ଏନ୍‌ଜିଓ ଗଠନ କରି ତା'ମାଧ୍ୟମରେ ସମସ୍ତ କାର୍ଯ୍ୟ ପରିଚାଳନା କରୁଛନ୍ତି। ମୁଖ୍ୟତଃ ଦିଲ୍ଲୀ ଓ ଉତ୍ତରାଖଣ୍ଡର ଅନେକ ସ୍କୁଲ, ସୁନ୍ଦରଗଡ଼ର ସବୁ ସରକାରୀ କଲେଜ ଏବଂ ନୈନତାଲର ଅରବିନ୍ଦ ଆଶ୍ରମରେ ବର୍ଷକୁ ୬ ଲକ୍ଷ ଲିଟର ଗ୍ରେ ୱାଟର ରିସାଇକେଲ କରାଯାଉଛି। ୧୦୦ ଲିଟର ପାଣି ରିଲିଜ ହେଲେ ସେଥିରୁ ୭୦ ଲିଟର ଗ୍ରେ ୱାଟର ହେଉଛି ଏବଂ ଭାରତରେ ପ୍ରତିଦିନ ୩୧ ବିଲିୟନ ଲିଟର ଗ୍ରେ ୱାଟର ବାହାରୁଛି। ଏଣୁ ଏହା ନିଶ୍ଚିତ ଯେ ପ୍ରଶାନ୍ତଙ୍କ ରିସାଇକେଲ ଉପାୟ ଆଗାମୀ ଦିନରେ ବହୁ ଉପଯୋଗୀ ହୋଇପାରିବ। ଗ୍ରେ ୱାଟର ରିସାଇକେଲ ପରେ ତାହା ଭୂତଳ ଜଳସ୍ତର ବୃଦ୍ଧି ହେବା ସହ ଗଛରେ ପାଣି ଦେବା, ସଫା କରିବା ଏବଂ ବଗିଚାରେ ବ୍ୟବହାର କରାଯାଉଛି।

## ଚିରନ୍ତନୀ

ଧ୍ରୁବତାରାସମ ସେ ମୋତେ ସୁଦୂରୁଁ
ଚାହିଁ ରହେ ନିତି ନିତି
ବସନ୍ତ-ଫୁଲ କାନନୁ ତାହାର
ବହିଆସେ ସ୍ନେହ ପ୍ରୀତି
ସ୍ନିଗ୍ଧ ସୁନୀଳ ମୁକ୍ତ କବରୀ
ରହେ ଚିର ଦିନ ଗଗନ ଆବୋରି
ଗତିରେ ତାହାର ବାଜି ଉଠେ ଧୀରେ
ମୁଗ୍ଧ ବେହାଗ ଗୀତି
ଧ୍ରୁବତାରା ସମ ସେ ମୋତେ ସୁଦୂରୁଁ
ଚାହିଁ ରହେ ନିତି ନିତି। -(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | | 5 | | | |
| | 5 | | | | | 8 | | 3 |
| | | | | 2 | | | 4 | |
| | 3 | | | 5 | 4 | | | 7 |
| | | 8 | | | | | | |
| 7 | | | | 3 | | | 1 | |
| | 4 | | | | 8 | 5 | | |
| | 1 | | 3 | | 7 | | 6 | |
| | | 7 | | | | 2 | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 7 | 5 | 8 | 4 | 1 | 3 | 2 |
| 8 | 2 | 1 | 9 | 7 | 3 | 5 | 4 | 6 |
| 5 | 4 | 3 | 2 | 6 | 1 | 8 | 9 | 7 |
| 1 | 3 | 5 | 8 | 2 | 9 | 6 | 7 | 4 |
| 6 | 7 | 9 | 1 | 4 | 5 | 3 | 2 | 8 |
| 2 | 8 | 4 | 7 | 3 | 6 | 9 | 1 | 5 |
| 4 | 9 | 8 | 6 | 1 | 7 | 2 | 5 | 3 |
| 7 | 5 | 6 | 3 | 9 | 2 | 4 | 8 | 1 |
| 3 | 1 | 2 | 4 | 5 | 8 | 7 | 6 | 9 |

ଗତକାଲିର ଉତ୍ତର

# ରାଜନୈତିକ ଧୃଷ୍ଟତା ଓ ଜନତା



ବାସୁଦେବ ବେହେରା

ସ୍ୱାଧୀନ ଭାରତର ଆରମ୍ଭରୁ ଆଜି ପର୍ଯ୍ୟନ୍ତ ରାଜନୈତିକ ଦଳଗୁଡ଼ିକର କାର୍ଯ୍ୟକଳାପ ତଥା ରାଜନେତାମାନଙ୍କର କାର୍ଯ୍ୟକଳାପକୁ ଅବଲୋକନ କଲେ ଏହା ସ୍ପଷ୍ଟ ଅନୁମେୟ ହୁଏ କି ରାଜନୈତିକ ବ୍ୟକ୍ତି ତଥା ରାଜନୈତିକ ଦଳଗୁଡ଼ିକ ଦିନକୁ ଦିନ ନିଜର ନୀତି ନୈତିକତାକୁ ଜଳାଞ୍ଜଳି ଦେବା ପାଇଁ ଅସତ୍ ପ୍ରତିଯୋଗିତା ମନୋଭାବକୁ ବୃଦ୍ଧି କରିଛନ୍ତି। ନୀତି ନୈତିକତାକୁ ଜଳାଞ୍ଜଳି ଦେବାର ମୁଖ୍ୟ କାରଣ ସର୍ବକାଳୀନ କ୍ଷମତାରେ ରହିବାର ମୋହ। କ୍ଷମତା ମୋହରେ ଅନ୍ଧହୋଇ ଯାବତୀୟ କୁକର୍ମକୁ ପାଥେୟ କରି ଈଶ୍ୱରଙ୍କ ନାମରେ କରିଥିବା ଶପଥ ପାଠକୁ ଭ୍ରୂକ୍ଷେପ ନ କରି ନିଜ ନିଜର ସ୍ୱାର୍ଥ ସାଧନକୁ ଚରିତାର୍ଥ କରିବା ହିଁ ହେଉଛି ଆଜିର ଦିନରେ ରାଜନୈତିକ ବ୍ୟକ୍ତି ଓ ରାଜନୈତିକ ଦଳଗୁଡ଼ିକର ଆତ୍ମବଡ଼ିମା। ରାଜନୀତି ଆଜି ପ୍ରଚାରସର୍ବସ୍ୱ, ସ୍ୱାର୍ଥସର୍ବସ୍ୱ, ଦମନମୂଳକ ମନୋଭାବର ଉତ୍କୃଷ୍ଟ ଉଦାହରଣ କହିଲେ କିଛି ଅତ୍ୟୁକ୍ତି ହେବନାହିଁ। କ୍ଷମତାସୀନ ରାଜନୈତିକ ଦଳଗୁଡ଼ିକ ଭୁଲିଯାଉଛନ୍ତି ଯେ ସେମାନେ ଯେଉଁ ସର୍ବୋଚ୍ଚ ଗରିମାମୟ ପଦପଦବୀ ତଥା ଆସନ ଅଳଙ୍କୃତ କରିଛନ୍ତି ତାହା କେବଳ ସାଧାରଣ ଜନତାଙ୍କର ସେବା ଓ ସମସ୍ୟାର ତଥା ଆଦର୍ଶ ରାଷ୍ଟ୍ରନିର୍ମାଣ ଓ ସୁରକ୍ଷା ନିମନ୍ତେ ଉଦ୍ଦିଷ୍ଟ। କେନ୍ଦ୍ରରେ କ୍ଷମତାରେ ଥିବା ରାଜନୈତିକ ଦଳ, ରାଜ୍ୟରେ କ୍ଷମତାରେ ଥିବା ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ସମନ୍ୱୟ ଓ ସଦ୍‌ଭାବନା ଆଦର୍ଶ ରାଷ୍ଟ୍ର ନିର୍ମାଣରେ ଅପରିହାର୍ଯ୍ୟ । ଆଜିକାଲି ରାଜନୈତିକ ନେତା ଓ ଦଳଗୁଡ଼ିକ ସ୍ଥିର କରି ନେଉଛନ୍ତି କି ଥରେ ଜନସାଧାରଣ ଆମକୁ ବହୁମତରେ ନିର୍ବାଚିତ କଲାପରେ ଆମେ ଆମର ସ୍ୱେଚ୍ଛାଚାରିତାକୁ ପ୍ରଦର୍ଶନ କରିବୁ, ଏଥିରେ କେହି ବାଧା ଦେଇପାରିବେ ନାହିଁ। ସେହି ସାଧାରଣ ଜନତା ନିର୍ବାଚିତ କରିଥିବା ଅସାଧାରଣ ବ୍ୟକ୍ତିତ୍ୱ (ଜନପ୍ରତିନିଧି) ଆରମ୍ଭ କରନ୍ତି ସାଧାରଣ ଲୋକଙ୍କ ମୂଲ୍ୟାଙ୍କନ, ଶକ୍ତି, ସାମର୍ଥ୍ୟ, ପ୍ରିୟାପ୍ରୀତି ତୋଷଣ, ପରସ୍ପର ମଧ୍ୟରେ ବାଦବିବାଦ, ଗୋଷ୍ଠୀବାଦ, ଉଚ୍ଚନୀଚ ଭେଦଭାବ, ପ୍ରଶାସନିକ କଳର ଅପବ୍ୟବହାର, ଧାର୍ମିକ ଅନୁଷ୍ଠାନଗୁଡ଼ିକର ବିଭାଜନ ତଥା ଭାଇଚାରାରେ ଫାଟ ଇତ୍ୟାଦି। ସମୟ କ୍ରମେ କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷମତାସୀନ ରାଜନୈତିକ ଦଳ ନିଜର ଅପାର ଅସତ୍ ଅର୍ଥ ବଳରେ ଦୀର୍ଘ ସମୟ ଧରି ସୁଶାସନରୁ ଦୂରେଇ ରହିବା ଦ୍ୱାରା ରାଷ୍ଟ୍ରରେ ସୃଷ୍ଟି ହୁଏ ଉତ୍କଟ ବେକାରି ସମସ୍ୟା। ସେହି ବେକାରି ସମସ୍ୟା କୁହନ୍ତୁ ବା ସାଧାରଣ ଜନତାଙ୍କ ଆର୍ଥିକ ଅଭାବ ଅନଟନ କୁହନ୍ତୁ ଯାହା ଫଳରେ ସାଧାରଣ ଶିକ୍ଷିତ ଯୁବକ ଯୁବତୀମାନେ ଆପଣେଇ ନିଅନ୍ତି ସ୍ୱଳ୍ପବେତନରେ ବେସରକାରୀ ଅନୁଷ୍ଠାନର ନ୍ୟାୟହୀନ ବୃତ୍ତି ତଥା ଜୀବନ ଜୀବିକା।

ସମୟାନୁକ୍ରମେ କଳୁଷିତ କ୍ଷମତାସୀନ ରାଜନୈତିକ ଦଳ ଓ ନେତାମାନେ ଦମନ କରନ୍ତି ସମାଜର ନିରପେକ୍ଷ ଚତୁର୍ଥ ସ୍ତମ୍ଭ ତଥା କଣ୍ଠରୋଧ କରନ୍ତି ଗଣମାଧ୍ୟମକୁ। ଅଧୁନା ଦେଖାଯାଏ ନେପଥ୍ୟରେ ରହି ରାଜନୈତିକ ଦଳଗୁଡ଼ିକ ନିଜର ପ୍ରଚାର ଓ ପ୍ରସାର ପାଇଁ ଖଞ୍ଜିଛନ୍ତି ସମ୍ବାଦପତ୍ର ସଂସ୍ଥା, ଟେଲିଭିଜନ ମିଡିଆ ଓ ନିଜର ସପକ୍ଷବାଦୀ ସାମ୍ବାଦିକଙ୍କୁ। ଏହି କଳୁଷିତ ରାଜନୈତିକ ଦମନ ଲୀଳାର ବିଭୀଷିକାକୁ ଭଲ ଭାବରେ ବୁଝିପାରୁଥିବା ସାଧାରଣ ଶିକ୍ଷିତ, ଆଦର୍ଶଗତ ବୁଦ୍ଧିଜୀବୀ ତଥା ସମ୍ପନ୍ନ ସଫଳ ବ୍ୟକ୍ତିତ୍ୱମାନେ ସ୍ୱଚ୍ଛ ତଥା ସୁଶାସନରେ ଅଂଶୀଦାର ନିମନ୍ତେ ମନସ୍ଥ ତଥା ମନୋଜ୍ଞ ଥିଲେ ମଧ୍ୟ ରାଜନୈତିକ ଦୃଶ୍ୟପଟରେ



ଦମନୀୟତା ତଥା କୁକର୍ମକୁ ଆଖିରେ ରଖି ନିଜକୁ ଆଜିର ରାଜନୀତିଠାରୁ ଦୂରେଇ ରହିବାକୁ ଶ୍ରେୟସ୍କର ମଣୁଛନ୍ତି। ଆଦର୍ଶ ରାଷ୍ଟ୍ର ନିର୍ମାଣ ଏକ ନିରବଚ୍ଛିନ୍ନ ପ୍ରଚେଷ୍ଟା। ପ୍ରତିଟି ନାଗରିକର ତଥା ଜନସାଧାରଣଙ୍କ ପିଢ଼ି ପରେ ପିଢ଼ି ବହୁବର୍ଷର ପର୍ଯ୍ୟାୟ କ୍ରମେ ଅବଦାନ ଓ ପ୍ରତିଫଳନ। ପ୍ରତିଟି ନାଗରିକର ପୁରୁଷାର୍ଥରେ ଦଣ୍ଡାୟମାନ ହୁଏ ଆଦର୍ଶ ରାଷ୍ଟ୍ର। କ୍ଷମତାସୀନ ରାଜନୈତିକ ଦଳଗୁଡ଼ିକ ନିଜର ପ୍ରଚାର ପ୍ରସାର ପାଇଁ ପୂର୍ବବର୍ତ୍ତୀ ଶାସନ କାଳର ରାଜନୈତିକ ଦଳର ରାଷ୍ଟ୍ର ନିର୍ମାଣର ପ୍ରୟାସ ଓ ପ୍ରଚେଷ୍ଟାକୁ ମୂଲ୍ୟହୀନ ବୋଲି ଡିଣ୍ଡିମ ପିଟନ୍ତି। ଆହୁରି ମଧ୍ୟ ଉଭୟ କ୍ଷମତାସୀନ ରାଜନୈତିକ ଦଳ ଓ ପ୍ରତିପକ୍ଷ ରାଜନୈତିକ ଦଳ ସଂସଦ ଓ ବିଧାନସଭାରେ ଆସନ ଅଳଙ୍କୃତ ପରେ ଭୁଲି ଯାଉଛନ୍ତି ଯେ, ସେମାନେ ଅଧିକୃତ କରିଥିବା ଗରିମାମୟ ଆସନ ତଥା ବିଧାନସଭା ଓ ସଂସଦ ସଭା ହେଉଛି ସାଧାରଣ ଜନତାଙ୍କର ଆଶୀର୍ବାଦର ଅଭିବ୍ୟକ୍ତି।

ବିଧାନସଭା ଓ ସଂସଦୀୟ ସଭାକୁ ଦେଖିଲେ ମନେହୁଏ ଈଶ୍ୱରଙ୍କ ନାମରେ ଶପଥ ନେଇଥିବା କ୍ଷମତାସୀନ ରାଜନୈତିକ ଦଳ ଓ ମହିମା ମଣ୍ଡନ କରୁଥିବା ବିରୋଧୀ ଦଳ, ପ୍ରତ୍ୟେକ ପ୍ରତ୍ୟେକଙ୍କର ସ୍ୱେଚ୍ଛାଚାରିତାକୁ ପ୍ରଦର୍ଶନ କରି ଜନସାଧାରଣଙ୍କୁ ସନ୍ଦେଶ ଦିଅନ୍ତି ଯେ ବିଧାନସଭା ଓ ସଂସଦ ସେମାନଙ୍କର ରାଜନୈତିକ ଦଳୀୟ କାର୍ଯ୍ୟାଳୟ ମଧ୍ୟରେ କିଛି ଫରକ୍ ନାହିଁ। ସ୍ଥଳବିଶେଷରେ ଦୁଇରୁ ଅଧିକ ରାଜନୈତିକ କ୍ଷମତାସୀନ ଦଳ ତଥା ରାଜନେତାମାନେ ଏକାଠି ହୋଇ ମିଳିଭଗତ ନ୍ୟାୟରେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଓ କ୍ଷମତାର ମୋହରେ ତଥା ସମାଜସେବା ନାମରେ ମିଳୁଥିବା ଯାବତୀୟ ସୁଖସୁବିଧାକୁ ଉପଭୋଗ କରୁଥିବା ବୁଝାମଣା ବ୍ୟବସ୍ଥାକୁ ସାଧାରଣ ଜନତା ଅତି ସହଜରେ ହୃଦୟଙ୍ଗମ କରୁଛନ୍ତି। ଆଜିର ରାଜନୈତିକ ଦୃଶ୍ୟପଟକୁ ଲକ୍ଷ୍ୟ କଲେ ଏହା ସହଜରେ ଅନୁମେୟ ହୁଏ ଯେ, ସମ୍ବିଧାନ ତଥା ସମସ୍ତ ଶାସନ ବ୍ୟବସ୍ଥା ତଥା ରାଜନୈତିକ ଗୌରବ ଗରିମାକୁ ତୁଚ୍ଛ ମନେକରି ରାଜନେତା ତଥା ରାଜନୈତିକ ଦଳଗୁଡ଼ିକ ନୀତି ନୈତିକତା ଭୁଲିଯାଉଛନ୍ତି। ଏପରି କି ରାଜନୈତିକ ଦଳଗୁଡ଼ିକରେ ଦେଖାଯାଏ ଜଣେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିତ୍ୱ ହିଁ ଉକ୍ତ ଦଳ, ରାଜନେତା ଓ ଦେଶର ଭାଗ୍ୟବିଧାତା ଓ ସର୍ବଶକ୍ତିମାନ। ରାଜନୈତିକ ଦଳଗୁଡ଼ିକ ଭୁଲିଯିବା ଉଚିତ ନୁହେଁ ଯେ ସାଧାରଣ ଜନତା ଜନାର୍ଦ୍ଦନ ସର୍ବୋପରି। ରାଜନେତା ଓ ରାଜନୈତିକ ଦଳଗୁଡ଼ିକ ଜନତାଙ୍କ ସହିତ ପ୍ରହେଳିକା ଓ ଲୁଚକାଳି ଖେଳ ଖେଳିବାର ପ୍ରୟାସ ସଫଳ ହୁଏନାହିଁ ଆଉ ମଧ୍ୟ ହେବନାହିଁ। ସମୟ ବଡ଼ ବଳବାନ୍। ରାଜନୈତିକ ଗାଣିତିକ ବିଶ୍ଳେଷଣ ତଥା କ୍ଷମତା ରାଜନୀତିର ସଂଖ୍ୟାଗରିଷ୍ଠ ହାସଲ କରିବା ନୀତିନୈତିକତାହୀନ ଉପାୟ ତଥା ଧୃଷ୍ଟତାର ପରିପନ୍ଥୀ ସର୍ବୋପରି ନୁହେଁ। ତେଣୁ ସମୟାନୁକ୍ରମେ ରାଜନୈତିକ ବ୍ୟକ୍ତିତ୍ୱ ତଥା ରାଜନୈତିକ ଦଳଗୁଡ଼ିକ ନିଜର ରାଜନୈତିକ ଧୃଷ୍ଟତାକୁ ପରିହାର କରିବା ଆବଶ୍ୟକ। ସାଧାରଣ ଜନତାଙ୍କର ଆସ୍ଥା ଓ ବିଶ୍ୱାସକୁ ମଜଭୁତ କରିବା ନିମନ୍ତେ ଜନକଲ୍ୟାଣକାରୀ, ସାର୍ବଜନୀନ ଶିକ୍ଷା, ସ୍ୱାସ୍ଥ୍ୟ, ନ୍ୟାୟ ଇତ୍ୟାଦି ଅମୂଲ୍ୟ ମାନବୀୟ ସାମାଜିକ ମୂଲ୍ୟବୋଧକୁ ଅଗ୍ରାଧିକାର ଦିଅନ୍ତୁ। ସମାଜରୁ ଦାରିଦ୍ର୍ୟ, ବେକାରି ଦୂରୀକରଣ ତଥା ଜ୍ଞାନକୌଶଳ ଓ ସାମାଜିକ ସଦ୍‌ଭାବନା ଜାଗ୍ରତ କରିବା ନିମନ୍ତେ ସଫଳ ପ୍ରୟାସ କରନ୍ତୁ। ରାଜନେତାମାନେ ନିଜ ନିଜର ଗୌରବ ଗରିମା ଓ ଚିରନ୍ତନ ପ୍ରତିଭାକୁ ପ୍ରତିପାଦନ କରି ନାମ ଯଶ ଇତ୍ୟାଦିକୁ ଅମର କରିବାକୁ ଯତ୍ନବାନ ହୁଅନ୍ତୁ। ଯାହା ଫଳରେ ସାମାଜିକ ମୂଲ୍ୟବୋଧ ଓ ରାଜନୈତିକ ମୂଲ୍ୟବୋଧକୁ ଅକ୍ଷୁଣ୍ଣ ରଖିବାରେ ସହାୟକ ହେବ।

**କମ୍ପାନୀ ସେକ୍ରେଟାରୀ, ସୁନ୍ଦର, ଅସ୍ତରଙ୍ଗ, ପୁରୀ, ମୋ: ୯୬୫୦୫୪୦୩୬୩**

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିରରେ ଅବ୍ୟବସ୍ଥା

ମହାଶୟ,

ଗତ କିଛିମାସ ଧରି ଶ୍ରଦ୍ଧାଳୁଙ୍କୁ ଶୃଙ୍ଖଳିତ ଦର୍ଶନ ଯୋଗାଇବାରେ ଫେଲ୍ ମାରିଛି ଶ୍ରୀମନ୍ଦିର ପ୍ରଶାସନ। ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁ ନିଜକୁ ଅସୁରକ୍ଷିତ ମଣିବା ସହ ସିଂହଦ୍ୱାରରୁ ଫେରିଯିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମହାପ୍ରଭୁଙ୍କ ଦର୍ଶନ ଲାଗି ଦୈନିକ ୩୦ରୁ ୫୦ ହଜାର ଶ୍ରଦ୍ଧାଳୁ ଆସୁଛନ୍ତି। ରବିବାର ଓ ପର୍ବପର୍ବାଣିରେ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଦର୍ଶନ ଲାଗି ଘଣ୍ଟା ଘଣ୍ଟା ବାରିକେଡ୍‌ରେ ଅପେକ୍ଷା କରୁଛନ୍ତି। ଠାକୁର ଦର୍ଶନ ଲାଗି ଶେଡ୍‌ରୁ ବାହାରି ସାତପାହାଚରେ ଧସ୍ତାଧସ୍ତି ହୋଇ ନାଟମଣ୍ଡପ ଓ ଜଗମୋହନରେ ପ୍ରବେଶ କରୁଛନ୍ତି। ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ଭିତରେ ମୁଁ ମଧ୍ୟ ଅଣନିଃଶ୍ୱାସୀ ହୋଇପଡ଼ିଥିଲି। ବହୁକଷ୍ଟରେ ବାହାରି କାଠ ନିକଟରେ ଅନ୍ୟମାନଙ୍କ ସହ ଠେଲାପେଲାରେ ପହଞ୍ଚିଲି। କିନ୍ତୁ ମହାପ୍ରଭୁଙ୍କୁ ଟିକେ ଆଖିପୂରାଇ ଦର୍ଶନ କରିପାରିଲିନି। ଶ୍ରୀମନ୍ଦିର ପରିଚାଳନା କମିଟି ଏସବୁ ପ୍ରତି ଆଖି ବୁଜିଦେବା ଚର୍ଚ୍ଚାର ବିଷୟ ହୋଇଛି। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାର ନିୟମ ଥିଲେ ମଧ୍ୟ ଶ୍ରୀମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ଜାଣିଶୁଣି ନୀରବ ରହୁଛନ୍ତି। ବର୍ତ୍ତମାନ ନିର୍ବାଚନର ଋତୁ। ସୁପ୍ରିମ୍‌କୋର୍ଟଙ୍କ ଆଦେଶକୁ ଅମାନ୍ୟକରି ଭିଆଇପିଙ୍କୁ କଡ଼ା ସୁରକ୍ଷା ସହ ସ୍ୱତନ୍ତ୍ର ଦର୍ଶନ ସୁବିଧା ଯୋଗାଇ ଦିଆଯାଉଛି। ବିଭିନ୍ନ ଦଳର ରାଜନେତା, ରାଜ୍ୟର ବରିଷ୍ଠ ଅଧିକାରୀ ଓ ତାଙ୍କ ସମ୍ପର୍କୀୟମାନେ ସ୍ୱତନ୍ତ୍ର ଦର୍ଶନ ପାଉଛନ୍ତି। ପୁରୀ ସହର ସମେତ ଜିଲାର ୧୧ଟି ବ୍ଲକର ସାଧାରଣ ଭକ୍ତଙ୍କ ଦୁର୍ଦ୍ଦଶା ପ୍ରତି ମନ୍ଦିର ପ୍ରଶାସନ ଓ ଜିଲା ପୋଲିସ ପ୍ରଶାସନ ଆଖିବୁଜି ଦେଇଛି।

**-ଦେବତିକ୍ତ ମିଶ୍ର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)





# ୩ଦିନ ପ୍ରଚଣ୍ଡ ତାତି

- ୪୬.୩ ଡିଗ୍ରୀ ସହ ବଲାଙ୍ଗୀର ସବୁଠୁ ଉତ୍ତପ୍ତ
- ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଏସ୍ଆର୍ସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୯।୫
(ଅନୁରାଧା ମହାରଣା)

ଗୁଳୁଗୁଳି ସହ ଖରା ତାତି ସାରା ରାଜ୍ୟରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିଛି। ବୁଧବାର ୪୬.୩ ଡିଗ୍ରୀ ସେଲସିୟସ୍ ସହ ବଲାଙ୍ଗୀର ରାଜ୍ୟର ଉତ୍ତପ୍ତ ସହର ପାଲଟିଥିବାବେଳେ ୧୦ ସହରରେ ଦିନ ତାପମାତ୍ରା ୪୪ ଡିଗ୍ରୀ ଓ ଏହାଠାରୁ ଅଧିକ ରହିଥିଲା। ଫଳରେ ବିଶେଷକରି ସୋନପୁର, ବଲାଙ୍ଗୀର, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡା, ବରଗଡ ଓ କନ୍ଧମାଳ ଜିଲାରେ ଭୀଷଣ ଗ୍ରୀଷ୍ମ ପ୍ରବାହ (ହିଟ୍‌ୱେଭ୍) ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ତେବେ ଜୁନ୍ ୧ ପର୍ଯ୍ୟନ୍ତ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଆସନ୍ତା ୩ଦିନ ରାଜ୍ୟରେ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବା ସମ୍ଭାବନା ରହିଥିବାରୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପକ୍ଷରେ ପାଣିପାଗ ବିଭାଗର ଏହି ଆକଳନକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନ(ଏସ୍ଆର୍ସି) ରାଜ୍ୟର ସମସ୍ତ ଜିଲାପାଳ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ



ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣଙ୍କୁ ସଚେତନ କରିବା ସହ ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ, ସିଏଚ୍ସି, ପିଏଚ୍ସି, ସବ୍‌ଡିଭିଜନାଲ ଚିକିତ୍ସାକେନ୍ଦ୍ରକୁ ପ୍ରସ୍ତୁତ ରଖିବା ପାଇଁ କୁହାଯାଇଛି।

ବିଭାଗ ସୂଚନାନୁସାରେ, ସୋମବାର ଓ ମଙ୍ଗଳବାର ସୋନପୁର, ବଲାଙ୍ଗୀର, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡା, ବରଗଡ ଏବଂ କନ୍ଧମାଳ ଜିଲାକୁ ଭୀଷଣ ହିଟ୍‌ୱେଭ୍ ନେଇ ଅରେଞ୍ଜ ୱାର୍ନିଂ ରହିଛି। ସେହିପରି କେନ୍ଦୁଝର, ଅନୁଗୋଳ, ସୁନ୍ଦରଗଡ଼, ଦେବଗଡ଼, ବରଗଡ଼, ନୂଆପଡ଼ା, କଳାହାଣ୍ଡି ଆଦି ଜିଲାକୁ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ନିଂ ରହିଛି। ସଂପୃକ୍ତ ଜିଲାରେ ରାତିରେ ମଧ୍ୟ ଗରମ ଅନୁଭୂତ ହେବାର ଆଶଙ୍କା ରହିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଓ ଢେଙ୍କାନାଳ ଆଦି ଜିଲାରେ ଗୁଳୁଗୁଳି ଲୋକଙ୍କୁ ଅତିଷ୍ଠ କରିବ। ଅନ୍ୟପଟେ ଗୁରୁବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ସୁନ୍ଦରଗଡ଼, ନୟାଗଡ଼, ଗଜପତି, ଗଞ୍ଜାମ ସହ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ଝଡ଼ବର୍ଷାର ଆଶଙ୍କା ରହିଛି। ଜୁନ୍ ୧ ପର୍ଯ୍ୟନ୍ତ ରାଜ୍ୟରେ ଏପରି ସ୍ଥିତି ରହିବା ନେଇ ପୂର୍ବାନୁମାନ କରାଯାଉଥିବାବେଳେ ଏହା ପରଠାରୁ ଆଗାମୀ ୨ଦିନ ପର୍ଯ୍ୟନ୍ତ ରାଜ୍ୟରେ ବିଭିନ୍ନ ସ୍ଥାନରେ ଝଡ଼ବର୍ଷାର ଆଶଙ୍କା ରହିଛି। ଏନେଇ ବିଭାଗ ପକ୍ଷରୁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ପୋଲିସ ସହ ଗୁଳି ବିନିମୟ, ୨ ମାଓବାଦୀ ନିହତ

ମାଲକାନଗିରି,୨୯।୫(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାରେ ପୋଲିସ ସହ ଗୁଳି ବିନିମୟ ଘଟି ୨ ମାଓବାଦୀ ନିହତ ହୋଇଛନ୍ତି। ବିଜାପୁର ଜିଲା ମଦେଡ ଥାନା ବଦେପାରା ଗ୍ରାମ ନିକଟ ଜଙ୍ଗଲରେ ମାଓବାଦୀଙ୍କ ବୈଠକ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ବିଜାପୁର ଡିଆର୍‌ଜି ଓ ଏସ୍‌ଟିଏଫ୍ ବାହିନୀ ସର୍ଚ୍ଚ ଅପରେଶନରେ ବାହାରିଥିଲେ। ଜଙ୍ଗଲ ମଧ୍ୟରେ ସର୍ଚ୍ଚ ଅପରେଶନ ସମୟରେ ମାଓବାଦୀମାନେ ପୋଲିସ ଉପରେ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ଯବାନମାନେ ମଧ୍ୟ ଗୁଳି ଚାଳନା କରିବା ପରେ ତାଙ୍କ ଆକ୍ରମଣକୁ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରବର୍ତ୍ତୀ ସମୟରେ ଯବାନମାନେ ସର୍ଚ୍ଚ ଅପରେଶନ ସମୟରେ ୨ଜଣ ମାଓବାଦୀଙ୍କ ମୃତଦେହ ଠାବ କରିଥିଲେ। ଉକ୍ତ ୨ ମାଓବାଦୀଙ୍କ ମଧ୍ୟରୁ ଜଣେ ମହିଳା ମନିଲାଙ୍କ ମୃତଦେହ ଠାବ ହୋଇଥିବା ସୂଚନା ମିଳିଛି। ଏଥିସହ ଦୁଇଟି ବନ୍ଧୁକ, ବିପୁଳ ପରିମାଣର ବିସ୍ଫୋରକ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରାଯାଇଥିବା ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି।

# ବୋମା ବିସ୍ଫୋରଣକରି ଫେରାର ବେଳେ ଧରାପଡ଼ିଲେ ୧୫ ମାଓବାଦୀ



ଗିରଫ ମାଓବାଦୀ।

ମାଲକାନଗିରି,୨୯।୫(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ଦାନ୍ତେୱାଡା ଜିଲାରେ ଆଇଇଡି ବୋମା ବିସ୍ଫୋରଣକରି ଫେରାର ହେବାକୁ ଚେଷ୍ଟା କରୁଥିବା ସମୟରେ ଯବାନମାନେ ୧୫ ମାଓବାଦୀଙ୍କୁ ଗିରଫ କରିଛନ୍ତି। ଦାନ୍ତେୱାଡା ଜିଲାର ସୁରକ୍ଷା ବାହିନୀ ଗୁମଲନାର ନିକଟ ଗିରସାପାରା ପାହାଡ ଉପରେ ସର୍ଚ୍ଚ ଅପରେଶନ ସମୟରେ କେତେଜଣ ମାଓବାଦୀ ଆଇଇଡି ବୋମା ଖଞ୍ଜି ତାକୁ ବିସ୍ଫୋରଣ ଉଦ୍ୟମ କରୁଥିଲେ। ପରେ ଉକ୍ତ ବୋମା ବିସ୍ଫୋରଣ କରି ସେଠାରୁ ଫେରାର ହେବାକୁ ଉଦ୍ୟମକରି ଆଇଇଡି ଖଞ୍ଜୁଥିବା ସମୟରେ ଯବାନମାନେ ଘଟଣାସ୍ଥଳରେ ପହଞ୍ଚି ୧୫ମାଓବାଦୀଙ୍କୁ ଗିରଫ କରିଥିଲେ। ଏଥିସହ ତାଙ୍କ ନିକଟରେ ଆଇଡି ବୋମା, ଗୁଳି ବ୍ୟାଗ୍, ମାଓବାଦୀ ପୋଷାକ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରିଛନ୍ତି।

# କାର୍ଯ୍ୟରୁ ଅନ୍ତର ହେଲେ ୪ ମିଶନଶକ୍ତି ଅଧିକାରୀ

ବେତନଟୀ(ଧରଣୀଧର ମହାନ୍ତି)/
ବୈଶିଙ୍ଗା,୨୯।୫(ରତନ ଦାଶ)

**ନିର୍ବାଚନ ଆଚରଣବିଧି ଉଲ୍ଲଂଘନ**

ମୟୂରଭଞ୍ଜ ଜିଲା ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଙ୍ଘନ କରି ବିଜେଡି ବିଧାୟକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କାର୍ଯ୍ୟରେ ନିୟୋଜିତ ବେତନଟୀ ବ୍ଲକ ଅଞ୍ଚଳର ମିଶନ ଶକ୍ତିରେ କାର୍ଯ୍ୟରତ ୪ ମହିଳା ଅଧିକାରୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ସେମାନେ ହେଲେ ନଡ଼ପୁର ଅଞ୍ଚଳର ସୁମତୀ ମିଶ୍ର (ଭିଆର୍‌ପି, ଇସି ମେମ୍ବର), ପୁରୁଣିଆ ପଞ୍ଚାୟତର ସ୍ନେହଲତା ସେଠୀ (ଭିଆର୍‌ପି, ଇସି ମେମ୍ବର, ଧାନ ଫାଉଣ୍ଡେସନର ସଦସ୍ୟା), ପାଟୁଳିପୁରା ପଞ୍ଚାୟତର ସ୍ନେହଲତା ପାଣି (ଭିଆର୍‌ପି, ଇସି ମେମ୍ବର), କଳମା ପଞ୍ଚାୟତର ସବିତା ଜେନା (ଭିଆରପି)। ଭାଜପା ବିଧାୟକ ପ୍ରାର୍ଥୀ ସନାତନ ବିଜୁଳିଙ୍କ ଅଭିଯୋଗ ପରେ ଜିଲା ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ସୂଚନା ଅନୁଯାୟୀ, ବେତନଟୀ ବ୍ଲକ ମିଶନ ଶକ୍ତିରେ କାର୍ଯ୍ୟରତ ଉପରୋକ୍ତ ୪ ଅଧିକାରୀ ଗାଁ ଗାଁ ବୁଲି ବିଜୁ ଜନତା ଦଳର ବିଧାୟିକା ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ସହିତ ଭୋଟ ମାଗୁଥିଲେ ଓ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହେଉଥିଲେ। ଭାଜପା ପ୍ରାର୍ଥୀ ସନାତନ ଏ ସମ୍ପର୍କରେ ତଥ୍ୟ ସମ୍ବଳିତ ଲିଖିତ ଅଭିଯୋଗ ମୟୂରଭଞ୍ଜ ଜିଲାପାଳଙ୍କ ନିକଟରେ ଦାଖଲ କରିଥିଲେ। ଜିଲାପାଳ ଏନେଇ ତଦନ୍ତ କରି ରିପୋର୍ଟ ଦେବାକୁ ବେତନଟୀ ବିଡିଓ ଗୋପୀନାଥ ଖାଖାଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ୩ ଦିନିଆ ରିମାଣ୍ଡରେ ଅଭିଯୁକ୍ତ ମୋହନ କୁମାର

**୫୦ କୋଟି ଠକେଇ ମାମଲା**

ଭୁବନେଶ୍ୱର,୨୯।୫
(ସତ୍ୟଜିତ୍ ରାଉତ)

ମିଛ ପ୍ରତିଶ୍ରୁତି ଦେଇ ନିବେଶ ଆଳରେ ୨ ହଜାର ଲୋକଙ୍କଠାରୁ ୫୦ କୋଟି ଟଙ୍କା ଠକିବା ମାମଲାରେ ତଦନ୍ତକୁ ଅଧିକ ତ୍ୱରାନ୍ୱିତ କରିଛି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ମଙ୍ଗଳବାର ଗିରଫ ହୋଇ ଜେଲ ଯାଇଥିବା ୱେ ଟୁ ଆଡ୍ ଇଣ୍ଡିଆ ପ୍ରାଇଭେଟ୍ ଲିଃର ପରିଚାଳନା ନିର୍ଦ୍ଦେଶକ ମୋହନ କୁମାର ପରିଡାଙ୍କୁ ଇଓଡବ୍ଲ୍ୟୁ ବୁଧବାର ୩ ଦିନ ପାଇଁ ରିମାଣ୍ଡରେ ଆଣିଛି। ତାଙ୍କୁ ଇଓଡବ୍ଲ୍ୟୁର ଏକ ସ୍ୱତନ୍ତ୍ର ଟିମ୍ ପଚରାଉଚରା କରୁଛି। ଶୁକ୍ରବାର ପର୍ଯ୍ୟନ୍ତ ରିମାଣ୍ଡ ଅବଧି ଥିବାବେଳେ ଏହି ସମୟରେ ଇଓଡବ୍ଲ୍ୟୁ ତାଙ୍କଠାରୁ



ଠକେଇ ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବାକୁ ଯୋଜନା କରିଛି। ଅନ୍ୟପକ୍ଷରେ ସ୍ତ୍ରୀ ପୁଷ୍ପଲତା ବେହୁରାଙ୍କୁ ମଧ୍ୟ ଇଓଡବ୍ଲ୍ୟୁ ଧରିବାକୁ ପ୍ରୟାସ ଚଳାଇଛି। ତେବେ ଠକେଇ ଟଙ୍କା ବିଭିନ୍ନ ଆକାଉଣ୍ଟକୁ ଟ୍ରାନ୍ସଫର୍ ହୋଇଥିବାରୁ ସେସବୁ ଆକାଉଣ୍ଟକୁ ମଧ୍ୟ ଯାଞ୍ଚ କରୁଛି ଇଓଡବ୍ଲ୍ୟୁ। ଏଥିସହ ଉକ୍ତ ଆକାଉଣ୍ଟଗୁଡ଼ିକୁ ଫ୍ରିଜ୍ କରିବାକୁ ପ୍ରୟାସ ଆରମ୍ଭ କରିଛି ତଦନ୍ତକାରୀ ସଂସ୍ଥା।

ସୂଚନାଯୋଗ୍ୟ, ଭଦ୍ରକ ଚାନ୍ଦବାଲି ଅଞ୍ଚଳର ମୋହନ ତାଙ୍କ ସ୍ତ୍ରୀଙ୍କ ସହ ମିଶି ୨୦୨୦ରୁ ୨୦୨୩ ମଧ୍ୟରେ ୱେ ଟୁ ଆଡ୍ ଇଣ୍ଡିଆ ପ୍ରାଇଭେଟ ଲିଃ କମ୍ପାନୀ ଖୋଲି ବିଭିନ୍ନ ସ୍କିମ୍ ନାଁରେ ଠକେଇ ଜାଲ ବିଛାଇଥିଲେ। ପ୍ରତି ମାସରେ ୨୬ ପ୍ରତିଶତ ଲାଭ ଓ ୩ ମାସ ଧରି ଏଭଳି ଲାଭ ମିଳିବ ବୋଲି ଲୋକଙ୍କୁ କହୁଥିଲେ। ଏଥିସହ ନୂଆ ସଦସ୍ୟଙ୍କୁ ଯୋଡ଼ିଲେ ୨ ପ୍ରତିଶତ ବୋନସ୍ ମିଳିବାର ଲୋଭ ଦେଖାଇ ନିବେଶକଙ୍କଠାରୁ ୫୦କୋଟିରୁ ଅଧିକ ଟଙ୍କା ଠକେଇ କରିଥିଲେ। ଭୁବନେଶ୍ୱର କଳିଙ୍ଗନଗରର ଚିତ୍ତରଞ୍ଜନ ପାଲୋଙ୍କ ଏତଲା ଆଧାରରେ ଇଓଡବ୍ଲ୍ୟୁ ମେ' ୧୬ରେ ଏ ସଂକ୍ରାନ୍ତରେ ମାମଲା (ନଂ.୬/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ବାପା ଛୁରାମାଡ଼ରେ ପୁଅ ମୃତ

ପାପଡ଼ାହାଣ୍ଡି,୨୯।୫ (ସ୍ୱପ୍ନଜିତ ପଟ୍ଟନାୟକ)

**ଚାଷ କାମ ପାଇଁ ଟଙ୍କା ମଗାକୁ ନେଇ ବଚସାରୁ ହତ୍ୟା**

ଚାଷକାମ ପାଇଁ ଟଙ୍କା ମାଗିବାକୁ କେନ୍ଦ୍ରକରି ହତ୍ୟାକାଣ୍ଡ। ବାପା ଛୁରାମାଡ଼ରେ ପୁଅର ମୃତ୍ୟୁ ହୋଇଛି। ବୁଧବାର ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନାରେ ମୃତକଙ୍କ ବଡ଼ଭାଇ ହତ୍ୟାକାଣ୍ଡ ସମ୍ପର୍କରେ ଏତଲା ଦେଇଛନ୍ତି। ମୃତକ ହେଲେ ତେନ୍ତୁଳିଖୁଣ୍ଟି ବ୍ଲକ ନୀଳଗୁଣ୍ଡିଗୁଡ଼ା ଗ୍ରାମର ନବୀନ ଖୁରାଙ୍କ ପୁଅ ସଲମନ। ପାପଡ଼ାହାଣ୍ଡି ପୋଲିସ ଅଭିଯୁକ୍ତ ନବୀନଙ୍କୁ ଗିରଫକରି ଘଟଣାର ତଦନ୍ତ ଚଳାଇଛି।

ଏତଲା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ସଲମନ ଜମି ଚାଷ କରିବାକୁ ନବୀନଙ୍କୁ ୨ହଜାର ଟଙ୍କା ମାଗିଥିଲେ। ବୁଧବାର ସକାଳ ସୁଦ୍ଧା ଟଙ୍କା ଦେବାକୁ ସେ ବାପାଙ୍କୁ କହିଥିଲେ। ଏଥିରେ କିନ୍ତୁ ନବୀନ ରାଗିଯାଇଥିଲେ। ଏହାକୁ ନେଇ ନବୀନ ଓ ସଲମନଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ନବୀନ ପାଖରେ ଥିବା ଏକ ଧାରୁଆ ଛୁରିରେ ସଲମନଙ୍କ ବାମ ଛାତିକୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ସଲମନଙ୍କର ମୃତ୍ୟୁ ହୋଇଯାଇଥିଲା। ଏହା ମଧ୍ୟରେ ରାତି ହୋଇଯାଇଥିବାରୁ ପରିବାର ଲୋକେ ପୋଲିସକୁ ଜଣାଇ ନ ଥିଲେ। ତେବେ ବୁଧବାର ମଧ୍ୟାହ୍ନ ୧୨.୩୦ରେ ମୃତ ସଲମନଙ୍କ ବଡ଼ଭାଇ ଅମିଲାଲ ପାପଡ଼ାହାଣ୍ଡି ଥାନାକୁ ଯାଇ ଘଟଣା ସମ୍ପର୍କରେ ଏତଲା ଦେଇଥିଲେ। ତାଙ୍କ ଏତଲା ଅନୁଯାୟୀ ପୋଲିସ କେସ୍ ନମ୍ବର ୧୨୦/୨୪ରେ ମାମଲା ରୁଜୁକରିବା ସହ ତଦନ୍ତ ପାଇଁ ନୀଳଗୁଣ୍ଡିଗୁଡ଼ାକୁ ଯାଇଥିଲା। ଘଟଣାସ୍ଥଳରୁ ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇବାକୁ ଡାକ୍ତରଖାନା ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଥିସହ ପୋଲିସ ଅଭିଯୁକ୍ତ ନବୀନଙ୍କୁ ଗିରଫକରି ଘଟଣାର ତଦନ୍ତ କରୁଛି।

# ପିତାଙ୍କ ପଥେ ଅର୍ଜୁନ

**ପାରମ୍ପରିକ କଣ୍ଢେଇ ନାଚ କଳାକୁ ବଞ୍ଚାଇବାର ପ୍ରୟାସ**

ଚମ୍ପୁଆ,୨୯।୫ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ସମେତ ରାଜ୍ୟରେ କଣ୍ଢେଇ ନୃତ୍ୟ ପାରମ୍ପରିକ କଳା ଭାବେ ପରିଚିତ। ଗ୍ରାମାଞ୍ଚଳଠାରୁ ଆରମ୍ଭକରି ସହରାଞ୍ଚଳରେ ଜନସାଧାରଣଙ୍କର ମନୋରଞ୍ଜନ ମାଧ୍ୟମ ହୋଇରହିଛି। ଏବେ ଟେଲିଭିଜନ, ମୋବାଇଲ ଯୁଗରେ ପାରମ୍ପରିକ କଳା ଲୋପ ପାଇଯାଉଥିବା ବେଳେ ଏହାକୁ ବଞ୍ଚାଇ ରଖିଛନ୍ତି ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ଟିଆଁପସି ଗ୍ରାମର ଅର୍ଜୁନ ସିଂହ। ପିତାଙ୍କୁ ଦେଇଥିବା କଥା ରଖି ପିତାଙ୍କ ବିୟୋଗ ପରେ ତାଙ୍କ ପଥ ଅନୁସରଣକରି କଣ୍ଢେଇନାଚକୁ ଆପଣେଇଛନ୍ତି।



ସୂଚନା ଅନୁଯାୟୀ, ଅର୍ଜୁନଙ୍କ ବାପା ଶିଳ୍ପୀ ମୁନିବର ସିଂହଙ୍କ କଣ୍ଢେଇ ନୃତ୍ୟ ଶିଳ୍ପୀଭାବେ ବେଶ୍ ଖ୍ୟାତି ରହିଥିଲା। ସେ ଜିଲା, ଜିଲା ବାହାରେ କଣ୍ଢେଇ ନୃତ୍ୟ ପରିବେଷଣ କରି ପୁରସ୍କୃତ ହୋଇଛନ୍ତି। ତାଙ୍କୁ ଅର୍ଜୁନ ସହଯୋଗ କରୁଥିଲେ। ମୁନିବରଙ୍କ ଅକାଳ ବିୟୋଗ ପରେ ଅର୍ଜୁନ ପିତାଙ୍କୁ ଦେଇଥିବା କଥା ଅନୁଯାୟୀ ପାରମ୍ପରିକ କଳାକୁ ଆଦରି ନେଇଛନ୍ତି। ପିତାଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରୁଥିବା ଅର୍ଜୁନ ଶେଷରେ ନିଜକୁ ଜଣେ କଣ୍ଢେଇ ନୃତ୍ୟ ଶିଳ୍ପୀଭାବେ ପ୍ରତିପାଦିତ କରିପାରିଛନ୍ତି। ପିତାଙ୍କ ଦ୍ୱାରା ଗଢ଼ାଯାଇଥିବା ଜୟ ଜଗନ୍ନାଥ କଣ୍ଢେଇ ନୃତ୍ୟ କଳା ପ୍ରତିଷ୍ଠାନର ଦାୟିତ୍ୱ ନେଇଛନ୍ତି। ଏହାଦ୍ୱାରା ପୌରାଣିକ କଥାବସ୍ତୁ ଉପରେ ଆଧାରିତ କଣ୍ଢେଇ ନାଟକ ଗୋପରେ ବଢୁଛି କଳା କହ୍ନେଇ, କଂସ ବଧ ଆଦି କଥାବସ୍ତୁକୁ ନିର୍ଜୀବ କାଠ କଣ୍ଢେଇ ମୁହଁରେ ପ୍ରତିଫଳିତ କରିପାରିଛନ୍ତି। କଣ୍ଢେଇ ଦ୍ୱାରା ବିଭିନ୍ନ ଚରିତ୍ରକୁ ଚିତ୍ରଣକରି ଦର୍ଶକଙ୍କ ମନୋରଞ୍ଜନ କରୁଛନ୍ତି। ପରିବର୍ତ୍ତନଶୀଳ ସମାଜରେ ପୌରାଣିକ କଥାବସ୍ତୁ ସାମାଜିକ ସଂସ୍କାରର ଏକ ମାଧ୍ୟମ ହୋଇଥିବା ବେଳେ ଏହି ପୌରାଣିକ କଥାବସ୍ତୁକୁ ନେଇ ଅନୁଷ୍ଠିତ କଣ୍ଢେଇ ନାଚ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି। ହଜିଯାଉଥିବା ପାରମ୍ପରିକ କଣ୍ଢେଇ ନୃତ୍ୟକୁ ସରକାରୀ ପ୍ରୋତ୍ସାହନ ମିଳିଲେ ଏହା ଆହୁରି ଆଗକୁ ବଢ଼ିପାରିବ ବୋଲି ଅର୍ଜୁନ କହିଛନ୍ତି। ଏହି କଣ୍ଢେଇ ନାଚରେ ନିଜ ପରିବାର ଲୋକ ସହଯୋଗ କରନ୍ତି। କଣ୍ଢେଇ ନୃତ୍ୟ ଦ୍ୱାରା ଉପାର୍ଜିତ ଅର୍ଥରେ ପରିବାର ପ୍ରତିପୋଷଣ କରିବା ଯଥେଷ୍ଟ ହେଉ ନ ଥିବାରୁ ଚାଷ ଉପରେ ମଧ୍ୟ ନିର୍ଭର କରିବାକୁ ପଡୁଛି ବୋଲି ସେ କହିଛନ୍ତି।

# ବଜ୍ରପାତରେ ଗଲା ୨ ଜୀବନ

ବେହେରା/କୋକସରା,୨୯।୫(ଭୂପେଶ ତିୱାରୀ/ଦୁଷ୍ମନ୍ତ କୁମାର ପାଟଯୋଷୀ)


କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ଧଅଁରପୁର ପଞ୍ଚାୟତ ତେନ୍ତୁଳିପଡ଼ା ଗ୍ରାମରେ ବୁଧବାର ବଜ୍ରପାତରେ ୨ ଯୁବକଙ୍କ ଜୀବନ ଯାଇଛି। ସେମାନେ ହେଲେ ତେନ୍ତୁଳିପଡ଼ା ଗ୍ରାମର ମିସ୍ତ୍ରି ଭାବେ କାମ କରୁଥିବା ଠଣସୁନ୍ଦର ଗୋପାଳ (୨୬) ଓ କାମାଞ୍ଚଳ ଚନ୍ଦନ (୨୫)। ସୂଚନାମତେ ଠଣସୁନ୍ଦର ଓ କାମାଞ୍ଚଳ କାମ କରିବାକୁ ଧଅଁରପୁର ଗ୍ରାମକୁ ଯାଇ ସନ୍ଧ୍ୟାରେ ଫେରୁଥିବା ବେଳେ ହଠାତ୍ ଜୋର୍‌ରେ ଘଡଘଡି ସହ ବର୍ଷା ହୋଇଥିଲା। ଦୁଇ ଯୁବକ ଗ୍ରାମ ଅନତି ଦୂର ଚାରିଖୁଣ୍ଟିଆ ପୋଖରୀ ନିକଟରେ ଥିବା ଏକ ଗଛତଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ହିଁ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ କୋକସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନା ପଠାଇଛି। ତେବେ ମୃତକଙ୍କ ପରିବାର ଅତି ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଲୋକଙ୍କ ଆକ୍ରମଣରେ ଏସ୍‌ଡିପିଓ, ଆଇଆଇସି ଗୁରୁତର

**ଜମିଜମା ବିବାଦକୁ ନେଇ ଉତ୍ତେଜନା**

ବାରିପଦା,୨୯।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ବେଲପାଳ ଗ୍ରାମରେ ଜମିଜମା ଗଣ୍ଡଗୋଳକୁ ନେଇ ଅଭାବନୀୟ ଘଟଣା ଘଟିଯାଇଛି। ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇ ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାଶ ଓ ବଡ଼ସାହି ଥାନା ଆଇଆଇସି ଉମାଶଙ୍କର ନାୟକ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ଉଭୟଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଉତ୍ତ୍ୟକ୍ତ ଲୋକେ ପୋଲିସ ଗାଡ଼ି ମଧ୍ୟ ଭଙ୍ଗାରୁଜା କରିଛନ୍ତି। ଉତ୍ତେଜନା ଲାଗି ରହିଥିବାରୁ ଗ୍ରାମରେ ପୋଲିସ ଫୋର୍ସ ମୃତୟନ କରାଯାଇଛି।



ଗୁରୁତର ଏସ୍‌ଡିପିଓ ସୁଦର୍ଶନ ଦାଶ।

ସୂଚନାଯୋଗ୍ୟ, ବେଲପାଳ ଗ୍ରାମର ଜଣେ ବ୍ୟକ୍ତି ଏକ ଫ୍ଲାଏ ଆସ୍ ଫ୍ୟାକ୍ଟ୍ରିର ଋଣ ଶୁଝି ନ ପାରିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ତାହାକୁ ନିଲାମ କରିଥିଲେ। ସେହି ଗ୍ରାମର ଅନ୍ୟ ଜଣେ ବ୍ୟକ୍ତି ନିଲାମ ନେଇ ଫାକ୍ଟ୍ରି ଚଳାଉଥିଲେ। ଋଣ ଖିଲାପକାରୀ ଜଣକ କୋର୍ଟରେ ଆଶ୍ରୟ ନେଇଥିବା ବେଳେ ମାମଲା ବିଚାରାଧୀନ ରହିଛି। ତେବେ ରାୟ ପ୍ରକାଶ ପାଇବା ପର୍ଯ୍ୟନ୍ତ ଫ୍ଲାଏ ଆସ ଫ୍ୟାକ୍ଟ୍ରିକୁ ପୂର୍ବ ମାଲିକଙ୍କୁ ପୁନଃ ଦଖଲ ଆଦେଶ ଦେବା ସହିତ ଜିଲା ପ୍ରଶାସନ ଓ ପୋଲିସକୁ ସହଯୋଗ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ସକାଳେ ଉକ୍ତ ଫ୍ୟାକ୍ଟ୍ରିର ପ୍ରବେଶ ରାସ୍ତାରେ ପୂର୍ବ ମାଲିକ ବାଡ଼ ବସାଇବା ସମୟରେ ବର୍ତ୍ତମାନ ଦଖଲରେ ଥିବା ମାଲିକ ବିରୋଧ କରିଥିଲେ। ଫଳରେ ଗଣ୍ଡଗୋଳର ସୂତ୍ରପାତ ହେବା ସହ ଉଭୟଙ୍କ ମଧ୍ୟରେ ମାରପିଟ ଲାଗିଥିଲା।

ଆକ୍ରମଣରେ ନିଲାମ ଧରିଥିବା ବ୍ୟକ୍ତିଙ୍କ ଜଣେ ସମ୍ପର୍କୀୟ ଗୁରୁତର ହୋଇ ବାରିପଦା ପିଆର୍‌ଏମ୍ ମେଡିକାଲରେ ଚିକିତ୍ସାଧିନ ଅଛନ୍ତି। ଏହି ଘଟଣାକୁ ନେଇ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ଦାବିରେ ବଡ଼ସାହି-ବେତନଟୀ ରାସ୍ତାର ବେଲପାଳ ଛକରେ ରାସ୍ତା ଅବରୋଧ କରିଥିଲେ। ଦିନ ତମାମ ବିକ୍ଷୋଭକାରୀମାନେ ଟାୟାର ଜାଳି ଗାଡ଼ି ଚଳାଚଳ ବନ୍ଦ କରିଥିଲେ। ଖବରପାଇ ବଡ଼ସାହି ବିଡିଓ ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଲୋକେ ଜିଦ୍‌ରେ ଅଟଳ ରହିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଓ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ବାଚନୀ ପ୍ରଚାରରେ ନିୟୋଜିତ ପୋଲିସ ଅଧିକାରୀମାନେ ଡିଉଟି ସାରି ଘଟଣାସ୍ଥଳରେ ଫୋର୍ସ ସହିତ ପହଞ୍ଚିଥିଲେ। ଗୁରୁବାର ନିର୍ବାଚନ ପାଇଁ ପୋଲିଂ ପାର୍ଟି ଗାଡ଼ି ଯାତାୟାତ କରିବାକୁ ଥିବାରୁ ରାସ୍ତା ଅବରୋଧରୁ ଗ୍ରାମବାସୀଙ୍କୁ ନିବୃତ୍ତ ରହିବାକୁ ପୋଲିସ ତାଗିଦ୍ କରିଥିଲା। ଏଥିରେ ଅସନ୍ତୋଷ ପ୍ରକାଶ କରି ଗ୍ରାମର ମହିଳା ପୁରୁଷମାନେ ସଂଘବଦ୍ଧ ଭାବେ ପୋଲିସ ଉପରକୁ ଆକ୍ରମଣ କରିଥିଲେ। ପୋଲିସ ଗାଡ଼ି ଭାଙ୍ଗିବା ସହ ଘଟଣାସ୍ଥଳରେ ଉପସ୍ଥିତ ଥିବା ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାଶ ଓ ବଡ଼ସାହି ଥାନା ଆଇଆଇସି ଉମାଶଙ୍କର ନାୟକଙ୍କୁ ଆକ୍ରମଣ କରିଥିଲେ। ଏସ୍‌ଡିପିଓଙ୍କ ମୁଣ୍ଡ ଫାଟିଥିବା ବେଳେ ଆଇଆଇସିଙ୍କ ହାତ ଭାଙ୍ଗିଥିବା ସୂଚନା ମିଳିଛି। ଏସ୍‌ପି ଏସ୍.ସୁଶ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଅନ୍ୟ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ପ୍ରତି ନଜର ରଖିଛନ୍ତି।

# ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

ଠାକୁରମୁଣ୍ଡା,୨୯।୫(ତାରାକାନ୍ତ ପଟ୍ଟନାୟକ)

କରଞ୍ଜିଆ-ଠାକୁରମୁଣ୍ଡା ରାସ୍ତାର ପାଟବିଲ ନିକଟରେ ବୁଧବାର ଅପରାହ୍ନରେ ଏକ ଥଣ୍ଡା ପାନୀୟ ବୋଝେଇ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କରଞ୍ଜିଆ ଥାନା ଅଧୀନ କଳାକାଦ ଗ୍ରାମର ଅଜୟ ନାଏକ।

ସୂଚନା ଅନୁଯାୟୀ, କରଞ୍ଜିଆରୁ ଏକ ଥଣ୍ଡା ପାନୀୟ ବୋଝେଇ ଟ୍ରକ୍ ଠାକୁରମୁଣ୍ଡା ଆସି ଫେରୁଥିବା ବେଳେ କଳାକାଦରୁ ଠାକୁରମୁଣ୍ଡା ଆଡକୁ ଆସୁଥିବା ବାଇକ୍‌କୁ ଧକ୍କା ଦେଇଥିଲା। ଖବର ପାଇ କରଞ୍ଜିଆ ଥାନା ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ସଂକ୍ଷେପରେ

### ଦେଶୀ ମଦ ଚୋରା ଚାଲାଣ ବେଳେ ଜଣେ ଗିରଫ

ଜୟପୁର, ୨୯।୫(ପବନ ପାଣିଗ୍ରାହୀ)– ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ପୋଲିସ ଚଢ଼ାଉକରି ଜଣଙ୍କୁ ଗିରଫ କରିଛି। ସେହେଲେ ବଙ୍ଗଳାଗୁଡ଼ାର ଭଗବାନ ପରଜା। ଭଗବାନ ମଦ ଧରି ଯାଉଥିବା ସୂଚନା ପାଇ ପୋଲିସ ବଙ୍ଗଳାଗୁଡା ରାସ୍ତାରେ ତାଙ୍କୁ ଧରିଥିଲା। ତାଙ୍କଠାରୁ ୯ ଲିଟର ଦେଶୀ ମଦ ଜବତ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଓଆଇସି ନୀଳାଦ୍ରି ବିହାରୀ ମିଶ୍ର କହିଛନ୍ତି ।

### ଟ୍ରକ୍ ପଛରେ ପିଟିଲା କାର୍, ୨ ଆହତ

ଜୟପୁର, ୨୯।୫(ପବନ ପାଣିଗ୍ରାହୀ)

ଟ୍ରକ୍‌ପଛରେଧକ୍କାଦେଲା ଜାଇଲୋ କାର୍। ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ମଙ୍ଗଳବାର ରାତି ୨ଟାରେ ଏକ ଟ୍ରକ୍ ପଛରେ କାର୍ ଧକ୍କା ହୋଇଛି। ଫଳରେ କାରରେ ଥିବା ୨ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ ବଳରାମ ଗୌଡ ଓ ସିଙ୍ଗ ସାଅନ୍ତା । ଟ୍ରକ୍‌ଟି ବୋରିଗୁମ୍ମା ଅଭିମୁଖେ ଯାଉଥିବା ବେଳେ ଜେଇଲୋ କାର୍‌ଟି ଦ୍ରୁତଗତିରେ ଆସି ଟ୍ରକ୍ ପଛରେ ଧକ୍କା ଦେଇଥିଲା। ଖବର ପାଇ ସଦର ପୋଲିସ ପହଞ୍ଚି କାର୍‌କୁ ଜବତକରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ସପ୍ତାହକରେ ୧୦୦ ଅସାମାଜିକ ବ୍ୟକ୍ତି ଗିରଫ

ଛତ୍ରପୁର,୨୯।୫ (ସନ୍ତୋଷ ପାଢ଼ୀ): ଗଞ୍ଜାମ ପୋଲିସ ଜିଲାରେ ଅପରାଧ ରୋକିବା ଏବଂ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ ପାଇଁ ସ୍ୱେଶାଲ ଡ୍ରାଇଭ ଚାଲିଛି। ଗୋଟିଏ ସପ୍ତାହରେ ବିଭିନ୍ନ ଥାନା ପୋଲିସ ପକ୍ଷରୁ ୧୦୦ ଜଣ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଜିଲାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଏହାର ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଏଥିସହ ଏମାନଙ୍କ ଠାରୁ ମାରଣାସ୍ତ୍ର ଜବତ କରିବା ଉପରେ ଫୋକସ ରହିଛି। ଏମାନେ ହତ୍ୟା, ହତ୍ୟା ଉଦ୍ୟମ, ଲୁଟ, ଚୋରି ମାମଲାରେ ସମ୍ପୃକ୍ତ ଥିବା କୁହାଯାଇଛି ।

### ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ

ଛତ୍ରପୁର,୨୯।୫(ସନ୍ତୋଷ ପାଢ଼ୀ): ଚମାଖଣ୍ଡି ଥାନା ଅନ୍ତର୍ଗତ ତଥା ଟାଙ୍ଗଣାପଲ୍ଲୀ ଗ୍ରାମ ପଞ୍ଚାୟତ ଅଧୀନସ୍ଥ କେଟିଏନପୁର ଗ୍ରାମରେ ଗତ ୨୫ ତାରିଖ ଦିନ ତାଙ୍କ ସ୍ୱାମୀ ବଂଶୀ ପ୍ରଧାନ ମଦ ପିଇ ସ୍ତ୍ରୀ ସୀତା (୩୦)ଙ୍କୁ ମାଡ଼ ମାରି ମୁଣ୍ଡ ଫଟାଇ ଦେଇଥିଲେ। ପୂର୍ବରୁ ମଧ ସେ ମାଡ଼ ମାରୁଥିଲେ ବୋଲି କୁହାଯାଇଛି । ମାଡ଼ ଭୟରେ ସ୍ତ୍ରୀ ସୀତା ପ୍ରଧାନ ନିଜର ବାପା ଘର କେଟିଏନପୁର ଗ୍ରାମରେ ପିଲାମାନଙ୍କୁ ଧରି ରହୁଥିଲେ ମଧ୍ୟ ରାଗ କ୍ରୋଧାନିତ ହୋଇ ନିଜ ଶଶୁର ଘରକୁ ଯାଇ ତାଙ୍କୁ ମାଡ ମାରିଥିଲେ। ଏ ନେଇ ମଙ୍ଗଳବାର ସୀତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତିକରି ଚମାଖଣ୍ଡି ଥାନା ପୋଲିସ ମାମଲା ରୁଜୁ କରି ବଂଶୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

# ସହରରେ ବିକ୍ରି ହେଉଛି ବାସିଖାଦ୍ୟ

**ଯାଞ୍ଚ ହେଉନି ଖାଦ୍ୟର ମାନ**

**ବାସି କେକ୍ ବିକ୍ରି ଧରାପଡ଼ିଲେ ଦୋକାନୀ**

କୋରାପୁଟ,୨୯।୫(ଅମିତାଭ ବେହେରା)

କୋରାପୁଟ ସହରରେ ମିଳୁଛି ବାସିଖାଦ୍ୟ। ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ନିୟମିତ ଭାବେ ଯାଞ୍ଚ କରାଯାଉ ନ ଥିବାରୁ କେତେଜଣ ଦୋକାନୀ ମନମୁଖି ଭାବେ ଖାଦ୍ୟ ତିଆରି କରି ଗ୍ରାହକଙ୍କୁ ବିକ୍ରି କରୁଛନ୍ତି । ସେଇ ଖାଦ୍ୟକୁ ଗ୍ରାହକ ଖାଇ ଅନେକ ରୋଗର ଶିକାର ହେଉଛନ୍ତି । ଏକ ଦୋକନରେ ବୁଧବାର ବାସି କେକ୍ ବିକ୍ରି ବେଳେ ଧରାପଡିଛି।

କୋରାପୁଟ ସହରରେ ରହିଥିବା ଶିବରାମ ସୁଇଟ ଷ୍ଟଲ୍‌ରୁ ଜଣେ ବ୍ୟକ୍ତି ନିଜ ପୁଅ ଜନ୍ମଦିନ ପାଇଁ ୩୦୦ ଟଙ୍କା ଦେଇ କେକ୍ ନେଇଥିଲେ । ବନ୍ଧୁବାନ୍ଧବଙ୍କ ସହିତ ଖୁସିରେ କେକ୍ କାଟିଥିଲେ । କେକ୍ ଖାଇବା ପରେ ଏହା ବାସି ବୋଲି ଜଣା ପଡ଼ିଥିଲା । ବାସି କେକ୍‌କୁ ନେଇ ଶିବରାମ ସୁଇଟ୍ ଷ୍ଟଲ୍‌ରେ ଫେରସ୍ତ



ଦୋକାନୀ ଦେଇଥିବା ବାସି କେକ୍।

କରିଥିଲେ । ସେହି କେକ୍‌କୁ ମଧ ଦୋକାନର କର୍ମଚାରୀମାନେ ଖାଇବା ପରେ ଏହା ବାସି ବୋଲି କହିଥିଲେ। ପରେ କେକ୍ ବନାଉଥିବା ମିସ୍ତ୍ରିଙ୍କୁ ଡକାଇ ତାଙ୍କୁ ମଧ ଖାଇବାକୁ ଦିଆଯାଇଥିଲା । ମାତ୍ର ସତକୁ ଲୁଚାଇବା ପାଇଁ ସେ ଏହା ବାସି ଲାଗୁ ନ ଥିବା କହିଥିଲେ । କେକ୍ ବାସି ଥିବା ଉପଲବ୍ଧି କରି ଦୋକାନ କର୍ମଚାରୀ ସମ୍ପୃକ୍ତ ଗ୍ରାହକଙ୍କୁ ୩ଶହ ଟଙ୍କା ଫେରାଇଥିଲେ। ଯଦି ସେହି କେକ୍ ଖାଇ କାହାର କିଛି କ୍ଷତି ହୋଇଥାନ୍ତା ତେବେ ସେଥି ପାଇଁ କିଏ ଦାୟୀ ରହିଥାନ୍ତା ବୋଲି ଗ୍ରାହକ ଜଣଙ୍କ ପ୍ରଶ୍ନ ଉଠାଇଛନ୍ତି । ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଲାଗି ସାଧାରଣରେ ଦାବି ହେଉଛି ।

# ତମାଖୁ ସେବନ ନିଷେଧ ନେଇ ସଚେତନତା କାର୍ଯ୍ୟକ୍ରମ




ଏନ୍‌ସିସି କ୍ୟାଡେଟ୍‌ମାନେ ଲୋକଙ୍କୁ ସଚେତନ କରୁଛନ୍ତି।

ଜୟପୁର, ୨୯।୫(ପବନ ପାଣିଗ୍ରାହୀ)

ତମାଖୁ ସେବନ ନିଷେଧ ସମ୍ପର୍କରେ ସିଟିଓ ସନ୍ତୋଷିନୀ ମୁଣ୍ଡା ଏବଂ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ମହିଳା ଏନ୍‌ସିସି କ୍ୟାଡେଟ୍‌ଙ୍କ ଦ୍ୱାରା ବୁଧବାର ଏକ ସଚେତନତା କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ତମାଖୁ ସେବନର କୁଫଳ ସମ୍ପର୍କରେ ଜୟପୁର ପାରାବେଡ଼ା, ଏକଟାଗୁଡା, ଗଡପଦର ଗ୍ରାମରେ ଲୋକଙ୍କୁ ସଚେତନ କରାଯାଇଥିଲା। ଦୋକାନ ଦୋକାନ ବୁଲି ଏବଂ ରାସ୍ତାରେ ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ମଧ ସେମାନେ ସଚେତନ କରାଇଥିଲେ। କ୍ୟାଡେଟ୍ ଏସ୍‌ୟୁଓ ଦେବସ୍ମିତା ବେନିଆ, ଜେୟୁଓ ଗୌରୀ ମୁଦୁଲି, ଏସ୍‌ଜେଟି ଭାଲେଶ୍ୱରୀ ବାରିକ, ସିଡିଟି ଜ୍ୟୋତି ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗୁଣିଗାରେଡ଼ି ସନ୍ଦେହରେ ଗଣ୍ଡଗୋଳ

**ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହେଲେ ପରିବାର**

ଦଶମନ୍ତପୁର,୨୯।୫( ଅରବିନ୍ଦ ନାୟକ)

ସଚେତନତା ଅଭାବରୁ ଆଦିବାସୀମାନଙ୍କ ମନରୁ ଦୂରହୋଇପାରୁନାହିଁ ଅନ୍ଧବିଶ୍ୱାସ। ଏହାକୁ ନେଇ ବିଭିନ୍ନ ସମୟରେ ଅଘଟଣମାନ ଘଟୁଛି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅଞ୍ଚଳରେ ଗୁଣିଗାରେଡି ଭଳି ଘଟଣାକୁ ଗଣ୍ଡଗୋଳ ହୋଇଛି। ପରେ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ସୂଚନା ଅନୁସାରେ ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିର୍ଲିଗୁମା ପଞ୍ଚାୟତର ତଲ ତର୍ଲାଘାଟ ଗ୍ରାମରେ ମଙ୍ଗଳବାର କୌଣସି କାରଣ ନ ଥାଇ ଗ୍ରାମର ଦାନୁ ଜାନି, ସାଧୁ ଜାନି, ମହୋନ ଜାନି ଓ ପୂର୍ଣ୍ଣ ଜାନି ଗ୍ରାମର ତ୍ରିନାଥ ସାଉନ୍ତାଙ୍କ ସ୍ତ୍ରୀ ଲଛମାଙ୍କୁ ସନ୍ଦେହକରି ତୁ ଗୁଣିଗାରେଡ଼ି କରୁଛୁ ବୋଲି କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏଥିରେ ଭୟଭୀତ ହୋଇ ତ୍ରିନାଥ ଓ ତାଙ୍କ ସ୍ତ୍ରୀ ଲଛମା ବୁଧବାର ନ୍ୟାୟ ପାଇଁ ଥାନାର ଆଶ୍ରୟ ନେଇ ଉପରୋକ୍ତ ୪ ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଏତଲାକୁ ଭିତ୍ତିକରି ଥାନା ଅଧିକାରୀ ସୁକୁମା ହାଁସଦାଙ୍କ ନିର୍ଦ୍ଦେଶରେ ମୁରାନ ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକା ଘଟଣାସ୍ଥଳରେ ପହଞ୍ଚି ତଦନ୍ତକରି ସମ୍ପୃକ୍ତ ୪ ଯୁବକଙ୍କୁ ଥାନାକୁ ଡକାଇ ପଚରାଉଚରା କରିଥିଲେ। ତେବେ ଗୁଣିଗାରେଡ଼ି କରିବା ଘଟଣା ଠିକ୍ ନୁହେଁ। ଗାଳିଗୁଲଜ କରିଥିବା ନେଇ ସେମାନେ ଏତଲା ଦେଇଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଏସ୍‌ଆଇ ବିଡିକା କହିଛନ୍ତି।

# ଜଗନ୍ନାଥ ମନ୍ଦିର ହୁଣ୍ଡିରୁ ଚୋରି

କୁନ୍ଦୁରା,୨୯।୫ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିର ହୁଣ୍ଡିରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଛି। ସକାଳୁ ପୂଜାରୀ ଆଳତି କରିବାକୁ ଆସି ମନ୍ଦିର ଖୋଲି ହୁଣ୍ଡି ଭାଙ୍ଗି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ମନ୍ଦିର ପରିଚାଳନା କମିଟିକୁ ଖବର ଦେଇଥିଲେ। ପରେ କମିଟି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୭୦/୨୪ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନୀ କହିଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ମଧ ଦୁର୍ବୃତ୍ତମାନେ ଏହି ମନ୍ଦିରରୁ ହୁଣ୍ଡି ଭାଙ୍ଗି ଚୋରି କରିଥିଲେ। ସେମାନେ ଏଯାଏ ଧରାପଡିନାହାନ୍ତି। ମଙ୍ଗଳବାର ରାତିରେ ହୋଇଥିବା ଚୋରିରେ ସମ୍ପୃକ୍ତ ଅଭିଯୁକ୍ତମାନେ ଧରାପଡିବେ କି ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଭୋଟ ଗଣତି ପାଇଁ ମାଇକ୍ରୋ ଅବଜରଭର ନେଲେ ତାଲିମ



ତାଲିମ ନେଉଥିବା ମାଇକ୍ରୋ ଅବଜରଭରମାନେ।

ଜୟପୁର, ୨୯।୫ (ପବନ ପାଣିଗ୍ରାହୀ)

ଆସନ୍ତା ୪ ତାରିଖରେ ସାଧାରଣ ନିର୍ବାଚନର ଭୋଟ ଗଣତି ହେବ। ଏନେଇ ଜୟପୁର ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ ପରିସରରେ ମାଇକ୍ରୋ ଅବଜରଭରମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ରିଟର୍ଣ୍ଣିଂ ଅଫିସର କୋରାପୁଟ ଏଡିଏମ ଆଲୋମଣି ସେଠୀ, ଜୟପୁର ଉପ ଜିଲାପାଳ ପ୍ରଭାତ ପରିଡା, ଆସିଷ୍ଟାଣ୍ଟ ରିଟର୍ଣ୍ଣିଂ ଅଫିସର ଜୟପୁର ତହସିଲଦାର ମୋନାଲିସା ଆଚାର୍ଯ୍ୟ, ବୋରିଗୁମ୍ମା ତହିସିଲଦାର ଅମ୍ରିତଲାଲ ବେହେରା, କୋଟପାଡ ତହସିଲଦାର କିର୍ତ୍ତି ଚନ୍ଦ୍ର ପଧାନ ଓ କୁନ୍ଦୁରା ତହସିଲଦାର ବିନୋଦ ନାୟକ ମାଇକ୍ରୋ ଅବଜରଭରମାନଙ୍କୁ ତାଲିମ ଦେଇଥିଲେ।

# ରୋଟାରି କ୍ଲବ୍ ଜୟପୁର ପ୍ରାଇଡ୍ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର




ଶିବିରରେ ଉପସ୍ଥିତ ଆୟୋଜକ ଓ ଅନ୍ୟମାନେ।

ଜୟପୁର, ୨୯।୫(ପବନ ପାଣିଗ୍ରାହୀ)

ଜୟପୁର ଟାଉନ୍ ହଲ୍‌ଠାରେ ରୋଟାରି କ୍ଲବ ଜୟପୁର ପ୍ରାଇଡ୍ ପକ୍ଷରୁ ମାଗଣା ଚକ୍ଷୁ ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ବୁଧବାର ଅନୁଷ୍ଠିତ ହୋଇଛି । କ୍ଲବ ସଭାପତି ଅଶୋକ ମିଶ୍ର ଏଭଳି ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆଗକୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କରାଯିବ ବୋଲି ସୂଚନା ଦେଇଥିଲେ। ଶିବିରରେ ଡାକ୍ତର ନମ୍ରତା ମାଝୀ ଓ ତାଙ୍କ ବୈଷୟିକ ଟିମ୍ ପ୍ରାୟ ଶତାଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରଥିଲେ। ଏହି ଅବସରରେ ସମ୍ପାଦକ ସୁରେଶ ପାଣିଗ୍ରାହୀ, ଉପସଭାପତି ରାମହରି ପଣ୍ଡା, ମୁରଲୀଧର ସାବତ, ପ୍ରଭାକର ଚୌଧୁରୀ, ରାମନାଥ ସାହୁ, ଜିଭି ରାଓ, ରବିନାରାୟଣ ନନ୍ଦ, ଜ୍ୟୋତି ସ୍ୱରୂପ ଭୋଇ, କେ. ବ୍ରହ୍ମା, କାଲୁରାମ ପଣ୍ଡା, ନରେଶ ମହାକୁଳ ପ୍ରମୁଖ ରୋଟାରିଆନମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ତରଫରୁ ଏକ ଋଣ ମେଳା ଆୟୋଜନ କରାଯାଇଥିଲା। ବ୍ୟାଙ୍କ ପକ୍ଷରୁ କୁନ୍ଦନ ସିହ୍ନା ଓ ରାଜେନ୍ଦ୍ର ସାହୁ ଉପସ୍ଥିତ ଥିଲେ।

# ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ବାହାର ଚାପ ଖେଳ ଶେଷ

କୋରାପୁଟ,୨୯।୫(ଅମିତାଭ ବେହେରା)

କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ବାହାର ଚାପ ଖେଳ ବୁଧବାର ଶେଷ ହୋଇଛି। ଗତ ଅକ୍ଷୟ ତୃତୀୟାଠାରୁ ସ୍ଥାନୀୟ ଚନ୍ଦନ ପୋଖରୀଠାରେ ୨୧ ଦିନ ଧରି ଏହି ଚାପଖେଳ ଚାଲିଥିଲା। ଅକ୍ଷୟ ତୃତୀୟାଠାରୁ ପ୍ରତି ଦିନ ରାତିରେ ଶାବର ଶ୍ରୀକ୍ଷେତ୍ରରୁ ଶ୍ରୀଜୀଉଙ୍କୁ ଏକ ବିମାନରେ ବସାଇ ଚନ୍ଦନ ପୋଖରୀଙ୍କୁ ଅଣାଯାଇ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଜଗବନ୍ଧୁ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜକ ନରି ଶତପଥୀଙ୍କ ସମେତ ମନ୍ଦିରର ବହୁ ପୂଜକ ଏଥିରେ ସାମିଲ ହେଉଥିଲେ। କୋରାପୁଟ ଓଡ୍ରାଫ ପକ୍ଷରୁ ରବର ବୋଟ୍ ଯୋଗାଇ ଦିଆଯାଇଥିଲା। ପ୍ରତ୍ୟେହ ଶ୍ରୀଜୀଉଙ୍କ ଏହି ମନଲୋଭା ଚାପ ଖେଳ ଦେଖିବାକୁ



ଚନ୍ଦନ ପୋଖରୀରେ ଚାପ ଖେଳୁଛନ୍ତି ଶ୍ରୀଜୀଉ।

ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିଲା। ଗୁରୁବାରଠାରୁ ମନ୍ଦିର ଭିତରେ ଆଉ ୨୧ ଦିନ ଧରି ଚାପ ଖେଳ ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ମନ୍ଦିରର ପ୍ରକାଶ କର, ଭବାନୀ ଆଚାର୍ଯ୍ୟ, ଲଳିତ ମୋହନ ପଟ୍ଟନାୟକଙ୍କ ସମେତ ବହୁ କର୍ମଚାରୀ ସହଯୋଗ କରୁଥିଲେ।

# ଅଳିଆ ଆବର୍ଜନା ସ୍ଥାନରେ ପାନୀୟ ଜଳ ପ୍ରକଳ୍ପ

ସୁନାବେଡା/ ସେମିଳିଗୁଡା ୨୯।୫(କୃତ୍ତିବାସ ପ୍ରଧାନ/ ବାସୁଦେବ ବରାଡ)

ସୁନାବେଡା ପୌର ପରିଷଦ ପକ୍ଷରୁ ସେମିଳିଗୁଡା ଓସିସି ନଗର ଛକଠାରେ ଏକ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଦୁଇଦିନ ତଳେ ପ୍ରତିଷ୍ଠା କରାଯାଇଛି। ପଥଚାରୀଙ୍କୁ ଥଣ୍ଡା ପିଇବା ପାଣି ଯୋଗାଇ ଦେବା ଲକ୍ଷ୍ୟରେ ପ୍ରତିଷ୍ଠା ହୋଇଥିବା ଏହି ଷ୍ଟାଣ୍ଡ୍ ପୋଷ୍ଟଟି ଏକ ଅସ୍ୱାସ୍ଥ୍ୟକର ପରିବେଶରେ ବସାଯାଇଛି। ଫଳରେ ଏନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ପୌର ପ୍ରଶାସନ ଯେଉଁ ସ୍ଥାନରେ ଷ୍ଟାଣ୍ଡ୍ ପୋଷ୍ଟଟି ବସାଇଛି ସେହି ସ୍ଥାନରେ ଲୋକେ ଅଳିଆ ଆବର୍ଜନା ପକାନ୍ତି। ଏହାକୁ ପୌର ପରିଷଦର ଅଳିଆ ଗାଡି ପ୍ରତ୍ୟେହ ସଫା କରେ। ପୌରପାଳିକା ଏହା ଜାଣିଥିବା ସତ୍ତ୍ୱେ ସେ ସ୍ଥାନରେ କିପରି ପାନୀୟ ଜଳ ବ୍ୟବହାର ଲାଗି ଷ୍ଟାଣ୍ଡ୍ ପୋଷ୍ଟ ବସାଇଲା ସେନେଇ ପ୍ରଶ୍ନବାଚୀ



ବସାଯାଇଥିବା ପାନୀୟ ଜଳ ପ୍ରକଳ୍ପ।

ସୃଷ୍ଟି ହୋଇଛି। ଏସମ୍ପର୍କରେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ନାୟକଙ୍କୁ ପଚାରିବାରୁ ସେ କହିଲେ, ଯେଉଁ ସ୍ଥାନରେ ଆନୁସଙ୍ଗିକ ବ୍ୟବସ୍ଥା ଯେପରି ଲାଇନ୍ ଓ ପାଣିର ସୁବିଧା ଥିବ ସେପରି ସ୍ଥାନରେ ଏହାକୁ ବସାଇବା ନିୟମ ରହିଛି। ଯଦି ସେଠାରେ ଅଳିଆ ଆବର୍ଜନା ପଡୁଥାଏ ତେବେ ଜନସାଧାରଣଙ୍କୁ ସେଠାରେ ଅଳିଆ ନ ପକାଇବାକୁ କୁହାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ଅସନ୍ତୋଷ ପ୍ରକାଶ କରି ବିରୋଧ କଲେ ଶ୍ରଦ୍ଧାଳୁ

**ପଞ୍ଚମୁଖୀ ହନୁମାନ ମନ୍ଦିର ପାଖରେ ପୌରପାଳିକା ଫିଙ୍ଗିଲା ଅଳିଆ**

କୋରାପୁଟ,୨୯।୫ (ଅମିତାଭ ବେହେରା)

କୋରାପୁଟ ମ୍ୟୁନିସିପାଲିଟି ଅଧୀନରେ ରହିଥିବା ୧୨ ନମ୍ବର ୱାର୍ଡରେ ଅନେକ ବର୍ଷ ପରେ ଡ୍ରେନ୍ ସଫେଇ କାର୍ଯ୍ୟ ଚାଲିଛି । ଡ୍ରେନ୍‌ରୁ ବାହାରୁଥିବା ଅଳିଆ ଆବର୍ଜନା ନେଇ ପଞ୍ଚମୁଖୀ ହନୁମାନ ମନ୍ଦିର ପରିସରରେ ଫିଙ୍ଗାଯାଉଛି। ଫଳରେ ଏନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଏହାକୁ ବିରୋଧ କରିଛନ୍ତି। ଦୀର୍ଘ ୪ ବର୍ଷ ହେବ ଏହି ଡ୍ରେନ୍ ସଫେଇ ହୋଇ ନ ଥିଲା । ଆଗକୁ ବର୍ଷାଦିନ ଆସୁଛି । ପୌର ପରିଷଦ ଆଗରୁ ଡ୍ରେନ୍ ସଫା ନ କରି ଏବେ ତରବରିଆ ଭାବେ ସଫା କରୁଛି । ଡ୍ରେନ୍‌ରେ ଭରି ରହିଥିବା ୪ ବର୍ଷର ଅଳିଆ ଆବର୍ଜନାକୁ ନେଇ ପଞ୍ଚମୁଖୀ ହନୁମାନ ମନ୍ଦିର ପରିସରରେ ଫିଙ୍ଗାଯାଉଛି । ଏହାକୁ ନେଇ ୱାର୍ଡବାସୀ



ହନୁମାନ ମନ୍ଦିର ପରିସରରେ ପକାଯାଇଥିବା ଅଳିଆ ଆବର୍ଜନା।

ଅସନ୍ତୋଷ ପ୍ରକାଶ କରିଛନ୍ତି । ୱାର୍ଡବାସୀଙ୍କ କହିବା ଅନୁଯାୟୀ, ପଞ୍ଚମୁଖୀ ହନୁମାନ ମନ୍ଦିରକୁ ପୂଜା କରିବା ପାଇଁ ପ୍ରତିଦିନ ଶ୍ରଦ୍ଧାଳୁମାନେ ଆସୁଛନ୍ତି । ଏଠାରେ ଅନ୍ନପ୍ରସାଦ ରୋଷେଇ ମଧ କରାଯାଉଛି । ଏକ ଆଧାତ୍ମିକ ପରିବେଶ ଭିତରେ ଅଳିଆ ଆବର୍ଜନା ପକାଇ ମନ୍ଦିର ପରିବେଶକୁ ଦୂଷିତ କରାଯାଉଛି। ଏହା ପଡ଼ିବା ଦ୍ୱାରା ମନ୍ଦିର ଚତୁଃପାର୍ଶ୍ୱ ଦୁର୍ଗନ୍ଧ ହେଉଛି । ଏହାକୁ ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି । ତୁରନ୍ତ ମନ୍ଦିର ପରିସରରେ ପକାଯାଇଥିବା ଅଳିଆ ଆବର୍ଜନା ହଟାଇବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ କୋରାପୁଟ ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀଙ୍କୁ ପଚାରିବାରୁ ସେ ଏଥିପ୍ରତି ଦୃଷ୍ଟିଦେବେ ବୋଲି କହିଛନ୍ତି।

# ବିଜୁଳି ଆଲୁଅ ସାତସପନ, ଅନ୍ଧାରରେ ବିତୁଛି ଜୀବନ

**ରାୟଗଡ଼ା,୨୯।୫ (ଭାଗ୍ୟଶ୍ରୀ ମିଶ୍ର)**



ଗରମରୁ ମୁକ୍ତି ପାଇଁ ଗଛ ଛାଇରେ ମହିଳାମାନେ ବସିଛନ୍ତି।

ସ୍ୱାଧୀନତାର ୭ ଦଶନ୍ଧି ପରେ ବି ବିଜୁଳି ଆଲୁଅ ଲୋକଙ୍କ ପାଇଁ ସାତସପନ ପାଲଟିଛି। ସରକାର ପ୍ରତ୍ୟେକ ଗ୍ରାମକୁ ବିଜୁଳି ପହଞ୍ଚାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ତାହା କେତେ ମାତ୍ରାରେ ଫଳପ୍ରଦ ତାହାର ବାସ୍ତବ ଚିତ୍ର ରାୟଗଡ଼ା ସଦର ବ୍ଲକ୍ ଅନ୍ତର୍ଗତ ରାମଚନ୍ଦ୍ରନଗର ନୂଆ ଅମ୍ଳାଭଟା ସାହିରେ ଦେଖିବାକୁ ମିଳିଛି । ସହରରୁ ଅତି ନିକଟରେ ଥାଇ ମଧ୍ୟ ଆଜି ପର୍ଯ୍ୟନ୍ତ ବିଜୁଳି ନ ପହଞ୍ଚିବାରୁ ଅଭିଶପ୍ତ ଜୀବନ କାଟୁଛନ୍ତି ବସ୍ତିବାସନ୍ଦା ।

ସୂଚନାଯୋଗ୍ୟ, ଅମ୍ଳାଭଟାର ଏକ ସରକାରୀ ଜମିରେ ପ୍ରାୟ ୪୫ ପରିବାର ଦୀର୍ଘଦିନରୁ ରହି ଆସୁଥିଲେ। ତେବେ ୨୦୧୭ରେ ପ୍ରଶାସନ ପକ୍ଷରୁ ଉକ୍ତ ଜମି ଉଚ୍ଛେଦ ପରେ ସେମାନଙ୍କୁ ଥଇଥାନ କରା ନ ଯିବାରୁ ରାମଚନ୍ଦ୍ରନଗର ନୂଆ ଅମ୍ଳାଭଟାରେ ଥିବା ସରକାରୀ ଜମିରେ ସେମାନେ ଜରି, ପାଲ ବାନ୍ଧି ରହି ଆସୁଛନ୍ତି । ପ୍ରାୟ ୪୫ରୁ ଉର୍ଦ୍ଧ୍ୱ ପରିବାର ଦୀର୍ଘ ୭ବର୍ଷ ହେଲା ବସ୍ତିରେ ରହି ଆସୁଥିଲେ ମଧ୍ୟ ସେମାନଙ୍କ ଉପରେ ପ୍ରଶାସନର ଦୃଷ୍ଟି ପଡ଼ିନାହିଁ। କେବଳ ନିର୍ବାଚନ ଆସିଲେ ନେତା ଓ କର୍ମୀ ବସ୍ତିକୁ ଆସି ଭୋଟ ମାଗି ରାସ୍ତା, ବିଜୁଳି, ଘର ପଟ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ନିର୍ବାଚନ ସରିବା ପରେ ଆଉ କୌଣସି ନେତାଙ୍କ ଦେଖା ମିଳେନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ବସ୍ତିର ବିକାଶ କହିଲେ ପାନୀୟ ଜଳ ଏବଂ ସାହିରେ ୨ଟି ସୋଲାର ଲାଇଟ ଛଡ଼ା ଆଉ କିଛି ନାହିଁ ବୋଲି ବସ୍ତିବାସିନ୍ଦା କହିଛନ୍ତି। ବସ୍ତିକୁ ଆଜି ଯାଏଁ ବିଜୁଳି ସଂଯୋଗ ହୋଇ ନ ଥିବାବେଳେ ଲୋକଙ୍କ ଘର ପଟ୍ଟା, ଅନ୍ୟ ସରକାରୀ ସୁବିଧା ମିଳିନାହିଁ। ବସ୍ତିର ବିକାଶ ପାଇଁ ଟଙ୍କା ଆସୁଛି ହେଲେ, ରାସ୍ତା, ଆଲୋକୀକରଣ, ଶିକ୍ଷା ଭଳି ସବୁଥିରେ ଅଣଦେଖା କରାଯାଉଥିବା ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। ବିଭିନ୍ନ ସୁବିଧା ପାଇଁ ବ୍ଲକ ପ୍ରଶାସନଠାରୁ ଆରମ୍ଭକରି ଜିଲାପାଳଙ୍କୁ ବହୁ ଥର ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଆମେ ଅନେକ ଥର ସାଉଥ୍ କୋ କାର୍ଯ୍ୟାଳୟକୁ ଯାଇ ବସ୍ତିକୁ ବିଦ୍ୟୁତ୍ ସଂଯୋଗ ପାଇଁ ଅନୁରୋଧ କରିଛୁ। ବିଦ୍ୟୁତ୍ ଖୁଣ୍ଟ ଏବଂ ଅନ୍ୟ ସମସ୍ତ ଖର୍ଚ୍ଚ ରହିଛି । ତେଣୁ ସରକାରଙ୍କ ଦେୟମୁକ୍ତ କରେଣ୍ଟ ପାଇଁ ଅପେକ୍ଷା କରିବାକୁ ପଡ଼ିବ। ଯେବେ ଆସିବ ତମକୁ ଦିଆଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ କହୁଥିଲେ ମଧ୍ୟ ଆଜି ସୁଦ୍ଧା ବିଜୁଳି ପହଞ୍ଚିପାରି ନ ଥିବା ଗ୍ରାମର କମ୍ୟୁନିଟି ରିସୋର୍ସ ପର୍ସନ ନନ୍ଦିନୀ କାଡ୍ରାକା କହିଛନ୍ତି । ଏପରିକି ଗ୍ରାମବାସୀ ଚାନ୍ଦାକରି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଆଣିବାକୁ ଚାହୁଁଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି । ତେବେ ଗ୍ରାମରେ ବିଜୁଳି ନ ଥିବାରୁ ଅଞ୍ଚଳବାସୀ ଗରମରେ କଲବଲ ହେଉଥିବା କହିଛନ୍ତି। ଗରମରୁ ରକ୍ଷା ପାଇଁ ଶିଶୁଠାରୁ ଆରମ୍ଭକରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଦିନ ବେଳେ ଗଛ ଛାଇରେ ରହିବାକୁ ବାଧ୍ୟ ହେଉଛନ୍ତି। ବିଦ୍ୟୁତ ନ ଥିବାରୁ ମୋବାଇଲ ଚାର୍ଜ କରିହେଉନି। ମୋବାଇଲ ଚାର୍ଜ କରିବାକୁ ହେଲେ ଗାଁରୁ ୧ କି.ମି ଦୂର ଦୋକାନ କିମ୍ବା ନିଜ ସାମ୍ପର୍କୀୟଙ୍କ ଘରକୁ ଯିବାକୁ ପଡୁଛି ବୋଲି ଗ୍ରାମର ମହିଳାମାନେ କହିଛନ୍ତି। ସେହିପରି ସନ୍ଧ୍ୟା ପୂର୍ବରୁ ରୋଷେଇ ଏବଂ ଖାଇବା ସାରି ଶୋଇପଡୁଛନ୍ତି । ବିଜୁଳି ନ ଥିବାରୁ ପିଲାମାନେ ଡିବିରି ଆଲୁଅରେ ପାଠ ପଢୁଛନ୍ତି । ବସ୍ତିର ଅନେକ ପିଲା ସ୍ନାତକ ଡିଗ୍ରୀ ପଢ଼ିବା ବେଳେ ସେମାନଙ୍କ ମଧ୍ୟରୁ ଅନେକ ଉଚ୍ଚ ଶିକ୍ଷା ଏବଂ କମ୍ପିଟିଟିଭ ପ୍ରସ୍ତୁତି ପାଇଁ ଇଚ୍ଛୁକ ଥିବା କହିଛନ୍ତି। ଦିନ ଆଲୁଅ ଏବଂ ଡିବିରି ଆଲୁଅରେ ହିଁ ଯାହା ପାଠ ପଢ଼ା ହୁଏ ବୋଲି ପିଲାମାନେ କହିଛନ୍ତି । ଛୋଟ ପିଲାଙ୍କୁ ଧରି ଗରମ ଏବଂ ଅନ୍ଧାରରେ ରହିବା ଭାରି କଷ୍ଟକର ବୋଲି ସନ୍ଧ୍ୟା କୁମ୍ଭିକା କହିଛନ୍ତି। ସେହିପରି ଆଗାମୀ ଦିନରେ ପ୍ରଶାସନ ଏହାର ସମାଧାନ ନ କଲେ ରାସ୍ତାରେ ଗଛ ପକାଇ ରାସ୍ତାରୋକୋ କରିବେ ବୋଲି ବସ୍ତିର ଲିମ୍ବେ ହିମିରିକା, ସବିତା ପ୍ରିବିକା, ସିମି କୁଲେସିକା ପ୍ରମୁଖ ଚେତାବନୀ ଦେଇଛନ୍ତ। ବସ୍ତିକୁ ଆଜି ଯାଏଁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ସମ୍ପର୍କରେ ଟିପିଏସ୍ଓଡିଏଲ୍‌ର ସାଉଥ୍‌କୋ ଡିଭିଜନର ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କୁ ପଚାରିବାରୁ ଆମ ନଜରରେ ଉକ୍ତ ବସ୍ତି ଆସି ନ ଥିଲା। ଉକ୍ତ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କ ଦ୍ୱାରା ଜେଇଙ୍କ କାର୍ଯ୍ୟାଳୟକୁ ଛିଠି ଦିଅନ୍ତୁ। ପରେ ଏହାକୁ ବିଡିଓ ଅନୁଧ୍ୟାନ କରିବେ। ସେମାନେ ଯଦି ଜନଗଣନାରେ ଅନ୍ତର୍ଭୁକ୍ତ ଅଛନ୍ତି ତାଙ୍କୁ କରେଣ୍ଟ ଦେବା ବ୍ୟବସ୍ଥା କରିବେ ବୋଲି କହିଛନ୍ତି ।

# ମା’ ଅଗ୍ନି କୁମାରୀ ଠାକୁରାଣୀ ଯାତ୍ରା ଉଦ୍‌ଘାଟିତ





ଠାକୁରାଣୀଯାତ୍ରାରେ ବାଘନାଚ ପରିବେଷଣ କରାଯାଉଛି।

**ଟିକିରି, ୨୯।୫ (ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ଦୋରା ସାହିରେ ବୁଧବାରଠାରୁ ମା’ ଅଗ୍ନିକୁମାରୀ ଠାକୁରାଣୀ ଯାତ୍ରା ଆରମ୍ଭ ହୋଇଛି। ୩ ବର୍ଷରେ ଥରେ ପାଳନ ହେଉଥିବା ମା’ଙ୍କ ଏହି ଯାତ୍ରା ୯ ଦିନ ଧରି ଚାଲିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି। ମା’ ଅଗ୍ନି କୁମାରୀ ଠାକୁରାଣୀ ୮ ଦିନ ଧରି ବିଭିନ୍ନ ସାହିରେ ବୁଲିବା ସହ ଭୋଗ ଖାଇଥାନ୍ତି । ଏହା ସହ କିଛି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥାଏ। ମା’ଙ୍କ ଏହି ଯାତ୍ରା ଦେଖିବାକୁ ପାଇଁ ଲୋକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି। ଯାତ୍ରା ସମୟରେ ଶ୍ରଦ୍ଧାଳୁମାନେ ବାଘ, କାଳୀ ଓ ବିଭିନ୍ନ ବେଶରେ ସଜ୍ଜିତ ହୋଇ ମା’ଙ୍କ ସହ ଗ୍ରାମ ବୁଲୁଥାନ୍ତି। ଯାତ୍ରା ଶେଷ ଦିନ ମାନସିକଧାରୀମାନେ ପାରା, ଛେଳି, ମେଣ୍ଢା, କୁକୁଡା ବଳି ଦେବାର ପ୍ରଥା ରହିଛି।

# ପାହିରେଜୁ ଅଞ୍ଚଳରୁ ଆଇଇଡି ଜବତ

**ଫୁଲବାଣୀ,୨୯।୫(ରାକେଶ କୁମାର ରାଉତ)**

କନ୍ଧମାଳ ଜିଲାର ମାଓବାଦୀ ପ୍ରବଣ ଅଞ୍ଚଳ ଭାବେ ପରିଚିତ ଫିରିଙ୍ଗିଆ ବ୍ଲକର ପାହିରେଜୁ ଅଞ୍ଚଳରୁ ବିଏସ୍ଏଫ ଯବାନମାନେ ବୁଧବାର ଏକ ଶକ୍ତିଶାଳୀ ଆଇଇଡିକୁ ଜବତ କରିଛନ୍ତି। ପରେ ବୋମା ନିଷ୍କ୍ରିୟକାରୀ ଟିମ୍ ସେଠାରେ ପହଞ୍ଚି ଏହାକୁ ନିଷ୍କ୍ରିୟ କରିଥିଲେ। ଗୋଚ୍ଛାପଡ଼ା ଥାନା ପାହିରେଜୁ ପଞ୍ଚାୟତ ତିଲକାପଙ୍ଗାର ସାଧାରଣ ଜଙ୍ଗଲ ଅଞ୍ଚଳରେ ଆଇଇଡି ରହିଥିବା ବିଏସ୍ଏଫକୁ ଖବର ମିଳିଥିଲା। ସୂଚନାକୁ ଆଧାର କରି ବିଏସ୍ଏଫ ଜବାନମାନେ ପାହିରେଜୁରୁ ଅପରେଶନ୍ ଆରମ୍ଭ କରିଥିଲେ । ବିଏସ୍ଏଫ୍ ଟ୍ରୁପ୍ ଏବଂ ପୋଲିସ୍ ପ୍ରତିନିଧି ଟାର୍ଗେଟ୍ ଅଞ୍ଚଳରେ ପହଞ୍ଚିବା ପରେ ସର୍ଚ୍ଚ ଅପରେଶନ ଆରମ୍ଭ କରାଯାଇଥିଲା। ସନ୍ଧାନ ସମୟରେ ଜଙ୍ଗଲ ଭିତରେ ଏକ ଶକ୍ତିଶାଳୀ ଆଇଇଡି ଉଦ୍ଧାର କରାଯାଇଥିଲା। ଏହାପରେ ବୋମା ନିଷ୍କ୍ରିୟ ଟିମ୍ ଆସି ଏହାକୁ ନିଷ୍କ୍ରିୟ ଅବା ବିଚ୍ଛିନ୍ନ କରିଥିଲେ। ସୁଚନାଯୋଗ୍ୟ, ଗତ ୨୭ ତାରିଖରେ କୋଟଗଡ ବ୍ଲକରେ ପୋଲିସ ଇନଫର୍ମର ସନ୍ଦେହରେ ଦୁର୍ଗାପାଙ୍ଗା ପଞ୍ଚାୟତର ବାଡ଼ିପଙ୍ଗା ଗାଁର ମେଟଲା ରଇତଙ୍କୁ ଘରୁ ଡାକି ନେଇ ହତ୍ୟା କରିଥିଲେ। ଏହା ପରେ ସେହି ଅଞ୍ଚଳରେ କୋମ୍ବିଂ ଅପରେଶନ ବେଳେ ଟିଫିନ ବୋମା ଉଦ୍ଧାର କରାଯାଇଥିଲା।

# ସ୍ତ୍ରୀ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**ଛତ୍ରପୁର,୨୯।୫(ସନ୍ତୋଷ ପାଢ଼ୀ):**

ଗଞ୍ଜାମ ଜିଲା ରମ୍ଭା ଥାନା ଅନ୍ତର୍ଗତ ବେଣୀଗୋହିରି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ସ୍ୱାମୀ ପିଟି ପିଟି ସ୍ତ୍ରୀଙ୍କୁ ହତ୍ୟା କରିଥିବା ଝିଅର ପରିବାର ବର୍ଗ ରମ୍ଭା ଥାନାରେ ଅଭିଯୋଗ କରିଛନ୍ତି । ଏତଲାକୁ ଭିତ୍ତି କରି ସ୍ୱାମୀକୁ ପୋଲିସ ଅଟକ ରଖିଛି । ସୂଚନାଥାଉ କି, ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ନିମପଲି ଗ୍ରାମର କେ.ରଘୁନାଥଙ୍କ କନ୍ୟା କେ .ନମିତା ପାତ୍ରଙ୍କୁ ବେଣୀଗୋହିରି ଗ୍ରାମର କେ.ସନ୍ନ୍ୟାସୀ ପାତ୍ରଙ୍କ ପୁଅ କେ.ସନ୍ତୋଷ ପାତ୍ର ୧୫ ମାସ ତଳେ ବିବାହ କରିଥିଲେ। ବିବାହର ଦୁଇ ମାସ ପର୍ଯ୍ୟନ୍ତ ପରିବାର ଠିକ ଚାଲିଥିଲା । ପରେ ସ୍ୱାମୀ, ଶାଶୁ, ଶଶୁର ଓ ନଣନ୍ଦ ଅଧିକ ଯୌତକ ଦାବି କରି ନମିତାଙ୍କୁ ନିର୍ଯାତନା ଦେଇଆସୁଥିଲେ ବୋଲି ଅଭିଯୋଗ ହୋଇଛି । ମଙ୍ଗଳବାର ସ୍ୱାମୀ ସ୍ତ୍ରୀ ନମିତାଙ୍କୁ ଅତି ନୃଶଂସ ଭାବେ ପିଟି ପିଟି ହତ୍ୟା କରିଥିବା ତାଙ୍କ ଭାଇ ପି.ରମେଶ ପାତ୍ର ଲିଖିତ ଭାବେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ୪ଟା ବେଳେ ନମିତାଙ୍କ ଶଶୁର, ନମିତାଙ୍କ ଭାଇଙ୍କୁ ଫୋନ ଯୋଗେ ଭଉଣୀର ମୃତ ଖବର ଜଣାଇଥିଲେ । ନମିତାଙ୍କ ପରିବାର ବେଣୀଗୌରୀ ଗ୍ରାମରେ ପହଞ୍ଚି ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏତଲା କ୍ରମେ ପୋଲିସ ମାମଲା ରୁଜୁ କରି ସ୍ୱାମୀଙ୍କୁ ଅଟକ ରଖିଥିବା ପୋଲିସ କହିଛି। ବ୍ରହ୍ମପୁର ବଡ଼ମେଡ଼ିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରଯାଇଥିଲା। ଉକ୍ତ ଘଟଣାରେ ସଂପୃକ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିମନ୍ତେ ନମିତାଙ୍କ ପରିବାର ଦାବି କରିଛନ୍ତି ।

# କାଳବୈଶାଖୀରେ ଉପୁଡ଼ିଲା ଗଛ, ରାସ୍ତା ଅବରୋଧ



ଅଗ୍ନିଶମ ବିଭାଗ କର୍ମଚାରୀ ଗଛ କାଟି ରାସ୍ତା ସଫା କରୁଛନ୍ତି।

**ମୁନିଗୁଡା,୨୯।୫ (ନନ୍ଦ କିଶୋର ପଟ୍ଟନାୟକ)**

ରାୟଗଡା ଜିଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ତେଲେଙ୍ଗାପଦର ଅଞ୍ଚଳରେ ମଙ୍ଗଳବାର ରାତିରେ କାଳବୈଶାଖୀ ପ୍ରଭାବରେ ବହୁ ବଡ଼, ବଡ଼ ଗଛ ଉପୁଡି ରାସ୍ତା ଉପରେ ପଡି ରହିଥିଲା। ଫଳରେ ମୁନିଗୁଡାରୁ କନ୍ଧମାଳ ଜିଲାକୁ ସଂଯୋଗ କରୁଥିବା ରାସ୍ତା ଦୀର୍ଘ ସମୟ ଧରି ଅବରୋଧ ରହିଥିଲା। ଉଭୟ ପାର୍ଶ୍ୱରେ ବହୁ ସମୟ ଧରି ଟ୍ରକ୍, ବସ ସହ ଅନେକ ଛୋଟ ବଡ଼ ଗାଡି ଅଟକି ରହିଥିଲା । ଏପିରିକି ସେହି ସମୟରେ ଏକ ଆମ୍ବୁଲାନ୍ସ ଜଣେ ଗର୍ବବତୀଙ୍କୁ ନେଇ ମୁନିଗୁଡାକୁ ଆସୁଥିବା ବେଳେ ସେ ମଧ୍ୟ ଅଟକି ରହିଥିବା ଜଣାପଡିଥିଲା । ମୁନିଗୁଡା ଅଗ୍ନିଶମ ବିଭାଗ ଓଆଇସି କୈଳାଶ ଚନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ଗଛର ଡାଳଗୁଡିକୁ ମେଶିନ ସାହାଯ୍ୟରେ କାଟି ରାସ୍ତା ସାମାନ୍ୟ ସ୍ୱାଭାବିକ କରିବା ପରେ ପ୍ରଥମେ ଆମ୍ବୁଲାନ୍ସକୁ ଛଡ଼ାଯାଇଥିଲା। ପରେ ବିଷମକଟକ ଅଗ୍ନିଶମ ବିଭାଗର ସହାୟତା କ୍ରମେ ରାସ୍ତା ସମ୍ପୂର୍ଣ୍ଣ ସଫା କରାଯାଇଥିଲା। ରାତି ତମାମ ଗଛ କଟା କାର୍ଯ୍ୟ ଚାଲୁ ରହିଥିଲା । ମୁନିଗୁଡ଼ା ଅଗ୍ନିଶମ ବିଭାଗ ବିଲଦାର ମଦନ ସେଠୀ, ବ୍ରହ୍ମାନନ୍ଦ ଦାସ, ଆଗ୍ନିକ ବିକ୍ରମ ନାୟକ, ଆଶୁତୋଷ ପ୍ରଧାନ, ଦାଶରଥି ପଡିହାରୀ, ରିପୁଚନ୍ଦ୍ର ସାହୁ, ପୁରୁଷୋତ୍ତମ ନାୟକ, ପ୍ରମୋଦ ସାହୁ, ପ୍ରଦୀପ୍ତ ସ୍ୱାଇଁ ପ୍ରମୁଖ ଗଛ କାଟି ରାସ୍ତା ସଫା କରିଥିଲେ। ତେବେ ବୁଧବାର ସମ୍ପୂର୍ଣ ଭାବେ ରାସ୍ତା ସ୍ୱାଭାବିକ ହୋଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ରାତି ୮ଟା ପରେ ସମସ୍ତ ବଜାର ବନ୍ଦ ନିର୍ଦ୍ଦେଶକୁ ଅବମାନନା

## ବିଳମ୍ବିତ ରାତି ଯାଏ ଖୋଲା ରହୁଛି ମଦଦୋକାନ

**ପୁରୁଷୋତ୍ତମପୁର,୨୯।୫(ସୀମାଞ୍ଚଳ ମିଶ୍ର)**

ଜିଲାରେ ନିର୍ବାଚନୀ ପରବର୍ତ୍ତୀ ହିଂସାକୁ ରୋକିବାଲାଗି ଗଞ୍ଜାମ ଏସ୍‌ପି ଜଗମୋହନ ମିନା ରାତି ୮ଟା ପରେ ଥାନା ଅଞ୍ଚଳରେ ଥିବା ସମସ୍ତ ଚାହା ଦୋକାନ ଓ ଢାବାହୋଟେଲ ମାନ ବନ୍ଦ କରିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ଏ ନେଇ ପୁରୁଷୋତ୍ତମପୁର ପୋଲିସ ରାତିରେ ସହରରେ ପାଟ୍ରୋଲିଂ କରି ଦୋକାନଗୁଡ଼ିକୁ ବନ୍ଦ କରୁଛନ୍ତି। କିନ୍ତୁ ଯେଉଁ ମଦ ପିଇବା କାରଣରୁ ହିଂସା ଘଟୁଛି ତାହାକୁ ବନ୍ଦ କରାଯାଉ ନାହିଁ। ବିଳମ୍ବିତ ରାତ୍ର ଯାଏ ଖୁଲମଖୁଲା ଭାବେ ଦୋକାନରେ ମଦବିକ୍ରି ଚାଲୁରହିଛି। ଏପରି ତିନିଦିନ ହେଲା ରାତି ୮ଟାରେ ସହରର ସମସ୍ତ ଦୋକାନ ବନ୍ଦହୋଇ ଶୂନଶାନ ରହୁଥିବା ବେଳେ ଆସିକା-ହୁମା ୧୩୧ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱ କାଳୀମନ୍ଦିର ଛକ ନିକଟରେ ଥିବା ବିଦେଶୀ ମଦ ଦୋକାନ ସହ ବିଭିନ୍ନ ସ୍ଥାନରେ ଥିବା ଦେଶୀ ମଦଦୋକାନଗୁଡ଼ିକ ଖୋଲାରହି ବିକ୍ରି ଚାଲୁଛି। ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ତେବେ ସ ମ ସ୍ତ ଙ୍କ ଲାଗି ସମାନ ନିୟମ ଲାଗୁ କରିବା ପାଇଁ ଗଞ୍ଜାମ ଏସ୍‌ପି ଦୃଷ୍ଟି ଦେବାକୁ ଛୋଟଛୋଟ ବ୍ୟବସାୟୀ ମହଲରୁ ଦାବି ହୋଇଛି।



ଦୋକାନମାନ ବନ୍ଦ ରହଛି ।

# ଉକୁମ୍ବାରେ ଠାକୁରାଣୀ ପର୍ବ ଉଦ୍‌ଯାପିତ



ବେଜୁ ନାଚ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼।

**ଗୁଣପୁର,୨୯।୫(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡା ଜିଲା ରାମନାଗୁଡା ବ୍ଲକର ଉକୁମ୍ବାଠାରେ ୯ ଦିନ ବ୍ୟାପି ଚାଲିଥିବା ମା’ଠାକୁରାଣୀଙ୍କ ପର୍ବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ପ୍ରତି ୫ ବର୍ଷରେ ଥରେ ଏହି ପର୍ବ ପାଳନ ହେଉଥିବାରୁ ଗ୍ରାମ ଉତ୍ସବ ମୁଖର ହୋଇଉଠିଛି । ଏଥିପାଇଁ ଆଖପାଖ ଅଞ୍ଚଳରେ ରହୁଥିବା ଗ୍ରାମବାସୀ ଏକତ୍ରିତ ହୋଇଥିଲେ। ଆଲୋକ ସାଜସଜା ସହ ମୀନା ବଜାର, ଖାଦ୍ୟ ସାମଗ୍ରୀ ଦୋକାନ ଓ ବିଭିନ୍ନ ବେଶ ଏହି ଘଣ୍ଟପର୍ବକୁ ଅଧିକ ଆକର୍ଷଣୀୟ କରିଥିଲା। ପାରମ୍ପରିକ ଢାମ୍ପ ବାଦ୍ୟ ସହ ନୃତ୍ୟରେ ବେଜୁନାଚ ଓ ମଣ୍ଡପରେ ମା’ଙ୍କ ସାଜସଜା ଦେଖିବା ପାଇଁ ଭକ୍ତଙ୍କ ଭିଡ ଜମିଥିଲା। ହରିପୁର ଗ୍ରାମର ୫ ଜଣ ବେଜୁ ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ । ବୁଧବାର ଉଦ୍‌ଯାପନୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଗତ ୨୦ରୁ ଚାଲିଥିବା ଏହି ପର୍ବକୁ ଏମ. ରାଜୁ, ଅନନ୍ତ ପଣ୍ଡା, ସିଏଚ. ରାମାରାଓ, ଗାଙ୍ଗାରାଓ, ପି. ରମେଶ, ପି. ଶ୍ରୀନୁ, ପି. ତିରୁମୁଲା, ପି. ମୁରଳି, ସିମାଦ୍ରୀ, କେ. ଅନନ୍ତ, ଏମ. ଯୋଗୀ, ଆର. ଶ୍ରୀନୁ ପ୍ରମୁଖ ପରିଚାଳନା କରିଥିଲେ।

# ଜିରା ଗ୍ରାମରେ ଡେଙ୍ଗୁ ଆତଙ୍କ, ୯ ପଜିଟିଭ ଚିହ୍ନଟ

**ପଦ୍ମପୁର,୨୯।୫ (ପ୍ରଶାନ୍ତ କୁମାର କର)**



ଆଶାକର୍ମୀ ଗ୍ରାମରେ ଔଷଧୀୟ ମଶାରି ବଣ୍ଟନକରି ଲୋକଙ୍କୁ ସଚେତନ କରୁଛନ୍ତି।

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଗୁଡ଼ିଆବନ୍ଧ ପଞ୍ଚାୟତର ଜିରା ଗ୍ରାମରେ ଡେଙ୍ଗୁ ଆତଙ୍କ ଦେଖାଦେଇଛି। ଗତ ଦୁଇ ଦିନ ମଧ୍ୟରେ ପ୍ରାୟ ୯ ଜଣ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ପଦ୍ମପୁର ମେଡିକାଲରେ ଚିକିତ୍ସିତ ଜଣେ ଡେଙ୍ଗୁ ରୋଗୀଙ୍କୁ ଉନ୍ନତ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବାବେଳେ ଆଉ ଜଣେ ରୋଗୀଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଧିକ ଚିକିତ୍ସା ନିମନ୍ତେ ପଠାଯାଇଛି। ଖବର ପାଇ ଏକ ମେଡିକାଲ ଟିମ୍ ଗାଁରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ ଲୋକଙ୍କୁ ସଚେତନ କରୁଛି।

ସୂଚନା ଅନୁଯାୟୀ, ଜିରା ଗ୍ରାମର ଅଧିକାଂଶ ଲୋକଙ୍କୁ ପ୍ରବଳ ଜ୍ୱର ଓ ବାନ୍ତି ହେବା ସହ ଗୋଡ଼ହାତ ବିନ୍ଧା ହେବା ଲକ୍ଷଣ ଦେଖାଯାଉଛି। ଗ୍ରାମର ସଲସଲ ନିଶାଲ (୨୧ବର୍ଷ), ମଧୁ ସୁରିଆ (୨୯), ବିକାଶ ସୁରିଆଲୁ (୩୨),ବୁଜୁ ବିଡିକା (୬୦), ଅଞ୍ଜନା ମହାନନ୍ଦିଆ (୨୪), ସଞ୍ଜୁ ଦାସ (୨୪), କୃଷ୍ଣ କେଶବ ପଣ୍ଡା (୫୦), ସୂର୍ଯ୍ୟ ଗୌଡ (୪୦), ସୁଲୋଚନା ପରିପାକା (୬୬) ପ୍ରମୁଖ ଡେଙ୍ଗୁରେ ଆକ୍ରାନ୍ତ ହୋଇ

## ଡାକ୍ତରୀ ଟିମ୍‌ର ଅନୁଧ୍ୟାନ

ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଛନ୍ତି। ତେବେ କୃଷ୍ଣ କେଶବଙ୍କ ଅଧିକ ଚିକିତ୍ସା ପାଇଁ ବୁଧବାର ତାଙ୍କୁ ବ୍ରହ୍ମପୁର ମେଡ଼ିକାଲକୁ ପଠାଯାଇଥିବା ଜଣାପଡିଛି। ସେହିପରି ବିନା ମୂଳିଆଙ୍କୁ ରାୟଗଡ଼ା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏପଟେ ମେଡିକାଲ ଇନ୍‌ଚାର୍ଜ ରତ୍ନପୂର୍ଣ୍ଣା ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏକ ଡାକ୍ତରୀ ଦଳ, ମ୍ୟାଲେରିଆ ନିରୀକ୍ଷକ ଜୟଦେବ ନିମାଲପୁରୀ, ପବ୍ଲିକ ହେଲ୍‌ଥ ଅଫିସର ସଫିରା ରାଇକା, ନର୍ସିଂ ଅଫିସର ରୋଜ ମେରି ପ୍ରମୁଖଙ୍କ ସହ ଆଶାକର୍ମୀମାନେ ଗ୍ରାମକୁ ଯାଇ ଲୋକଙ୍କ ରକ୍ତ ନମୁନା ସଂଗ୍ରହ କରିବା ସହ ମଶାରି ବାଣ୍ଟି ଲୋକଙ୍କୁ ସଚେତନ କରାଉଛନ୍ତି। ତେବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଡେଙ୍ଗୁ ବ୍ୟାପିବା ଲୋକଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଛି।

# ସରକାରୀ ଜମିକୁ ଚଞ୍ଚକତାର ସହ ପଟ୍ଟା କରାଇନେବା ଅଭିଯୋଗ

## ଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ ତାରାଗାଁ କ୍ରୀଡ଼ା ଯୁବକ ସଂଘ

ନବରଙ୍ଗପୁର,୨୯।୫ (ସଦାଶିବ ପ୍ରହରାଜ)

ସରକାରୀ ଜମିକୁ ୨ ଜଣ ବ୍ୟକ୍ତି ନିଜ ନାଁରେ ପଟ୍ଟା କରାଇ ନେଇଛନ୍ତି। ନବରଙ୍ଗପୁର ଜିଲା ସଦର ବ୍ଲକ୍ ତାରାଗାଁ କ୍ରୀଡ଼ା ଯୁବକ ସଂଘ ସଦସ୍ୟ ଏଭଳି ଅଭିଯୋଗ ଆଣି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଓ ପ୍ରତିବାଦ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ତାରାଗାଁ ମୌଜା ଗୁମାଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ତଥା ୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ରହିଛି ଖାଲିସ୍ଥାନ। ଉକ୍ତ ସ୍ଥାନରେ ଧାନମଣ୍ଡି, ବ୍ଲକସ୍ତରୀୟ ସାଂସ୍କୃତିକ ମଣ୍ଡେଇ, ପଞ୍ଚାୟତ ଓ ବ୍ଲକସ୍ତରୀୟ କ୍ରୀଡ଼ା ମହୋତ୍ସବ ଓ ତାରାଗାଁ ନୋଡାଲ ହାଇସ୍କୁଲ ଖେଳ ପଡିଆ ଭାବେ ବ୍ୟବହାର କରୁଛନ୍ତି। ଉକ୍ତ ସ୍ଥାନକୁ ଚଞ୍ଚକତାକରି ୨ଜଣ ସାଧାରଣ ବର୍ଗର ଲୋକେ ତାହାକୁ ହାତେଇ ନେଇଛନ୍ତି; ଯାହାକି ବେଆଇନ ଭାବେ କରାଯାଇଛି। ସେମାନେ ୩ ଏକର ୮୩୦୦ ଡିସିମିଲ ଲେଖାଏ ଜମି ନିଜ ନାମରେ କରିନେଇଛନ୍ତି। ନବରଙ୍ଗପୁର ତହସିଲଦାର ଏହାକୁ ବେଆଇନ ବୋଲି କହିବା ପରେ ତାରାଗାଁ କ୍ରୀଡ଼ା ଯୁବକ ସଂଘ ସଭାପତି ଅନୀଲ କୁମାର ଦାସ, ଦେବେନ୍ଦ୍ର ଭକ୍ତ, ଉପସଭାପତି ତପନ ସେଠିଆ, ହୃଷୀକେଶ ନାୟକଙ୍କ ସମେତ ଅନ୍ୟ ସଦସ୍ୟ, ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ଜିଲା ସମ୍ପାଦକ ରାଜେଶ ଜାନି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ସରକାରୀ ଜମି ଅନ୍ୟ କୌଣସି ବ୍ୟକ୍ତିଗତ ଲୋକଙ୍କ ନାମରେ ହୋଇପାରିବ ନାହିଁ। କିନ୍ତୁ ଉକ୍ତ ଜମିକୁ ଧନୀ ଶ୍ରେଣୀର ସାଧାରଣ ବର୍ଗର ୨ ଜଣ ନିଜ ନାମରେ ପଟ୍ଟା କରାଇଛନ୍ତି ବୋଲି କ୍ରୀଡା ଯୁବକ ସଂଘ ସଦସ୍ୟ ହୃଷୀକେଶ ଅଭିଯୋଗ କରିଛନ୍ତି। ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ଜିଲା ସମ୍ପାଦକ ରାଜେଶ ଜାନି କହିଛନ୍ତି, ବହୁ ବର୍ଷ ଧରି ଉକ୍ତ ଖାଲି ସ୍ଥାନରେ ଗୋଷ୍ଠୀଗତ କାର୍ଯ୍ୟକ୍ରମ ହୋଇଆସୁଛି। ବୁଧବାର ସେହି ସ୍ଥାନରେ ମେଶିନ ଲଗାଇ ଖୋଳାଯାଉଥିବାରୁ ଏହା ଉପରେ ତାରାଗାଁ କ୍ରୀଡ଼ା ଯୁବକ ସଂଘ ଜାଣି ଖବର ଦେଇଥିଲେ। ଆଇନ ଅନୁଯାୟୀ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି। ଉକ୍ତ ଜମିକୁ ଗୋଷ୍ଠୀଗତ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ପଞ୍ଚାୟତ ନାଁରେ କରିବାକୁ ଦାବି ହୋଇଛି।


ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ତାରାଗାଁ କ୍ରୀଡ଼ା ଯୁବକ ସଂଘ ସଦସ୍ୟ ଓ ଅନ୍ୟମାନେ।

# ଜିଲାର ୨ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କଲା ଓର୍କେଲ ପୋଲିସ


ଓର୍କେଲ ଥାନାରେ ସମ୍ବର୍ଦ୍ଧିତ ୨ ଛାତ୍ରଙ୍କ ସହ ଥାନା କର୍ମଚାରୀ ଓ ଅନ୍ୟମାନେ ।

## ବୋର୍ଡ ପରୀକ୍ଷା

ବାଲିମେଲା,୨୯।୫(ଶିବଦତ୍ତ ସାହୁ)

ମାଲକାନଗିରି ଜିଲାରେ ଚଳିତ ବର୍ଷ ଦଶମ ପରୀକ୍ଷାରେ ବାଲିମେଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଜିଲାରେ ଟପ୍ପର ହୋଇ ବାଲିମେଲା ପାଇଁ ଗୌରବ ଆଣିଥିବା ୨ କୃତୀ ଛାତ୍ରଙ୍କୁ ମଙ୍ଗଳବାର ଓର୍କେଲ ପୋଲିସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨ ଛାତ୍ର ହେଲେ ଚିନ୍ମୟ ପ୍ରସାଦ ପଣ୍ଡା ଓ ମହେଶ ରଞ୍ଜନ ବେହେରା। ତେବେ ଏହି ସମ୍ବର୍ଦ୍ଧନା ସଭାରେ ୨ କୃତୀ ଛାତ୍ରଙ୍କ ପିତାମାତା ସହ ଥାନାର ସମସ୍ତ ଷ୍ଟାଫ୍ ଏବଂ ଥାନାଧିକାରୀ ଧୀରେନ ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରଥମେ ଥାନାଧିକାରୀ ପଟ୍ଟନାୟକ ୨ କୃତୀ ଛାତ୍ରଙ୍କୁ ଉପଢୌକନ ଦେଇ ସମ୍ମାନିତ କରିବା ସହ ସେମାନଙ୍କ ଉଚ୍ଚ ଅଧ୍ୟୟନ ନିମନ୍ତେ ପରିବାରବର୍ଗ ସହ ଆଲୋଚନା କରିଥିଲେ।

# ଡିଏଲ୍ଏସ୍ଏର ଆଇନ ସଚେତନତା ଶିବିର

ନବରଙ୍ଗପୁର, ୨୯।୫ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍ଏସ୍ଏ) ପକ୍ଷରୁ ଏକ ଆଇନ ସଚେତନତା ଶିବିର କରାଯାଇଛି। ପଡ଼ାଲଗୁଡ଼ା ପଞ୍ଚାୟତରେ ସ୍ଥାୟୀ ଲୋକ ଅଦାଲତ (ଲୋକ ଉପଯୋଗୀ ସେବା), ବିକଳ୍ପ ବିବାଦ ସମାଧାନ, ଏନ୍ଏଲ୍ଏସ୍ଏ ହେଲ୍ପ ଲାଇନ ନମ୍ବର ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ଯୋଗାଇ ଦିଆଯାଉଥିବା ବିଭିନ୍ନ ଆଇନଗତ ସାହାଯ୍ୟ ସମ୍ପର୍କରେ ଏଠାରେ ଆଲୋଚନା ହୋଇଛି। ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଭାରପ୍ରାପ୍ତ ଜିଲା ଦୌରାଜଜ୍ ଶିବପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ଶିବିରରେ ଡିଏଲ୍ଏସ୍ଏ ସଚିବ ଜନକ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ବିଭିନ୍ନ ଆଇନ ଉପରେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଭାବେ ପ୍ରସନ୍ନ ପ୍ରସାଦ ପଟ୍ଟନାୟକ, ରାଜକିଶୋର ନାଗ, ରାଖୀ ଜୈନ, ସରପଞ୍ଚ ଫଗୁଣ ନାୟକ , ପଡାଲଗୁଡା, ଆଇନଜୀବୀ ସଂଘ ସଭାପତି ନରସିଂହନାଥ ତ୍ରିପାଠୀ, ଆଇନଜୀବୀ ଏବଂ ପାରା ଲିଗାଲ ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଡିଏଲ୍ଏସ୍ଏ ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।



ଶିବିରରେ ଜଣେ ଅତିଥି ଆଇନ ସେବା ସମ୍ପର୍କରେ ବୁଝାଉଛନ୍ତି।

# ଏ-୧ ଗ୍ରେଡ୍ ପାଇଥିବା ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

## ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କଲେ ଜିଲାପାଳ, ଡିଇଓ


ଜିଲାପାଳ, ଶିକ୍ଷା ବିଭାଗ ଅଧିକାରୀଙ୍କ ସହ ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀଛାତ୍ର।

ନବରଙ୍ଗପୁର,୨୯।୫ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଥିବା ଛାତ୍ରୀଛାତ୍ରଙ୍କୁ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଦିଆଯାଇଛି। ଏ-୧ ଗ୍ରେଡ୍ ପାଇଥିବା ରାଜା ଚୈତ୍ୟନ୍ୟ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ସମୀକ୍ଷା ମାଳି, ଉମରକୋଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଆକାଂକ୍ଷା ମିଶ୍ର, ଦବବେଡ଼ା ସରକାରୀ ଏସ୍ଏସ୍ଡି ଉଚ୍ଚ ବିଦ୍ୟାଳୟର ପ୍ରତିଭା ସାହୁ, ନୂଆପାରା ସରକାରୀ ଏସ୍ଏସ୍ଡି ଉଚ୍ଚ ବିଦ୍ୟାଳୟର ଆରାଧନା ଚର୍ଚ୍ଚି, ତେନ୍ତୁଳିଖୁଣ୍ଟି ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟର ନିହାର ରଞ୍ଜନ ପାଣିଗ୍ରାହୀ, ନବରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଂଶୁପା ହୋତା ଓ ଉମରକୋଟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଆକାଂକ୍ଷା ମହାପାତ୍ରଙ୍କୁ ଜିଲାପାଳ କମଳଲୋଚନ ମିଶ୍ର ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। କୃତୀ ଛାତ୍ରୀଛାତ୍ରମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ଓ ସେମାନଙ୍କ ସଫଳତା ପାଇଁ ବିଦ୍ୟାଳୟ, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଓ ଜିଲା ଗର୍ବିତ ବୋଲି ସେ କହିଥିଲେ। ଛାତ୍ରୀଛାତ୍ରମାନେ ଭବିଷ୍ୟତରେ ଡାକ୍ତର, ଅଧ୍ୟାପକ ଓ ପ୍ରଶାସନିକ ଅଧିକାରୀ ହେବା ନେଇ ସେମାନଙ୍କ ସ୍ୱପ୍ନ ଥିବା ଜାଣି ଜିଲାପାଳ ଖୁସି ବ୍ୟକ୍ତ କରିବା ସହ ଓ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡିଇଓ ଛତ୍ରପତି ସାହୁ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଆଗାମୀ ଶିକ୍ଷା ବର୍ଷରେ ଏ-୧ ଗ୍ରେଡ୍ ବୃଦ୍ଧି ଓ ଗୁଣାତ୍ମକ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ବିଭାଗ ପକ୍ଷରୁ ନିଆଯାଇଥିବା ନୂତନ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଏଡିଇଓ ଡ. ରେଶମଲାଲ ନାୟକ ଯୋଗଦେଇଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଅଭିଭାବକ, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ମାଟ୍ରିକ ପରୀକ୍ଷାରେ 'ଏ' ଗ୍ରେଡରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଜିଲାପାଳଙ୍କ ସମ୍ବର୍ଦ୍ଧନା

ମାଲକାନଗିରି,୨୯।୫(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ 'ଏ' ଗ୍ରେଡରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦୁଇଜଣ ଛାତ୍ର ଚିନ୍ମୟ ପ୍ରସାଦ ପଣ୍ଡା ଓ ରଞ୍ଜନ ବେହେରା। ଉଭୟ ୫୫୨ ମାର୍କ ରଖି ଯୁଗ୍ମ ଟପର ହୋଇଥିବାରୁ ଏମାନଙ୍କ ସହ ବିନିତ ବିଶ୍ୱାସ ୫୫୧ ନମ୍ବର ରଖି ଦ୍ୱିତୀୟ ଟପର ହୋଇଥିବା ଏବଂ ୫୪୮ ମାର୍କ ରଖି ତୃତୀୟ ସ୍ଥାନରେ ଥିବା ଶ୍ରଦ୍ଧାଞ୍ଜଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଉପ ଜିଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।


ମାଲକାନଗିରି ଜିଲାପାଳଙ୍କ ପ୍ରକୋଷ୍ଠରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ଦୁର୍ଘଟଣାଗ୍ରସ୍ତ କାର୍‌ରୁ ୭୪ କେଜି ଗଞ୍ଜେଇ ଜବତ

ବେଲଗୁଣ୍ଠା,୨୯।୫(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗାଙ୍ଗପୁର ଥାନା ଅନ୍ତର୍ଗତ ନିମିନାଠାରେ ଏକ ଦୁର୍ଘଟଣାଗ୍ରସ୍ତ କାର୍‌ରୁ ପୋଲିସ ୭୪ କେଜି ଗଞ୍ଜେଇ ଜବତ କରିଛି। ମଙ୍ଗଳବାର ଫୁଲବାଣୀରୁ ଏକ କାର୍ ବ୍ରହ୍ମପୁର ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ବେଳେ ନିମିନାଠାରେ ସେହି ଗ୍ରାମର ସୁରେନ୍ଦ୍ର ସେଠୀଙ୍କୁ ଧକ୍କା ଦେବା ସହ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା। କାର୍ ଧକ୍କାରେ ଗୁରୁତର ଆହତ ସୁରେନ୍ଦ୍ରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡିକାଲ୍‌କୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗାଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାର୍‌ଟିକୁ ଜବତ କରି ତଦନ୍ତ କରିବା ସମୟରେ ସେଥିରୁ ଗଞ୍ଜେଇ ଜବତ ହୋଇଥିଲା। ଏହି ମାମଲାରେ ଗାଡ଼ିରେ ଥିବା ଫୁଲବାଣୀର ଫିଲିପ ଦିଗାଲ୍ ଏବଂ ମାମିନା ଜାନୀଙ୍କୁ ଗିରଫ କରି ଗାଙ୍ଗପୁର ପୋଲିସ କୋର୍ଟଚାଲାଣ କରିଛି।

# ଆଇନ ସେବା ପ୍ରାଧିକରଣର ଆଇନ ସଚେତନତା କାର୍ଯ୍ୟକ୍ରମ

## ମାଲକାନଗିରି ଜିଲା

ମାଲକାନଗିରି,୨୯।୫(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ବିଭିନ୍ନ ପଛୁଆ ଅଞ୍ଚଳ ତଥା ଆଦିମ ଜନଜାତି ଅଞ୍ଚଳର ବିଭିନ୍ନ ସ୍ଥାନରେ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଇନ ସଚେତନତା ଶିବର ଅନୁଷ୍ଠିତ ହୋଇଯାଇଛି। ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଚାଲାଣଗୁଡା ଓ କୁଡୁମୁଲୁଗୁମ୍ମା ନିକଟସ୍ଥ ଅରିଙ୍ଗିଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଚେତନତା କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ରାକେଶ କୁମାର ମୁଦୁଲି ଯୋଗଦେଇ ଆଇନସେବା ପ୍ରାଧିକରଣର ଉଦ୍ଦେଶ୍ୟ, ବିଭିନ୍ନ କାର୍ଯ୍ୟ, କ୍ଷମତା, କାର୍ଯ୍ୟପ୍ରଣାଳୀ ଓ ମଧ୍ୟସ୍ଥତା ମାଧ୍ୟମରେ ମାମଲାର ଆପୋସ ସମାଧାନ, ପକ୍ଷମାନଙ୍କୁ ନିୟମ ଅନୁଯାୟୀ ନ୍ୟାୟ, ତହସିଲଠାରୁ ଉଚ୍ଚତମ ନ୍ୟାୟାଳୟ ପର୍ଯ୍ୟନ୍ତ ମାଗଣା ଆଇନସେବା ପ୍ରଦାନ, ପ୍ରତିପକ୍ଷ ଓକିଲ ବ୍ୟବସ୍ଥା- ୨୦୨୨, ପୀଡିତା କ୍ଷତିପୂରଣ ବ୍ୟବସ୍ଥା, ଶିଶୁ ଓ ମହିଳା ସୁରକ୍ଷା ଆଇନ ଉପରେ ଖୁବ୍ ସରଳ ଭାବେ ବୁଝାଇ ସେମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସମାଧାନର ଉପାୟ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଧିକରଣ ମୁଖ୍ୟ ଆଇନସେବା ପ୍ରତିରକ୍ଷା ଓକିଲ ତଥା ଅଶୋକ କୁମାର ପଟ୍ଟନାୟକ, ଉପମୁଖ୍ୟ ଆଇନସେବା ପ୍ରତିରକ୍ଷା ଓକିଲ ରାଜେଶ ପଟ୍ଟନାୟକ ଯୋଗଦେଇଥିଲେ । ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକ ସମ୍ବିଧାନରେ ଥିବା ମୌଳିକ ଅଧିକାର ଓ କର୍ତ୍ତବ୍ୟ, ପୋକ୍‌ସୋ ଆଇନ, ଶିଶୁ ସୁରକ୍ଷା ସମ୍ପର୍କିତ ଏମ୍‌ଜିଏନ୍‌ଆରଇଜିଏସ୍ ଆଇନ, ଖାଉଟି ସୁରକ୍ଷା ଆଇନ, ସାମାଜିକ ସୁରକ୍ଷା ସମ୍ପର୍କିତ ସରକାରୀ ଯୋଜନା, ବିଭିନ୍ନ ଶ୍ରମିକ ଆଇନ ଓ ଅନ୍ୟାନ୍ୟ ଆଇନ ଉପରେ ବୁଝାଇଥିଲେ । ଓକିଲ ରାଜେଶ ପଟ୍ଟନାୟକ ସେମାନଙ୍କ ଭାଷାରେ ସ୍ଥାନୀୟ ସମସ୍ୟା ସମ୍ପର୍କରେ ତା'ର ସମାଧାନର ବାଟ ବୁଝାଇଥିଲେ। ଏହା ସହ ବିଚାରପତି ସ୍ଥାୟୀସେବା ବୃଦ୍ଧାଶ୍ରମ ଓ ମୁକ୍ତିକରଣ ଦିବ୍ୟାଙ୍ଗ କେନ୍ଦ୍ର ଇତ୍ୟାଦି ନିରୀକ୍ଷଣ କରି ସେମାନଙ୍କ ସୁବିଧା ଅସୁବିଧା ବୁଝି ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ।



ଆଇନ ସଚେତନତା ଶିବିରରେ ବିଚାରପତି ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

# ବିକାଶ ଯେଉଁଠି ଆକାଶ କଇଁଆ

## ବଳିପଡ଼ିଛି ଗୋପୀଗୁଡ଼ାବାସୀଙ୍କ ଦୁଃଖ

ବାଲିମେଲା,୨୯।୫(ଶିବଦତ୍ତ ସାହୁ)

ପ୍ରକୃତି କୋଳରେ ବଞ୍ଚିବା ଏମାନଙ୍କର ସହଜାତ ପ୍ରବୃତ୍ତି। ଶାନ୍ତ ସରଳ ନିରାଡମ୍ବର ଜୀବନଯାପନ କରୁଥିବା ଆଦିବାସୀମାନଙ୍କ ଉପରେ ଭାଗ୍ୟ ଦାଉ ସାଧୁଛି। ପ୍ରଶାସନ କିମ୍ବା ନିର୍ବାଚିତ ଜନ ପ୍ରତିନିଧିମାନେ ସତେ ଯେମିତି କେଉଁ ଜନ୍ମର ରାଗ ଶୁଝାଉଛନ୍ତି ତାଙ୍କ ଉପରେ । ଓଠରେ ଦରଫୁଟା ହସ ନେଇ ସେମାନେ ଏବେ ନିଜ ଭାଗ୍ୟକୁ ନିନ୍ଦୁଛନ୍ତି। ସରକାରୀ ବାବୁଙ୍କ ନାଲିଫିତା ଫାଇଲ ତଳେ ଝୁଲି ରହିଛି ଏହି ଗାଁର ବିକାଶ । ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନାକାମାମୁଡ଼ି ପଞ୍ଚାୟତ ଅଞ୍ଚଳରେ ରହିଛି ଗୋପୀଗୁଡା ଗାଁ। ନାକାମାମୁଡ଼ି ପଞ୍ଚାୟତ କାର୍ଯ୍ୟାଳୟଠାରୁ ୫ କି.ମି. ଦୂରରେ ଅବସ୍ଥିତ ଏହି ଗ୍ରାମରେ ୨୦ ପରିବାରର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଲୋକେ ବସବାସ କରନ୍ତି । ଆଜିବି ଗ୍ରାମବାସୀଙ୍କ ପାଖରେ ରାସ୍ତାଘାଟ, ଡ୍ରେନ୍, ଷ୍ଟ୍ରିଟ୍ ଲାଇଟ ଓ ପାନୀୟଜଳ ସୁବିଧା ଅପହଞ୍ଚ ହୋଇ ରହିଛି । ମୁଖ୍ୟ ରାସ୍ତାଠାରୁ ପ୍ରାୟ ୫୦୦ ମିଟର ଦୂରରେ ଅବସ୍ଥିତ ଏହି ଗ୍ରାମକୁ ପକ୍କା ରାସ୍ତା ନ ଥିବାରୁ ଲୋକେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଗ୍ରାମବାସୀଙ୍କ କହିବାନୁଯାୟୀ, ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇଦେବାକୁ ଜଳ ଓ ପରିମଳ ବିଭାଗ ପକ୍ଷରୁ ୨୦୧୮ରେ ୫ଲକ୍ଷ ଟଙ୍କା ବ୍ୟୟରେ ଏକ ସୌରଚାଳିତ ପାନୀୟଜଳ ପ୍ରକଳ୍ପ ସ୍ଥାପନ କରାଯାଇ ଲୋକଙ୍କୁ ପାଣି ଯୋଗାଇ ଦିଆଯାଉଥିଲା । ଜଳ ଯୋଗାଣ ଆରମ୍ଭ ହେବାର ମାତ୍ର କିଛିମାସ ପରେ ପ୍ରକଳ୍ପଟି ଅଚଳ ହୋଇଯାଇଥିଲା। ଏନେଇ ଗ୍ରାମବାସୀ ବହୁବାର ଅଭିଯୋଗ କରିବା ପରେ ପୁନର୍ବାର ବିଭାଗ ପକ୍ଷରୁ ଏପ୍ରିଲ ୨୦୨୩ରେ ଉକ୍ତ ଗ୍ରାମରେ ପ୍ରାୟ ୫ଲକ୍ଷ ୧୪ହଜାର ଟଙ୍କା ବ୍ୟୟରେ ଗ୍ରୀନ୍‌କୋ ସିଷ୍ଟମ୍ସ ପ୍ରାଇଭେଟ ଲିମିଟେଡ୍ ଠିକା ସଂସ୍ଥା ଦ୍ୱାରା ଏକ ନୂତନ ସୌରଚାଳିତ ଡୁଆଲ ପମ୍ପ ଚାଳିତ ପାନୀୟଜଳ ପ୍ରକଳ୍ପ ସ୍ଥାପନ କରାଯାଇ ପାଣି ଯୋଗାଇ ଦିଆଯାଇଥିଲା। ଏହି ପ୍ରକଳ୍ପରୁ ଲୋକଙ୍କ ଆବଶ୍ୟକତା ଅନୁସାରେ ପାଣି ବାହାରୁ ନ ଥିବା ଯୋଗୁ ଲୋକେ ମୁନ୍ଦାଏ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଗାଁରେ ଥିବା ଏକମାତ୍ର ପୋଖରୀର ପାଣି ଶୁଖିବାରେ ଲାଗିଛି। ଉକ୍ତ ଗ୍ରାମର ଦୋସ୍ତି ସାହିରେ ଥିବା ଏକ ମାତ୍ର ନଳକୂପରୁ ଲୋକ ପାଣି ବ୍ୟବହାର କରୁଛନ୍ତି। ଗ୍ରାମର କେହି ବି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇନାହାନ୍ତି। ହେଲେ ଗ୍ରାମରେ ଲାଗି ରହିଥିବା ଉପରୋକ୍ତ ସମସ୍ୟାଗୁଡିକର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ବ୍ଲକ, ପଞ୍ଚାୟତ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭକରି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର କନିଷ୍ଠଯନ୍ତ୍ରୀ ଏବଂ ଜନ ପ୍ରତିନିଧିଙ୍କୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମର ଗୋପୀନାଥ ମାଝି, ପୀତବାସ ପୂଜାରୀ, ପୁରସ୍ତମ ଖିଲ, ରାମଚନ୍ଦ୍ର ଗୋଲାରୀ, ସମରା ଖରା, ତୁଳସା ପୂଜାରୀ ଓ ସୁଭଦ୍ରା ମାଝିଙ୍କ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏନେଇ ଜଳ ଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ରବୀନ୍ଦ୍ର ବିଶ୍ୱାଳଙ୍କୁ ପଚାରିବରୁ ବିଭାଗ ପକ୍ଷରୁ କର୍ମଚାରୀଙ୍କୁ ପଠାଇ ତୁରନ୍ତ ପ୍ରକଳ୍ପ ସହ ନଳକୂପଗୁଡିକର ମରାମତିକରି ଲୋକଙ୍କୁ ପାଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି । ଗ୍ରାମରେ ଡ୍ରେନ୍ ଓ ରାସ୍ତା ନିର୍ମାଣ ପାଇଁ ବ୍ଲକ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦିଆଯାଇଛି। ଅନୁମୋଦନ ହେବା ପରେ ଅତିଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କନିଷ୍ଠଯନ୍ତ୍ରୀ ଶୁଭେନ୍ଦୁ ମହାନ୍ତି କହିଛନ୍ତି ।


ଗୋପୀଗୁଡ଼ା ଗାଁରେ ଥିବା ଅଚଳ ପାଣିଟାଙ୍କି।

# ପାରଦ ୩୯ ଡିଗ୍ରୀ, ୪୮ ଡିଗ୍ରୀ ଭଳି ତାତି

ବ୍ରହ୍ମପୁର୨୯।୫(ଅଶୋକ କୁମାର ସାହୁ):

ରେଶମ ସହର ବ୍ରହ୍ମପୁରରେ ଅସହ୍ୟ ଗୁଲୁଗୁଳି ଅନୁଭୂତ ହୋଇଛି। ବୁଧବାର ଏଠାରେ ତାପମାତ୍ରା ୩୯ ଡିଗ୍ରୀ ରହିଥିଲେ ମଧ୍ୟ ଆର୍ଦ୍ରତା ୭୨ ପ୍ରତିଶତ ରହିଛି। ତେଣୁ ତାତି ୪୮ ଡିଗ୍ରୀ ଭଳି ଅନୁଭୂତ ହେଉଛି। ପ୍ରାୟ ୩ଦିନ ଯାଏ ଏପରି ଅବସ୍ଥା ଲାଗିରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଗୋପାଳପୁରର ତାପମାତ୍ରା ସାମାନ୍ୟ କମ ଅର୍ଥାତ୍ ୩୪ ଡିଗ୍ରୀ ରହିଛି। ହେଲେ ଝାଞ୍ଜି ପବନ ଅସ୍ତବ୍ୟସ୍ତ କରୁଛି।

କିଛିଦିନ ହେଲା ସକାଳେ ତାତି ବଢ଼ିଥିବାବେଳେ ଅପରାହ୍ଣରେ ପାଗରେ ପରିବର୍ତ୍ତନ ହେଉଥିଲା। ୫ ଦିନ ତଳେ ଘଣ୍ଟାଏ ବର୍ଷିଥିଲା। ହେଲେ ଏବେ ଦୁଇଦିନ ହେଲା ତାତି ବଢ଼ିବାରେ ଲାଗିଛି। ଜରୁରୀ କାମ ପାଇଁ ଲୋକେ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳୁଥିଲେ ବି ସେଭଳି ଗହଳି ରହୁନି। ଅନ୍ୟପକ୍ଷରେ ସହରର ରାସ୍ତାକଡେ ଯେତିକି ଗଛ ରହିବା କଥା ନାହିଁ। ଏ ନେଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସଚେତନ କରାଯାଉଥିଲେ ଫଳପ୍ରଦ ହୋଇପାରୁନାହିଁ। ବଡ ବଡ କୋଠା ସାଙ୍ଗକୁ ପିଚୁରାସ୍ତା ଆର୍ଦ୍ରତାକୁ ବଢ଼ାଇବାରେ ସହାୟକ ହେଉଛି। ତେଣୁ ତାତି ପ୍ରବଳ ହେବାରେ ଲାଗିଛି। ତାତି ପାଇଁ ସରକାରଙ୍କ ପକ୍ଷରୁ ସଚେତନ ଲୋକଙ୍କୁ ସଚେତନ କରାଯାଉଛି। ମହାନଗର ନିଗମ ପକ୍ଷରୁ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇଛି। ଅନେକ ସ୍ଥାନରେ ବେସରକାରୀ ଭାବେ ଜଳଛତ୍ର ଖୋଲାଯାଇଛି। ହେଲେ ପ୍ରବଳ ଗରମରେ ସେଠାରେ ଲୋକଙ୍କୁ ପାଣିଦେବା ମୁସ୍କିଲ ହୋଇପଡୁଛି। ପରିବେଶବିତ ସୁଧୀର ରାଉତ କହିଛନ୍ତି, ସହରରେ ଯେତିକି ଗଛ ଲାଗିବା କଥା ତାହା ଲାଗୁନାହିଁ। ଯେତିକି ଅଛି ତାହାର ରକ୍ଷଣାବେକ୍ଷଣ ହେଉନି। ବିଭିନ୍ନ କାରଣରୁ ଗଛର ଡାଳଗୁଡିକ କାଟି ଦିଆଯାଉଛି। ତାତି କମାଇବାରେ ବୃକ୍ଷ ଏକ ଅମୋଘ ଅସ୍ତ୍ର ହୋଇଥିବାବେଳେ ଏହାର ସୁରକ୍ଷା ଅନିବାର୍ଯ୍ୟ ବୋଲି ସେ କହିଛନ୍ତି। ଏନେଇ ସବୁଜବାହିନୀର ସଭାପତି ଶିବରାମ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଛନ୍ତି, ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଉଛି। ସହରକୁ ଆମେ ଫୋକସରେ ରଖି କାମ କରୁଛୁ। ବିଭିନ୍ନ ସ୍ଥାନକୁ ଯାଇ ଗଛଗୁଡିକର ରକ୍ଷଣାବେକ୍ଷଣ କରୁଛୁ। ଏଥିରେ ଲୋକେ ସହଯୋଗ କରିବା ଓ ସଚେତନ ହେବା ଆବଶ୍ୟକ ବୋଲି ସେ କହିଥିଲେ।



ତାତିରୁ ରକ୍ଷା ପାଇବା ପାଇଁ ଦୁଇ ଯୁବତୀ ଛତା ଧରି ଯାଉଛନ୍ତି।

## ବଜ୍ରପାତରେ ବ୍ୟବସାୟୀ ମୃତ

ଭଞ୍ଜନଗର,୨୯।୫(ବାବୁଲା ପ୍ରଧାନ): ଭଞ୍ଜନଗର ଥାନା ଅନ୍ତର୍ଗତ ଦଦରାଲୁଣ୍ଡାରେ ବୁଧବାର ସନ୍ଧ୍ୟାରେ ବଜ୍ରପାତ ଘଟି ଜଣେ ପରିବା ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲଣ୍ଡେଇସାହିର ଶଙ୍କର ଗୌଡ଼ (୫୦) । ଭଞ୍ଜନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲ ପଠାଇଛି। ଶଙ୍କର ଗଞ୍ଜାମ ଜିଲାରୁ ପନିପରିବା ନେଇ କନ୍ଧମାଳ ଜିଲାରେ ବିକ୍ରି କରିଥାନ୍ତି। ବୁଧବାର ମଧ୍ୟ ସେ ନିଜେ ବାଇକରେ କଦଳୀ ସମେତ ଅନ୍ୟ ପରିବା ନେଇ କନ୍ଧମାଳ ଜିଲା ଅଭିମୁଖେ ଯାଉଥିଲେ। ଦଦରାଲୁଣ୍ଡାଠାରେ ଘଡ଼ଘଡ଼ି ମାରିବାରୁ ରାସ୍ତା କଡ଼ରେ ଏକ ଘର ସମ୍ମୁଖରେ ଠିଆ ହୋଇଥିଲେ। ଏହି ସମୟରେ ବଜ୍ରପାତ ମାରିବାରୁ ସେଠାରେ ସେ ଟଳି ପଡ଼ିଥିଲେ। ଅଞ୍ଚଳବାସୀ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆକ୍ରମଣ ଅଭିଯୋଗରେ କିନ୍ନର ଗିରଫ

ବ୍ରହ୍ମପୁର,୨୯।୫(ସୁବାସ ଚନ୍ଦ୍ର ପାଢ଼ୀ): ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ସଦର ଥାନା ପୋଲିସ ପୁରୁଷୋତ୍ତମପୁର ଥାନା ତାରାତାରିଣୀ ମନ୍ଦିର ନିକଟ ରାଇପୁର ଗ୍ରାମର କିନ୍ନର ଲକି ପ୍ରଧାନ(୨୩)ଙ୍କୁ ଗିରଫ କରିଛି। ଡେଙ୍ଗାପଦର ଗ୍ରାମରେ ଯାତ୍ରା ଅବସରରେ ରାମାୟଣ ନାଟକ ଚାଲିଥିଲା। ସେଠାରେ କେତେଜଣ କିନ୍ନରଙ୍କ ସହ ଦିଗପହଣ୍ଡି ବରପଲ୍ଲୀ ଗ୍ରାମର ରାଜୀବ ସ୍ୱାଇଁଙ୍କର ଝଗଡା ହୋଇଥିଲା। ରାଜୀବଙ୍କୁ ଲକି ମାଡ଼ ମାରିଥିଲେ । ରାଜୀବଙ୍କୁ ଗୁରୁତର ହେବାରୁ ପ୍ରଥମେ ଏମକେସିଜି ଓ ପରେ ଭୁବନେଶ୍ୱରର ସ୍ଥାନାନ୍ତର କରାଯାଇଥିଲା। ରାଜୀବଙ୍କ ଭାଇ ସୁମନ ସ୍ୱାଇଁ ଏ ନେଇ ସଦର ଥାନାରେ ଅଭିଯୋଗ କରିଥିଲେ।


**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ବିଜ୍ଞପ୍ତି ସଂ.ELS-ANGL-OT-24-25-03

**କାର୍ଯ୍ୟର ନାମ:** ଦୁଇ ବର୍ଷ ଅବଧି ନିମନ୍ତେ ଇଲେକ୍ଟ୍ରିକ୍ ଲୋକୋ ସେଡ୍, ଅନୁଗୁଳର WAG-7 ଏବଂ WAG-9 ଲୋକୋମୋଟିଭର ସଫେଇ/ୱାସିଙ୍ଗ୍ ।

**ବିଜ୍ଞାପିତ ମୂଲ୍ୟ(₹):** 47,60,869.53, EMD (₹): 95,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ(₹): 3.540/- ।

(2) ଟେଣ୍ଡର ବିଜ୍ଞପ୍ତି ସଂ.ELS-ANGL-OT-24-25-04

**କାର୍ଯ୍ୟର ନାମ:** 3 ବର୍ଷ ଅବଧି ନିମନ୍ତେ ଟ୍ରକ/ଟ୍ରେଲର ମାଧ୍ୟମରେ ସଡ଼କ ମାର୍ଗ ଦ୍ୱାରା ଇଲେକ୍ଟ୍ରିକ୍ ଲୋକୋ ସେଡ୍, ଅନୁଗୁଳ ଏବଂ ଭାରତୀୟ ରେଳ ର ଅନ୍ୟ ୟୁନିଟ୍ (unit) କୁ ରେଳ ସାମଗ୍ରୀର ପରିବହନ ।

**ବିଜ୍ଞାପିତ ମୂଲ୍ୟ(₹):** 56,86,950/-, EMD (₹): 1,13,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ(₹): 5,900/- ।

ଶେଷ ହେବା ଅବଧି : 24 ମାସ (କ୍ରମ. ସଂ. 1 ପାଇଁ) ଏବଂ 36 ମାସ (କ୍ରମ. ସଂ. 2 ପାଇଁ) ।

ବିଡ୍ ଆରମ୍ଭ ହେବା ତାରିଖ: ତା.31.05.2024 ରିଖ (କ୍ରମ. ସଂ. 1 ପାଇଁ) ଏବଂ ତା.06.06.2024 ରିଖ (କ୍ରମ. ସଂ. 2 ପାଇଁ), **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.14.06.2024 ରିଖ 1500 ଘଟିକାରେ (କ୍ରମ. ସଂ. 1 ପାଇଁ) ଏବଂ ତା.20.06.2024 ରିଖ 1500 ଘଟିକାରେ (କ୍ରମ. ସଂ. 2 ପାଇଁ) ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ http://www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(TRS)/ ଅନୁଗୁଳ

PR-165/P/24-25



GOVERNMENT OF ODISHA
OFFICE OF THE EXECUTIVE ENGINEER, P.H. DIVISION, ANGUL
Ph # 06764-296431, Email :- eephangul@yahoo.in

No. 3400 Dt. 27.05.2024

**CANCELLATION NOTICE**

No. C-11 : The Tender invited vide Bid Identification no. 32 / 2023-24 dt. 12.03.2024 is hereby cancelled due to 1st time single tender.

Sd/- Er. Prasanta Behara
Superintending Engineer, P.H.Division, Angul

OIPR-13056/11/0001/2425



**ଏସ୍ଏଲ୍ଆର୍/ଏଲ୍ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୦୫ ତାରିଖ: ୨୯।୦୫।୨୦୨୪

ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ: ୦୨ (ଦୁଇ) ବର୍ଷ ଅବଧି ପାଇଁ https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍ଏଲ୍ଆର୍/ଏଲ୍ଭିପିଏଚ୍‌ଗୁଡ଼ିକର ଲିଜିଂ ।

**(୧) ବର୍ଗ: ପାର୍ସଲ । କାଟାଲଗ୍ ନଂ.: ଲିଜ୍-କେଜିପି-୨୦୨୪-୦୫ । ନିଲାମ ତାରିଖ: ୧୨।୦୬।୨୦୨୪ । ନିଲାମ ଆରମ୍ଭ ସମୟ: ୧୨.୦୦ ଘଟିକା । ନିଲାମ ସମାପ୍ତିର ସମୟ: ୧୬.୦୦ ଘଟିକା ।**

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

**ସ୍ଥାନ: ଖଡ଼ଗପୁର** **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର,**
**ତାରିଖ: ୨୯।୦୫।୨୦୨୪** **ଖଡ଼ଗପୁର**

**ଦକ୍ଷିଣ ପୂର୍ବ ରେଳପଥ** (PR-200)
ହର୍ଷର ସହିତ ଆମେ ସେବାରତ



**TPNODL**

**TP NORTHERN ODISHA DISTRIBUTION LIMITED**
(A Tata power and Odisha Govt. Joint Venture)
Regd. Off: Corp Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com

**NOTICE INVITING TENDER (NIT) May 30th, 2024**

**TP Northern Odisha Distribution Limited** invites tender from eligible Bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2024-25/2500000685 | Purchase Order for Supply of VCB KIOSK 33KV O/D 630A |
| 2 | TPNODL/OT/2024-25/2500000679 | Rate Contract for in-house repairing of Burnt DTR at Jajpur Transformer Repair Workshop (TRW) |
| 3 | TPNODL/OT/2024-25/2500000689 | Rate Contract for General Civil works |
| 4 | TPNODL/OT/2024-25/2500000693 | Rate Contract for Reconditioning of Power Transformers |

* MSMEs registered in the State of Odisha shall pay tender fee of **Rs.1,000/-** including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website **https://tpnodl.com**. All tenders will be available on TPNODL website. Future communication / corrigendum to tender documents, if any, shall be available on website.

**Chief- Contracts & MM**



**TPWODL**

**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**T.N No. TPWODL/IA/O/SITC/ 09 Date. 30.05.2024**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**Supply, Erection, Installation, Testing & commissioning of 2 Nos. 33/11 KV PSS on "Turnkey Contract basis" for TPWODL.**

Interested bidders to submit Tender Participation Fee and Authorization Letter through email on or before **07th Jun 2024, 15:00Hrs,** after which the link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

**Sd/- Chief-Contracts and Stores**



**Government of Odisha**
**Higher Education Department**

**Important notice for the applicants seeking admission into 2 years B.Ed.,B.H.Ed. & M.Ed. Courses at the HEIs participating under SAMS for the Academic Session 2024-25**

**No.N-08:** It is for information of all concerned that admission into 2 years B.Ed., B.H.Ed. & M.Ed. Courses for admission into the HEIs participating under SAMS shall be done through an Entrance Examination. Accordingly, the candidates are hereby instructed to fill-up the Common Application Form by visiting the SAMS Teacher Education portal as per the timeline mentioned below. The Information Brochure-2024 for all the 3 courses are available on the said portal. Please refer to the Information Brochure before filling up the CAF. The key points for admission into 2 years B.Ed., B.H.Ed, & M.Ed. Courses for the Academic Year 2024-25 are as follows.
1. The Utkal University, Bhubaneswar is included under SAMS for admission into 2 Years B.Ed, and M.Ed, courses from the current Academic Session 2024-25. 2. Similarly for this Academic Session, NCTE, New Delhi has granted recognition for DAV College of Teacher Education (DAV CTE), Koraput for imparting 2 years B.Ed. Programme with intake capacity of 100 seats, Dr. Parsuram Mishra Institute of Advanced Studies in Education (Dr PM IASE), Sambalpur for imparting 2 years M.Ed. Programme with intake capacity of 50 seats, Nabakrushna Choudhury College of Teacher Education (NKC CTE), Angul for imparting 2 years M.Ed. Programme with intake capacity of 50 seats. 3.In the Academic Session: 2024-25, there will be 2 nos. of Phases for admission into 2 Years B.Ed., B.H.Ed,& M.Ed. Courses. That will be Phase-I & Phase-II or waiting list admission round. 4. The Phase-I admission process will consists of 4 rounds of selection. In the last round (4th round), the de-reservation of seats will be carried out in absence of the eligible applicants of a specific category. After completion of Phase-I admission if vacancy arises, Higher Education Department may publish the Phase-II or waiting list admission round. 5. Applicants who got selected and taken admission during the Phase-I admission process at any of the Higher Education Institutions (HEIs) will not be eligible to participate in Phase-II or waiting list admission process, which will be available exclusively for the left out students. 6. Slide up Consent:- Applicants who got selected in any of the HEIs, are bound to take admission in the selected HEIs. After taking admission, the "slide up" option will be enabled in the applicant's login and the interested applicants can give their Consent for participating in the subsequent rounds for their upper choice Institutions. The slide-up option will not be available for the applicants, who will be selected in their 1st choice/preference HEIs. 7. Failure to take admission in the selected HEIs will be taken as a rejection of the allocated seat and s/he will be out of the admission process for the subsequent rounds. 8. This Academic Year, the applicants are required to upload the Residence, Income & Caste Certificates while filling up the CAF. Hence, applicants are advised to keep the required certificates ready in well advance before filling up the CAF. If the applicants fail to upload the certificates during filling up the CAF, another chance will be given to upload the certificates during updation of graduation/ equivalent marks. 9. Applicants are advised to give his/her choice of HEIs in order of his/her preference. Accordingly, selection/allotment of HEI shall be done. 10.Online collection of Admission Fees shall be implemented for admission into B.Ed., M.Ed. & B.H.Ed Courses from this Academic Session. The applicants have to pay the admission fees in online mode (as paying the CAF fees) after being selected for any of the HEIs.

**Timeline for 2 Years B.Ed., B.H.Ed. & M.Ed. Entrance Test-2024 & Admission for the Session 2024-25 for Teacher Education Courses under SAMS**

Timeline for Entrance Test -2024 & admission into 2 years B.Ed., B.H.Ed.& M.Ed, courses at the Teacher Education Institutions for the Academic Year 2024-25 under project 'Student Academic Management System (SAMS)' is given below. Any changes in the timeline will be published in the newspapers as well as on the website **https://te.samsodisha.gov.in/.**

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website www.samsodisha.gov.in. | 29-May-2024 (02.00 PM) |
| 2 | Last date of applying online CAF through www.samsodisha.gov.in | 10-June-2024 (11:45 PM) |
| 3 | Editing of the CAF (if required) for the CAF submitted earlier (No fresh CAF will be allowed during this period) | 11-June-2024 (10.00 AM to 11:45 PM) |
| 4 | Submission of applicant's data to State Selection Board (SSB) to conduct the Entrance Examination | 18-June-2024 |
| 5 | Availability of Hall Ticket on the website of the State Selection Board (SSB) i.e. https://ssbodisha.ac.in and on SAMS portal for downloading the Admit Card. | 15-July-2024 (11:00 AM onwards) |
| 6 | Conduct of Entrance Test-2024 for B.Ed., B.H.Ed. | 24-July-2024 |
| 7 | Conduct of Entrance Test-2024 for M.Ed. | 25-July-2024 |
| 8 | Handing over the entrance marks to OCAC by SSB, Odisha | 31-July-2024 |
| 9 | Updation of Graduation/Equivalent marks by the applicants alongwith Choice locking for the Institutions | 15-July-2024 (10.00 AM) to 22-July-2024 (11.45 PM) |
| 10 | Publication of Entrance Test Score & Publication of Provisional Allotment of Seats for different rounds | Dates will be notified by the Higher Education Department later |

**For more details please contact: e-Admission Helpline (Toll Free) Number 155335/ 1800-345-6770**

N.B.: Candidates, whose final U.G. results are awaited (not published), can also apply on-line by filling up the Common Application Form (CAF) to appear Entrance Exam. They can update the Graduation mark later as per the scheduled timeline.

**Sd./- Deputy Director**
**PTC Section**

OIPR-11001/11/0008/2425



**TATA**

**TATA STEEL LIMITED**

**Registered Office:** Bombay House, 24, Homi Mody Street, Fort, Mumbai 400 001, India
**Corporate Identification Number:** L27100MH1907PLC000260
**Tel No:** +91 22 6665 8282 **E-mail:** cosec@tatasteel.com **Website:** www.tatasteel.com

**ନୋଟିସ**

**ଟାଟା ଷ୍ଟିଲ୍ ଲିମିଟେଡ୍‌ର ଇକ୍ୱିଟି ଶେୟାର୍‌ଗୁଡ଼ିକର (ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍‌ର ଟାଟା ଷ୍ଟିଲ୍ ଲିମିଟେଡ୍ ମଧ୍ୟକୁ ଏବଂ ସହିତ ଏକତ୍ରୀକରଣ କାରଣରୁ ଉତ୍ପନ୍ନ) ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି (ଆଇଇପିଏଫ୍)କୁ ସ୍ଥାନାନ୍ତରଣ**

ଏହି ନୋଟିସ ଯଥା ସଂଶୋଧିତ କମ୍ପାନୀ ଅଧିନିୟମ, ୨୦୧୩ ('ଅଧିନିୟମ')ର ପ୍ରଯୁଜ୍ୟ ପ୍ରାବଧାନ ସହିତ ପଠନପୂର୍ବକ ନିବେଶକ ଶିକ୍ଷା ଏବଂ ଯଥା ସଂଶୋଧିତ ସୁରକ୍ଷା ନିଧି ପ୍ରାଧିକରଣ (ହିସାବରକ୍ଷା, ସମୀକ୍ଷା, ସ୍ଥାନାନ୍ତର ଏବଂ ଫେରସ୍ତ) ନିୟମାବଳୀ, ୨୦୧୬ ('ନିୟମାବଳୀ') ଅନୁଯାୟୀ ପ୍ରକାଶିତ ହୋଇଛି। ଉକ୍ତ ଅଧିନିୟମ ଏବଂ ନିୟମାବଳୀରେ, ଅନ୍ୟାନ୍ୟ ବିଷୟଗୁଡ଼ିକ ସହିତ, ଏହି ପ୍ରାବଧାନ ରହିଛି ଯେ ଲଗାତର ସାତବର୍ଷ କିମ୍ବା ତଦୂର୍ଦ୍ଧ୍ୱ ସମୟ ଧରି ଦାବିରହିତ ଥିବା ଲାଭାଂଶକୁ ଆଇଇପିଏଫ୍‌କୁ ସ୍ଥାନାନ୍ତର କରାଯିବ ଏବଂ ଲାଭାଂଶ(ଗୁଡ଼ିକ) ପୈଠ କରାଯାଇ ନ ଥିବା କିମ୍ବା ଶେୟାରହୋଲ୍ଡର(ଗଣ)ଙ୍କ ଦ୍ୱାରା ଦାବି କରାଯାଇ ନ ଥିବା ଉଭୟ ଭୌତିକ ଆକାର ତଥା ଇଲେକ୍ଟ୍ରୋନିକ୍ ଆକାରରେ ରଖାଯାଇଥିବା ଶେୟାରଗୁଡ଼ିକୁ ଆଇଇପିଏଫ୍ ପ୍ରାଧିକରଣଙ୍କୁ ସ୍ଥାନାନ୍ତରିତ କରାଯିବ।

ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍ ('ଟିଏସ୍ଏଲ୍‌ପି') ଏବଂ ଟାଟା ଷ୍ଟିଲ୍ ଲିମିଟେଡ୍ ('କମ୍ପାନୀ') ଏବଂ ସେମାନଙ୍କର ସମ୍ପୃକ୍ତ ଶେୟାରହୋଲ୍ଡରମାନଙ୍କ ମଧ୍ୟରେ ଅନୁମୋଦିତ ଏବଂ ମଞ୍ଜୁର ହୋଇଥିବା ଏକତ୍ରୀକରଣ ଯୋଜନା ଅନୁଯାୟୀ ଟିଏସ୍ଏଲ୍‌ପି ନଭେମ୍ବର ୧୫, ୨୦୨୩ଠାରୁ କମ୍ପାନୀ ମଧ୍ୟରେ ଏବଂ ସହିତ ଏକୀକୃତ ହୋଇଯାଇଛି ('ଏକତ୍ରୀକରଣ')। ପରିଣତିସ୍ୱରୂପ, ନଭେମ୍ବର ୧୭, ୨୦୨୩ ତାରିଖ ସୁଦ୍ଧା ରେକର୍ଡଭୁକ୍ତ ଟିଏସ୍ଏଲ୍‌ପିର ଶେୟାର୍ ରଖିଥିବା ସମସ୍ତ ସର୍ବସାଧାରଣ ଶେୟାର୍‌ହୋଲ୍ଡରମାନଙ୍କୁ ୬୭:୧୦ ବିନିମୟ ଅନୁପାତରେ କମ୍ପାନୀର ସାଧାରଣ ଇକ୍ୱିଟି ଶେୟାର୍ ଆବଣ୍ଟନ କରାଯାଇଛି।

ଅଧିନିୟମ ସହିତ ପଠନପୂର୍ବକ ନିୟମାବଳୀର ଅନୁପାଳନକ୍ରମେ, କମ୍ପାନୀ ସମ୍ପୃକ୍ତ ଶେୟାର୍‌ହୋଲ୍ଡର(ଗଣ)ଙ୍କୁ (ଯେଉଁମାନଙ୍କ ନିକଟରେ ଟିଏସ୍ଏଲ୍‌ପିର ଶେୟାର୍ ରହିଥିଲା ଏବଂ ଏକତ୍ରୀକରଣ କାରଣରୁ କମ୍ପାନୀର ଶେୟାରହୋଲ୍ଡରରେ ପରିଣତ ହୋଇଛନ୍ତି) ସେମାନଙ୍କର ପଞ୍ଜୀକୃତ ଡାକ ଠିକଣାରେ ଭୌତିକ ମାଧ୍ୟମ ଜରିଆରେ ବ୍ୟକ୍ତିଗତ ଯୋଗାଯୋଗ ପଠାଯାଇ ଦାବିରହିତ ଲାଭାଂଶ(ଗୁଡ଼ିକୁ) ଦାବି କରିବା ନିମନ୍ତେ ଅନୁରୋଧ କରାଯାଇଛି। ଏହି ଯୋଗାଯୋଗ ସେହି ଶେୟାର୍‌ହୋଲ୍ଡରମାନଙ୍କୁ ସମ୍ବୋଧିତ କରୁଛି, ଯେଉଁମାନଙ୍କର ଟିଏସ୍ଏଲ୍‌ପି (ବର୍ତ୍ତମାନ କମ୍ପାନୀ ମଧ୍ୟକୁ ଏବଂ ସହିତ ଏକୀକୃତ)ରୁ ଲାଭାଂଶ(ଗୁଡ଼ିକ) ଦାବିରହିତ ରହିଛି ଏବଂ ପରିଣତିସ୍ୱରୂପ, ଉପରୋକ୍ତ ନିୟମାବଳୀରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ, କମ୍ପାନୀରେ ଯେଉଁମାନଙ୍କର ଶେୟାର୍ (ଏକତ୍ରୀକରଣ କାରଣରୁ ଆବଣ୍ଟିତ ହୋଇଥିବା) ସେପ୍ଟେମ୍ବର ୪, ୨୦୨୪ରେ ଆଇଇପିଏଫ୍ ସପକ୍ଷରେ ସ୍ଥାନାନ୍ତରିତ ହେବା ଲାଗି ଉତ୍ତରଦାୟୀ ଅଟେ। ଶେୟାର୍‌ହୋଲ୍ଡର(ଗଣ)ଙ୍କୁ ସେପ୍ଟେମ୍ବର ୩, ୨୦୨୪ ସୁଦ୍ଧା ଏପରି ଦାବିରହିତ ଲାଭାଂଶ(ଗୁଡ଼ିକୁ) କମ୍ପାନୀଠାରୁ ଦାବି କରିନେବା ପାଇଁ ପରାମର୍ଶ ଦିଆଯାଉଛି।

ଯେଉଁ ଶେୟାର୍‌ହୋଲ୍ଡର(ଗଣ)ଙ୍କ ଶେୟାର୍‌ଗୁଡ଼ିକ ୨୦୨୪ରେ ଆଇଇପିଏଫ୍‌କୁ ସ୍ଥାନାନ୍ତରିତ ହେବା ପାଇଁ ଉତ୍ତରଦାୟୀ ଅଟେ ସେଗୁଡ଼ିକ ପ୍ରାସଙ୍ଗିକ ବିବରଣୀକୁ କମ୍ପାନୀ ନିଜର ୱେବ୍‌ସାଇଟ୍ www.tatasteel.comରେ ଉପଲବ୍ଧ କରିଛି। ଦାବିରହିତ ଲାଭାଂଶ(ଗୁଡ଼ିକ) ଏବଂ ସେମାନଙ୍କର ଶେୟାର୍‌ର ବିବରଣୀକୁ ଯାଞ୍ଚ କରିବା ପାଇଁ https://www.tatasteel.com/investors/investor-information/unclaimed-dividend/ ଦେଖିବା ନିମନ୍ତେ ଶେୟାର୍‌ହୋଲ୍ଡରମାନଙ୍କୁ ଅନୁରୋଧ କରାଯାଉଛି।

**ଶେୟାର୍‌ହୋଲ୍ଡରମାନଙ୍କୁ ଏହା ଧ୍ୟାନରେ ରଖିବା ପାଇଁ ଅନୁରୋଧ ଯେ, ଯଦି ଲାଭାଂଶ(ଗୁଡ଼ିକ) ସେପ୍ଟେମ୍ବର ୩, ୨୦୨୪ ସୁଦ୍ଧା ଦାବି କରା ନ ଯାଏ, ତେବେ ଆର୍ଥିକବର୍ଷ 2016-17ର ଦାବିରହିତ ଲାଭାଂଶ ଆଇଇପିଏଫ୍‌କୁ ସ୍ଥାନାନ୍ତରିତ ହୋଇଯିବା ଏତଦ୍‌ବ୍ୟତୀତ, ଟିଏସ୍ଏଲ୍‌ପି (ଯାହା ନଭେମ୍ବର ୧୫, ୨୦୨୩ରେ କମ୍ପାନୀ ମଧ୍ୟକୁ ଏବଂ ସହିତ ଏକୀକୃତ ହୋଇଯାଇଛି)ର ଶେୟାର୍‌ହୋଲ୍ଡରମାନଙ୍କ ନିକଟରେ ଥିବା ଇକ୍ୱିଟି ଶେୟାର(ଗୁଡ଼ିକ) ବାବଦରେ ଏକତ୍ରୀକରଣର ପରିଣତିସ୍ୱରୂପ ଶେୟାର୍‌ହୋଲ୍ଡରମାନଙ୍କୁ ଆବଣ୍ଟନ କରାଯାଇଥିବା କମ୍ପାନୀର ଇକ୍ୱିଟି ଶେୟାର୍‌ଗୁଡ଼ିକ ଯାହାର ଲାଭାଂଶ(ଗୁଡ଼ିକ) ଲଗାତର ୭ ବର୍ଷ ଧରି ଦାବିରହିତ ରହେ, ତେବେ ସେଗୁଡ଼ିକୁ ଶେୟାର୍‌ହୋଲ୍ଡରମାନଙ୍କୁ ପରବର୍ତ୍ତୀ କୌଣସି ନୋଟିସ ବିନା ନିମ୍ନ ପଦ୍ଧତିରେ ଆଇଇପିଏଫ୍ ପ୍ରାଧିକରଣଙ୍କୁ ସ୍ଥାନାନ୍ତରିତ କରିଦିଆଯିବ:**

ଯଦି ଇକ୍ୱିଟି ଶେୟାର୍ ନିମ୍ନ ଅନୁଯାୟୀ ରହିଥାଏ:

- **ଭୌତିକ ଆକାରରେ** – ଆବଶ୍ୟକୀୟ ଔପଚାରିକତା ସମାପ୍ତି ପରେ ନୂଆ ଶେୟାର୍ ପ୍ରମାଣପତ୍ର(ଗୁଡ଼ିକ) ଜାରି କରାଯିବ ଏବଂ ଆଇଇପିଏଫ୍ ପ୍ରାଧିକରଣଙ୍କ ସପକ୍ଷରେ ସ୍ଥାନାନ୍ତରିତ କରାଯିବ। ଯାହାଫଳରେ, ଆପଣଙ୍କ ନାମରେ ଜାରି କରାଯାଇଥିବା ମୂଳ ଶେୟାର୍ ପ୍ରମାଣପତ୍ର(ଗୁଡ଼ିକ)/ନିଶ୍ଚିତକରଣ ପତ୍ର(ଗୁଡ଼ିକ) ରଦ୍ଦ ଭାବେ ବିବେଚିତ ହେବ ଏବଂ ଅଣ-ବିନିମୟଯୋଗ୍ୟ ହେବ।
- **ଡିମ୍ୟାଟେରିଆଲାଇଜ୍ଡ ଆକାରରେ** – କମ୍ପାନୀ ଡିପୋଜିଟୋରୀଗୁଡ଼ିକ ମାଧ୍ୟମରେ କର୍ପୋରେଟ୍ କାର୍ଯ୍ୟାନୁଷ୍ଠାନ ଜରିଆରେ ଶେୟାର୍‌ଗୁଡ଼ିକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥାପିତ ଆଇଇପିଏଫ୍ ପ୍ରାଧିକରଣଙ୍କ ଡିମାଟ୍ ଖାତାକୁ ସ୍ଥାନାନ୍ତର କରିବ।

ସମ୍ପୃକ୍ତ ଶେୟାର୍‌ହୋଲ୍ଡରମାନଙ୍କୁ ଏହା ଧ୍ୟାନରେ ରଖିବା ପାଇଁ ଅନୁରୋଧ କରାଯାଉଛି ଯେ, ଆଇଇପିଏଫ୍‌କୁ ସ୍ଥାନାନ୍ତରିତ ହୋଇଥିବା ଏପରି ଇକ୍ୱିଟି ଶେୟାର୍‌ଗୁଡ଼ିକ ଉପରେ ଉତ୍ପନ୍ନ ହୋଇଥିବା ସମସ୍ତ ଭବିଷ୍ୟତ ଲାଭଗୁଡ଼ିକୁ ମଧ୍ୟ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥାପିତ ଆଇଇପିଏଫ୍ ପ୍ରାଧିକରଣଙ୍କ ସପକ୍ଷରେ ଜାରି/ସ୍ଥାନାନ୍ତରିତ କରାଯିବ।

ଶେୟାର୍‌ହୋଲ୍ଡରମାନେ ଏହା ଧ୍ୟାନରେ ରଖିପାରନ୍ତି ଯେ, ଆଇଇପିଏଫ୍ ପ୍ରାଧିକରଣଙ୍କ ସପକ୍ଷରେ ଇତିମଧ୍ୟରେ ସ୍ଥାନାନ୍ତରିତ ହୋଇସାରିଥିବା ଉଭୟ ଦାବିରହିତ ଲାଭାଂଶ(ଗୁଡ଼ିକ)/ଇକ୍ୱିଟି ଶେୟାର୍(ଗୁଡ଼ିକ) କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟର ୱେବ୍‌ସାଇଟ୍ www.mca.gov.inରେ ଉପଲବ୍ଧ (ୱେବ୍ ଫର୍ମ ଆଇଇପିଏଫ୍-୫ରେ) ଇଲେକ୍ଟ୍ରୋନିକ ଭାବେ ଦାଖଲ କରି ଏବଂ ତାହାର ଭୌତିକ ନକଲକୁ ବିଧିବଦ୍ଧ ଭାବେ ସ୍ୱାକ୍ଷର କରାଯାଇ ନୋଡାଲ୍ ଅଧିକାରୀ/ଉପ ନୋଡାଲ୍ ଅଧିକାରୀ, ଟାଟା ଷ୍ଟିଲ୍ ଲିମିଟେଡ୍‌ଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା (ବମ୍ବେ ହାଉସ୍, ୨୪, ହୋମି ମୋଦି ଷ୍ଟ୍ରିଟ୍, ଫୋର୍ଟ, ମୁମ୍ବାଇ ୪୦୦୦୦୧) ସମେତ ଇ-ଫର୍ମ ଆଇଇପିଏଫ୍-୫ ଦାଖଲର ପ୍ରାପ୍ତିସ୍ୱୀକାର/ଚାଲାଣ ତଥା ୱେବ୍ ଫର୍ମ ଆଇଇପିଏଫ୍-୫ ରେ ସୂଚୀବଦ୍ଧ ଆବଶ୍ୟକୀୟ ଦସ୍ତାବିଜଗୁଡ଼ିକୁ ପଠାଇ ଦାବି କରାଯାଇପାରିବ। ଦୟାକରି ଧ୍ୟାନରେ ରଖନ୍ତୁ ଯେ ୱେବ୍ ଫର୍ମର ଲିଙ୍କ୍ କମ୍ପାନୀର ୱେବ୍‌ସାଇଟ୍ www.tatasteel.comରେ ମଧ୍ୟ ଉପଲବ୍ଧ।

ଅଧିକନ୍ତୁ, ଶେୟାର୍‌ହୋଲ୍ଡର ଏହା ମଧ୍ୟରେ ଧ୍ୟାନରେ ରଖିପାରନ୍ତି ଯେ, କମ୍ପାନୀ ଦ୍ୱାରା ଏହାର ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଥିବା ସମ୍ପୃକ୍ତ ଶେୟାର୍‌ହୋଲ୍ଡରମାନଙ୍କ ଦାବିରହିତ ଲାଭାଂଶ ଏବଂ ଶେୟାର୍‌ଗୁଡ଼ିକର ବିବରଣୀକୁ ନିୟମାବଳୀ ଅନୁଯାୟୀ ଆଇଇପିଏଫ୍ ପ୍ରାଧିକରଣଙ୍କ ସପକ୍ଷରେ ଶେୟାର୍‌ଗୁଡ଼ିକର ସ୍ଥାନାନ୍ତର ଉଦ୍ଦେଶ୍ୟରେ କମ୍ପାନୀ ଦ୍ୱାରା ନୂଆ ଶେୟାର୍ ପ୍ରମାଣପତ୍ର ଜାରି ବାବଦୀୟ ପର୍ଯ୍ୟାପ୍ତ ନୋଟିସ ଭାବେ ବିବେଚନା କରାଯିବ।

**ଦୟାକରି ଧ୍ୟାନରେ ରଖନ୍ତୁ ଯେ, ବୈଧାନିକ ସମୟରେଖା ମଧ୍ୟରେ ଆଇଇପିଏଫ୍‌କୁ ସ୍ଥାନାନ୍ତର କରାଯାଇଥିବା ଦାବିରହିତ ଲାଭାଂଶ(ଗୁଡ଼ିକ) ଏବଂ ଇକ୍ୱିଟି ଶେୟାର୍‌ଗୁଡ଼ିକ ସଂକ୍ରାନ୍ତରେ କମ୍ପାନୀ ବିରୁଦ୍ଧରେ କୌଣସି ଦାବି କରାଯାଇପାରିବ ନାହିଁ।**

ଉପରୋକ୍ତ ମାମଲା ସମ୍ବନ୍ଧରେ କୌଣସି ପ୍ରଶ୍ନ ପାଇଁ ଶେୟାର୍‌ହୋଲ୍ଡରମାନଙ୍କୁ ନିମ୍ନଲିଖିତ ଯେକୌଣସି ଠିକଣାରେ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଉଛି:

| କମ୍ପାନୀର ଯୋଗାଯୋଗ ବିବରଣୀ | ରେଜିଷ୍ଟ୍ରାର ଏବଂ ଟ୍ରାନ୍ସଫର୍ ଏଜେଣ୍ଟ (ଆର୍‌ଟିଏ) |
|---|---|
| ଟାଟା ଷ୍ଟିଲ୍ ଲିମିଟେଡ୍<br>ନୋଡାଲ୍ ଅଧିକାରୀ ଏବଂ କମ୍ପାନୀ ସେକ୍ରେଟାରୀ ତଥା<br>ମୁଖ୍ୟ ଆଇନଗତ ଅଧିକାରୀ (କର୍ପୋରେଟ୍ ଏବଂ ଅନୁପାଳନ)<br>ବମ୍ବେ ହାଉସ୍, ୨୪ ହୋମି ମୋଦୀ ଷ୍ଟ୍ରିଟ୍,<br>ଫୋର୍ଟ, ମୁମ୍ବାଇ ୪୦୦ ୦୦୧<br>ଟେଲି. ନଂ.: +୯୧ ୨୨ ୬୬୬୫ ୭୨୭୯<br>ଇମେଲ୍: cosec@tatasteel.com | ଲିଙ୍କ ଇନ୍‌ଟାଇମ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍<br>ସି-୧୦୧, ୧ମ ମହଲା, ୨୪୭ ପାର୍କ,<br>ଲାଲ ବାହାଦୁର ଶାସ୍ତ୍ରୀ ମାର୍ଗ<br>ଭିଖ୍ରୋଲି (ପଶ୍ଚିମ), ମୁମ୍ବାଇ ୪୦୦ ୦୮୩<br>ଟେଲି. ନଂ.: +୯୧ ୮୧୦ ୮୧୧ ୮୪୮୪<br>ଇ-ମେଲ୍: csg-unit@linkintime.co.in |

**ଟାଟା ଷ୍ଟିଲ୍ ଲିମିଟେଡ୍**
**ସ୍ୱା./-**
**ପାର୍ଭଥୀସାମ କାଞ୍ଚିନାଧମ୍**
କମ୍ପାନୀ ସେକ୍ରେଟାରୀ ତଥା
ମୁଖ୍ୟ ଆଇନଗତ ଅଧିକାରୀ (କର୍ପୋରେଟ୍ ଏବଂ ଅନୁପାଳନ)
ସଦସ୍ୟତା ନଂ. ଏସିଏସ୍: ୧୫୯୨୧

ମେ ୩୦, ୨୦୨୪
ମୁମ୍ବାଇ

**TATA STEEL**



ମୟୂରଭଞ୍ଜ ଜିଲା ବାରିପଦା ଛଉ ପଡ଼ିଆଠାରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ମୋ ପାଇଁ ଓଡ଼ିଶାବାସୀ ଜବାବ ଦେବେ: ନବୀନ

ଭୁବନେଶ୍ୱର,୨୯।୫(ଅନିଲ ଦାସ)

ସାଢ଼େ ୪ କୋଟି ଓଡ଼ିଆଙ୍କୁ ମୋର ପରିବାର ଭାବି ମୁଁ ସେମାନଙ୍କ ସେବାକରି ଆସୁଛି। ସୁଖରେ, ଦୁଃଖରେ ମୁଁ ସବୁବେଳେ ଆପଣଙ୍କ ସାଥିରେ ଅଛି। ବନ୍ୟା, ବାତ୍ୟା ଓ କୋଭିଡ୍ ମୁକାବିଲାରେ ସବୁବେଳେ ମୁଁ ଆପଣଙ୍କ ପଛରେ ଅଛି। ଶେଷ ପର୍ଯ୍ୟନ୍ତ ମୁଁ ଆପଣଙ୍କ ସହିତ ଛିଡ଼ା ହୋଇଥିବି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ମିଶନ ଶକ୍ତିର ମା'ମାନଙ୍କ ସଫଳତା ମତେ ବହୁତ ଖୁସି ଦେଇଛି। ସେହିପରି ଯୁବପିଢ଼ି ଆତ୍ମବିଶ୍ୱାସର ସହିତ ଆଗକୁ ବଢୁଛି। ଯୁବଶକ୍ତି ହିଁ ଓଡ଼ିଶାକୁ ଆଗକୁ ନେବ ଓ ଦେଶରେ ରାଜ୍ୟକୁ ନମ୍ବର ୱାନ କରିବ। ଦୁଃଖର କଥା ବାହାର ନେତା ଆସି ମତେ ବ୍ୟକ୍ତିଗତ ଭାବେ ଆକ୍ଷେପ କରୁଛନ୍ତି। କଟୁ କଥା କହୁଛନ୍ତି। ଅଭଦ୍ର ଭାଷା ବ୍ୟବହାର କରୁଛନ୍ତି। ଆପଣ ଭଲ ଭାବେ ଜାଣନ୍ତି, ମୁଁ କାହାକୁ କେବେ ଅସମ୍ମାନ କରେ ନାହିଁ। କଟୁ କଥା କହେ ନାହିଁ। ଆପଣମାନେ ଏହାର ଜବାବ ଦେବେ। ବିଶେଷକରି ମା'ମାନେ ଓ ଯୁବପିଢ଼ି ଏହି ଅସମ୍ମାନର ଜବାବ ଜୁନ୍ ୧ ତାରିଖରେ ହେବାକୁ ଥିବା ଭୋଟରେ ଦେବେ। ମହାପ୍ରଭୁଙ୍କ ଆଶୀର୍ବାଦ ସବୁବେଳେ ଓଡ଼ିଶା ସାଥିରେ ରହିଛି ଓ ରହିଥିବ ।

# ଏଠି ଗୁମାସ୍ତାଗିରି ଶାସନ ଚାଲିଛି: ଧର୍ମେନ୍ଦ୍ର


ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

ଅସ୍ତରଙ୍ଗ,୨୯।୫(ମମତା ଜେନା)

## ଭାଜପାର ବିଜୟ ସଂକଳ୍ପ ସମାବେଶ

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ପଡ଼ିଆରେ ବୁଧବାର ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶାସକ ଦଳ ଉପରେ ଗର୍ଜିଛନ୍ତି। ସେ କହିଛନ୍ତି, କାକଟପୁର ନିର୍ବାଚନମଣ୍ଡଳୀ ସ୍ୱାଭିମାନର ମାଟି, ଏଠି ଲୋକେ ଯାହାକୁ ଭୋଟ୍ ଦେଇ ବାଛିଥିଲେ ସେ ରବର ଷ୍ଟାମ୍ପ୍। କାକଟପୁରବାସୀ ଏବେ ଏକ ହୁଅ-ଭାଜପା ଜିତିଲେ ବିକାଶ ଦେଖିବ। ଉପକୂଳ ରାଜପଥ ସମେତ ପ୍ରସ୍ତାବିତ ବନ୍ଦର ପ୍ରତି ରାଜ୍ୟ ସରକାର ଗୁରୁତ୍ୱ ନ ଦେବାରୁ କାମ ଆଗେଇପାରୁନାହିଁ। ରାଜ୍ୟରେ ଭାଜପା ସରକାର ଆସିଲେ କାକଟପୁର ନିର୍ବାଚନମଣ୍ଡଳୀରେ ବିକାଶ ଘଟିବ। ମତ୍ସ୍ୟଜୀବୀ ତାଙ୍କର ପ୍ରକୃତ ସହାୟତା ପାଇବେ, ଧାନର ମୂଲ୍ୟ ବଢିବ, ଅଞ୍ଚଳର ଯୁବବର୍ଗ ବାହାରକୁ ଆଉ ଦାଦନ ଖଟିବାକୁ ଯିବେନାହିଁ ବୋଲି ପ୍ରଧାନ କହିଛନ୍ତି। ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ସେ କହିଥିଲେ, ରାଜ୍ୟରେ ସିନ୍ଧି ଚୋର ପଶିଛି, ସବୁ ନେଇ ପଳାଇବ। ରାଜ୍ୟରେ ତାମିଲ୍ ଶାସନ ଭଳି କାକଟପୁର ଶାସନ ଆଉ କାହା ଦ୍ୱାରା ପରିଚାଳିତ ହୋଇ ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଧାନ, ପାନ ଓ ମୀନର ଅଞ୍ଚଳ ଆଜି ପ୍ରଭାବିତ। ପିଇବା ପାଇଁ ବିଶୁଦ୍ଧ ପାନୀୟଜଳ ମିଳୁନି। ଲୋକଙ୍କ ସମସ୍ୟା ପୂରଣ ହେଉନି।

ଓଡ଼ିଶାରୁ ତାମିଲ୍ ହଟାଇ ଭାଜପା ସରକାର ଗଠନ କରିବାକୁ ଯାଉଥିବାବେଳେ କାକଟପୁର ନିର୍ବାଚନମଣ୍ଡଳୀବାସୀ ଏକ ହୁଅ, ବିକାଶ ଦେଖିବ ବୋଲି ପ୍ରଧାନ କହିଥିଲେ। କାକଟପୁରରୁ ପାରିବାରିକ ଶାସନ ଓ ଗୁମାସ୍ତାଗିରି ହଟାଇ ଭାଜପା ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକ ଏବଂ ଏମ୍‌ପି ପ୍ରାର୍ଥୀ ବିଭୁପ୍ରସାଦ ତରାଇଙ୍କୁ ପଦ୍ମ ଚିହ୍ନରେ ଭୋଟ ଦେବାକୁ ସେ ନିବେଦନ କରିଥିଲେ। ଜିତିଲେ କାକଟପୁର ନିର୍ବାଚନମଣ୍ଡଳୀ ରାଜ୍ୟରେ ଏକ ନମ୍ବର ହେବ, ଯାହା ବିକାଶ ଦରକାର ସେଥିରେ ସହଯୋଗ କରିବେ ବୋଲି ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ। ପ୍ରବଳ ଜନସମାଗମ ଦେଖି ଏଇଠୁ ଅଙ୍କ ଛିଡ଼ିଗଲା, କାକଟପୁରରେ ଭାଜପା ଜିତିବା ସୁନିଶ୍ଚିତ ବୋଲି କହିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା, ଭାଜପାର ଇସ୍ତାହାର ଗ୍ୟାରେଣ୍ଟି ଆଦି ସମ୍ପର୍କରେ ସେ ଭୋଟରଙ୍କୁ ଜଣାଇଥିଲେ। ସମାବେଶରେ ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥୀ ବିଭୁପ୍ରସାଦ ତରାଇ, କାକଟପୁର ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକ, ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ଜିଲା ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ମଙ୍ଗଳା ପ୍ରସାଦ ସାମନ୍ତରାୟ, ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତି ନାୟକ, କାକଟପୁର ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ, ବରିଷ୍ଠ ନେତା ଈଶ୍ୱର ବେହେରା, ପ୍ରସନ୍ନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନମଣ୍ଡଳୀର ଭାଜପା ସଂଯୋଜକ ସୁଦର୍ଶନ ସ୍ୱାଇଁ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ନିକଟରେ ଅସ୍ତରଙ୍ଗରୁ ଭାଜପାରେ ମିଶିଥିବା ଦିବାକର ଛାଟୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ତାମିଲ୍ ଶାସକ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଗୋଇଠା ମାରୁଛନ୍ତି'

ଗୋପ,୨୯।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଓଡ଼ିଆ ଜାତି ମହାନ୍। ଏ ମାଟି ସମ୍ରାଟ ଅଶୋକଙ୍କ ଆଗରେ ମୁଣ୍ଡ ନୁଆଇଁ ନ ଥିଲା। ଯେଉଁ ମାଟି ବ୍ରିଟିଶ ସରକାରଙ୍କ ଆଗରେ ମୁଣ୍ଡ ନୁଆଇଁ ନ ଥିଲା ଓ ସ୍ୱାଭିମାନ ଲାଗି ସର୍ବସ୍ୱ ହରାଇଥିଲେ ମଧ୍ୟ ନିଜ ମନୋବଳକୁ ଦୃଢ଼ ରଖିଥିଲା, ସେହି ମାଟିରେ ଓଡ଼ିଆ ନେତୃତ୍ୱର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଜଣେ ତାମିଲ୍ ଶାସକ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଗୋଇଠା ମାରୁଛନ୍ତି, ତାଙ୍କୁ ଜବାବ୍ ଦିଅ ବୋଲି ବୁଧବାର ପୂର୍ବାହ୍ନରେ ଗୋପ ବ୍ଲକର ନାଗପୁରରେ ଅନୁଷ୍ଠିତ ଭାଜପା ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେଇ ପ୍ରଧାନ ଏହା କହିଛନ୍ତି। ସୁଶାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ କହିଥିଲେ, ମୋତେ ସିନା ବିଜେଡି ଟିକେଟ ଦେଲା ନାହିଁ, କିନ୍ତୁ ଜଗିବାକୁ ୨୦ଜଣ ରାଜ୍ୟସ୍ତରୀୟ ନେତା ଆସିଛନ୍ତି। ଆଗାମୀ ୪ ତାରିଖ ଫଳାଫଳ ବିରୋଧୀଙ୍କ ନିଦ ହଜାଇଦେବ ବୋଲି ସେ ପ୍ରକାଶ କରିଥିଲେ। ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବା ପାଇଁ ପ୍ରଧାନ ଉପସ୍ଥିତ ଲୋକଙ୍କୁ ନିବେଦନ କରିଥିଲେ। ସମାବେଶରେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ଓ ଜିଲାପରିଷଦ ସଭ୍ୟ ପ୍ରମୋଦ କୁମାର ରାୟଙ୍କ ସମେତ ବହୁ ନେତା ଏବଂ କର୍ମୀ ଉପସ୍ଥିତ ଥିଲେ।

# ନିମାପଡ଼ାରେ ନବୀନଙ୍କ ଶୋଭାଯାତ୍ରା




ନିମାପଡ଼ା,୨୯।୫
(ବିଚିତ୍ରାନନ୍ଦ ସାହୁ)

ଜୁନ୍ ୧ରେ ନିମାପଡ଼ା ବିଧାନସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ବୁଧବାର ବିଜେଡି ପ୍ରାର୍ଥୀଙ୍କ ନିମନ୍ତେ ନିମାପଡ଼ା ସହରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋଡ୍ ଶୋ' କରିଛନ୍ତି। ଦଳୀୟ ଏମ୍‌ପି ପ୍ରାର୍ଥୀ ଡ. ରାଜଶ୍ରୀ ମଲ୍ଲିକ ଏବଂ ବିଧାୟକ ପ୍ରାର୍ଥୀ ଦିଲୀପ ନାୟକଙ୍କୁ ବିଜୟୀ କରାଇବାକୁ ସେ ନିମାପଡ଼ା ଓ ଗୋପବାସୀଙ୍କୁ ନିବେଦନ କରିଥିଲେ। ଆସନ୍ତା ଜୁଲାଇରୁ ବିଦ୍ୟୁତ୍ ବିଲ୍ ଛାଡ଼ କରାଯିବ। ମିଶନ ଶକ୍ତି ମା'ଙ୍କୁ ପେନ୍‌ସନ ଯୋଗାଇ ଦିଆଯିବା ସହ ବିଭିନ୍ନ ବର୍ଗର ଲୋକଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ରେ ସାମିଲ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ କହିଥିଲେ। ରୋଡ ଶୋ'ରେ ଏମ୍‌ପି ପ୍ରାର୍ଥୀ ମଲ୍ଲିକ ଓ ବିଧାୟକ ପ୍ରାର୍ଥୀ ନାୟକ ପ୍ରମୁଖ ଯୋଗଦେଇ ଏକ ବିକଶିତ ଓଡ଼ିଶା ଗଠନ ପାଇଁ ବିଜେଡିକୁ ଭୋଟ ଦେଇ ନବୀନ ବାବୁଙ୍କ ହାତମୁଠାକୁ ଟାଣ କରିବା ସହ ୬ଷ୍ଠ ଥର ନିମନ୍ତେ ତାଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ସ୍ଥାନୀୟ ଗୋଲେଇ ଛକ, ଦୋଳବେଦି ଛକ, ପୁରୁଣା ବସ୍‌ଷ୍ଟାଣ୍ଡ ଛକ, ଜୟଶ୍ରୀ ଛକଠାରେ ଜନସାଧାରଣଙ୍କ ବିପୁଳ ସମାଗମ ହୋଇଥିଲା। ନବୀନ ଗ୍ୟାରେଣ୍ଟି, ୫ଟି ଗ୍ୟାରେଣ୍ଟିକୁ ପାଥେୟ କରି ରାଜ୍ୟର ଦ୍ରୁତ ପ୍ରଗତି ବିକାଶ ପାଇଁ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଦଳର ନେତୃବୃନ୍ଦ ନିମାପଡ଼ାବାସୀଙ୍କୁ ନିବେଦନ କରିଥିଲେ।

# 'ନେଲାବେଳକୁ ଚତୁର୍ଭୁଜ, ଦେଲାବେଳକୁ ଖାଲି ହାତ'

ଭୁବନେଶ୍ୱର,୨୯।୫(ଅନିଲ ଦାସ)

## ଭାଜପାକୁ ପାଣ୍ଡିଆନଙ୍କ କଡ଼ା ସମାଲୋଚନା

ରାଜ୍ୟ ପ୍ରତି ଅବହେଳାକୁ ନେଇ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ରରେ ୧୦ ବର୍ଷ ହେବ କ୍ଷମତାରେ ରହିଛନ୍ତି। ହେଲେ ଚାଷୀମାନଙ୍କ ସମସ୍ୟା ଦୂର କରିପାରଲେ ନାହିଁ। ୨୦୧୪ରେ କହିଥିଲେ ସରକାରକୁ ଆସିଲେ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଦୁଇଗୁଣା ବୃଦ୍ଧି କରିବେ। ।ତାହା କଲେ ନାହିଁ। ନିର୍ବାଚନର ୧୦ ଦିନ ପୂର୍ବରୁ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବାକୁ କହିଛନ୍ତି। ଏହାଠାରୁ ଦୁର୍ଭାଗ୍ୟଜନକ କଥା ଆଉ କ'ଣ ହୋଇପାରେ ବୋଲି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି । ୨୦୧୪ରେ ତେଲ, ଡାଲି, ଡିଲେଜ, ପେଟ୍ରୋଲ ଓ ମା'ମାନଙ୍କର ରନ୍ଧନ ଗ୍ୟାସ ଦର କମ୍ କରିବାକୁ ଭାଜପା ନେତା କହିଥିଲେ। କ୍ଷମତାକୁ ଆସିବା ପରେ ସେ ସବୁ ଭୁଲିଗଲେ। ବର୍ଷକୁ ୨ କୋଟି ରୋଜଗାର ଦେବାକୁ କହିଥିଲେ। ମୋ ଜାଣିବାରେ ବର୍ଷକୁ ୨ ଲକ୍ଷ ରୋଜଗାର ମଧ୍ୟ ହୋଇ ନ ଥିବ। ୧୦ ବର୍ଷରେ ଓଡ଼ିଶାର ଭାଗ ପଡିଥାଆନ୍ତା ୮୦ ଲକ୍ଷ । ଓଡ଼ିଶାରେ ୮ ହଜାର ନିଯୁକ୍ତି ମଧ୍ୟ କେନ୍ଦ୍ର ସରକାର ଦେଇପାରିନାହାନ୍ତି। ସବୁଥିରେ ଫେଲ୍ ମାରିଲେ । କୋଇଲାରୁ ଏମ୍‌ସିଏଲ୍ ୨୭ ହଜାର କୋଟି, ନାଲ୍‌କୋ ୩ରୁ ୪ ହଜାର କୋଟି ଏବଂ ରେଲୱେ ୨୫ରୁ ୩୦ ହଜାର କୋଟି ପାଉଛନ୍ତି। ପାଖାପାଖି ୬୦ରୁ ୭୦ ହଜାର କୋଟି ଟଙ୍କା କେନ୍ଦ୍ର ସରକାର ନେଉଛନ୍ତି । ହେଲେ ଦେବାବେଳକୁ ମାତ୍ର ୫-୬ ହଜାର କୋଟି ଦେଉଛନ୍ତି। ନେଲାବେଳକୁ ଚତୁର୍ଭୁଜ, ଦେବାବେଳକୁ ଖାଲିହାତ ବୋଲି ପାଣ୍ଡିଆନ କହିଛନ୍ତି। ଏହି ପ୍ରଶ୍ନ ପଚାରିଲେ କେନ୍ଦ୍ରୀୟ ନେତା ରତ୍ନଭଣ୍ଡାର ଓ ଅନ୍ୟ ପ୍ରସଙ୍ଗ ଉଠାଇ ଇଣ୍ୟାଡୁସିଆଡୁ କହୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ଅଶାଳୀନ ଭାଷାରେ ଗାଳି ଦେଉଛନ୍ତି। ଓଡ଼ିଶାବାସୀ ସବୁ ଦେଖୁଛନ୍ତି। ଆସନ୍ତା ୧ ତାରିଖରେ ଓଡ଼ିଶାବାସୀ ଏହାର ଦୃଢ଼ ଜବାବ ଦେବେ ବୋଲି ପାଣ୍ଡିଆନ କହିଛନ୍ତି।

# ବିଜେଡି ପାଇଁ କାମ କରିବା କୁଞ୍ଚେ, ଆଶିଷ ସିଂଙ୍କ ପୁରୁଣା ଅଭ୍ୟାସ: ଭାଜପା

ଭୁବନେଶ୍ୱର, ୨୯।୫(ସୁନିତ୍ ମିଶ୍ର)


ଖବରଦାତା ସମ୍ମିଳନୀରେ ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, କଟକ ଲୋକ ସଭା ଆସନ ଭାଜପା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ଭାଜପା ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା।

ପୋଲିସ ବିଭାଗରେ ଉଚ୍ଚପଦସ୍ଥ ଅଧିକାରୀଭାବେ ଅବସ୍ଥାପିତ ଡି.ଏସ୍. କୁଞ୍ଚେ ଓ ଆଶିଷ ସିଂ ବିଜେଡିର ଚାମଚାଗିରି କରୁଛନ୍ତି ବୋଲି ଭାଜପା ବାରମ୍ବାର ଓଡ଼ିଶାବାସୀଙ୍କୁ ଅବଗତ କରାଇଛି। ଏହା ହେଉଛି ଏହି ୨ ପୋଲିସ ଅଧିକାରୀଙ୍କ ପୁରୁଣା ଅଭ୍ୟାସ। ଶାସକ ବିଜେଡି ପାଇଁ କାମ କରୁଥିବା କାରଣରୁ ବରିଷ୍ଠ ଆଇପିଏସ୍ ଅଧିକାରୀ ଡି.ଏସ୍.କୁଞ୍ଚେଙ୍କୁ ନିଲମ୍ବନ ଓ ଆଶିଷ ସିଂଙ୍କୁ ମେଡିକାଲ ବୋର୍ଡ ଆଗରେ ହାଜର ହେବା ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏହି ୨ ଅଧିକାରୀ କିଏ, ଏକଥା ବିଜେଡିର ସମସ୍ତ ସଦସ୍ୟ ଜାଣିଛନ୍ତି। କୁଞ୍ଚେ କେଉଁଠି ବସି କାହାର ଆପଏଣ୍ଟମେଣ୍ଟ ଫିକ୍ସ କରନ୍ତି ତ କାହାର ବଦଳି କରନ୍ତି। ବିଜେଡିର କେଉଁ ନେତାଙ୍କୁ କେତେବେଳେ ଟାଇଟ ଓ ହୁଗୁଳା କରାଯିବ, କେଉଁ ପୋଲିସ ଷ୍ଟେଶନର ଏଏସ୍‌ଆଇ କାହା ଘରକୁ ଯାଇ ଡାକିବେ, ମ୍ୟୁନିସିପାଲିଟି ଓ ସହରାଞ୍ଚଳ ନିର୍ବାଚନ ବେଳେ କିଏ ପ୍ରାର୍ଥୀ ହେବେ, ଅଞ୍ଚଳର ପୋଲିସ ଷ୍ଟେଶନର ଅଧିକାରୀ କେଉଁ କାର୍ଯ୍ୟ କରିବେ ସେସବୁ ଉପରେ କୁଞ୍ଚେ ନିଷ୍ପତ୍ତି ନେଉଥିଲେ। ଗଞ୍ଜାମ ଜିଲା ରାଜନୀତି ସହ ଆଶିଷ ସିଂଙ୍କର କ'ଣ ସମ୍ପର୍କ ଏକଥା ବିଜେଡି, କଂଗ୍ରେସ ଏବଂ ଭାଜପା କାର୍ଯ୍ୟକର୍ତ୍ତାମାନେ ଅବଗତ ଅଛନ୍ତି ବୋଲି ଭାଜପା ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ଓଡ଼ିଶାର ସାଧାରଣ ଜନତା ତଥା ଟିକସଦାତାଙ୍କ ଅର୍ଥରୁ ଦରମା ନେଉଥିବା ସରକାରୀ କର୍ମଚାରୀ ରାଜନୈତିକ ଦଳ ପାଇଁ କାର୍ଯ୍ୟ କରୁଛନ୍ତି। ଏନେଇ ଭାଜପା ବାରମ୍ବାର ତଥ୍ୟ ଓ ପ୍ରମାଣ ସହ ନିର୍ବାଚନ କମିଶନଙ୍କୁ ପୂର୍ବରୁ ଅବଗତ କରିଥିଲା। ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ହାତକୁ ଟାଣିବା ଏବଂ ଗୋଇଠା ମାରୁଛନ୍ତି ଗୁମାସ୍ତା। ମୁଖ୍ୟମନ୍ତ୍ରୀ ରବର କଣ୍ଢେଇ ନୁହନ୍ତି, ତାଙ୍କ ହାତକୁ ଟାଣିବା, ଗୋଇଠା ମାରିବା ଏବଂ ସୁରକ୍ଷା ଦାୟିତ୍ୱ ଥିବା ବ୍ୟକ୍ତିମାନେ କଟୁ ବ୍ୟବହାର କରିବା ଦୁଃଖଦ ଘଟଣା ବୋଲି ସମୀର କହିଛନ୍ତି।

# ସିଏମ୍‌ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ରାଜନୈତିକ: ପାଣ୍ଡିଆନ

ଭୁବନେଶ୍ୱର,୨୯।୫(ଅନିଲଦାସ)

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ର ଅଧିକାରୀଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ନିର୍ବାଚନ କମିଶନଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଦୁର୍ଭାଗ୍ୟଜନକ। ଏଭଳି ଜଣେ ଅଫିସର ନିଜ ଜୀବନକୁ ବାଜି ଲଗାଇ ଓଡ଼ିଶାକୁ ମାଓବାଦୀମୁକ୍ତ କରିଛନ୍ତି। ତାଙ୍କ ଭଳି ଅଫିସରଙ୍କ ବିରୋଧରେ ପଦକ୍ଷେପ ନେବା ଠିକ୍ ହୋଇନାହିଁ। ଆଇଜି ଅପରେଶନ ଦାୟିତ୍ୱରେ ଥିବାବେଳେ ମାଓବାଦୀମାନଙ୍କୁ ହଟାଇବାରେ ସେ ବଡ଼ ଭୂମିକା ଗ୍ରହଣ କରିଥିଲେ। ଏବେ ବି ତାଙ୍କ ଜୀବନ ପ୍ରତି ବିପଦ ଅଛି। ଛତିଶଗଡ଼ରେ ନକ୍ସଲ କାର୍ଯ୍ୟକଳାପ ବନ୍ଦ ହୋଇପାରି ନ ଥିବାବେଳେ ଓଡ଼ିଶାରେ ବହୁ ପରିମାଣରେ ହ୍ରାସ ପାଇଛି। ତେଣୁ ଜଣେ ସଚ୍ଚୋଟ ଅଧିକାରୀଙ୍କ ବିରୋଧରେ ଏଭଳି ପଦକ୍ଷେପକୁ ସେ ନାପସନ୍ଦ କରିଛନ୍ତି। ରାଜନୈତିକ ଉଦ୍ଦେଶ୍ୟରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଥିବା ପାଣ୍ଡିଆନ କହିଛନ୍ତି। ନିର୍ବାଚନ ସମୟରେ କେନ୍ଦ୍ରର ଏଭଳି କାର୍ଯ୍ୟାନୁଷ୍ଠାନକୁ ସାଧାରଣ ଲୋକେ ଗ୍ରହଣ କରିପାରୁନାହାନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିମ୍ବା ବିଜେଡି କେବେ ଅଫିସରମାନଙ୍କୁ କୌଣସି ନିର୍ବାଚନ ପ୍ରକ୍ରିୟାରେ ବ୍ୟବହାର କରିନାହାନ୍ତି। ବିଜେଡି ବହୁତ ମଜଭୁତ ଅଛି। ଦଳରେ କୋଟିଏ ସଦସ୍ୟତା ରହିଛି। ବିଜେଡିକୁ କୌଣସି ଅଫିସରଙ୍କ ସହାୟତା ଦରକାର ନାହିଁ। ଅଫିସରଙ୍କ ସାହାଯ୍ୟ ଭାଜପାକୁ ଦରକାର ପଡ଼ିପାରେ ବୋଲି ପାଣ୍ଡିଆନ କହିଛନ୍ତି ।

# କେନ୍ଦ୍ରାପଡ଼ାରେ ପାଣ୍ଡିଆନଙ୍କ ରୋଡ୍ ଶୋ'

କେନ୍ଦ୍ରାପଡ଼ା,୨୯।୫(ଜଗନ୍ନାଥ ଧଳ)

ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ବୁଧବାର ସନ୍ଧ୍ୟାରେ କେନ୍ଦ୍ରାପଡ଼ା ସହରରେ ରୋଡ ଶୋ କରିଛନ୍ତି। ଏହି ରୋଡ୍‌ଶୋ' ସମୟରେ ସେ ସହରବାସୀଙ୍କଠାରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପାଇଛନ୍ତି। କେତେଜଣ ବ୍ୟକ୍ତି ପାଣ୍ଡିଆନଙ୍କ ଜନ୍ମଦିନ ପାଳନ ପାଇଁ ଆଣିଥିବା କେକକୁ ସେ କାଟିଥିଲେ। ଏଥିସହିତ ବିଜେଡି ନେତା ପାଣ୍ଡିଆନ ଜନସାଧାରଣଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରି ବିଜେଡି ପ୍ରାର୍ଥୀଙ୍କୁ ଜିତାଇବାକୁ ନିବେଦନ କରିଥିଲେ।

ସନ୍ଧ୍ୟା ୬ଟାରେ ପାଣ୍ଡିଆନଙ୍କ ହେଲିକପ୍ଟର ଇଚ୍ଛାପୁରସ୍ଥ ମାଉସୀମା' ମନ୍ଦିର ନିକଟରେ ଓହ୍ଲାଇଥିଲା। ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ଦର୍ଶନ ପରେ ରଥଦାଣ୍ଡରୁ ରୋଡ୍‌ଶୋ' ଆରମ୍ଭ ହୋଇଥିଲା। ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି, କେନ୍ଦ୍ରାପଡ଼ା ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରାଙ୍କୁ ସାଥିରେ ଧରି ପାଣ୍ଡିଆନ ଏହି ରୋଡ୍‌ଶୋ'କରିଥିଲେ।


ରୋଡ୍ ଶୋ'ରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ଓ ଗଣେଶ୍ୱର ବେହେରା।

## ■ବିଜେଡି ଷଷ୍ଠଥର ପାଇଁ ସରକାର ଗଢ଼ିବ

ସହରର ସାନମଙ୍ଗଳା, ସାନ୍ତସାହି, ପୁରୁଣା ବସ୍‌ଷ୍ଟାଣ୍ଡ, ବଡ଼ହାଟ, ନୂଆ ବସ୍‌ଷ୍ଟାଣ୍ଡ, ତିନିମୁହାଣୀ ଆଦି ସ୍ଥାନରେ ପାଣ୍ଡିଆନ ବିଜେଡି ପ୍ରାର୍ଥୀମାନଙ୍କୁ ଭୋଟ ଦେବା ପାଇଁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ସେ କହିଲେ, ବିଜେଡି ଷଷ୍ଠଥର ପାଇଁ ରାଜ୍ୟରେ ସରକାର ଗଠନ କରିବ। ଏନେଇ ରାଜ୍ୟବାସୀ ମତ ଦେଇଛନ୍ତି। ଆସନ୍ତା ଜୁନ ୯ରେ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ଶପଥ ନେବେ। ସରକାର ଗଠନର ପ୍ରଥମ ଦସ୍ତଖତ ମାଗଣା ବିଜୁଳି ପାଇଁ ହେବ। ସେହିପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ହୋଇ ପାରି ନ ଥିବା ପରବାରଙ୍କୁ ସାମିଲ ପାଇଁ ଦ୍ୱିତୀୟ ଦସ୍ତଖତ ରହିବ। ମିଶନ ଶକ୍ତି ମହିଳାଙ୍କ ଭତ୍ତା ଯୋଜନା ସହିତ ନୂଆ-ଓରେ ସାମିଲ ଶିକ୍ଷାର୍ଥୀଙ୍କୁ ପ୍ରୋତ୍ସାହନ ରାଶି ଅଧିକ କରିବାକୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି। ଏହି ଅବସରରେ ସେ କହିଥିଲେ, ଯୁବବର୍ଗଙ୍କ ପାଇଁ ବିଭିନ୍ନ ନୂଆ ଯୋଜନା ଆସୁଛି। ରୋଡ୍‌ଶୋ'ରେ ଉପସ୍ଥିତ ଜନସାଧାରଣଙ୍କୁ ନବୀନ ପଟ୍ଟନାୟକ ଓ ଶଙ୍ଖ ଚିହ୍ନକୁ ଆପଣମାନେ ଭଲ ପାଉଛନ୍ତି କି ନାହିଁ ବୋଲି ପାଣ୍ଡିଆନ ପ୍ରଶ୍ନ କରିଥିଲେ। ଏହାର ଜବାବ୍‌ରେ ଜନସାଧାରଣ ହଁ ବୋଲି ଉତ୍ତର ଦେଇଥିଲେ। ଏହି ରୋଡ୍‌ଶୋ'ରେ ଜିଲା ସଂଯୋଜକ ପ୍ରତାପ ଜେନା, ଜିଲା ସଭାପତି ଧୀରେନ୍ଦ୍ର ସାହୁ, ପୌରାଧ୍ୟକ୍ଷା ସରିତା ସାହୁ, ରାଜ୍ୟ ସମ୍ପାଦକ ରଞ୍ଜିତ ସାହୁ, ଯୁବନେତା ରାଜେଶ ଦାସ, ଦୁର୍ଗାଶିଷ ମହାନ୍ତି, ହିରଣ୍ୟ କୁମାର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

# ହଜିବାକୁ ବସିଛି କଳାହାଣ୍ଡିର ହାବସପୁରୀ ପାଟଶାଢ଼ି

ଭବାନୀପାଟଣା,୨୯।୫ (ଉତ୍ତମ କୁମାର ଦାଶ)

### କୌଳିକ ବୃତ୍ତିକୁ ବଞ୍ଚାଇବା ଭିତରେ ଭବିଷ୍ୟତ ଖୋଜୁଛନ୍ତି ବୁଣାକାର



ହାବସପୁରୀ ଶାଢ଼ି ବୁଣାଯାଉଛି।

କଳାହାଣ୍ଡି ହାବସପୁରୀ ପାଟଶାଢ଼ିର କମକୁଟ ପରିପାଟୀ ମହିଳାମାନଙ୍କୁ ଆକର୍ଷିତ କରିଥାଏ। ହେଲେ ସରକାରୀ ସହାୟତା ଓ ପ୍ରୋତ୍ସାହନ ଅଭାବରୁ ବିଭିନ୍ନ ସମୟରେ ବିଶ୍ୱ ଦରବାରରେ ନିଜର ଏକ ନିଆରା ଛାପ ସୃଷ୍ଟି କରିଥିବା ହାବସପୁରୀ ପାଟଶାଢ଼ି ହଜିବାକୁ ବସିଛି। ତଥାପି କୌଳିକ ବୃତ୍ତିକୁ ବଞ୍ଚାଇବା ଭିତରେ ବୁଣାକାରମାନେ ଭବିଷ୍ୟତ ଖୋଜିବାରେ ଲାଗିଛନ୍ତି।

କଳାହାଣ୍ଡି ଅଞ୍ଚଳର ଲୋକଙ୍କ ମନକୁ ମୋହୁଥିବା ହାବସପୁରୀ ଶାଢ଼ି ୧୯୫୧ରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ମଧ୍ୟ ଆକର୍ଷିତ କରିପାରିଥିଲା। କଳାହାଣ୍ଡିର ତତ୍କାଳୀନ ମହାରାଜା ପ୍ରତାପ କେଶରୀ ଦେଓଙ୍କ ତତ୍ତ୍ୱାବଧାନରେ ଦିଲ୍ଲୀର ପ୍ରଦର୍ଶନୀ ପଡିଆରେ ନେହେରୁଙ୍କୁ ହାବସପୁରୀ ଶାଢ଼ିର ଗରିମାକୁ ବର୍ଣ୍ଣନା କରି ତାଙ୍କୁ ପ୍ରଲୋଭିତ କରିପାରିଥିଲେ। ପଶ୍ଚିମ ଓଡିଶାର ବରପାଲି ଶାଢ଼ି, ସୋନପୁରୀ ଶାଢ଼ି, ବାନ୍ଧଶାଢ଼ି, ବୌଦ୍ଧ ଶାଢ଼ି ସମ୍ବଲପୁରୀ ଶାଢ଼ି ଭାବରେ ପ୍ରସିଦ୍ଧି ଲାଭ କରିଛି। କଳାହାଣ୍ଡି ଜିଲାର ଚିଚେଗୁଡ଼ା, ବଳଦିଆମାଲ, ହାବସପୁର, ଚକୁଲି ସମେତ ବିଭିନ୍ନ ସ୍ଥାନରେ ମେହେର ବା ଭୁଲିଆ ସମ୍ପ୍ରଦାୟର ପରିବାର ହାବସପୁରୀ ଶାଢ଼ି ବୁଣିବାରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ସମ୍ବଲପୁରୀ ଶାଢ଼ିର କେବଳ ମୁହଁରେ ବାନ୍ଧକଳା ଥିବାବେଳେ ହାବସପୁରୀ ଶାଢ଼ିରେ ମୁହଁ ଓ ଦେହରେ ବାନ୍ଧ ରହିଥାଏ। ହାବସପୁରୀ ଶାଢ଼ିର ବାନ୍ଧରେ ରଙ୍ଗ କାମର କୌଶଳକୁ ଗୁରୁତ୍ୱ ଦିଆଯାଉଥିବାବେଳେ ଛାଦରେ ସୂତା କାମର କୌଶଳକୁ ପ୍ରାଧାନ୍ୟ ଦିଆଯାଇଥାଏ। ହାବସପୁରୀ ଶାଢ଼ିରେ ଡବଲ ଫୁଲ ତିଆରି ଏହାର ଏକ ସ୍ୱତନ୍ତ୍ରତା। ଅନ୍ୟ ଶାଢ଼ୀମାନଙ୍କରେ ଗୋଟିଏ ଫୁଲ ରହୁଥିବାବେଳେ ଏହାର ଭିନ୍ନତା ପାଇଁ ବୁଣାକାରମାନଙ୍କୁ ବହୁ ପରିଶ୍ରମ କରିବାକୁ ପଡିଥାଏ। ତନ୍ତୀମାନଙ୍କୁ ୯ କାରିଆ ଅପେକ୍ଷା ୧୮ କାରିଆ କାମ କରିବାକୁ ପଡିଥାଏ। ଜାଲା ତିଆରି କରିବା ହାବସପୁରୀ ଶାଢ଼ିର ଆଉ ଏକ ନିଆରା ପରିପାଟି। ହାବସପୁରୀ ଶାଢ଼ିରେ ଆଦିବାସୀମାନଙ୍କର କାନ୍ଥଚିତ୍ର, ଦେହର ଚିତାକୁଟା, ଶାଢ଼ିର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ଶାଢ଼ିରେ ମାଛ, ହରିଣ, ହାତୀ, ପ୍ରଭୃତି ଚିତ୍ରକୁ ଧଡ଼ିରେ ବୁଣି ଶାଢ଼ୀକୁ ମନଲୋଭା କରାଯାଇଥାଏ। ଜୁନାଗଡ ବ୍ଲକର ଚିଚେଗୁଡ଼ା ଓ ବଳଦିଆମାଲଠାରେ ବୁଣାକାରମାନଙ୍କ ପରିବାର ସେମାନଙ୍କ କୌଳିକ ବୃତ୍ତିକୁ ସମ୍ମାନ ଦେଇ ହାବସପୁରୀ ଶାଢ଼ିର ଚମକକୁ ଦେଶବିଦେଶରେ ବିମୋହିତ କରିବା ପାଇଁ ପ୍ରଚେଷ୍ଟା କରୁଛନ୍ତି। ବିଭିନ୍ନ ସମୟରେ ପର୍ଯ୍ୟଟକମାନେ ବିଶେଷକରି ମହିଳାମାନେ ଏହି ହାବସପୁରୀ ଶାଢ଼ି ପ୍ରେମରେ ପଡିଥାନ୍ତି। ସେମାନେ ଦେଶବିଦେଶରେ ଏହି ଶାଢ଼ିକୁ ନେଇ ଏହାର ଗୁଣ ଓ ଗରିମା ଉପରେ ଅନ୍ୟମାନଙ୍କୁ ପ୍ରଲୋଭିତ କରିବାର ନିଦର୍ଶନ ମଧ୍ୟ ରହିଛି। ହାବସପୁରୀ କୁଟୀର ଶିଳ୍ପକୁ ଆଗକୁ ନେବା ପାଇଁ ସବୁ ସ୍ତରରେ ଉଦ୍ୟମ ନ ହେଲେ ଏହି ପ୍ରାଚୀନ ପରମ୍ପରା ବିଲୀନ ହେବା ସମ୍ଭାବନାକୁ ଏଡାଇ ଦିଆଯାଇ ପାରିବ ନାହିଁ। ଚିଚେଗୁଡ଼ାର ଆନ୍ତର୍ଜାତିକ ଫ୍ୟାଶନ ଡିଜାଇନର ପୁରସ୍କୃତ କୁମାର ମେହେର ନିଜର ବ୍ୟବସାୟିକ ସଂସ୍ଥା ଡିଜୋଲୀ ମାଧ୍ୟମରେ ହାବସପୁରୀ ପାଟଶାଢ଼ିକୁ ପୁଣି ଥରେ ଚମକାଇବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଏପରି କି କଳାହାଣ୍ଡିର ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍କୁଲ ୟୁନିଫର୍ମରେ ହାବସପୁରୀ କପଡ଼ା ବ୍ୟବହାର କରିବା ପାଇଁ କୁଳପତି ସଞ୍ଜୟ କୁମାର ଶତପଥୀ ଘୋଷଣା କରିଛନ୍ତି କିନ୍ତୁ ଏହି କପଡା ବାହାରୁ ଆସି ହାବସପୁରୀ ନାଁ ଦିଆଯାଉଥିବା ଦେଖାଯାଉଛି। ଏଠାରେ ଉତ୍ପାଦନ କମ ହେଉଥିବା ବେଳେ କେବଳ ଶାଢ଼ି ବୁଣୁଛନ୍ତି ଗୋଟିଏ ପଟେ ଦ୍ରୁତ ଅର୍ଥନୀତିର ଅଭିବୃଦ୍ଧି ଅନ୍ୟପଟେ କୌଳିକ ବୃତ୍ତିକୁ ବଞ୍ଚାଇବା ପାଇଁ ଆପ୍ରାଣ ଚେଷ୍ଟା କରିବା ଭିତରେ ବୁଣାକାରମାନେ ନିଜର ଭବିଷ୍ୟତ ଖୋଜିବାରେ ଲାଗିଛନ୍ତି। ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ପିଲାଚୋରି ଉଦ୍ୟମ, ମହିଳା ଗିରଫ

ବ୍ରହ୍ମପୁର,୨୯।୫(ସୁଭାଷ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଲୋଚାପଡା ଖ୍ରୀଷ୍ଟିୟାନ ସାହିରୁ ପିଲାଚୋରି ଉଦ୍ୟମ କରୁଥିବା ଜଣେ ମହିଳା ଧରାପଡ଼ିଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଅଟକ ରଖି ପୋଲିସ ଜିମା ଦେଇଥିଲେ। ନିମଖଣ୍ଡି ଥାନା ପୋଲିସ ସମ୍ପୃକ୍ତ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ତାରାତାରିଣୀ ଛକ ଜେରଟ ସାହିର ବର୍ଷା ବେହେରା(୨୮)। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ମହିଳାଙ୍କ ଅଖାରୁ ଉଦ୍ଧାର ନାବାଳକଙ୍କ ଏମ୍‌କେସିଜି ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ତାଙ୍କୁ ସିଡବ୍ଲୁସିରେ ହାଜର କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ମଙ୍ଗଳବାର ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ଖ୍ରୀଷ୍ଟିୟାନ ସାହି ଶେଷ ମୁଣ୍ଡରେ ଜଣେ ଅପରିଚିତ ମହିଳା ଏକ ଅଖାରେ କିଛି ଭାରୀ ଜିନିଷ ଧରି ବସିଥିଲେ। ଅଖା ଭିତରେ କିଛି ହଲଚଲ ହେଉଥିବା ଦେଖି ସାହି ଲୋକଙ୍କ ସନ୍ଦେହ ହୋଇଥିଲା। କେତେଜଣ ବ୍ୟକ୍ତି ମହିଳାଙ୍କ ନିକଟକୁ ଯାଇ ଅଖା ଭିତରେ କ'ଣ ରଖିଛ ବୋଲି ପଚାରିବାରୁ ସେ ହଡ଼ବଡ଼େଇ ଯାଇଥିଲେ। ଲୋକେ ଅଖା ଖୋଲିବାରୁ ଜଣେ ନାବାଳକ ଅର୍ଦ୍ଧଚେତନ ଅବସ୍ଥାରେ ଥିବା ଦେଖାଯାଇଥିଲା। ତାଙ୍କୁ ବାହାରକୁ କାଢ଼ିବା ପରେ ସେ ଖ୍ରୀଷ୍ଟିୟାନ ସାହିର ମିଲି ମଲ୍ଲିକଙ୍କ ପୁଅ ବୋଲି ଜଣାପଡ଼ିଥିଲା। ପିଲାଟିକୁ ବର୍ଷା କୌଣସି ନିଶା ଖୁଆଇ ଚୋରାଇ ନେବାକୁ ଉଦ୍ୟମ କରୁଥିଲେ। ଅଖା ଭିତରକୁ ପିଲା କିପରି ଆସିଲା ବୋଲି ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ସାହିଲୋକେ ତାଙ୍କୁ ଅଟକ ରଖି ନିମଖଣ୍ଡି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସେଠାରୁ ବର୍ଷାଙ୍କୁ ଥାନାକୁ ଆଣିଥିଲା। ଏହି ଘଟଣାରେ ନାବାଳକଙ୍କ ମା' ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୭୦/୨୪ ରେ ମାମଲା ରୁଜୁ କରି ବର୍ଷାଙ୍କୁ ଗିରଫ କରିବା ସହ ତାଙ୍କ ମୋବାଇଲ ଫୋନ ଜବତ କରିଥିଲା। ଘଟଣାରେ ଅନ୍ୟ କାହାରି ସମ୍ପୃକ୍ତି ଅଛି କି ନାହିଁ ଜାଣିବା ପାଇଁ ତାଙ୍କ ଫୋନର ସିଡିଆର ମଗାଯାଇଛି।

# ହାଇୱା ପଛରେ ପିଟିହେଲା ବସ୍: ଚାଳକ ମୃତ, ୧୦ ଗୁରୁତର

ଚଣ୍ଡିଖୋଲ/ବଡ଼ଚଣା,୨୯।୫(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି)





ଦୁର୍ଘଟଣାଗ୍ରସ୍ତ ବସ୍।

ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର କଡ଼ାଇ ଛକ ନିକଟରେ ବୁଧବାର ଭୋର ସମୟରେ ଏକ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ବସ ହାଇୱା ପଛରେ ପିଟି ହୋଇଛି। ଫଳରେ ଘଟଣାସ୍ଥଳରେ ବସ୍ ଚାଳକଙ୍କ ମୃତ୍ୟୁ ହୋଇଛି। ବସ୍‌ରେ ଥିବା ୧୦ ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତ ଚାଳକ ହେଲେ ମୟୂରଭଞ୍ଜ ଜିଲା ଖାରପୋଖରୀ ଥାନା ସସାନଦୀ ଗ୍ରାମର ଅଜିତ ମହାନ୍ତ(୪୧)। ଗୁରୁତର ଯାତ୍ରୀ ହେଲେ ଅଶୋକ ଦାସ, ଏସ୍. ପଲେଇ, ରଶ୍ମି ମିଶ୍ର, ମଙ୍ଗୁଳି ହାଁସଦା, ପି. ଗିରି, ଲକ୍ଷ୍ମଣ ଦାସ, ରାଜଲକ୍ଷ୍ମୀ ଦାସ, ଏସ୍ ମିଶ୍ର, ବି. ରାମ ହାଁସଦା ଓ ଡି. ମହାନ୍ତ ପ୍ରମୁଖ। ସେମାନଙ୍କ ସମ୍ପୂର୍ଣ୍ଣ ଠିକଣା ଜଣାପଡ଼ିନାହିଁ।

ସୂଚନା ଅନୁଯାୟୀ, ବସ୍ (ଓଡି୧୧ଭି୧୯୧୫) ବାରିପଦାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ କଡ଼ାଇ ଛକ ନିକଟରେ ଦ୍ରୁତ ଗତିରେ ଆସି ହାଇୱା (ଓଡି୦୪ଏମ୍୪୦୬୯)କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ବସ୍‌ର ସମ୍ମୁଖ ଭାଗ ଭାଙ୍ଗି ଚୁରୁମାର ହୋଇଯାଇଥିଲା। ଖବର ପାଇ ବଡ଼ଚଣା ପୋଲିସ ଓ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଏନେଇ ପୋଲିସ ଏକ ମାମଲା ନଂ.୨୮୨।୨୪ ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି।

# ନିଲମ୍ବିତ ଏଏସ୍ଆଇଙ୍କୁ ପୁନଃ ନିଯୁକ୍ତି ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ରାୟଗଡ଼ା,୨୯।୫(ଆଶିଷ ରଞ୍ଜନ ପଣ୍ଡା)

### ଶିକ୍ଷୟିତ୍ରୀ ଇତିଶ୍ରୀ ହତ୍ୟା ମାମଲା

ଇତିଶ୍ରୀ ପ୍ରଧାନ ହତ୍ୟାକାଣ୍ଡ ଘଟଣାରେ ବହିଷ୍କୃତ ରାୟଗଡ଼ା ଜିଲା ଟିକିରି ଥାନାର ଏଏସ୍ଆଇ ମୁରଲୀଧର ପ୍ରଧାନଙ୍କୁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନ୍ୟାୟ ମିଳିଛି। ଦୀର୍ଘ ୧୦ବର୍ଷ ପରେ ସୁପ୍ରିମକୋର୍ଟ କେସ୍ ନମ୍ବର ଏସ୍ଏଲ୍‌ପି (ସି)୧୨୦୫୭/୨୦୨୩ର ରାୟ ପ୍ରକାଶ କରି, ରାଜ୍ୟ ସରକାରଙ୍କ ସମସ୍ତ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। କାର୍ଯ୍ୟରେ ଅବହେଳା ଯୋଗୁ ଜଣେ ପୋଲିସ ଏଏସ୍ଆଇଙ୍କୁ ଚାକିରିରୁ ବହିଷ୍କାର କରିବା ଉଚିତ ନୁହେଁ। ତୁରନ୍ତ ପୋଲିସ ଅଧିକାରୀ ମୁରଲୀଧରଙ୍କୁ ବହିଷ୍କାର କରିବା ଦିନଠାରୁ ଆଜିଯାଏ ସମସ୍ତ ଅର୍ଥ ପ୍ରଦାନ କରିବା ସହ ପୁଣି ଚାକିରିରେ ନିଯୁକ୍ତି ଦେବାକୁ ସୁପ୍ରିମକୋର୍ଟ ବିଚାରପତି ବି.ଭି. ନାଗରତ୍ନା ଏବଂ ସତୀଶ ଚନ୍ଦ୍ର ଶର୍ମା ନିର୍ଦ୍ଦେଶ ଦେଇଥିବା ଆଇନଜୀବୀ କିରଣ କୁମାର ପାତ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଟିକିରି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ଇତିଶ୍ରୀ ପ୍ରଧାନ ଏବଂ ସ୍କୁଲ ଏସ୍ଆଇ ନେତ୍ରାନନ୍ଦ ଦଣ୍ଡସେନାଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏହାକୁ ନେଇ ଇତିଶ୍ରୀ ଥାନାରେ ଏତଲା ମଧ୍ୟ ଦେଇଥିଲେ। ତେବେ ୨୦୧୩ ଅକ୍ଟୋବର ୨୭ ରାତିରେ ଇତିଶ୍ରୀ ସ୍କୁଲର ଗୋଟିଏ କୋଠରିରେ ରହିଥିବା ବେଳେ ଜଣେ ଦୁର୍ବୃତ୍ତ ତାଙ୍କ ଉପରେ କିରୋସିନ ଢାଳି ଜୀଅନ୍ତା ଜାଳି ଦେଇଥିଲେ। କେସ୍ ଉଇଥ୍‌ଡ୍ର ନ କରିବାର ଏହା ପରିଣାମ ବୋଲି ଦୁର୍ବୃତ୍ତ ଜଣକ କହି ଚାଲିଯାଇଥିଲେ। ୨୦୧୩ ନଭେମ୍ବର ୧ରେ ବିଶାଖାପାଟଣାର ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଇତିଶ୍ରୀଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ କ୍ରାଇମ୍ ବ୍ରାଞ୍ଚ ଏବଂ ପରେ ସିବିଆଇ ଘଟଣାର ତଦନ୍ତ କରିଥିଲା। ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଟିକିରି ଥାନା ଇନ୍‌ସ୍ପେକ୍ଟର, ଏଏସ୍ଆଇ ମୁରଲୀଧର ପ୍ରଧାନ, ସ୍କୁଲ ଏସ୍ଆଇ ନେତ୍ରାନନ୍ଦ ଦଣ୍ଡସେନା, ସ୍କୁଲର ପ୍ରଧାନ ଶିକ୍ଷକଙ୍କ ସହ ଶିକ୍ଷା ବିଭାଗର ଅନ୍ୟ ଜଣେ ଅଧିକାରୀଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା। ସେହିଦିନଠାରୁ ଏଏସ୍ଆଇ ପ୍ରଧାନ ନ୍ୟାୟ ପାଇଁ ରାଜ୍ୟ ପ୍ରଶାସନିକ ଅଦାଲତର ଆଶ୍ରୟ ନେଇଥିଲେ। ୨୦୧୭ରେ ଅଦାଲତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ଏଏସ୍ଆଇଙ୍କୁ ବରଖାସ୍ତ କରିବା ଅସାମ୍ବିଧାନିକ ଥିଲା। ତେଣୁ ଯେଉଁଦିନଠାରୁ ଚାକିରିରୁ ବହିଷ୍କାର କରାଯାଇଛି, ସେବେଠୁ ତାଙ୍କୁ ଚାକିରିରେ ଯୋଗ ଦେବା ସହ ସମସ୍ତ ପ୍ରକାର ଆର୍ଥିକ ଏବଂ ପଦୋନ୍ନତି ତୁରନ୍ତ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୯ରେ ରାଜ୍ୟ ସରକାର ପ୍ରଶାସନିକ ଅଦାଲତ ରାୟକୁ ଚ୍ୟାଲେଞ୍ଜକରି ଓଡ଼ିଶା ହାଇକୋର୍ଟରେ ମାମଲା ରୁଜୁକଲେ। ୨୦୨୨ ଅଗଷ୍ଟରେ ହାଇକୋର୍ଟ ସରକାରଙ୍କ ଅପିଲକୁ ଖାରଜ କରିଥିଲେ। ଶେଷରେ ପୁଣି ୨୦୨୩ରେ ରାଜ୍ୟ ସରକାର ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜକରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସରକାରଙ୍କ ଅପିଲକୁ ସୁପ୍ରିମକୋର୍ଟ ବୁଧବାର ବରଖାସ୍ତ କରିଛନ୍ତି।

ପ୍ରକାଶ ଥାଉକି, ଏଏସ୍ଆଇ ମୁରଲୀଧର ପ୍ରଧାନ ରାୟଗଡ଼ା ଜିଲାର ବିଭିନ୍ନ ଥାନାରେ କାର୍ଯ୍ୟ ସମ୍ପାଦନ କରିଥିଲେ। ସେ ସ୍ଥାନୀୟ ଯୁବକଙ୍କୁ ନେଇ ଅପେରା ନିମନ୍ତେ ପ୍ରଶିକ୍ଷଣ ଦେଇ ମାଓବାଦୀ ଅଞ୍ଚଳରେ ପୋଲିସ ପ୍ରତି ଲୋକଙ୍କ ଘୃଣା ମନୋଭାବ ଦୂରେଇବା ସହ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଯୁବକଙ୍କୁ ଆକୃଷ୍ଟ କରୁଥିବାରୁ ବିଭିନ୍ନ ସ୍ଥାନରେ ସମ୍ମାନିତ ହୋଇଥିଲେ। ତାଙ୍କ ନିଜ ଘର ଗଞ୍ଜାମ ଜିଲାରେ। ଗୁରୁବାର ଚାକିରି ଜୀବନରୁ ଅବସର ଗ୍ରହଣ କରିବା ଦିନ ହୋଇଥିବାବେଳେ କିଛି ଭୁଲ୍ ନ କରି ତାଙ୍କୁ ଦୀର୍ଘ ୧୦ ବର୍ଷ ଏହି ରାଜଦଣ୍ଡରେ ରହି ବଞ୍ଚିବା ବହୁ କଷ୍ଟଦାୟକ ବୋଲି ସେ ଦୁଃଖର ସହ କହିଛନ୍ତି। ଅବସରର ଦିନକ ପୂର୍ବରୁ ପୁଣି ଚାକିରି ଫେରିପାଇବା ଏବଂ ୧୦ ବର୍ଷ ପରେ ନ୍ୟାୟ ମିଳିଥିବାରୁ ଖୁସି ବୋଲି ମୁରଲୀଧର କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ସତ କହିବି ନା ମିଛ କହିବି,**
**ନା ଯାହା ଅଙ୍ଗେ ନିଭେଇଛି ତାହା କହିବି।**

କେତେକ କଥା କାହାକୁ ସତ ଲାଗିପାରେ ନତୁବା ମିଛ। ପରନ୍ତୁ ଅଙ୍ଗେନିଭା କଥା ହିଁ ସତ, ଏଥିରେ କାହାରି ଦ୍ୱିମତ ହେବାର ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ହାଟରେ ସିନ୍ଦୂର ଅଛି;**
**ମାତ୍ର ଅଭାଗିନୀ କପାଳରେ ନାହିଁ।**

ସିନ୍ଦୂର ସୂଚାଏ ସ୍ୱାମୀ-ସ୍ତ୍ରୀର ସମ୍ପର୍କ। ହେଲେ କିଛି ଅଭାଗିନୀଙ୍କ କପାଳରେ ଏଭଳି ସୁଯୋଗ ଜୁଟୁ ନ ଥିବାର ଲକ୍ଷ୍ୟ କରାଯାଏ। ଭାଗ୍ୟ ହାତରେ ସମସ୍ତେ କ୍ରୀଡ଼ନକ ବା ପରିଚାଳିତ। ସୁଯୋଗ ହାତଛଡ଼ା ହେଲେ ବ୍ୟକ୍ତି ନିଜକୁ ଅସାର ମନେକରିବା ସହ ନିଜ ଭାଗ୍ୟକୁ ନିନ୍ଦୁଥିବା ବା ଦୋଷ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ନିଶ୍ଚିତ ପରାଜୟ ଜାଣି ଅଫିସରଙ୍କୁ ଟାର୍ଗେଟ କରୁଛି ଭାଜପା: ବିଜେଡି



ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

ଭୁବନେଶ୍ୱର,୨୯।୫(ଅନିଲଦାସ)

ତୃତୀୟ ପର୍ଯ୍ୟାୟ ମତଦାନ ପରେ ବିଜେଡି ସଂଖ୍ୟାଗରିଷ୍ଠତା ହାସଲ କରିଛି ଏବଂ ସରକାର ଗଠନ କରୁଛି। ୨୦୨୪ ଜୁନ୍ ୯ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରମାଗତ ଭାବେ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ସହ ରେକର୍ଡ କରିବେ ବୋଲି ବିଜେଡି ଏମପି ସସ୍ମିତ ପାତ୍ର, ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ମାନସ ରଞ୍ଜନ ମଙ୍ଗରାଜ, ଏମପି ସୁଲତା ଦେଓ ଏବଂ ବିଜେଡି ମୁଖପାତ୍ରଲେନିନ ମହାନ୍ତି କହିଛନ୍ତି ।

ବିଜେଡିର ଏହି ୪ ବରିଷ୍ଠ ନେତା ଗଣମାଧ୍ୟମକୁ କହିଛନ୍ତି ଯେ ଓଡ଼ିଶା ଭାଜପା ଏ ବିଷୟରେ ଅବଗତ ହେବାପରେ ମାନସିକ ଭାରସାମ୍ୟ ହରାଇଛି। ମଙ୍ଗଳବାର ରାତିରେ ଓଡ଼ିଶା ଭାଜପା ନେତା ପୀତାମ୍ବର ଆଚାର୍ଯ୍ୟ ଓ ଅନ୍ୟମାନେ ରାଜ୍ୟର ଜଣେ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ନିଲମ୍ବିତ କରିଥିବା ଏବଂ ଅନ୍ୟ ଜଣେ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ଏମ୍ସ ଦ୍ୱାରା ଡାକ୍ତରୀ ପରୀକ୍ଷା କରାଇବାର ଶ୍ରେୟ ନେବାକୁ ଚେଷ୍ଟା କରୁଥିଲେ, ଯାହା ଭାରତୀୟ ନିର୍ବାଚନ ଆୟୋଗଙ୍କ ପ୍ରତି ସେମାନଙ୍କର ମନରେ ଥିବା କିଞ୍ଚିତ ସମ୍ମାନକୁ ଦର୍ଶାଉଛି। ଓଡ଼ିଶା ଭାଜପା ନେତାଙ୍କ ଏଭଳି ବୟାନକୁ ଆମେ ଦୃଢ଼ ନିନ୍ଦା କରୁଛୁ। ଏହା ଦୁର୍ଭାଗ୍ୟଜନକ ଯେ ବିଜେଡି ସହ ଲଢ଼ିବା ପରିବର୍ତ୍ତେ ପରାଜିତ ହେଉଥିବାରୁ ଭାଜପା ନିର୍ବାଚନ କମିସନଙ୍କୁ ବ୍ୟବହାର କରି ଅଫିସରଙ୍କ ପଛରେ ପଡିଛି। ଏଥିରୁ ଜଣାପଡୁଛି ବିଜେଡି ସହ ଲଢ଼ିବାର ସାମର୍ଥ୍ୟ ସେମାନଙ୍କ ପାଖରେ ନାହିଁ। ଆମେ ସେମାନଙ୍କୁ ଅନୁରୋଧ କରୁଛୁ ଯେ ଏହି ନିର୍ବାଚନ ସହିତ କୌଣସି ସମ୍ପର୍କ ନଥିବା ଅଧିକାରୀମାନଙ୍କୁ ଟାର୍ଗେଟ କରିବା ପରିବର୍ତ୍ତେ କିଛି ସାହସ ରଖନ୍ତୁ ଏବଂ ଆମ ସହ ଲଢ଼େଇ କରନ୍ତୁ। ନିଜ ଜୀବନକୁ ବାଜି ଲଗାଇ ନକ୍ସଲଙ୍କ ସହ ଲଢ଼ି ରାଜ୍ୟରେ ନକ୍ସଲବାଦକୁରୋକିଥିବା ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ଓଡ଼ିଶା ଭାଜପା ଟାର୍ଗେଟ କରିଛି। ବିନୟ ପ୍ରଧାନଙ୍କ ଭଳି ଆଇଏଫଏସ ଅଫିସର ଅଧିକାରୀଙ୍କର ସମ୍ପତ୍ତିବିଷୟରେ ମଧ୍ୟ ଆମେ ଅନେକ ଦାବିପତ୍ର ପ୍ରଦାନ କରିଥିଲୁ। ବିନୟ ପ୍ରଧାନ ଓ ତାଙ୍କ ଲିଙ୍କ୍ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଇଁ ନିର୍ବାଚନ ପ୍ରଚାର କରିଥିଲେ ମଧ୍ୟ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏଥିରୁ ଜଣାପଡୁଛି ଯେ ଇସିଆଇକୁ ଭାଜପା ବ୍ୟବହାର କରୁଛି, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

ବିଜେଡି ବହୁତ ଶକ୍ତିଶାଳୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରଭାବ ଏତେ ଦୃଢ଼ ଯେ ଆମେ ଏହି ନିର୍ବାଚନରେ ଦୃଢ଼ ଭାବେ ବିଜୟୀ ହେଉଛୁ ଏବଂ ଓଡ଼ିଶା ଭାଜପା ବହୁତ ଦୟନୀୟ ଭାବେ ପରାଜିତ ହେଉଛି। ଅଧିକାରୀଙ୍କୁ ଟାର୍ଗେଟ କରି ପଛ ଦ୍ୱାର ଦେଇ ଯିବାକୁ ଚେଷ୍ଟା କରିବା ପରିବର୍ତ୍ତେ ଭାଜପା ନେତାମାନେ ଆମ ସହ ଲଢ଼େଇ କରନ୍ତୁ ବୋଲି ବିଜେଡି ଆହ୍ୱାନ କରିଛି। ଓଡ଼ିଶାବାସୀ ଏହାକୁ ଦେଖୁଛନ୍ତି ଏବଂ ଚଳିତ ନିର୍ବାଚନ ଆଗାମୀ ଦିନରେ ମଧ୍ୟ ବିଜେପିକୁ ଏହାର କଡ଼ା ଜବାବ ଦେବେ। ଏଭଳି ଅହଂକାରକୁ ଓଡ଼ିଶାବାସୀ କେବେ ବରଦାସ୍ତ କରନ୍ତି ନାହିଁ ବୋଲି ବୋଲି ବିଜେଡି ନେତାମାନେ କହିଛନ୍ତି।

# ଘର ଭାଙ୍ଗିଲା ଗୋଠଛଡ଼ା ଦନ୍ତା

ପାଟଣା,୨୯।୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ଅଞ୍ଚଳରେ ଏକ ଗୋଠଛଡା ଦନ୍ତା ୩ ଦିନ ହେବ ଆତଙ୍କ ଖେଳାଇଛି। ଅଞ୍ଚଳରେ ୬ରୁ ଊର୍ଦ୍ଧ୍ୱ ଘର ଭାଙ୍ଗି ଘର ଭିତରୁ ଧାନ, ଚାଉଳ ଖାଇ ନଷ୍ଟ କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଦନ୍ତା ଖିରେଇଟାଙ୍ଗିରୀ ସେକ୍ସନ ପୁରୁଣିଆ ଗ୍ରାମର ଅନାମ ମୁଣ୍ଡାଙ୍କ ଘର ଭାଙ୍ଗି ଘର ଭିତରୁ ଧାନ, ଚାଉଳ ଖାଇ ନଷ୍ଟ କରିଦେଇଛି। ପରିବାର ଲୋକେ ଶୋଇଥିବା ସମୟରେ ହାତୀ ଘରଭାଙ୍ଗି ଦେଇଥିଲା ବେଳେ ପରିବାର ଲୋକେ ଅଳ୍ପକେ ବିପତ୍ତିରୁ ବର୍ତ୍ତି ଯାଇଛନ୍ତି। ବନ ବିଭାଗ ହାତୀ ଘଉଡ଼ାଇବାରେ ବିଫଳ ହୋଇଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ

### ନବୀନଙ୍କ ସ୍ୱାସ୍ଥ୍ୟହାନିରେ ...

ରାଜ୍ୟରେ ଭାଜପା ସରକାରକୁ ଆସିଲେ ମହାପ୍ରଭୁଙ୍କ ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବ। ଆଗାମୀ ୫ ବର୍ଷ ଦ୍ରୁତ ବିକାଶର ବର୍ଷ ହେବ ବୋଲି ମୋଦି କହିଛନ୍ତି।

ବାରିପଦା ସମାବେଶରେ ମୋଦି ଜୟ୍ ଜଗନ୍ନାଥ, ମୟୂରଭଞ୍ଜର ଅଧିଷ୍ଠାତ୍ରୀ ଦେବୀ ମା' କୀଚକେଶ୍ୱରୀଙ୍କୁ ପ୍ରଣାମ କରିବା ପରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଏବଂ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ମନେପକାଇ ତାଙ୍କର ଅଭିଭାଷଣ ଆରମ୍ଭ କରିଥିଲେ। ୫୦ ବର୍ଷରେ ଯେଉଁ ବିକାଶ ଦେଶ ଦେଖି ନ ଥିଲା ତାହା ମୋଦି ସରକାରର ୧୦ବର୍ଷ ମଧରେ ସାକାର ହୋଇପାରିଛି। ରାଜ୍ୟରେ ୨୫ ବର୍ଷର ବିଜେଡି ସରକାରର ଶାସନକୁ ଫୁଲ୍‌ଷ୍ଟପ୍ ଲଗାଇବା ନିଶ୍ଚିତ ହୋଇଯାଇଛି। 'ମୁଁ ଆପଣଙ୍କ ଆଶୀର୍ବାଦ ନେବାକୁ ଆସିଛି ଏବଂ ସାଥିରେ ନିମନ୍ତ୍ରଣ ଦେବାକୁ ଆସିଛି। ଜୁନ୍ ୧୦ରେ ଓଡ଼ିଶାରେ ଭାଜପାର ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିବେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓଡ଼ିଆ ହେବେ'ବୋଲି ମୋଦି କହିଛନ୍ତି। ସେ ଆହୁରି କହିନ୍ତି ଯେ, ଓଡ଼ିଶାର ଲୋକ ଚାହାନ୍ତି ମୋଦି ଗ୍ୟାରେଣ୍ଟି। ମୟୂରଭଞ୍ଜର ମାଟି ନାରୀ ସଶକ୍ତୀକରଣର ମାଟି। ମୟୂରଭଞ୍ଜର ଜୟ୍ ଜୟ୍‌କାର କରାଯିବାର କାରଣ ହେଲା ଜିଲାରେ ମା'ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣନ୍ତି। ମୟୂରଭଞ୍ଜ ମାଟିର ଝିଅ ଆଜି ଦେଶର ୧୪୦କୋଟି ଲୋକଙ୍କ ନେତୃତ୍ୱ ନେଉଛନ୍ତି। ଆମର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶର ୩ ସେନାର କମାଣ୍ଡ କରୁଛନ୍ତି। ଏହା ମୟୂରଭଞ୍ଜ, ଓଡ଼ିଶା ଓ ପୂରା ଦେଶରେ ନାରୀ ଶକ୍ତି ପାଇଁ ଗୌରବର ବିଷୟ ହୋଇପାରିଛି। ଭାଜପା ସରକାର ଆଦିବାସୀ ଗୌରବ ଓ ଆଦିବାସୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଛି। ଭାଜପା ସରକାରଙ୍କ ଦ୍ୱାରା ସାନ୍ତାଳୀ ଭାଷାକୁ ଅଷ୍ଟମ ସୂଚୀରେ ସାମିଲ କରାଯାଇଛି। ବିର୍ସା ମୁଣ୍ଡାଙ୍କ ଜନ୍ମ ଦିବସକୁ ଜନଜାତି ଗୌରବ ଦିବସ ରୂପେ ଘୋଷଣା କରାଯାଇଛି। ଆଦିବାସୀଙ୍କ କଲ୍ୟାଣ ନିମନ୍ତେ ବଜେଟରେ ୫ ଗୁଣା ବୃଦ୍ଧି ଘଟିଛି ବୋଲି ମୋଦି କହିଥିଲେ। ଆଦିବାସୀମାନଙ୍କ ଜମି ହଡ଼ପ କରିବା ପାଇଁ ରାଜ୍ୟ ସରକାର ଆଇନ ପ୍ରଣୟନ କରିବାକୁ ପ୍ରୟାସ କରିଥିଲେ। ଭାଜପାର ଦୃଢ଼ ବିରୋଧ ଯୋଗୁ ତାହା ସଫଳ ହୋଇପାରିଲା ନାହିଁ। ଖଣିଜ ସମ୍ପଦ ଲୁଟ ହୋଇଥିବା ବେଳେ ଜିଲା ଖଣିଜ ପାଣ୍ଠିର ଅର୍ଥକୁ ଆତ୍ମସାତ୍ କରାଯାଇଛି। ଓଡ଼ିଶାରୁ ଲୁଟ୍ ହୋଇଥିବା ଟଙ୍କା ବିଦେଶକୁ ଯାଉଛି। ଲୁଟ୍ ହୋଇଥିବା ସମ୍ପତ୍ତିକୁ ମୋଦି ଗୋଟି ଗୋଟି କରି ଆଣିବେ। ଯିଏ ଜନତାଙ୍କୁ ଲୁଟ୍ କରିଛି ତାହାକୁ ଫେରାଇବାକୁ ପଡ଼ିବ ବୋଲି ସେ କହିଛନ୍ତି। ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବି କେଉଁଠିକୁ ଯାଇଛି ବୋଲି ଦେଶବାସୀ ଜାଣିବାକୁ ଚାହିଁଛନ୍ତି। ବିଜେଡି ସରକାର ଯାହା ଲୁଚାଇବାକୁ ଚାହୁଁଛି, ତାହାକୁ ଭାଜପା ସରକାର ଓଡ଼ିଶାବାସୀଙ୍କୁ ଜଣାଇବେ ବୋଲି ମୋଦି କହିଛନ୍ତି। ସଭାରେ ଉପସ୍ଥିତ ଥିବା ଭାଜପାର ମୟୂରଭଞ୍ଜ ଏମ୍‌ପି ପ୍ରାର୍ଥୀ ନବଚରଣ ମାଝି, ବାରିପଦା ବିଧାୟକ ପ୍ରାର୍ଥୀ ପ୍ରକାଶ ସୋରେନ, ଉଦଳା ପ୍ରାର୍ଥୀ ଭାସ୍କର ମଢ଼େଇ, ମୋରଡା ପ୍ରାର୍ଥୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଯଶିପୁର ପ୍ରାର୍ଥିନୀ ସଞ୍ଜଲୀ ମୁର୍ମୁ, ସାରସକଣା ପ୍ରାର୍ଥୀ ଭାଦବ ହାଁସଦା, ରାଇରଙ୍ଗପୁର ପ୍ରାର୍ଥୀ ଜୋଲେନ ନାଏକ ଓ ଯଶିପୁର ପ୍ରାର୍ଥୀ ଗଣେଶ ରାମସିଂ ଖୁଣ୍ଟିଆଙ୍କୁ ବିଜୟୀ କରିବା ପାଇଁ ମୋଦି ଜନସାଧାରଣଙ୍କ ଆଶୀର୍ବାଦ ଲୋଡ଼ିଛନ୍ତି।

### ନିର୍ବାଚନ ପରେ ଭାଜପା-ବିଜେଡି ...

ଗରିବଙ୍କୁ ଯେଉଁ ସଂରକ୍ଷଣ ମିଳିଛି, ତାକୁ ଶେଷ କରି ଦେବାକୁ ମୋଦି ସରକାର ଲାଗିଛନ୍ତି। ମଣିପୁର ଜଳୁଥିବା ବେଳେ ପ୍ରଧାନମନ୍ତ୍ରୀ ବିଦେଶରେ ବୁଲୁଥିଲେ। ଏଥିସହ ଖାର୍ଗେ ବିଜେଡିକୁ ମଧ ଟାର୍ଗେଟ କରିଛନ୍ତି।

ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି ମଞ୍ଚ ପରିଚାଳନା କରିଥିବା ବେଳେ ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ଶ୍ରୀକାନ୍ତ ଜେନା ସ୍ୱାଗତଭାଷଣ ଦେଇ କଂଗ୍ରେସ ଆସିଲେ ବାଲେଶ୍ୱରରେ ସର୍ବାଙ୍ଗୀନ ଉନ୍ନତି ହେବ। ପୁଣି ଥରେ ୨୦୦୯ରୁ ୨୦୧୪ ଭଳି ଲୋକମାନେ କୌଣସି କାମ ପାଇଁ ଦିଲ୍ଲୀ ନ ଯାଇ ଉକ୍ତ କାର୍ଯ୍ୟ ବାଲେଶ୍ୱରରେ ସମ୍ପାଦନ କରିବେ ବୋଲି କହିଛନ୍ତି। ନିର୍ବାଚନୀ ସଭାରେ ପିସିସି ସଭାପତି ଶରତ ପଟ୍ଟନାୟକ, ଜାତୀୟ କଂଗ୍ରେସ ସମ୍ପାଦକ ସାହାନାବାଜ ଚୌଧୁରୀ, ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର, କଂଗ୍ରେସର ବରିଷ୍ଠ ନେତା ରାମଚନ୍ଦ୍ର ଖୁଣ୍ଟିଆ, ପ୍ରସାଦ ହରିଚନ୍ଦନ, ଅଭୟ ସାଜେଦ୍‌ଙ୍କ ସମେତ ରେମୁଣା ବିଧାୟକ ପ୍ରାର୍ଥୀ ସୁଦର୍ଶନ ଜେନା, ବାଲେଶ୍ୱର ବିଧାୟକ ପ୍ରାର୍ଥିନୀ ମୋନାଲିସା ସାମଲ, ନୀଳଗିରି ବିଧାୟକ ପ୍ରାର୍ଥୀ ଅକ୍ଷୟ ଆଚାର୍ଯ୍ୟ, ବଡ଼ସାହି ବିଧାୟକ ପ୍ରାର୍ଥୀ କ୍ଷୀରୋଦ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ଆଲ୍‌ଫୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦିନକରେ ନିବେଶକ ହରାଇଲେ ୧ଲକ୍ଷ କୋଟିରୁ ଅଧିକ

**ନୂଆଦିଲ୍ଲୀ,୨୯।୫**

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ସାଙ୍ଗକୁ ଘରୋଇ ବଜାରରେ ସାଧାରଣ ନିର୍ବାଚନ-୨୦୨୪ର ପ୍ରଭାବ ଶେୟାର ବଜାରର କାରବାର ଉପରେ ବେଶ୍ ପ୍ରଭାବ ପକାଉଛି। ଏପରିକି ନିବେଶକ କ୍ରମାଗତ ଭାବେ ନିରାଶହେବା ସହ ଲକ୍ଷାଧିକ ଟଙ୍କାର କ୍ଷତି ସହୁଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ୩ୟ ଦିନର କାରବାର ଶେଷ ସୁଦ୍ଧା ଶେୟାର ବଜାରର ନିବେଶକ ପ୍ରାୟ ୧.୩ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି।ପୂର୍ବ କାର୍ଯ୍ୟଦିବସର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ପ୍ରାୟ ୪୧୭ (୪୧୬.୯୨ ଲକ୍ଷ କୋଟି) ଲକ୍ଷ କୋଟି ଥିଲାବେଳେ ବୁଧବାରର କାରବାର ଶେଷ ସୁଦ୍ଧା ଏହି ସଂଖ୍ୟା ୪୧୬ (୪୧୫.୫୮ ଲକ୍ଷ କୋଟି) ଲକ୍ଷ କୋଟିରେ ରହିଛି। ବିଶେଷକରି ବମ୍ବେ



ଷ୍ଟକ୍ ଏକ୍ସଚେଞ୍ଜ ବା ବିଏସ୍‌ଇ ୩୦ ବିଶିଷ୍ଟ ଶେୟାର ସର୍ବାଧିକ କ୍ଷତି ସହିଥିଲାବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି ୫୦ର ନିବେଶକମାନେ ମଧ୍ୟ ବ୍ୟାପକ ଭାବେ ନିବେଶ ହରାଇଛନ୍ତି। ଗୋଟିଏ ପଟରେ ସାଧାରଣ ନିର୍ବାଚନ ପାଇଁ ବିଦେଶୀ ନିବେଶକ ପୁଞ୍ଜି ପ୍ରତ୍ୟାହର କରୁଥିବାବେଳେ ଅପରପକ୍ଷରେ ଷ୍ଟକ୍ ମାର୍କେଟ୍‌ରେ କାରବାର କ୍ରମାଗତ ୪ର୍ଥ ଦିନ ଲାଗି ହ୍ରାସ ପାଇଛି।

ସେହିଭଳି ବୁଧବାରର କାରବାର ଶେଷ ସୁଦ୍ଧା ବିଏସ୍‌ଇ ସେନ୍‌ସେକ୍ସ ପ୍ରାୟ ୬୬୮ ପଏଣ୍ଟ ବା ୦.୮୯% ହ୍ରାସ ହୋଇଥିବାବେଳେ ନିଫ୍ଟି୫୦ ପ୍ରାୟ ୨୨, ୭୦୫ଅଙ୍କ ସହ ୧୮୩.୪୫ ପଏଣ୍ଟ ବା ୦ .୮୦% ହ୍ରାସ ଘଟିଥିଲା। ଅପରପକ୍ଷରେ ଏସ୍‌ବିଆଇ ଲାଇଫ, ଏଚ୍‌ଡିଏଫ୍‌ସି ଲାଇଫ, ଆଇସିଆଇସିଆଇ ବ୍ୟାଙ୍କ, ଅଲ୍‌ଟ୍ରାଟେକ୍ ସିମେଣ୍ଟ, ଟେକ୍ ମହିନ୍ଦ୍ରା, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ବଜାଜ ଫାଇନାନ୍ସ ସର୍ଭିସେସ୍, ଆକ୍ସିସ ବ୍ୟାଙ୍କ, ଟାଟା କଞ୍ଜୁମର ପ୍ରଡକ୍ଟସ,ବିପିସିଏଲ୍ ଏବଂ ଓଏନ୍‌ଜିସି ଭଳି ବୃହତ୍ ନିବେଶକଙ୍କ ବଜାର ପୁଞ୍ଜି ପ୍ରାୟ ୧ରୁ ୩% ହ୍ରାସ ପାଇଛି ବୋଲି ଶେୟାର ବଜାର ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ୪ର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟୁଛି। ଏପରିକି ଚଳିତ ସପ୍ତାହର ୩ୟ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୬୮(୬୬୭.୫୫) ପଏଣ୍ଟ କମି ୭୪,୫୦୩ (୭୪,୫୦୨.୯୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୮୩ (୧୮୩.୪୫) ପଏଣ୍ଟ ହ୍ରାସ ଘଟି ୨୨,୭୦୫ (୨୨, ୭୦୪.୭୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଆଇସିଆଇସିଆଇ ପ୍ରୁ ପ୍ଲାଟିନମ୍

**ନୂଆଦିଲ୍ଲୀ,୨୯।୫**

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନସ୍ୟୁରାନ୍ସର ନୂତନ ଉତ୍ପାଦ 'ଆଇସିଆଇସିଆଇ ପ୍ରୁ ପ୍ଲାଟିନମ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି କମ୍ପାନୀର ଏହା ପ୍ରଥମ ୟୁନିଟ୍-ଲିଙ୍କ୍‌ଡ ପ୍ରଡକ୍ଟ (ୟୁଏଲ୍‌ଆଇପି) ହୋଇଥିବାବେଳେ ଏହି ସ୍ୱତନ୍ତ୍ର ଉତ୍ପାଦକୁ ଡିଷ୍ଟ୍ରିବ୍ୟୁଟର ସେମାନଙ୍କର ଗ୍ରାହକଙ୍କୁ ସମଗ୍ର ବୀମା ଅବଧି ପାଇଁ ନିବେଶ ଜାରି ରଖିବା ଲାଗି ଉତ୍ସାହିତ କରିବା ସହ ପ୍ରୋତ୍ସାହନ ରାଶି ପ୍ରଦାନ କରିଥାଏ। ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ମୁଖ୍ୟ ବିତରଣ ଅଧିକାରୀ ଅମିତ ପାଲ୍‌ଟା କହିଛନ୍ତି, କମ୍ପାନୀର ପ୍ରଥମ ୟୁଏଲ୍‌ଆଇପି ଆଇସିଆଇସିଆଇ ପ୍ରୁ ପ୍ଲାଟିନମ୍‌କୁ ଶୁଭାରମ୍ଭ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହା ଡିଷ୍ଟ୍ରିବ୍ୟୁଟରଙ୍କ ଦେୟକୁ ସେମାନଙ୍କର ଗ୍ରାହକଙ୍କ ଫଣ୍ଡ ମୂଲ୍ୟ ସହ ସମାନ ରଖିବା ପାଇଁ ଡିଜାଇନ କରାଯାଇଛି। ଯାହା ଉଭୟଙ୍କ ମଧ୍ୟରେ ଦୀର୍ଘାବଧି ଆଗ୍ରହକୁ ପ୍ରୋତ୍ସାହିତ କରୁଛି। ସେହିଭଳି ଆମେ ନିରନ୍ତର ଭାବେ ଉଦ୍ଭାବନ କରିବା ଏବଂ ସରଳ ଉତ୍ପାଦ ଓ ପ୍ରକ୍ରିୟାଗୁଡିକୁ ଉନ୍ମୋଚନ କରିବା ପାଇଁ ପ୍ରୟାସ କରୁଛୁ। ଏପରିକି ଆମେ ଆନ୍ୟୁଟି ଓ ପେନ୍‌ସନ ସେଭିଙ୍ଗ୍‌ସ ପ୍ଲାଟ୍‌ଫର୍ମ ଉପରେ ଅଗ୍ରଗାମୀ ଉତ୍ପାଦଗୁଡ଼ିକର ଶୁଭାରମ୍ଭ କରିଛୁ। ଏଥିରେ ଏକ ଆନ୍ୟୁଟି ପ୍ରଡକ୍ଟ ସାମିଲ ରହିଛି,ଯାହା କ୍ରୟ ତାରିଖରୁ ପଇଠ କରାଯାଇଥିବା ସମସ୍ତ ପ୍ରିମିୟମର ୧୦୦% ରିଫଣ୍ଡ ଦେଉଛି।

# ଏମ୍‌ଏଲ୍‌ଏସ୍‌ଏସ୍‌ର ୪ର୍ଥ ସଂସ୍କରଣ

**ଭୁବନେଶ୍ୱର,୨୯।୫**

ଆମାଜନ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ମେଶିନ ଲର୍ନିଂ ସମର ସ୍କୁଲ (ଏମ୍‌ଏଲ୍‌ଏସ୍‌ଏସ୍)ର ୪ର୍ଥ ସଂସ୍କରଣ ସମ୍ପର୍କରେ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଏପରିକି ଏମ୍‌ଏଲ୍‌ଏସ୍‌ଏସ୍‌ର ପଞ୍ଜୀକରଣ ଅବଧି ୨୦୨୪ ମେ ୩୧ରୁ ଜୁନ୍ ୨୧ ପର୍ଯ୍ୟନ୍ତ ରହିଛି। ଉଲ୍ଲେଖଯୋଗ୍ୟ, ୮ଟି ମଡ୍ୟୁଲକୁ କଭର କରୁଥିବା ଏହି ମାଗଣା ଶିକ୍ଷା (ପାଠ୍ୟକ୍ରମ)କୁ ୨୦୨୪ ଜୁଲାଇରେ ଆରମ୍ଭ ସହ ୪ଟି ସପ୍ତାହାନ୍ତରେ ପରିଚାଳନା କରାଯିବ। ଏହା ଛାତ୍ରୀଛାତ୍ରୀଙ୍କୁ ପ୍ରମୁଖ ଏମ୍‌ଏଲ୍ ବିଷୟ ବସ୍ତୁଗୁଡିକ ଉପରେ ଦକ୍ଷତା ହାସଲ କରିବା ପାଇଁ ଏକ ସୁଯୋଗ ଦେବ। ଏ ସମ୍ପର୍କରେ ଆମାଜନ୍‌ର ଇଣ୍ଟରନ୍ୟାଶନାଲ ମେଶିନ ଲର୍ନିଂ ବିଭାଗର ଉପାଧ୍ୟକ୍ଷ ରାଜୀବ ରସ୍ତୋଗି କହିଛନ୍ତି, ଗ୍ରାହକଙ୍କ ସମସ୍ୟାର ସମାଧାନ କ୍ଷେତ୍ରରେ ମେଶିନ ଲର୍ନିଂ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି, ଯାହା ଏମ୍‌ଏଲ୍ ପାଇଁ ଚାହିଦାରେ ଏକ ବୃଦ୍ଧିକୁ ପରିଚାଳନା କରୁଛି।






# ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ନିଯୁକ୍ତି

**ଭୁବନେଶ୍ୱର,୨୯।୫ (ଅଭୟ ଦାଶ)**

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ ଲିମିଟେଡ୍ ବା ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଦକ୍ଷତା ବିକାଶ କାର୍ଯ୍ୟକ୍ରମ 'ଦକ୍ଷ' ଜରିଆରେ ନିଯୁକ୍ତି ସୁଯୋଗ ଯୋଗାଇ ଦିଆଯାଉଛି। ଏପରିକି କମ୍ପାନୀର ଦକ୍ଷ କାର୍ଯ୍ୟକ୍ରମ ଅନୁଯାୟୀ ଜାତୀୟ ଦକ୍ଷତା ବିକାଶ ନିଗମ ସହାୟତାରେ କେନ୍ଦ୍ରାପଡ଼ାଠାରେ ଏକ ଡିଜିଟାଲ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲାବେଳେ ସ୍ଥାନୀୟ ଯୁବତୀଯୁବକମାନେ ଏହି କେନ୍ଦ୍ରରୁ ନିଯୁକ୍ତିଭିତ୍ତିକ ଆଇଟି-ଆଇଟିଇଏସ୍ ତାଲିମ ସଫଳତାର ସହ ଗ୍ରହଣ କରିଛନ୍ତି। ସେହିଭଳି ପ୍ରଥମ ବ୍ୟାଚ୍‌ରେ ତାଲିମପ୍ରାପ୍ତ ୧୦୦ ଯୁବତୀଯୁବକଙ୍କ ମଧ୍ୟରୁ ୮୫ଜଣ ୱିପ୍ରୋ,ଟେକ୍-ମହିନ୍ଦ୍ରା,ଫ୍ଲିପ୍‌କାର୍ଟ ଏବଂ ତତ୍ତ୍ୱ ଟେକ୍ନୋଲୋଜି ଭଳି କମ୍ପାନୀରେ ଡୋମେଷ୍ଟିକ୍ ଡାଟା ଏଣ୍ଟ୍ରି ଅପରେଟର ଏବଂ ଡୋମେଷ୍ଟିକ୍ ଆଇଟି ହେଲ୍ପ ଡେସ୍କରେ ନିଯୁକ୍ତି ପାଇଛନ୍ତି। ଏହି ବ୍ୟାଚ୍‌ର ଯୁବତୀଯୁବକଙ୍କୁ ୧୦୦ରୁ ଅଧିକ ଚାକିରି ପ୍ରସ୍ତାବ ଦିଆଯାଇଥିଲା।

ଅପରପକ୍ଷରେ ସମ୍ପ୍ରଦାୟ ଏବଂ ଗ୍ରାମର ମୁରବିମାନଙ୍କ ସହ ବ୍ୟାପକ ପରାମର୍ଶ ପରେ ମହାକାଳପଡା ବ୍ଲକ୍ ଅଧୀନ ୧୧ଟି ଗ୍ରାମର ଯୁବତୀଯୁବକମାନଙ୍କୁ ତାଲିମ ପାଇଁ ମନୋନୀତ କରାଯାଇଥିଲା। ଏପରିକି ବୈଷୟିକ ତାଲିମ ବ୍ୟତୀତ ଯୋଗାଯୋଗ ଦକ୍ଷତା, ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶ ଏବଂ ସାକ୍ଷାତ୍‌କାର କୌଶଳ ପ୍ରଭୃତି ଅଣବୈଷୟିକ ପାଠ୍ୟକ୍ରମରେ ନାମ ଲେଖାଇଥିବା ସମସ୍ତ ପ୍ରାର୍ଥୀଙ୍କୁ ସାମିଲ କରାଯାଇଥିଲା। ଉକ୍ତ ତାଲିମ କାର୍ଯ୍ୟକ୍ରମର ସଫଳ ସମାପ୍ତି ପରେ ପ୍ରଶିକ୍ଷାର୍ଥୀମାନଙ୍କୁ ବୃତ୍ତିଗତ ପ୍ରମାଣପତ୍ର ଏବଂ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ନିକଟରେ ଦ୍ୱିତୀୟ ବ୍ୟାଚ୍‌ର ୧୦୦ ଯୁବତୀଯୁବକଙ୍କୁ ନିକଟସ୍ଥ ଗ୍ରାମରୁ ତାଲିମ ଦିଆଯିବ।

ଏ ସମ୍ପର୍କରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର୍ ମୁଖ୍ୟ ଡ. ବିକାଶ ୟାଦଭେନ୍ଦୁ ପାଠ୍ୟକ୍ରମ ସମାପ୍ତ ପରେ ସଫଳତାର ସହ ସ୍ଥାନିତ ହୋଇଥିବା ସମସ୍ତ ଯୁବତୀଯୁବକଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ, ଦକ୍ଷତା ବିକାଶ କାର୍ଯ୍ୟକ୍ରମର ପ୍ରଥମ ବ୍ୟାଚ୍‌ରେ ୫୫% ସ୍ଥାନୀୟ ବାଳିକା ତାଲିମ ନେଇଥିଲେ ଏବଂ ଭବିଷ୍ୟତରେ ଆହୁରି ଅଧିକ ମାତ୍ରାରେ ବାଳିକା ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ଆମେ ଆଶା ପ୍ରକାଶ କରୁଛୁ। ଏପରିକି ସ୍ଥାନୀୟ ବାସିନ୍ଦାଙ୍କୁ ଆବଶ୍ୟକ ସେବା ପ୍ରଦାନ ସହ ସମସ୍ତଙ୍କ ପାଇଁ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ କାର୍ଯ୍ୟ କରିବାକୁ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପ୍ରତିଶ୍ରୁତିବଦ୍ଧ ରହିଛି।

ଉଲ୍ଲେଖଯୋଗ୍ୟ, ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ତା'ର ଅନ୍ୟ ଅପରେଟିଂ ସ୍ଥାନ ଜରିଆରେ ୮ଟି ଡିଜିଟାଲ ଦକ୍ଷତା କେନ୍ଦ୍ର ଚଳାଉଛି। ଏପରିକି ୧୫୦୦ରୁ ଅଧିକ ଶିକ୍ଷିତ ଏବଂ ବେକାର ଯୁବତୀଯୁବକଙ୍କୁ ତାଲିମ ଦିଆଯାଇଥିବାବେଳେ ୭୪% ଖ୍ୟାତିସମ୍ପନ୍ନ କମ୍ପାନୀରେ ସେମାନେ ଚାକିରି ସୁଯୋଗ ପାଇଛନ୍ତି।

# ପଲିସି ବଦଳରେ ତତ୍କାଳ ଋଣ ସେବା

**ଭୁବନେଶ୍ୱର,୨୯।୫**

ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସର ବହୁ ପ୍ରତୀକ୍ଷିତ 'ତତ୍କାଳ ଋଣ' ସେବାର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ପଲିସିଧାରକମାନେ ଜରୁରିକାଳୀନ ପାଣ୍ଠି ଆବଶ୍ୟକତା ଥିବା ସମୟରେ ସେମାନଙ୍କ ବୀମା ପଲିସି ବଦଳରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ତତ୍କାଳ ଋଣ ନେଇପାରିବେ। ସେହିଭଳି ଅତ୍ୟାଧୁନିକ ମାଇଁ ଡିଜି ଆକାଉଣ୍ଟ ପୋର୍ଟାଲ ଜରିଆରେ ମାତ୍ର ୧ ମିନିଟ୍ ଭିତରେ ଗ୍ରାହକଙ୍କ ଖାତାରେ ଋଣ ରାଶି ଜମା ହୋଇଯିବ। ଏହି ସେବାର ଶୁଭାରମ୍ଭ ପରଠାରୁ କମ୍ପାନୀ ୫୦୦ରୁ ଅଧିକ ଆବେଦନର ପ୍ରକ୍ରିୟାକରଣ କରିଥିବା ବେଳେ ୫.୫ କୋଟି ଋଣ ବଣ୍ଟନ କରି ପଲିସିଧାରକଙ୍କ ନଗଦ ଆବଶ୍ୟକତାକୁ ପୂରଣ କରିପାରିଛି। ସେହିପରି ଏହି ବ୍ୟବସ୍ଥାରେ ଏକ ନିର୍ଦ୍ଦିଷ୍ଟ ପଲିସିର ସରେଣ୍ଡର ଭାଲ୍ୟୁ ବଦଳରେ ଗ୍ରାହକମାନେ ଋଣ ନେଇପାରୁଛନ୍ତି। ଏଥିରେ କମ୍ କାଗଜପତ୍ର କାମ ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ହାରରେ ସେମାନେ ତୁରନ୍ତ ପାଣ୍ଠି ପାଇପାରୁଛନ୍ତି। ଏପରିକି ଗ୍ରାହକମାନେ ବାର୍ଷିକ ୮.୮୦% ସୁଧରେ କୌଣସି ବନ୍ଧକ କିମ୍ବା କ୍ରେଡିଟ୍ ଯାଞ୍ଚ ବିନା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ କରିପାରିବେ।

ଏ ସମ୍ପର୍କରେ ଟାଟା ଏଆଇଏର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ତଥା ପରିଚାଳନା ମୁଖ୍ୟ ସଞ୍ଜୟ ଆରୋରା କହିଛନ୍ତି, ଜରୁରିକାଳୀନ ପାଣ୍ଠିର ଆବଶ୍ୟକତା ଯେକୌଣସି ବ୍ୟକ୍ତିଙ୍କ ପାଇଁ ସୃଷ୍ଟି ହୋଇପାରେ ଏବଂ ଯେକୌଣସି ସମୟରେ ଆମ ମଧ୍ୟରୁ କେହି ମଧ୍ୟ ଆମର ପ୍ରିୟଜନଙ୍କ ଆର୍ଥିକ ନିରାପତ୍ତା ସହ ବୁଝାମଣା କରିବାକୁ ଚାହିଁବୁ ନାହିଁ। ଇନ୍‌ଷ୍ଟାଟ୍ ଲୋନ୍ ସୁବିଧା ଆମର ଉପଭୋକ୍ତାଙ୍କୁ ସେମାନଙ୍କର ପଲିସି ସମର୍ପଣ ନ କରି ଜରୁରିକାଳୀନ ପରିସ୍ଥିତି ସମେତ ଯେକୌଣସି ପରିସ୍ଥିତିରେ ଚିନ୍ତାମୁକ୍ତ ହେବାକୁ ସକ୍ଷମ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ସୂଚାଉଛି। ଋଣ ପରିଶୋଧ ପାଇଁ ଡିଜିଟାଲ ପ୍ରୋସେସିଂ ବ୍ୟବସ୍ଥା ପ୍ରଦାନ କରିବାରେ ଆମେ ଶିଳ୍ପରେ ପ୍ରଥମ ହୋଇଥିବାବେଳେ ଏହା ଅସାଧାରଣ ଗ୍ରାହକ ଅନୁଭୂତିପ୍ରଦାନ ଏବଂ ବୀମା ଶିଳ୍ପରେ ନୂତନ ମାନଦଣ୍ଡ ସ୍ଥାପିତ କରିବା ପାଇଁ ଟେକ୍ନୋଲୋଜିର ଉପଯୋଗ କରିବାରେ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି।


# Classified Everyday
0674-2580101, 2549949




**SALE**

7492 Sqft. plot for sale on Andharua-Daspur 30ft. Road at price of Rs.1500 / Sqft. Interested buyer may contact for details: 9668135323. D- 75746

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call- 9437631769.** D-307

ପାହାଳ ଜଗନ୍ନାଥ ମନ୍ଦିରରୁ 4K.M. ଅଟଳାରେ SC Plot 2000sqft. 28,00,000/-. 9114705579. D-75956

**1BHK Ready to move in flats available in Hi-Tech Brundaban Project near Bata-mangala Temple, Puri Town. 9777154964, 9861463011.** D-401

Residential plot for sale just 2.5K.M. from Patia Rlystation, Bhubaneswar. Immediate registration & possesion. 7848939838. D-75961




**Relax, Refresh your body, Mind at Saikrupa Spa with best therapies. 8984068077.** D-306

Newly open health benefits SPA special offer @ 999 Bapujinagar. 8018429809. D-76123

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75745

**AFFIDAVIT**

I, BIJAY KUMAR PATRA, S/o. Late Shyam Babu Patra, Qr.No.C/146. Koelnagar, Rourkela-14, P.S.- Jhirpani, Dist.- Sundargarh by virtue of an affidavit sworn before the Notary Public, Panposh, Rourkela declare that I have changed my name from Bijaya Kumar Patra to BIJAY KUMAR PATRA which is mentioned in all Government documents. Henceforth, I shall be known as BIJAY KUMAR PATRA for all purposes. D-404

**LOST**

I, Mrs. Narmada Pradhan declare that, I have lost the Original Sale-deed bearing ID No.-1081114913 & document No.-1108111423 5 Date 08.06.2011 of landed property of Mouza- Krushnapur, Thana- Dhauli, Tahasil- Bhubaneswar, Khordha somewhere at Bhubaneswar. That the above said sale deed was misplaced at Sisupala area, Bhubaneswar & somewhere inspite of my best effort and I couldn't trace it out. D-75542

**ମନେ ପଡ଼ନ୍ତି**



ଧ-୭୫୫୪୧

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଇଆର୍‌ଡିଏଆଇ ସ୍ୱାସ୍ଥ୍ୟବୀମା ସମ୍ପର୍କିତ ମାଷ୍ଟର ସର୍କୁଲାର ଜାରି

**ଭୁବନେଶ୍ୱର,୨୯।୫(ଅନୁରାଧା ମହାରଣା)**

ବୀମା ନିୟାମକ ଆଇଆର୍‌ଡିଏଆଇ ସ୍ୱାସ୍ଥ୍ୟବୀମା ସମ୍ବନ୍ଧରେ ଏକ ମାଷ୍ଟର ସର୍କୁଲାର ଜାରି କରିଛି। ଏହି ସର୍କୁଲାରରେ ବୀମାଧାରୀଙ୍କ ସ୍ୱାର୍ଥ ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ସର୍କୁଲାର ଅନୁସାରେ ଯଦି ପଲିସି ଧାରକ ବର୍ଷ ସାରା କୌଣସି ଔଷଧ ଗ୍ରହଣ କରିନାହାନ୍ତି। ତେବେ ବୀମା କମ୍ପାନୀ ତାଙ୍କୁ ନୋ କ୍ଲେମ୍ ବୋନସ ଦେଇପାରିବ। ନୋ କ୍ଲେମ୍ ବୋନସ ବାବଦକୁ ସ୍ୱାସ୍ଥ୍ୟବୀମା କମ୍ପାନୀ ବୀମାରାଶି ବୃଦ୍ଧି କରିପାରେ କିମ୍ବା ପ୍ରିମିୟମରେ ରିହାତି ଦେଇପାରେ। ଏଥିରେ କୁହାଯାଇଛି ଯେ ୧୦୦% କ୍ୟାଶ୍‌ଲେସ୍ କ୍ଲେମ୍ ସମ୍ପର୍କର ଉଲ୍ଲେଖ ରହିଛି। ଯଦି କୌଣସି ପଲିସିଧାରୀ ତାଙ୍କ ସ୍ୱାସ୍ଥ୍ୟବୀମା ପଲିସି ବାତିଲ କରନ୍ତି, ତେବେ ବୀମା କମ୍ପାନୀ ଅପ୍ରତ୍ୟାଶିତ ପଲିସି ଅବଧି ପାଇଁ ପ୍ରିମିୟମ ଫେରସ୍ତ କରିବା ଉଚିତ। ଗତ ବର୍ଷ କ୍ଲେମ୍ ନେଇଥିବା ବ୍ୟକ୍ତିଙ୍କୁ ବୀମା କମ୍ପାନୀ ପଲିସି ନବୀକରଣ କରିବାକୁ ମନାକରିପାରିବ ନାହିଁ। ଯଦି ପଲିସିଧାରୀ



ବୀମା ରାଶି ବୃଦ୍ଧି କରିନାହାନ୍ତି ତେବେ ପଲିସି ନବୀକରଣ କରିବାବେଳେ ସ୍ୱାସ୍ଥ୍ୟବୀମା କମ୍ପାନୀ ଅଣ୍ଡରରାଇଟିଂ ଦେବେ ନାହିଁ। ଯଦି କୌଣସି ପଲିସିଧାରୀଙ୍କ ପାଖରେ ଏକାଧିକ ସ୍ୱାସ୍ଥ୍ୟବୀମା ପଲିସି ଥାଏ, ତେବେ କେଉଁ ପଲିସିରୁ ଏହି କ୍ଲେମ୍‌କୁ ଗ୍ରହଣ କରାଯିବ ତାହା ପଲିସିଧାରୀ ତାହା ଚୟନ କରିପାରିବେ। ସେହିପରି ସ୍ୱାସ୍ଥ୍ୟବୀମା ପଲିସି ନେବାବେଳେ ଗ୍ରାହକଙ୍କର ଚିକିତ୍ସା ଅବସ୍ଥା ଅନୁଯାୟୀ ଉତ୍ପାଦ ବାଛିବା କିମ୍ବା ଯୋଗ କିମ୍ବା ଅପ୍‌ଡେଟ୍ କରିବାର ସ୍ୱାଧୀନତା ରହିଛି। ପଲିସି ନେବା ସମୟରେ ବୀମା କମ୍ପାନୀ ଗ୍ରାହକଙ୍କୁ ଏକ ଗ୍ରାହକ ସୂଚନାପତ୍ର ଦେବେ ଯେଉଁଥିରେ ପଲିସିରେ କ'ଣ ଅନ୍ତର୍ଭୁକ୍ତ ହୋଇଛି ଏବଂ କ'ଣ ନାହିଁ ତାହା ସ୍ପଷ୍ଟ ଶବ୍ଦରେ ବ୍ୟାଖ୍ୟା କରାଯିବ। ଅନ୍ୟପଟେ ବୀମା କମ୍ପାନୀଗୁଡ଼ିକ ଗ୍ରାହକଙ୍କୁ ବିଭିନ୍ନ ପ୍ରକାର ଉତ୍ପାଦ ବିକଳ୍ପ ପ୍ରଦାନ କରିବେ ଯାହା ସେମାନଙ୍କ ବୟସ, ସ୍ୱାସ୍ଥ୍ୟାବସ୍ଥା, ଡାକ୍ତରଖାନା ପସନ୍ଦ ଅନୁରୂପ ହୋଇଥିବା ଆବଶ୍ୟକ। କମ୍ପାନୀଗୁଡ଼ିକ ଗ୍ରାହକଙ୍କୁ ଟେକ୍ନୋଲୋଜି ସେବା ପ୍ରଦାନ କରିବା ଉଚିତ। ଏହାଦ୍ୱାରା ଅନ୍ ବୋର୍ଡିଂ, ଜରିମାନା ଏବଂ ନବୀକରଣ ଭଳି ସମସ୍ତ ସେବା ପଲିସି ଧାରକଙ୍କ ପାଇଁ ସହଜ ହୋଇପାରିବ। ପ୍ରତ୍ୟେକ ସ୍ୱାସ୍ଥ୍ୟବୀମା କମ୍ପାନୀ ୧୦୦% କ୍ୟାଶ୍‌ଲେସ୍ କ୍ଲେମ୍ ପ୍ରଦାନ କରିବାକୁ ଯଥାସମ୍ଭବ ଚେଷ୍ଟା କରିବା ଉଚିତ ବୋଲି ଦର୍ଶାଯାଇଛି। କମ୍ପାନୀଗୁଡ଼ିକ କ୍ୟାଶ୍‌ଲେସ୍ ପ୍ରାଧିକରଣ ଅନୁରୋଧକୁ ୧ ଘଣ୍ଟା ମଧ୍ୟରେ ଏବଂ ୩ ଘଣ୍ଟା ମଧ୍ୟରେ ଡିସ୍‌ଚାର୍ଜ ସମୟରେ ଚୂଡ଼ାନ୍ତ ପ୍ରାଧିକରଣ ସମାଧାନ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରତ୍ୟେକ ବୀମା ଗୋଷ୍ଠୀକୁ ଧ୍ୟାନରେ ରଖି ବୀମା କମ୍ପାନୀ ହସ୍ପିଟାଲ କିମ୍ବା ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଙ୍କ ସହ ଯୋଡ଼ିହେବା ଉଚିତ। ବୀମା କମ୍ପାନୀର ୱେବ୍‌ସାଇଟ୍‌ରେ କେଉଁ ଡାକ୍ତରଖାନା ସହ ଟାଇ ଅପ୍ ଅଛି ସେ ସମ୍ବନ୍ଧରେ ଏକ ସ୍ପଷ୍ଟ ତାଲିକା ରହିବା ଜରୁରୀ। ବୀମା କମ୍ପାନୀ ଏହାର ୱେବ୍‌ସାଇଟରେ ସ୍ପଷ୍ଟ କରିବା ଉଚିତ ଯେ ଯଦି ଡାକ୍ତରଖାନା ତା'ର ବାହାରେ ଅଛି ତେବେ ପଲିସିଧାରୀ କିପରି କ୍ଲେମ୍ କରିପାରିବେ। ବୀମା କମ୍ପାନୀ ଦାବି ସମୀକ୍ଷା କମିଟିର ଅନୁମୋଦନ ବିନା କୌଣସି କ୍ଲେମ୍‌କୁ ପ୍ରତ୍ୟାଖ୍ୟାନ କରିବେ ନାହିଁ। କମ୍ପାନୀଗୁଡ଼ିକ ପଲିସିଧାରୀଙ୍କଠାରୁ ନୁହେଁ ବରଂ ଟିପିଏ କିମ୍ବା ହସ୍ପିଟାଲରୁ କ୍ଲେମ୍ ସମାଧାନ ପାଇଁ ଆବଶ୍ୟକ ଡକ୍ୟୁମେଣ୍ଟ ସଂଗ୍ରହ କରିବେ। ଯଦି ସ୍ୱାସ୍ଥ୍ୟବୀମା କମ୍ପାନୀ ଓମ୍ବୁଡ୍ସମ୍ୟାନ୍‌ଙ୍କ ନିଷ୍ପତ୍ତି ପରେ ଏହି ଦାବିକୁ ସମାଧାନ ନ କରନ୍ତି, ତେବେ ଦୈନିକ ୫୦୦୦ ଟଙ୍କା ଜରିମାନା ଆଦାୟ କରାଯିବ।


# ମେଡ୍ ଇନ୍ ଇଣ୍ଡିଆ ରେଞ୍ଜ ରୋଭରର ଟିଜର ରିଲିଜ

## ବଜାରରେ ରେଞ୍ଜ ରୋଭର ନୂତନ ମଡେଲ୍

**ଭୁବନେଶ୍ୱର,୨୯।୫**

ଅନ୍ତରାଷ୍ଟ୍ରୀୟ ଅଟୋ ବ୍ରାଣ୍ଡ ରେଞ୍ଜ ରୋଭର ନୂତନ ରେଞ୍ଜଗୁଡ଼ିକୁ ଘରୋଇ ବଜାରରେ ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ନିକଟରେ ମେଡ ଇନ ଇଣ୍ଡିଆ ରେଞ୍ଜ ରୋଭରର ଆକର୍ଷଣୀୟ ଟିଜର ରିଲିଜ ହୋଇଯାଇଛି। ଅପରପକ୍ଷରେ ରେଞ୍ଜ ରୋଭର ହାଉସ ଭାରତରେ ଏକ ସ୍ୱତନ୍ତ୍ର ତଥା ଆଧୁନିକ ବିଳାସପୂର୍ଣ୍ଣ ଅଭିଜ୍ଞତା ସହିତ ପହଁଚିଛି। ଯାହା ଘରୋଇ ଅଞ୍ଚଳରେ ଆଶାୟୀ ଗ୍ରାହକଙ୍କ ଅଭିଳାଷକୁ ପୂରଣ କରିବା ପାଇଁ ପରିକଳ୍ପିତ ହୋଇଛି।

ଉଲ୍ଲେଖଯୋଗ୍ୟ, ରେଞ୍ଜ ରୋଭର ହାଉସ ଭାରତର ବିଳାସପୂର୍ଣ୍ଣ ଉପକୂଳବର୍ତି ସହର ଆଲିବାଗ ଠାରେ ଅନାବରଣ ସହ ଡେବ୍ୟୁ କରିଛି,ଯାହା ଭାରତୀୟ ବଜାର



ଲାଗି ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ବ୍ରାଣ୍ଡ ପକ୍ଷରୁ ସୂଚନା ଦିଆଯାଇଛି।

ସେହିଭଳି ରେଞ୍ଜ ରୋଭର ହାଉସ କ୍ରମାଗତ ଭାବେ ଘରୋଇ ବଜାରର ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟି ଦେଇ ଚମତ୍କାର ରେଞ୍ଜ ରୋଭର ଓ ଗତିଶୀଳ, ଆଧୁନିକ ପ୍ରଦର୍ଶନ ଏସୟୁଭି, ରେଞ୍ଜ ରୋଭର ସ୍ପୋର୍ଟ ପ୍ରଥମ ଥର ପୁନେରେ ଉତ୍ପାଦିତ ହେବ। ଏହି ପଦକ୍ଷେପ ଭାରତର ଗ୍ରାହକଙ୍କ ପାଇଁ ଏକ ଆଧୁନିକ ବିଳାସପୂର୍ଣ୍ଣ ଯାତ୍ରାକୁ ସୁନିଶ୍ଚିତ କରିବ। ଏପରିକି ସ୍ଥାନୀୟ ଭାବେ ରେଞ୍ଜ ରୋଭର ଓ ସ୍ପୋର୍ଟ ଉତ୍ପାଦନ କରୁଥିବା ଭାରତ ପ୍ରଥମ ଦେଶ ହେବ, ଯାହା ରେଞ୍ଜ ରୋଭର ଭେଲାର, ରେଞ୍ଜ ରୋଭର ଇଭୋକ, ଜାଗୁଆର ଏଫପେସ ଓ ଡିସକଭରୀ ସ୍ପୋର୍ଟ ଆଦିରେ ଯୋଗ ଦେବ। ଯାହା ପୁନେ ଠାରେ ପ୍ରତିଷ୍ଠିତ ହୋଇସାରିଛି। ଏହା ବ୍ୟତୀତ ଭାରତୀୟ ବଜାର ପାଇଁ ଉତ୍ପାଦନ ସହ ଅତିରିକ୍ତ ଭାବେ ବିଶ୍ୱସ୍ତରୀୟ ଉତ୍ପାଦନ ରେଞ୍ଜରେ ସୋଲିହଲ, ୟୁକେ ସହ ଯୋଗଦାନ କରିବ।

ଏ ସମ୍ପର୍କରେ ଜାଗୁଆର ଲ୍ୟାଣ୍ଡ ରୋଭର (ଜେଏଲଆର)ର ମୁଖ୍ୟ ବାଣିଜ୍ୟ ଅଧିକାରୀ ଲୋନାର୍ଡ ହୋର୍ନିକ କହିଛନ୍ତି, ଗତ କିଛି ବର୍ଷ ମଧ୍ୟରେ ଭାରତ ସ୍ଥିର ଓ ଚମତ୍କାର ଅର୍ଥନୀତିକ ବୃଦ୍ଧି ହାସଲ କରିଛି ଓ ଭବିଷ୍ୟତରେ ଏହି ଅଭିବୃଦ୍ଧି ମଧ୍ୟ ଜାରି ରହିବ। ଫଳରେ ଏହା ଦ୍ୱାରା ଭାରତୀୟ ଗ୍ରାହକଙ୍କ ପାଇଁ ଉତ୍ପାଦ ଅଫରକୁ ଲୋକାଲାଇଜ କରିବାକୁ ସୁଯୋଗ ଆସିଛି। ଭାରତରେ ରେଞ୍ଜ ରୋଭର ଓ ରେଞ୍ଜ ରୋଭର ସ୍ପୋର୍ଟରେ ସ୍ଥାନୀୟ ଉତ୍ପାଦନ ହେଉଛି ବ୍ରାଣ୍ଡର ଆଗାମୀ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ମାର୍କେଟରେ ଗ୍ରାହକଙ୍କ ପାଇଁ ରେଞ୍ଜ ରୋଭର ବର୍ତ୍ତମାନ ମେଡ ଇନ ଇଣ୍ଡିଆ ହେବ କିନ୍ତୁ ଏହାର ଆଦର୍ଶ ବ୍ରିଟିଶ ଡିଜାଇନରେ ନିର୍ମିତ ହୋଇଛି ଓ ରୋଭର ବ୍ରାଣ୍ଡ ସହିତ ସମାନ୍ତରାଳ ବୋଲି ବ୍ରାଣ୍ଡ ପକ୍ଷରୁ ସୂଚନା ଦିଆଯାଇଛି। ରେଞ୍ଜ ରୋଭରର ପରିଚାଳନା ନିର୍ଦ୍ଦେଶକ ଜେରାଲଡାଇନ ଇନଘାମ କହିଛନ୍ତି, ଦୀର୍ଘ ୫୩ବର୍ଷର ଇତିହାସ ମଧ୍ୟରେ ରେଞ୍ଜ ରୋଭର ପାଇଁ ଗ୍ରାହକଙ୍କ ଚାହିଦା ସର୍ବୋଚ୍ଚ ସ୍ତରରେ ରହିଥିବା ଦେଖୁଛୁ। ଏହା ଏକ ଅଦୃଶ୍ୟ ସଫଳତାର କାହାଣୀ ଓ ଭାରତ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ଆକଳନ କରାଯାଇଛି।

ଛୋଟ ପରଦା

# ଭାଗ୍ୟରେଖା

ଜୀ ସାର୍ଥକ ପ୍ରସ୍ତୁତ ନୂଆ ଧାରାବାହିକ 'ଭାଗ୍ୟ ରେଖା' ଜୁନ୍ ୩ ତାରିଖରୁ ଏକ ନୂଆ ସମୟ (ରାତି ୯ଟା)ରେ ସୋମବାରରୁ ଶନିବାର ଜୀ ସାର୍ଥକ ଚ୍ୟାନେଲରେ ପ୍ରସାରିତ ହେବ । ପରିବାର, ପ୍ରେମ ଏବଂ ପୁନର୍ମିଳନର ଏକ ହୃଦୟସ୍ପର୍ଶୀ କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ଏହି ଧାରାବାହିକ । ଦୀର୍ଘ ଦିନରୁ ମା'ଙ୍କଠାରୁ ଦୂରେଇ ରହିଥିବା ରେଖା ଏବଂ ଶିଖା ଦୁଇ ଭଉଣୀ ତାଙ୍କ ମା'ଙ୍କ ସହ ମିଶିବାକୁ ପ୍ରୟାସ କରୁଛନ୍ତି । ଏଥିରେ କ'ଣ ସେମାନେ ସଫଳ ହେଉଛନ୍ତି ନା ଅଧିକରୁ ଅଧିକ ପ୍ରତିବନ୍ଧକର ସାମ୍ନା କରୁଛନ୍ତି? ଏହି ସମୟରେ, ରେଖାଙ୍କର ଅପ୍ରତ୍ୟାଶିତ ଭାବରେ ଚଳଚ୍ଚିତ୍ର ଜଗତର ସୁପରଷ୍ଟାର ଭାଗ୍ୟଙ୍କ ସହ ଦେଖା ହୁଏ ଏବଂ ସେମାନଙ୍କ ଜୀବନର ନାଟକରେ ଆଉ ଏକ ସ୍ତର ଯୋଡ଼ିହୋଇଯାଏ । ଭାଗ୍ୟ, ଯିଏକି ପ୍ରସିଦ୍ଧ ଚଳଚ୍ଚିତ୍ର ତାରକା ସୀତାଙ୍କ ଅତୀତ ଏବଂ ରେଖା ଆଶ୍ରୟ ନେଇଥିବା ଆଶ୍ରମ ସହ ଜଡ଼ିତ ଥିଲେ ବୋଲି ଜଣାପଡ଼ିଲା ପରେ କାହାଣୀରେ ଘଟେ ଟ୍ୱିଷ୍ଟ । ରେଖା ଚରିତ୍ରରେ ସୁମନ ପଟ୍ଟନାୟକ ଏବଂ ଭାଗ୍ୟ ଭୂମିକାରେ ଜୟଜିତ ଅଭିନୟ କରୁଛନ୍ତି । ଏହି ନୂଆ ମେଗା ଧାରାବାହିକ 'ଭାଗ୍ୟରେଖା' ସମସ୍ତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଜୀ ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ ପ୍ରକାଶ କରିଛନ୍ତି ।


'ଭାଗ୍ୟରେଖା'ରେ ଜୟଜିତ୍

# ଡରକୁଳି ରକୁଲ୍

ରକୁଲ୍ ପ୍ରୀତ୍ ସିଂ ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି । ଯଦି ସେ ତାହାକୁ ଦେଖିବାକୁ ପାଇଲେ ତେବେ ତାଙ୍କର ଅବସ୍ଥା ନ କହିବା ଭଲ । ହେଲେ ତାହା କ'ଣ ଜାଣିବେନି? କଥା କ'ଣ କି ନିଜ ଛାଇକୁ ଦେଖିଲେ ତାଙ୍କୁ ଭାରି ଡର ଲାଗେ । ଏକଦା ରାତି ଶୁଟିଂ ସମୟରେ ସେ ହଠାତ୍ ନିଜ ଛାଇକୁ ଦେଖି ଚମକି ପଡ଼ିଲେ । ପରିସ୍ଥିତି ଏମିତି ହେଲା ଯେ ଏଥିପାଇଁ ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡ଼ିଥିଲା । ଏ ନେଇ ରକୁଲ୍ କହନ୍ତି, 'ସତ କଥା ହେଲା ମୋ ଛାଇକୁ ଦେଖିଲେ ମୋତେ ଭାରି ଡର ଲାଗେ । ଥରେ ଏଥିପାଇଁ ମୁଁ ଅଭିନୟ କରିଥିବା ଏକ ସିନେମାର ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡ଼ିଥିଲା । ସେଦିନ ରାତିରେ ଶୁଟିଂ ଚାଲିଥାଏ । ଶଟ୍ ଦେଇ ମୁଁ ବାହାରକୁ ଆସିବା ପରେ ହଠାତ୍ ନିଜ ଛାଇକୁ ଦେଖି ଚମକି ପଡ଼ିଥିଲି । ମୁଁ ଏମିତି ପାଟିକଲି ଯେ ୟୁନିଟ୍‌ର ସଦସ୍ୟମାନେ ଦୌଡ଼ି ଆସି ମୋ ପାଖରେ ହାଜର । କିଛି ସମୟ ପରେ ମୁଁ ସାଧାରଣ ଅବସ୍ଥାକୁ ଆସିଥିଲି ।' ପିଲାଟି ଦିନରୁ ତାଙ୍କର ଅଭିନୟ ପ୍ରତି ରୁଚି ଥିଲା । କଲେଜରେ ପଢ଼ିବା ସମୟରୁ ସେ ମଡେଲିଂ ଆରମ୍ଭ କରିଥିଲେ ।


ରକୁଲ୍

# ଅଲ୍‌ରାଉଣ୍ଡର ମାମୁନ୍



କାହାର ପ୍ରତିଭା କେବେ ଲୁଚି ରହି ନ ପାରେ । ସେହିପରି ଜଣେ ପ୍ରତିଭା ହେଉଛନ୍ତି ପୁରୀରେ ଜନ୍ମିତା ହରସ୍ମିତା ଦାଶ ଓରଫ ମାମୁନ୍ । ଦୀର୍ଘ ୮ ବର୍ଷ ଧରି ନୂଆଦିଲ୍ଲୀର ଅନ୍ତର୍ଜାତୀୟ ଏୟାରପୋର୍ଟରେ ସେ ଚାକିରି କରୁଥିଲେ । କିନ୍ତୁ ମେକ୍‌ଅପ୍ ପ୍ରତି ତାଙ୍କର ଏକ ଭିନ୍ନ ମୋହ ଥିଲା । ତେଣୁ ସେ ଚାକିରିକୁ ଗୁଡ୍‌ବାୟ କରି ଏ କ୍ଷେତ୍ରରେ ପାଦ ଦେଇଥିଲେ । ସେଥିରେ ସଫଳତା ହାସଲ କରିବା ପରେ ଏବେ ତାଙ୍କୁ ଆଉ ଏକ ନିଶା ଘାରିଛି । ତାହା ହେଲା ଅଭିନୟ । ଉଭୟ ମେକ୍‌ଅପ୍ ଏବଂ ଅଭିନୟକୁ ସମାନ୍ତରାଳ ଗତିରେ ଚଳାଇ ନେବାକୁ ସେ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲେଣି । ଏ ସମ୍ପର୍କରେ ମାମୁନ୍ କହନ୍ତି, 'ନିଜ ସ୍ୱପ୍ନକୁ ପୂରା କରିବାକୁ ମୋତେ ଅନେକ ଝଡ଼ଝଞ୍ଝାର ସାମ୍ନା କରିବାକୁ ପଡିଛି । ହେଲେ ମୁଁ ପଛକୁ ଫେରି ଚାହିଁନାହିଁ । ଏହି ଘଡ଼ିସନ୍ଧି ସମୟରେ ମୋ ମା' ପଛରେ ଛାଇ ଭଳି ଠିଆ ହୋଇଛନ୍ତି । ନିଜର ବହୁ ଦିନର ଆଶାକୁ ପୂରଣ କରିବାକୁ ଯାଇ ମୁଁ ୨୦୨୦ରେ ଆରମ୍ଭ କରିଥିଲି 'ମାମୁନ'ସ୍ ମେକ୍‌ଓଭର୍' । ଯାହାହେଉ ଏହା ମୋତେ ନିଶ୍ଚୟ ଭାବରେ ଏକ ନୂଆ ବାଟ ଦେଖାଇଛି । ଏବେ ଅଭିନୟ ଦୁନିଆରେ ପାଦ ଥାପିବାକୁ ସ୍ଥିର କରିଛି । ଏ ନେଇ ପୂର୍ବରୁ ମୋତେ କେତୋଟି ଅଫର ମିଳିଥିଲା । କିନ୍ତୁ ସମୟ ଅଭାବରୁ ମୁଁ ତାହା ହାତଛଡା କରିଥିଲି । କିନ୍ତୁ ଏବେ ବ୍ୟସ୍ତତା ଭିତରେ ଥାଇ ବି ଏଥିରେ ନିଶ୍ଚୟ ସମୟ ଦେବି ।'' ତାଙ୍କ ଦ୍ୱାରା ନିକଟରେ ସ୍ଥାପନା କରାଯାଇଥିବା 'ମାମୁନ୍ ଦାଶ ମେକ୍‌ଅପ୍ ଆଣ୍ଡ ଷ୍ଟାଇଲ ଏକାଡେମୀ'ରେ ଅଭିନୟ ଶିକ୍ଷା ଦେବାକୁ ଯୋଜନା କରୁଛନ୍ତି ।'

# ସେହି ଦୁଇ ଘଣ୍ଟା..

ନୁସ୍‌ରତ ଭରୁଚା କେତେ ଇମୋଶନାଲ ତାହା ନିକଟରେ ଦେଖିବାକୁ ମିଳିଥିଲା । ଏବେ ତାଙ୍କୁ ଏକ ନୂଆ ଅଫର ମିଳିଥିଲା । ଯେତେବେଳେ ଏହାର ନିର୍ଦ୍ଦେଶକ ତାଙ୍କୁ କାହାଣୀ ଶୁଣାଇଲେ, ଆରମ୍ଭରୁ ସେ ବେଶ୍ ଗମ୍ଭୀରତାର ସହ ଶୁଣିଥିଲେ । ହେଲେ ଯେତେବେଳେ କାହାଣୀର କ୍ଲାଇମାକ୍ସ ଆସିଲା, ସେତେବେଳେ ନୁସ୍‌ରତଙ୍କ ଆଖି ଛଳଛଳ ହୋଇଯାଇଥିଲା । ତାଙ୍କର ହଠାତ୍ ଏପରି ଅବସ୍ଥା ଦେଖି ନିର୍ଦ୍ଦେଶକ ଅଡୁଆରେ ପଡ଼ିଯାଇଥିଲେ । ଏଭଳି ଘଟଣା ସମ୍ପର୍କରେ ନୁସ୍‌ରତ କହନ୍ତି, ''ଏହାର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି । ହେଲେ ମୁଁ କାହାଣୀ ସହ ଏପରି ମଜ୍ଜିଯାଇଥିଲି ଯେ କ୍ଲାଇମାକ୍ସ ସମୟରେ ମୁଁ ହଠାତ୍ ଇମୋଶନାଲ ହୋଇପଡ଼ିଥିଲି । ପାଖାପାଖି ଦୁଇ ଘଣ୍ଟା ମୁଁ ଏହି ଭାବପ୍ରବଣତା ଭିତରେ ରହିଯାଇଥିଲି । ଏକୁଟିଆ ବସିବା ପରେ ମୋ ମନ ସ୍ଥିର ହୋଇଥିଲା ଏବଂ ମୁଁ ପୁଣି ଥରେ ଫେରିଆସି ନିର୍ଦ୍ଦେଶକଙ୍କ ସହ କଥା ହୋଇଥିଲି । ଜଣେ ଗାଉଁଲି ନାରୀର ସଂଘର୍ଷମୟ ଜୀବନୀକୁ ନେଇ କାହାଣୀ ରଚିତ । ତା' ସହ ଏପରି ଭୂମିକା ତୁଲାଇବାକୁ ମୋତେ ଅଧିକ ପରିଶ୍ରମ କରିବାକୁ ପଡ଼ିବ ।'' ତେବେ ଏହି ନୂଆ ଫିଲ୍ମଟି ନୁସ୍‌ରତଙ୍କ କ୍ୟାରିୟରକୁ କେତେ ମାଇଲେଜ୍ ଦେଉଛି ତାହା ଦେଖିବାକୁ ବାକି ରହିଲା ।


ନୁସ୍‌ରତ

# ଫେରିଲେ ମୁଁ ତୁମର

ବବି ମିଶ୍ର ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଫେରିଲେ ମୁଁ ତୁମର' । ଏକ ଭିନ୍ନଧରଣର ପ୍ରେମ କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହୋଇଛି । ଏହାର କାହାଣୀ ଅଭିନେତା ବବି ମିଶ୍ର ଲେଖିଥିବା ବେଳେ ତାହାକୁ ଆଧାର କରି ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ । ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ନେଇ ଏହି ଚିତ୍ର ନିର୍ମାଣ କରାଯାଇଛି । ଏଥିରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, କମେଡିର ଭରପୂର ତଡ଼କା ରହିଛି ବୋଲି କହନ୍ତି ଡ. ରଜନୀ । ଫିଲ୍ମର ମୁଖ୍ୟ ଭୂମିକାରେ ସମ୍ବିତ୍, ବବି ମିଶ୍ର, ତୃପ୍ତି, ଭାବନା, ପପି ସନ୍ତୁକା ଏବଂ ହରିହର ମହାପାତ୍ର ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଗୁଡ୍‌ଲି ରଥ । ଦେବକାନ୍ତ ମିଶ୍ର ଏହାର ପ୍ରଯୋଜନା କରିଥିବା ବେଳେ ଏକ୍‌ଜିକ୍ୟୁଟିଭ୍ ପ୍ରଡ୍ୟୁସର ଅଛନ୍ତି ପ୍ରସନ୍ନ ଦ୍ୱିବେଦୀ । ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ସୁଧାକର ବସନ୍ତ । ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛି ତାହା ରିଲିଜ୍ ହେବାପରେ ହିଁ ଜଣାପଡ଼ିବ ।

# ଆଶାରେ ରହିଗଲା..

ପ୍ରାୟ ସମସ୍ତଙ୍କର କିଛି ନା କିଛି ଆଶା ଥାଏ । ଆଉ ସେଥିରୁ କ୍ୟାଟ୍ରିନା ବାଦ୍ ପଡ଼ିବେ ବା କେମିତି? ଯେତେବେଳେ ସେ ପାଠ ପଢୁଥିଲେ ତାଙ୍କ ମନରେ ଅନେକ ନୂଆ ନୂଆ କଥା ଉଙ୍କି ମାରିଥିଲା । ପ୍ରଥମେ ଜଣେ ଗାୟିକା ହେବାକୁ ଆଶା ରଖିଥିଲେ । ତା'ସହ ଚେସ୍ ପ୍ରତି ମଧ୍ୟ ରୁଚି ଥିଲା । ହେଲେ ଆଉ ଏକ ବିଷୟ ପ୍ରତି ତାଙ୍କର ସ୍ପେଶାଲ ଆଗ୍ରହ ଥିଲା । ତାହା କ'ଣ ଜାଣନ୍ତି? ଭବିଷ୍ୟତରେ ଯେମିତି ହେଲେ ଜଣେ ଚିତ୍ରକର ହେବେ । ଏ ନେଇ ଚିତ୍ର ଆଙ୍କିବା ମଧ୍ୟ ଆରମ୍ଭ କରିଥିଲେ । କିନ୍ତୁ ଅଧାବାଟରେ ସବୁକିଛି ଅଡୁଆ ତଡୁଆ ହୋଇଯାଇଥିଲା । ଶେଷରେ ମଡେଲିଂ ଦୁନିଆରେ ପାଦ ଦେଇଥିଲେ । ଆଉ ତା'ପରେ ଯେତେବେଳେ ବଲିଉଡ୍‌ରେ ସୁଯୋଗ ମିଳିଲା ତାହାକୁ ଏଡ଼ାଇପାରି ନ ଥିଲେ କ୍ୟାଟ୍ରିନା । ଏ ନେଇ ସେ କୁହନ୍ତି, 'ପାଠ ପଢ଼ିବା ବେଳେ ବେଶ୍ କେତୋଟି ଜିନିଷ ପ୍ରତି ମୋର ଆଗ୍ରହ ଥିଲା । ପ୍ରଥମେ ଗାୟିକା, ତା'ପରେ ଚେସ୍ ଖେଳାଳି ଏପରି କି ଜଣେ ଚିତ୍ରକର ହେବାକୁ ଆଶା ରଖିଥିଲି । ହେଲେ ଛାଡ଼ନ୍ତୁ, ଗୋଟିଏ ହେଲେ ଡ୍ରିମ୍ ମୋର ସକ୍‌ସେସ୍ ହେଲା ନାହିଁ । ଶେଷରେ ଆକ୍ଟିଂକୁ କ୍ୟାରିୟର ଭାବେ ଗ୍ରହଣ କରିନେଇଥିଲି ।' ୨୦୦୩ରେ ହିନ୍ଦୀ ସିନେମାରୁ ତାଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା ଆଉ ଫିଲ୍ମଟି ଥିଲା 'ବୁମ୍' । ତାଙ୍କ ଅଭିନୀତ ଶେଷ ଫିଲ୍ମ (ହିନ୍ଦୀ/ତାମିଲ) ଥିଲା 'ମେରି ଖ୍ରୀଷ୍ଟମାସ', ଯାହା ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା ।


କ୍ୟାଟ୍ରିନା

# ଭାବୁଛନ୍ତି ସୋନାକ୍ଷୀ

କଥାରେ ଅଛି- ବୋହିଗଲା ପାଣି ଆଉ ଧନୁରୁ ତୀର ଖସିଲା ପରେ ତାହା ଆଉ ଫେରିଆସେନା । ଦେଖୁନାହାନ୍ତି, ଯେତେବେଳେ 'ଦବଙ୍ଗ' ଗର୍ଲ ସୋନାକ୍ଷୀ ସିହ୍ନାଙ୍କୁ ଅଫର ମିଳିଲା ସେଥିରେ ଅଭିନୟ କରିବେ ନାହିଁ ବୋଲି ମନା କରିଦେଲେ । ହେଲେ ଯେତେବେଳେ ସେ ଏନେଇ ଗଭୀର ଭାବେ ଚିନ୍ତା କଲେ ସେତେବେଳେ ନିଜ ନିଷ୍ପତ୍ତିରେ ପରିବର୍ତ୍ତନ କଲେ ଏବଂ ପ୍ରଯୋଜନା ସଂସ୍ଥାକୁ ଜଣାଇଲେ, ସେତେବେଳକୁ ଅଫରଟି ତାଙ୍କ ହାତରୁ ଖସିଯାଇଥିଲା । କଥା କ'ଣ କି, ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କ ସିନେମାରେ ଅଭିନୟ କରିବାକୁ ସୋନାକ୍ଷୀଙ୍କୁ ଅଫର ଦେଇଥିଲେ । ହେଲେ ସେତେବେଳେ ସେ ଏପରି ଅଫରକୁ ମନା କରିଥିଲେ । ଏ ନେଇ ସୋନାକ୍ଷୀ କହନ୍ତି, 'ଏହି ଅଫରଟି ମିଳିବା ସମୟରେ ମୁଁ ସେଥିରେ ଆକ୍ଟିଂ କରିବି ନାହିଁ ବୋଲି ମନା କରିଦେଇଥିଲି । ହେଲେ ପରେ ଯେତେବେଳେ ସେ ନେଇ ଗଭୀର ଭାବେ ଚିନ୍ତା କଲି ଏବଂ ପ୍ରଯୋଜନା ସଂସ୍ଥାକୁ ମୋ ପକ୍ଷରୁ ନିଷ୍ପତ୍ତି ପରିବର୍ତ୍ତନ ନେଇ ଜଣାଇଲି ସେତେବେଳକୁ ସବୁକିଛି ଶେଷ ହୋଇଯାଇଥିଲା । ମୁଁ ଅଫରଟିକୁ ହାତଛଡ଼ା କରିବା ପରେ ସେମାନେ ଜଣେ ନବାଗତାଙ୍କୁ ସାଇନ୍ କରାଇସାରିଥିଲେ । ଏବେ ମୁଁ ସେଭଳି ଅଫର ହାତଛଡ଼ା କରିବା ପରେ କେବଳ ଅନୁତାପ ହିଁ କରୁଛି ।'


ସୋନାକ୍ଷୀ

# ଅପାସୋରା ବିଜୟ ପଟ୍ଟନାୟକ


ବିଜୟ ପଟ୍ଟନାୟକ

ଓଡ଼ିଶାରେ ମଞ୍ଚ, ଧାରାବାହିକ, ଚଳଚ୍ଚିତ୍ର ଆଦିରେ ଅଭିନୟ ପାଇଁ ସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ବିଜୟ ପଟ୍ଟନାୟକ । ଜଣେ ପୁରୁଣା କଳାକାର ହେଲେ ମଧ୍ୟ ସେ ଜଣେ ଖୁସି ମିଜାସ୍‌ର ବ୍ୟକ୍ତି ଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟରେ ପୁରୁଣା ସାର୍ଟିଫିକେଟରେ ଥିବା ହାତଲେଖା ଅକ୍ଷର ତାଙ୍କ ଦ୍ୱାରା ଲିଖିତ । ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଥିବା ବେଳେ ସେ ଅଭିନୟ ମଧ୍ୟ କରୁଥିଲେ । ଅଭିନେତା ଭାବେ ନିଖୁଣ ଅଭିନୟ ସାଙ୍ଗକୁ ନାଟ୍ୟ ନିର୍ଦ୍ଦେଶକ ଭାବେ ମଧ୍ୟ ତାଙ୍କର ସୁନାମ ଥିଲା । ଓଡ଼ିଆ ସିନେମା 'ରଣଭୂମି', 'ଝିଅଟା ବିଗିଡ଼ି ଗଲା', 'ବନ୍ଦେ ଉତ୍କଳ ଜନନୀ', 'ସନ୍ଦେହୀ ପ୍ରିୟତମା', 'ଲୋଫର', 'ଫ୍ୟାମିଲି ନଂ-୧', ଟେଲିଫିଲ୍ମ-ଛବିର ମଣିଷ ବ୍ୟତୀତ ଧାରାବାହିକ ମଶାଲ, ଜୁଆରଭଟ୍ଟା, ସୁନାବୋହୂ ଆଦିରେ ତାଙ୍କର ଅଭିନୟକୁ ଯେତେ ପ୍ରଶଂସା କରିବ ତାହା ସେତେ କମ୍ ହେବ । ଜନ ସଚେତନ ବିଜ୍ଞାପନ 'ଅଂଶୁଘାତ' ଉପରେ ଯେଉଁ ଦୃଶ୍ୟ କରିଛନ୍ତି ତା'ର ମଧ୍ୟ ସ୍ୱତନ୍ତ୍ରତା ରହିଛି । ଅଭିନେତାର ଅଭିନୟ ସେ କମ୍ ହେଉ କି ବେଶି, ଯଦି ସାଧାରଣ ଦର୍ଶକ ଉକ୍ତ ଚରିତ୍ର ଦେଖି ସ୍ମରଣ କରିପାରିଲେ, ତାହା ହିଁ ତାଙ୍କ ଅଭିନୟ ଜୀବନର ସାର୍ଥକତା । ସେଭଳି ଅଭିନେତାଙ୍କ ତାଲିକାରେ ବିଜୟଙ୍କ ନାମ ସର୍ବଦା ଲିପିବଦ୍ଧ ହୋଇ ରହିବ ।

ନିଖୁଣ ଅଭିନୟ ପାଇଁ ସେ ଓଡ଼ିଶାରେ ଅନେକ ସଂସ୍ଥା ପକ୍ଷରୁ ସମ୍ମାନିତ ହୋଇଛନ୍ତି । ସମ୍ମାନ ସମ୍ପର୍କରେ ସେ ମତାମତ ଦେଇ ଥରେ ମନ୍ତବ୍ୟ ଦେଇଥିଲେ ଯେ, ''ଏହା ମୋତେ ଉତ୍ସାହିତ କରୁଛି! ହେଲେ ବର୍ତ୍ତମାନ ଧୁଆମୂଳା ଅଧୁଆମୂଳା ମୂଲଚାଲ କରି ପୁରସ୍କାର ହାତେଇବା ପରେ ଯେଉଁ ଅଭିନୟ କରି ବାହୁସ୍ଫୋଟ ମାରୁଛନ୍ତି ତାହା ମୋତେ ଚକିତ କରୁଛି । ଅଭିନେତାର ଅଭିନୟ ଦିଗକୁ ପରିଲକ୍ଷିତ କରି ସ୍ୱତଃପ୍ରବୃତ୍ତ ପୁରସ୍କାର ମୋ ଜୀବନ ଭିତରେ ଗ୍ରହଣ କରିନାହିଁ । ଯାହା କିଛି ପାଇଛି ତାହା ହିଁ ମୋତେ ଆଗକୁ ଆଗକୁ ନେବାରେ ପଥ ପ୍ରଦର୍ଶକ ହୋଇଛି ।''

ପରିବାରରେ ଯାହା ଝଡ଼ଝଞ୍ଜା ଆସିଲେ ମଧ୍ୟ ବିଜୟବାବୁ ସବୁକିଛି ନୀରବତା ମଧ୍ୟରେ ସହ୍ୟ କରୁଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟରେ କର୍ମଚାରୀମାନଙ୍କ ନାଟକରେ ଅଭିନୟଠାରୁ ଭିନ୍ନ ଭିନ୍ନ ସଂଗଠନର ନାଟକରେ ଅଭିନୟ ସହ ନିର୍ଦ୍ଦେଶନା ଦେବା ଦିଗରେ ସେ ଥିଲେ ଅନନ୍ୟ । ଅଭିନେତା ବିଜୟ ପଟ୍ଟନାୟକ ଯାହାକିଛି ଅଭିନୟ କରିଛନ୍ତି ସେ ଚିର ଅମର ହୋଇ ରହିବେ । ପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ପରିବାରବର୍ଗଙ୍କୁ ସହାୟ ହୁଅନ୍ତୁ, ଏହା ହିଁ ମୋର କାମନା ।

-ଦିଲ୍ଲୀପ ହାଲି,
ବଡ଼ଗଡ଼, ଭୁବନେଶ୍ୱର-୧୮
ମୋ: ୯୮୬୧୦୦୯୨୫୨

# ବିଗ୍ ଆପଲ୍‌ରେ ଭାରତର ଅଭ୍ୟାସ

**ଟି୨୦ ବିଶ୍ୱକପ୍**

ନ୍ୟୁୟର୍କ,୨୯।୫(ପି.ଟି)

ଆମେରିକା ଓ ୱେଷ୍ଟଇଣ୍ଡିଜରେ ହେବାକୁ ଥିବା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଭାରତ ଅଭ୍ୟାସ ଆରମ୍ଭ କରିଛି। ବୁଧବାର ବିଗ୍ ଆପଲ୍‌ରେ ଭାରତୀୟ କ୍ରିକେଟ ଦଳ ଅଭ୍ୟାସ ଆରମ୍ଭ କରିଥିଲା। ଆମେରିକୀୟ ସମୟ ଓ ତାପମାତ୍ରାକୁ ଧ୍ୟାନରେ ରଖି ଭାରତୀୟ ଖେଳାଳିମାନେ ସକାଳ ୧୦.୩୦ରେ ଅଭ୍ୟାସ ଆରମ୍ଭ କରିଥିଲେ। ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲି କିନ୍ତୁ ଏହି ଅଭ୍ୟାସ ସେସନ୍ ମିସ୍ କରିଥିଲେ। ଆଇପିଏଲ ଖେଳିଥିବା କୋହଲି ଆସନ୍ତା ଶୁକ୍ରବାର ଭାରତୀୟ ଦଳ ସହ ଯୋଗ ଦେବେ। ଦୀର୍ଘ ବିମାନ ଯାତ୍ରା ପରେ କୋହଲି ଭାରତୀୟ ଦଳ ସହ ସାମିଲ ହେବେ। ତେଣୁ ବାଂଲାଦେଶ ବିପକ୍ଷ ଏକମାତ୍ର ଅଭ୍ୟାସ ମ୍ୟାଚ୍‌ରେ କୋହଲି ଖେଳିବେ କି ନାହିଁ ତାହା ସ୍ପଷ୍ଟ ହୋଇ ନାହିଁ। ଭାରତୀୟ ଖେଳାଳିମାନେ ବିଗତ ୨ ମାସ ଧରି ଭାରତୀୟ କଣ୍ଡିସନରେ ଆଇପିଏଲ ଖେଳୁଥିଲେ। ଭାରତରେ ପରିବେଶ ଅଧିକ ଉତ୍ତପ୍ତ ରହିଥିବା ବେଳେ ଆମେରିକାରେ ଥଣ୍ଡା ରହିଥାଏ। ତେଣୁ ସ୍ଥାନୀୟ ପରିବେଶ ସହ ଆଡଜଷ୍ଟ କରିବା ପାଇଁ ଭାରତୀୟ ମ୍ୟାନେଜମେଣ୍ଟ ପକ୍ଷରୁ ସକାଳର ଅଭ୍ୟାସ ସେସନ୍ ଚୟନ କରାଯାଇଥିଲା।

ଭାରତୀୟ ଖେଳାଳିମାନେ ଦୀର୍ଘ ବିମାନଯାତ୍ରାରୁ ଥକି ରହିଥିବା ବେଳେ ଆମେରକୀୟ ପରିବେଶରେ କୁକାବୁରା ବଲ୍ ଖେଳିବା ଚ୍ୟାଲେଞ୍ଜ ରହିଥାଏ। ଭାରତୀୟ ଖେଳାଳିମାନେ ସମାନ ପରିବେଶ ପାଇଁ ନିଜକୁ ପ୍ରସ୍ତୁତ କରିବା ପାଇଁ ସକାଳୁ ଅଭ୍ୟାସ କରିଥିଲେ। ନାସାଉ କାଉଣ୍ଟି ଗ୍ରାଉଣ୍ଡରେ ଅଭ୍ୟାସ କରିବା ପୂର୍ବରୁ ସମସ୍ତ ଖେଳାଳି ଜଗିଂ, ସଟଲ୍ ରନ୍ ଓ ଫୁଟ୍ ଭଲିବଲ୍ ଖେଳିଥିଲେ। ବିଶ୍ୱକପ ପୂର୍ବରୁ ଭାରତୀୟ ଦଳକୁ କିଭଳି ପ୍ରସ୍ତୁତି ଆବଶ୍ୟକ ଦଳ ଏହାର ରଣନୀତି ପ୍ରସ୍ତୁତ କରିଥିବା କହିଛନ୍ତି ଷ୍ଟ୍ରେଙ୍ଗ ଓ କଣ୍ଡିସନିଂ କୋଚ୍ ସୋହମ ଦେଶାଇ। ଏଠାକାର ପରିବେଶରେ ପ୍ରଥମ ୪୦-୪୫ ମିନିଟ ଅଭ୍ୟାସ କରିବା ବଡ ଚ୍ୟାଲେଞ୍ଜ ରହିଥିଲା। ସେହିପରି ନ୍ୟୁୟର୍କରେ କ୍ରିକେଟ ଖେଳିବା ପାଇଁ ଭାରତୀୟ କ୍ରିକେଟରମାନେ ଉତ୍ସାହୀ ଥିବା କହିଛନ୍ତି ସୋହମ। ପୂର୍ବରୁ ଦଳ ୱେଷ୍ଟଇଣ୍ଡିଜ୍ ଗସ୍ତ ସମୟରେ ଫ୍ଲୋରିଡାର ଫୋର୍ଟ ଲାଉଡେରହିଲ୍‌ରେ ଖେଳି ସାରିଛି। ପ୍ରଥମ ଥର ନ୍ୟୁୟର୍କରେ ଖେଳିବାକୁ ଥିବାବେଳେ ମଜା ଆସିବ ବୋଲି କହିଛନ୍ତି ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା। ଏଠାରେ ଆମେ ଏଯାଏ କ୍ରିକେଟ ଖେଳି ନାହୁଁ କେବଳ ଟିମ୍ ଆକ୍ଟିଭିଟି କରିଛୁ। ଆଗକୁ ଅଭ୍ୟାସରେ ମଧ୍ୟ ମଜା ଆସିବ ବୋଲି ଉପ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା କହିଛନ୍ତି। ସେହିପରି ଆମେରିକାରେ ଥିବା ଭାରତୀୟଙ୍କ ମଧ୍ୟରେ କ୍ରିକେଟ ଉତ୍ସାହ ସମ୍ପର୍କରେ ଜାଣିବାକୁ ଆଗ୍ରହୀ ଥିବା ପ୍ରକାଶ କରିଥିଲେ ସୂର୍ଯ୍ୟକୁମାର ଯାଦବ।

୨୦୦୭ ସଂସ୍କରଣର ଟି୨୦ ଚାମ୍ପିୟନ ଭାରତ ଜୁନ୍ ୫ରେ ଆୟର୍ଲାଣ୍ଡ ବିପକ୍ଷରେ ନିଜର ଅଭିଯାନ ଆରମ୍ଭ କରିବ। ଅନ୍ୟପକ୍ଷରେ ହାଇ ଭୋଲଟେଜ୍ ଭାରତ-ପାକିସ୍ତାନ ମ୍ୟାଚ୍ ଜୁନ୍ ୯ ତାରିଖରେ ଖେଳାଯିବ। ଜୁନ୍ ୧୨ ତାରିଖରେ ଆମେରିକା ବିପକ୍ଷରେ ଖେଳିସାରିବା ପରେ ଜୁନ୍ ୧୫ରେ କାନାଡା ବିପକ୍ଷରେ ଫ୍ଲୋରିଡାରେ ଖେଳିବ ଭାରତ। ପରେ ସୁନର୍-୮ ପର୍ଯ୍ୟାୟକୁ ଉନ୍ନୀତ ହେଲେ ଭାରତ ୱେଷ୍ଟଇଣ୍ଡିଜ ଗସ୍ତ କରିବ।



ବୁଧବାର ବିଗ୍ ଆପଲ୍‌ରେ ଫୁଟବଲ ଖେଳି ଅଭ୍ୟାସରତ ଭାରତର ସୂର୍ଯ୍ୟକୁମାର ଯାଦବ।

# ଗୁକେଶ-ଲିରେନ ମ୍ୟାଚ ପାଇଁ ଭାରତର ବିଡ୍

**ବିଶ୍ୱ ଚେସ୍ ଚାମ୍ପିୟନଶିପ୍**

ନୂଆଦିଲ୍ଲୀ, ୨୯।୫(ପି.ଟି.)

ଆସନ୍ତା ନଭେମ୍ବର-ଡିସେମ୍ବରରେ ଟିନ୍ ସେନ୍‌ସେଶନ ଡି. ଗୁକେଶ ଓ ଡିଫେଣ୍ଡିଂ ଚାମ୍ପିୟନ ଚାଇନାର ଡିଙ୍ଗ୍ ଲିରେନଙ୍କ ମଧ୍ୟରେ ବିଶ୍ୱ ଚେସ୍ ଚାମ୍ପିୟନଶିପ୍ ମ୍ୟାଚ ପାଇଁ ଭାରତ ବୁଧବାର ବିଡ୍ ଦାଖଲ କରିଛି। ଗତ ମାସରେ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଜିତିଥିବା ୧୭ ବର୍ଷୀୟ ଗୁକେଶ ବିଶ୍ୱ ଟାଇଟଲ ପାଇଁ ସର୍ବକନିଷ୍ଠ ଚ୍ୟାଲେଞ୍ଜର ହେବେ। ଯଦି ଭାରତ ଆୟୋଜନ ଅଧିକାର ପାଏ ତେବେ ଗୁକେଶ ଓ ଲିରେନଙ୍କ ମଧ୍ୟରେ ମ୍ୟାଚ ନଭେମ୍ବର ୨୦ରୁ ଡିସେମ୍ବର ୧୫ ମଧ୍ୟରେ ଚେନ୍ନାଇରେ ଅନୁଷ୍ଠିତ ହେବ। ତାମିଲନାଡୁ ସରକାରଙ୍କ ପକ୍ଷରୁ ଏହି ବିଡ୍ ଦାଖଲ କରାଯାଇଛି। "ଭାରତର ବିଡ୍ ଆମର ହସ୍ତଗତ ହୋଇଛି" ବୋଲି ଚେସ୍‌ର ବିଶ୍ୱ ପରିଚାଳନା ସଂସ୍ଥା ଫିଡେର ସିଇଓ ଇମିଲ ସୁତୋଭସ୍କି ପ୍ରକାଶ କରିଛନ୍ତି। ବର୍ତ୍ତମାନସୁଦ୍ଧା ଅନ୍ୟ କୌଣସି ଦେଶ ପକ୍ଷରୁ ବିଡ୍ ଦାଖଲ କରା ଯାଇନାହିଁ। ମେ ୩୧ ହେଉଛି ବିଡ୍ ଦାଖଲର ଶେଷ ତାରିଖ। ଭାରତ ବ୍ୟତୀତ ସିଙ୍ଗାପୁର ବିଡ୍ ଦାଖଲ ଦୌଡ଼ରେ ରହିଥିବା ଅନୁମାନ କରାଯାଉଛି। ତେବେ ଆନୁଷ୍ଠାନିକଭାବେ ଏପର୍ଯ୍ୟନ୍ତ ଫିଡେ ନିକଟରେ କୌଣସି ଦସ୍ତାବିଜ୍ ଦାଖଲ ହୋଇନାହିଁ।

"ଏପର୍ଯ୍ୟନ୍ତ ଅନ୍ୟ କୌଣସି ଦେଶ ବିଡ୍ ଦାଖଲ କରି ନ ଥିଲେ ମଧ୍ୟ ଡେଡ୍‌ଲାଇନ୍ ଏହି ଶେଷ ସପ୍ତାହ ପର୍ଯ୍ୟନ୍ତ ରହିଛି। ସମୟ ସୀମା ଅତିକ୍ରମ କରିବାପରେ ଫିଡେ କାଉନ୍‌ସିଲ ବୈଠକ ଆସନ୍ତା ସପ୍ତାହରେ ଅନୁଷ୍ଠିତ ହେବ। ଏହାପରେ ପ୍ରକ୍ରିୟା ଆରମ୍ଭ ହେବ ଏବଂ ଆୟୋଜନ ଅଧିକାର ନିର୍ଦ୍ଧାରଣ ହେବ" ବୋଲି ସୁତୋଭସ୍କି କହିଛନ୍ତି। ଯଦି ଏଆଇସିଏଫ୍ (ଅଲ୍ ଇଣ୍ଡିଆ ଚେସ୍ ଫେଡେରେଶନ) ବିଡ୍ ଜିତେ ତେବେ ତାହା ପାଖାପାଖି ୭୧ କୋଟି ବିଶିଷ୍ଟ ହେବ। ଟୁର୍ନାମେଣ୍ଟ ୨୫ ଦିନ ବିଶିଷ୍ଟ ହେବ। ପ୍ରାଇଜ୍‌ମନି ଆକାରରେ ୨.୫ ମିଲିଅନ ଆମେରିକୀୟ ଡଲାର (୨୦ କୋଟିରୁ ଊର୍ଦ୍ଧ୍ୱ) ପ୍ରଦାନ କରାଯିବ। ପୂର୍ବରୁ ପୁରସ୍କାର ରାଶି ୧୭ କୋଟି ଥିଲା। ୨୦୨୩ରୁ ଏହାକୁ ବୃଦ୍ଧି କରାଯାଇଛି। ୫ ଥର ଚାମ୍ପିୟନ ବିଶ୍ୱନାଥନ ଆନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଉଥିବା ଗୁକେଶ ରୁଷିଆର କିମ୍ବଦନ୍ତି ଚେସ୍ ତାରକା ଗ୍ୟାରୀ କାସ୍ପାରୋଭଙ୍କ ୪୦ ବର୍ଷର ରେକର୍ଡ ଭାଙ୍ଗି ସର୍ବକନିଷ୍ଠ ଖେଳାଳିଭାବେ କ୍ୟାଣ୍ଡିଡେଟ୍ସ ଚାମ୍ପିୟନ ହୋଇଥିଲେ। ୧୯୮୪ରେ କାସ୍ପାରୋଭ ୨୦ ବର୍ଷର ହୋଇଥିବାବେଳେ ନିଜ ଦେଶର ଆନାତୋଲି କାର୍ପୋଭଙ୍କ ବିପକ୍ଷରେ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଥିଲେ। ଭାରତ ଏହା ପୂର୍ବରୁ ୨୦୦୦ ଓ ୨୦୧୩ରେ ଦୁଇଥର ଏହି ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ କରି ସାରିଛି। ୨୦୦୦ରେ ବିଶ୍ୱନାଥନ ଆନନ୍ଦ ଚାମ୍ପିୟନ ହୋଇଥିଲେ। ୨୦୧୩ରେ ଆନନ୍ଦ ନରୱେର ମ୍ୟାଗ୍ନସ କାର୍ଲସେନଙ୍କଠାରୁ ହାରି ଯାଇଥିଲେ।



ଚାଇନାର ଡିଙ୍ଗ୍ ଲିରେନ ଓ ଭାରତର ଡି. ଗୁକେଶ।

# ଇରାନକୁ ହରାଇ ଭାରତ ୫ମ

**ଏସୀୟ ମହିଳା ଭଲିବଲ ଚ୍ୟାଲେଞ୍ଜ କପ୍**

ଭୁବନେଶ୍ୱର, ୨୯।୫ (ତପନ ସ୍ୱାଇଁ)

ଫିଲିପାଇନ୍ସର ମାନିଲାଠାରେ ୫ମ ଏସୀୟ ମହିଳା ଭଲିବଲ(ଏଭିସି) ଚ୍ୟାଲେଞ୍ଜ କପ୍ ବୁଧବାର ଶେଷ ହୋଇଛି। ଅନ୍ତିମ ଦିବସରେ ଅନୁଷ୍ଠିତ କ୍ଲାସିଫିକେଶନ ମ୍ୟାଚରେ ଇରାନକୁ ୩-୦ (୨୫-୧୭, ୨୫-୧୬, ୨୫-୧୧) ସେଟ୍‌ରେ ହରାଇ ଭାରତ ୫ମ ସ୍ଥାନରେ ରହିଛି। ଭାରତର ବିଜୟରେ ଅଧିନାୟିକା ଜିନି, ବ୍ଲକର ସୌର୍ଯ୍ୟା, ଅନୁଶ୍ରୀ ଓ ଶିଳ୍ପା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ମଙ୍ଗଳବାର ଇଣ୍ଡୋନେସିଆକୁ ୩-୧ରେ ହରାଇ ଭାରତ ୫-୬ କ୍ଲାସିଫିକେଶନ ମ୍ୟାଚ ଖେଳିଥିଲା। ଭାରତୀୟ ମହିଳା ଭଲିବଲ ଦଳ ପ୍ରିଲିମିନାରି ଷ୍ଟେଜ୍‌ରେ ଇରାନ ଓ ଚାଇନିଜ ତାଇପେକୁ ହରାଇବା ପରେ ଅଷ୍ଟ୍ରେଲିଆ ଓ ଆୟୋଜକ ଫିଲିପାଇନ୍ସଠାରୁ ଶେଷ ୨ ମ୍ୟାଚରେ ହାରି ଯାଇଥିଲା। ଲିଗ୍ ଓ ନକ୍‌ଆଉଟ ବିଶିଷ୍ଟ ପ୍ରତିଯୋଗିତାରେ ଅଷ୍ଟ୍ରେଲିଆ, ଚାଇନିଜ ତାଇପେ, ହଂକଂ ଚାଇନା, ଇଣ୍ଡୋନେସିଆ, ଭାରତ, ଇରାନ, ଫିଲିପାଇନ୍ସ, ଭିଏତ୍‌ନାମ, ସିଙ୍ଗାପୁର ଓ କାଜାଖସ୍ତାନ ଆଦି ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ୨୦୨୨ରେ ଅନୁଷ୍ଠିତ ୩ୟ ଏଭିସି ମହିଳା ଚ୍ୟାଲେଞ୍ଜ କପ୍‌ରେ ଭାରତୀୟ ଦଳ ବ୍ରୋଞ୍ଜ ପଦକ ଜିତି ଶ୍ରେଷ୍ଠ ସଫଳତା ଅର୍ଜନ କରିଥିଲା।



କୋଚିଂ ଷ୍ଟାଫ୍‌ଙ୍କ ସହ ଭାରତୀୟ ମହିଳା ଭଲିବଲ ଦଳ।

# କଳାହାଣ୍ଡି କପ୍ କ୍ରିକେଟ: ଜୁନ୍ ୫ରୁ ସୁପର ଲିଗ୍

ଭୁବନେଶ୍ୱର, ୨୯।୫ (ତପନ ସ୍ୱାଇଁ)

ରାଜ୍ୟ ଘରୋଇ କ୍ରିକେଟର ସର୍ବୋଚ୍ଚ ପ୍ରତିଯୋଗିତା କଳାହାଣ୍ଡି କପ୍‌ର ସୁପର ଲିଗ୍ ପର୍ଯ୍ୟାୟ ଜୁନ୍ ୫ରୁ କଟକର ୪ଟି ଗ୍ରାଉଣ୍ଡରେ ଆରମ୍ଭ ହେବ। ମ୍ୟାଚଗୁଡ଼ିକ ୨ ଦିନ ବିଶିଷ୍ଟ ହେବ। ସୁପର ଲିଗ୍ ପାଇଁ ଗ୍ରୁପ୍ 'ଏ'ରେ ଇକୋର୍ସା, କଟକ-ଏ, ନୟାଗଡ଼, ଅବଶିଷ୍ଟ ଓଡ଼ିଶା-ଏ, ଓ ଅବଶିଷ୍ଟ ଓଡ଼ିଶା-ସି ସ୍ଥାନ ପାଇଛି। ଗ୍ରୁପ୍ 'ବି'ରେ ଭୁବନେଶ୍ୱର-ଏ, ବାଲେଶ୍ୱର, ଭଦ୍ରକ, ଅବଶିଷ୍ଟ ଓଡ଼ିଶା-ବି ଓ ଅବଶିଷ୍ଟ ଓଡ଼ିଶା-ଡି ରହିଛି। ୫ ଓ ୬ ତାରିଖରେ ହେବାକୁଥିବା ପ୍ରଥମ ୪ ମ୍ୟାଚରେ ଇକୋର୍ସା-କଟକ 'ଏ' ରେଭେନ୍‌ଶା ଗ୍ରାଉଣ୍ଡ, ନୟାଗଡ଼-ଅବଶିଷ୍ଟ ଭାରତ 'ଏ' ଡ୍ରିମ୍ସ ଗ୍ରାଉଣ୍ଡ, ଭୁବନେଶ୍ୱର 'ଏ'-ବାଲେଶ୍ୱର ବାରବାଟୀ ଷ୍ଟାଡିୟମ ଓ ଭଦ୍ରକ- ଅବଶିଷ୍ଟ ଭାରତ 'ବି' ସନ୍‌ସାଇନ୍ ପଡ଼ିଆରେ ପରସ୍ପରକୁ ଭେଟିବେ। ଏହାପରେ ଜୁନ୍ ୮-୯, ୧୧-୧୨, ୧୪-୧୫ ଓ ୧୭-୧୮ରେ ୪ଟି ଲେଖାଏ ଏହିପରି ମୋଟ ୨୦ଟି ସୁପରଲିଗ୍ ମ୍ୟାଚ ପରେ ଗ୍ରୁପ୍ 'ଏ' ଓ ଗ୍ରୁପ୍ 'ବି'ର ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ଜୁନ୍ ୨୦-୨୧ରେ ଅନୁଷ୍ଠିତ ହେବ। ବାରବାଟୀ ଷ୍ଟାଡିୟମରେ ଫାଇନାଲ ଖେଳାଯିବ।

# ଦ୍ୱିତୀୟ ରାଉଣ୍ଡରେ ସିନ୍ଧୁ

ସିଙ୍ଗାପୁର,୨୯।୫(ପି.ଟି): ଦୁଇଥର ଅଲିମ୍ପିକ୍ ପଦକ ବିଜେତା ପି.ଭି. ସିନ୍ଧୁ ବୁଧବାର ସିଙ୍ଗାପୁର ଓପନ ବ୍ୟାଡ୍‌ମିଣ୍ଟନ ସୁପର ସିରିଜର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟତମ ଭାରତୀୟ ଲକ୍ଷ୍ୟ ସେନ୍ ବିଶ୍ୱ ମାନ୍ୟତାର ଏକ ନମ୍ବର ଖେଳାଳି ଭିକ୍ଟର ଆକ୍ସେଲସେନଙ୍କ ନିକଟରୁ ପରାଜିତ ହୋଇ ବିଦାୟ ନେଇଛନ୍ତି। ଗତ ସପ୍ତାହରେ ଥାଇଲାଣ୍ଡ ଓପନରେ ରନରଅପ୍ ହୋଇଥିବା ସିନ୍ଧୁ ବିଶ୍ୱ ମାନ୍ୟତାର ୨୧ ନମ୍ବର ଖେଳାଳି ଡେନମାର୍କର ଲାଇନ୍ ହୋଜମାର୍କ କାଏର୍ସଫେଲ୍ଟଙ୍କୁ ୨୧-୧୨, ୨୨-୨୦ରେ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌ଟି ୪୪ ମିନିଟ ଧରି ଚାଲିଥିଲା।

# ଚୟନ ଟ୍ରାଏଲରେ ଓଡ଼ିଶାର ୭ ସାମିଲ

**ଦୃଷ୍ଟିବାଧିତ ମହିଳା କ୍ରିକେଟ**

ଭୁବନେଶ୍ୱର, ୨୯।୫ (ତପନ ସ୍ୱାଇଁ)

ଆଗାମୀ ଦିନରେ ହେବାକୁଥିବା ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ/ସିରିଜଗୁଡ଼ିକୁ ଦୃଷ୍ଟିରେ ରଖି କ୍ରିକେଟ ଆସୋସିଏଶନ ଫର୍ ଦି ବ୍ଲାଇଣ୍ଡ ଇନ୍ ଇଣ୍ଡିଆ (କାବି) ଓ ସମର୍ଥନମ ଟ୍ରଷ୍ଟ ପକ୍ଷରୁ ଖୋର୍ଦ୍ଧାର ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଦୃଷ୍ଟିବାଧିତ ମହିଳା କ୍ରିକେଟ ଚୟନ ଟ୍ରାଏଲ୍‌ର ଆୟୋଜନ କରାଯାଉଛି। ଭାରତର ୧୧ ରାଜ୍ୟରୁ ୩୦ ଖେଳାଳିଙ୍କୁ ନେଇ ଏହି ଟ୍ରାଏଲ୍ ଜୁନ୍ ୬ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୩୦ ଜଣଙ୍କ ମଧ୍ୟରେ ଓଡ଼ିଶାର ୭ ଖେଳାଳି ସାମିଲ ଅଛନ୍ତି। ସେମାନେ ହେଲେ ବାସନ୍ତି ହାଁସଦା, ଜମୁନାରାଣୀ ଟୁଡୁ, ଝିଲି ବିରୁଆ, ମୁନି ପୂର୍ତ୍ତୀ, ପଦ୍ମିନୀ ଟୁଡୁ, ଫୁଲ ସୋରେନ ଓ ରଚନା ଜେନା। ଗତ ୨ ବର୍ଷରେ ଅନୁଷ୍ଠିତ ଜାତୀୟ ଟୁର୍ନାମେଣ୍ଟଗୁଡ଼ିକରେ ପ୍ରଦର୍ଶନକୁ ଆଧାରକରି ସମ୍ଭାବ୍ୟ ୩୦ ଖେଳାଳିଙ୍କୁ ମନୋନୀତ କରାଯାଇଛି। ଏମାନଙ୍କ ମଧ୍ୟରୁ ୧୭ ଖେଳାଳିଙ୍କୁ ଚୟନ କରାଯିବ ଏବଂ ଅନ୍ୟ ୩ ଜଣଙ୍କୁ ରିଜର୍ଭଭାବେ ରଖାଯିବ। ଏହି ଖେଳାଳିମାନେ ୨୦୨୪-୨୫ ସିଜନରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବେ।

# ଟପ୍ ର୍ୟାଙ୍କ୍ ଦଳଭାବେ ଭାରତ ବିଶ୍ୱକପ ଖେଳିବ

ଦୁବାଇ, ୨୯।୫ (ପି.ଟି.)

ଟପ୍ ର୍ୟାଙ୍କପ୍ରାପ୍ତ ଦଳଭାବେ ଭାରତ ଆସନ୍ତା ଟି୨୦ ବିଶ୍ୱକପ ଖେଳିବାକୁ ଯାଉଛି। ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଏହି ପ୍ରତିଯୋଗିତା ଜୁନ ୨ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭାରତ ୨୬୪ ରେଟିଂ ପଏଣ୍ଟ ପାଇ ଶୀର୍ଷରେ ରହିଛି। ୨ ଥର ଚାମ୍ପିୟନ ୱେଷ୍ଟଇଣ୍ଡିଜ ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ବିଶ୍ୱକପ ପୂର୍ବରୁ ଏହାର କେତେଜଣ ଖେଳାଳି ଚମତ୍କାର ଫର୍ମର ସୂଚନା ଦେଇଛନ୍ତି। ୨୦୧୨ ଓ ୨୦୧୬ ସଂସ୍କରଣ ବିଜେତା ଏହି ଦଳ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକାକୁ ପଛରେ ପକାଇ ଦେଇଛି। ୨୦୨୧ ଚାମ୍ପିୟନ ଅଷ୍ଟ୍ରେଲିଆ ୨୫୭ ପଏଣ୍ଟ ସହିତ ଦ୍ୱିତୀୟ ଓ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡ ୨୫୪ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି। ୨ ପଏଣ୍ଟ ପଛରେ ଥିବା ୱେଷ୍ଟଇଣ୍ଡିଜ ୨୫୨ରେ ରହିଛି। ୫ମ ସ୍ଥାନରେ ଥିବା ନ୍ୟୁଜିଲାଣ୍ଡ ୨୫୦ ପଏଣ୍ଟ ପାଇଛି। ପାକିସ୍ତାନ ଓ ଦକ୍ଷିଣ ଆଫ୍ରିକା ୨୪୪ ପଏଣ୍ଟ ଲେଖାଏ ପାଇଛନ୍ତି। ମାତ୍ର ଡେସିମଲ ପଏଣ୍ଟ ବ୍ୟବଧାନରେ ପାକିସ୍ତାନ ୬ଷ୍ଠ ଓ ଦକ୍ଷିଣ ଆଫ୍ରିକା ୭ମ ସ୍ଥାନରେ ରହିଛି। ଜୁନ ୨ରେ ୱେଷ୍ଟଇଣ୍ଡିଜ ଏହାର ପ୍ରଥମ ମ୍ୟାଚ ପପୁଆ ନ୍ୟୁଗିନି ବିପକ୍ଷରେ ଖେଳିବ। ବ୍ୟାଟର ତାଲିକାରେ ଭାରତର ସୂର୍ଯ୍ୟକୁମାର ଯାଦବ ଶୀର୍ଷରେ ଅପରିବର୍ତ୍ତିତ ରହିଛନ୍ତି।

# କଟକ ଜିଲା ଆଥଲେଟିକ୍ ମିଟ୍ ଆରମ୍ଭ

ଭୁବନେଶ୍ୱର, ୨୯।୫ (ତପନ ସ୍ୱାଇଁ)

ବାରବାଟୀ ଷ୍ଟାଡିୟମ ଓ ସତ୍ୟବ୍ରତ ଷ୍ଟାଡିୟମରେ କଟକ ଜିଲା ବାର୍ଷିକ ଆଥଲେଟିକ୍ସ ମିଟ୍ ବୁଧବାର ଆରମ୍ଭ ହୋଇଛି। ଏଥିରେ ମହିଳା, ପୁରୁଷ ଏବଂ ବାଳିକା ଓ ବାଳକ ବର୍ଗରେ ୨୩, ୨୦, ୧୮, ୧୬ ଓ ୧୪ ବର୍ଷରୁ କମ୍ ବୟସ ବର୍ଗରେ ୮୦୦ ଆଥଲେଟ୍ସ ଅଂଶଗ୍ରହଣ କରିଛନ୍ତି। ବାରବାଟୀ ଷ୍ଟାଡିୟମରେ ଉଦ୍‌ଯାପନୀ ସମାରୋହ ଗୁରୁବାର ଅପରାହ୍ନ ୫ଟାରେ ଅନୁଷ୍ଠିତ ହେବ। ପ୍ରଦର୍ଶନ ଭିତ୍ତିରେ ଯୋଗ୍ୟ ବିବେଚିତ ଆଥଲେଟ୍‌ମାନେ ଆଗାମୀ ରାଜ୍ୟ ଜୁନିୟର ଆଥଲେଟିକ୍ ମିଟ୍‌ରେ କଟକ ଜିଲା ପକ୍ଷରୁ ପ୍ରତିନିଧିତ୍ୱ କରିବେ। କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ ମିଟ୍ ଜୁନ୍ ୧ରୁ ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ତୃତୀୟ ରାଉଣ୍ଡରେ ସିତ୍‌ସିପାସ, ବଡୋସା

**ଫ୍ରେଞ୍ଚ ଓପନ**

ପ୍ୟାରିସ୍,୨୯।୫

ଗ୍ରାଣ୍ଡସ୍ଲାମ ଇଭେଣ୍ଟ ଫ୍ରେଞ୍ଚ ଓପନ ଟେନିସ ଟୁର୍ନାମେଣ୍ଟର ତୃତୀୟ ଦିନ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଏକାଧିକ ସିଡେଡ୍ ଖେଳାଳି ସହଜ ବିଜୟ ହାସଲ କରିଛନ୍ତି । ଦିନର ଅର୍ଦ୍ଧାଧିକ ମ୍ୟାଚ୍ ବର୍ଷା କାରଣରୁ ସସ୍‌ପେଣ୍ଡ ହୋଇଥିଲା। ପୁରୁଷ ବର୍ଗରେ ଷ୍ଟେଫାନୋସ ସିତ୍‌ସିପାସ୍, କାର୍ଲୋସ୍ ଅଲକାରାଜ ଗାର୍ଫିଆ ଓ ଆଲେକଜାଣ୍ଡର ବବ୍‌ଲିକ୍ ବିଜୟୀ ହୋଇଥିବା ବେଳେ ଅନ୍ୟ ମ୍ୟାଚ ଗୁଡିକ ବର୍ଷା କାରଣରୁ ସସପେଣ୍ଡ କରାଯାଇଥିଲା। ତୃତୀୟ ସ୍ଥାନରେ ଥିବା କାର୍ଲୋସ ଅଲକାରାଜ ଗାର୍ଫିଆ ସଂଘର୍ଷପୂର୍ଣ୍ଣ ବିଜୟ ସହ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଯୋଗ୍ୟତାପର୍ଯ୍ୟାୟ ଜିତି ଆସିଥିବା ଫ୍ରାନ୍ସର ଜାସ୍‌ପର ଡେ ଜୋଙ୍ଗଙ୍କ ପକ୍ଷରୁ ଅଲକାରାଜଙ୍କୁ କଡା ଟକ୍କର ମିଳିଥିଲା। ଅଲକାରାଜ ଏହି ମ୍ୟାଚ୍‌କୁ ୬-୩, ୬-୪, ୬-୨ ଓ ୬-୨ ସେଟରେ ବିଜୟୀ ହୋଇଥିଲେ। ବିଶ୍ୱ ମାନ୍ୟତାର ନବମ ସ୍ଥାନରେ ଥିବା ସିତ୍‌ସିପାସ୍ ଜର୍ମାନୀର ଡାନିଏଲ ଅଲ୍ଟମେୟରଙ୍କୁ ୬-୩, ୬-୨, ୭-୬(୭/୨)ଓ ୬-୪ର କଡା ସଂଘର୍ଷପୂର୍ଣ୍ଣ ମୁକାବିଲାରେ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୧୯ତମ ସ୍ଥାନରେ ଥିବା ଆଲେକଜାଣ୍ଡର ବବ୍‌ଲିକ୍ ସିଧାସଳଖ ୬-୪, ୭-୫, ୬-୩ ସେଟ୍‌ରେ ଫ୍ରାନ୍ସର ଗ୍ରେଗୋରୀ ବେରରଙ୍କୁ ହରାଇଛନ୍ତି।

ମହିଳା ସିଙ୍ଗଲ୍ସ ବର୍ଗରେ ସୋଫିଆ କେନିନ୍, ପଉଲା ବଡୋସା ଓ ଓନ୍ସ ଜାବେର୍ ବିଜୟୀ ହୋଇଥିଲେ। ଆମେରିକାର ସୋଫିଆ କେନିନ୍ ୬-୩, ୬-୩ ସେଟ୍‌ରେ ବିଶ୍ୱ ମାନ୍ୟତାର ୨୧ ନମ୍ବର ସ୍ଥାନରେ ଥିବା ଫ୍ରାନ୍ସର କାରୋଲିନ୍ ଗାର୍ସିଆଙ୍କୁ ପରାସ୍ତ କରିଥିଲେ। ସେହିପରି ପଉଲା ବଡୋସା ଚମତ୍କାର ପ୍ରଦର୍ଶନ କରି ପଛରୁ ଆସି ବ୍ରିଟେନର କେଟି ବୋଲ୍ଟରଙ୍କୁ ୪-୭, ୭-୫, ୬-୪ ସେଟରେ ହରାଇଥିଲେ। ବିଶ୍ୱ ମାନ୍ୟତାର ୨୬ ନମ୍ବର ଖେଳାଳି କେଟି ପ୍ରଥମ ସେଟ୍‌କୁ ୪-୭ରେ ବିଜୟୀ ହୋଇଥିଲେ। ବଡୋସା ପରବର୍ତ୍ତୀ ୨ ସେଟ୍‌କୁ ଜିତି ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ବିଶ୍ୱ ମାନ୍ୟତାର ୮ ନମ୍ବର ସ୍ଥାନରେ ଥିବା ଟ୍ୟୁନିସିଆର ଓନ୍ସ ଜାବେର ୬-୩, ୧-୬ ଓ ୬-୩ରେ କଲମ୍ବିଆର କାମିଲା ଓସୋରିଓଙ୍କୁ ପରାସ୍ତ କରିଛନ୍ତି।



ଶଟ୍ ଖେଳିବା ଅବସରରେ ପଉଲା ବଡୋସା।

# ଅଷ୍ଟ୍ରେଲିଆ ଦଳରେ ଖେଳିଲେ କୋଚ୍, ଚୟନକର୍ତ୍ତା

ପୋର୍ଟ ଅଫ୍ ସ୍ପେନ୍,୨୯।୫ (ପି.ଟି): ଟି୨୦ ବିଶ୍ୱକପ ପୂର୍ବରୁ ୧୧ ଜଣ ଖେଳାଳି ନ ଥିବାରୁ ମୁଖ୍ୟ କୋଚ୍ ଓ ଚୟନକର୍ତ୍ତା ଅଷ୍ଟ୍ରେଲିଆ ଦଳରୁ ଖେଳିଛନ୍ତି। ଦଳରେ ମୋଟ ୯ ଜଣ ଖେଳାଳି ରହିଥିବା ବେଳେ ୪ ଜଣ ସପୋର୍ଟ ଷ୍ଟାଫ୍‌ଙ୍କୁ ପଡିଆକୁ ଓହ୍ଲାଇବାକୁ ପଡିଥିଲା। ଆଇପିଏଲ ଖେଳି ଫେରୁଥିବା ଖେଳାଳି ଦଳ ସହ ଯୋଗ ଦେଇନାହାନ୍ତି। ଦଳ ବୁଧବାର ନାମ୍ବିୟା ବିପକ୍ଷରେ ଏହାର ଅଭ୍ୟାସ ମ୍ୟାଚ୍ ଖେଳିଥିଲା। ପ୍ରଥମେ ବ୍ୟାଟିଂ କରି ନାମ୍ବିୟା ୨୦ ଓଭରରେ ୯ ଉଇକେଟ ହରାଇ ୧୧୯ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୦ ଓଭରରେ ୩ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ପ୍ରଥମରୁ ୯ ଖେଳାଳି ରହିଥିବା ବେଳେ ମୁଖ୍ୟ ଚୟନକର୍ତ୍ତା ଜର୍ଜ ବେଲୀ ଓ ମୁଖ୍ୟ କୋଚ୍ ଆଣ୍ଡ୍ର୍ୟୁ ମ୍ୟାକଡୋନାଲ୍ଡ ପଡିଆକୁ ଆସିଥିଲେ। ପରେ ଆନ୍ଦ୍ରେ ବୋରୋଭେକ୍ ଓ ବ୍ୟାଟିଂ କୋଚ୍ ବ୍ରାଡ୍ ହଜ ଫିଲ୍ଡିଂ କରିଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ